# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୪/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, October 4/2023 Page 18 ₹ 7.00

୪୯ଶ ଭାଗ ୩୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 310 ମୂଲ୍ୟ ₹୭/-




## ପାରୁଲ ଚୌଧାରୀଙ୍କୁ ସ୍ୱର୍ଣ୍ଣ

ଏସିଆନ ଗେମ୍ସରେ ମଙ୍ଗଳବାର ଅନୁଷ୍ଠିତ ମହିଳା ୫୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ପାରୁଲ ଚୌଧାରୀ।

୧୫

୦୨

## ଧାଇଙ୍କୁ ୮୩ ଲକ୍ଷ ଦରମା ଦେବେ ରାମସ୍ୱାମୀ

ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ନିଜ ୨ ପୁଅଙ୍କ ଲାଳନପାଳନ ପାଇଁ ମାସିକ ୮୩ ଲକ୍ଷ ଟଙ୍କା ଦେବେ ବୋଲି କହିଛନ୍ତି।



ଆଜିର ସମ୍ପାଦକୀୟ ଅନେକ ଶତାବ୍ଦୀର ପଙ୍କ

## କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ୍



**କେନ୍ଦ୍ରାପଡ଼ା, ୩।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ରସାବଳିକୁ ସ୍ଥାନୀୟ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ମିଳିଛି। କେନ୍ଦ୍ରାପଡ଼ା ରସାବଳି ମିଷ୍ଟାନ୍ନ ନିର୍ମାତା ସଂଘ ଓ ଅନ୍ୟ ସଙ୍ଗଠନ ପକ୍ଷରୁ ହୋଇଥିବା ଆବେଦନ (ନଂ. ୮୦୨/୨୩/୧୨/୨୦୨୧) ସଫଳ ହୋଇଛି। ଚେନ୍ନାଇସ୍ଥିତ ଜିଆଇ ରେଜିଷ୍ଟ୍ରରରେ ସୋମବାର ପ୍ରମାଣ ପତ୍ର ନଂ. ୫୦୮ରେ ଏହାକୁ ପଞ୍ଜୀକୃତ କରାଯାଇଛି। ଏହି ପ୍ରମାଣପତ୍ରର ବୈଧତା ଆସନ୍ତା ୨୦୩୧ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରହିବ ବୋଲି ସୂଚନା ଦିଆଯାଇଛି। ☞ପୃଷ୍ଠା-୨

# ନ୍ୟୁଜ୍‌କ୍ଲିକ୍ ଅଫିସ ସିଲ୍

## ■ ୱେବ୍ ପୋର୍ଟାଲର ୧୦ ଖବରଦାତାଙ୍କ ଘରେ ଦିଲ୍ଲୀ ପୋଲିସ ଚଢ଼ାଉ ■ ୨ ଗିରଫ

**ନୂଆଦିଲ୍ଲୀ,୩।୧୦**

ଭାରତରେ ଚାଇନା ସପକ୍ଷବାଦୀ ପ୍ରଚାର ଅଭିଯାନ ଚଳାଇବା ପାଇଁ ପାଣ୍ଠି ଗ୍ରହଣ ଅଭିଯୋଗରେ ଅନ୍‌ଲାଇନ୍ ନ୍ୟୁଜ୍ ପୋର୍ଟାଲ ନ୍ୟୁଜ୍‌କ୍ଲିକ୍ ଉପରେ ମଙ୍ଗଳବାର ଦିଲ୍ଲୀ ପୋଲିସ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସର ସ୍ପେଶାଲ ସେଲ୍ ପକ୍ଷରୁ ୫ ସହରର ୧୦୦ ସ୍ଥାନରେ ଚଢ଼ାଉ କରାଯାଇଛି। ନୂଆଦିଲ୍ଲୀସ୍ଥିତ ନ୍ୟୁଜ୍‌କ୍ଲିକ୍ ଅଫିସକୁ ପୋଲିସ ସିଲ୍ କରିଦେଇଥିବାବେଳେ ଦିଲ୍ଲୀ, ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ମୁମ୍ବାଇରେ ଥିବା ଏହାର ଖବରଦାତାମାନଙ୍କ ଘରେ ବ୍ୟାପକ ଯାଞ୍ଚ କରିଛି। ସେମାନଙ୍କ ଲାପ୍‌ଟପ୍ ଓ ମୋବାଇଲ ଜବତ କରାଯାଇଛି। ନ୍ୟୁଜ୍‌କ୍ଲିକ୍ ମୁଖ୍ୟ ପ୍ରବୀର ପୁରକାୟସ୍ଥଙ୍କ ସମେତ ଜର୍ନାଲିଷ୍ଟମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ ହୋଇଛି। ପ୍ରବୀର ଏବଂ ନ୍ୟୁଜ୍‌କ୍ଲିକ୍‌ର ମାନବସମ୍ବଳ ଅଧିକାରୀ ଅମିତ ଚକ୍ରବର୍ତ୍ତୀଙ୍କୁ ଗିରଫ କରାଯାଇଛି। ସେହିପରି ଊର୍ମିଳେଶ ଓ ଅଭିସାର ଶର୍ମାଙ୍କ ସମେତ କେତେଜଣ ଜର୍ନାଲିଷ୍ଟଙ୍କୁ ପଚରାଉଚରା ପାଇଁ ଲୋଧି ରୋଡ୍ ସ୍ପେଶାଲ ସେଲ୍‌କୁ ନିଆଯାଇଛି। ସେମାନଙ୍କ ବିଦେଶ ଯାତ୍ରା, ଶାହିନବାଗ୍ ବିକ୍ଷୋଭ, କୃଷକ ଆନ୍ଦୋଳନ ଓ ଅନ୍ୟ କେତେକ ପ୍ରସଙ୍ଗରେ ୨୫ଟି ପ୍ରଶ୍ନ କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ତଲାସି କରାଯାଇଥିଲା। କେନ୍ଦ୍ର ସରକାର ଗଣତନ୍ତ୍ରର କଣ୍ଠରୋଧ ଉଦ୍ୟମ ଚଳାଇଥିବା କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି (ଏଏପି), ସମାଜବାଦୀ ପାର୍ଟି (ଏସ୍‌ପି) ସମେତ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଥିବାବେଳେ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରାଯାଇଛି।

ନ୍ୟୁଜ୍‌କ୍ଲିକ୍ ୱେବ୍‌ସାଇଟ୍ ଭାରତରେ ଚାଇନା ସପକ୍ଷବାଦୀ ପ୍ରଚାର ଅଭିଯାନ ଚଳାଇବା ପାଇଁ ଆମେରିକୀୟ ମିଲିୟନେୟାର ନେଭିଲେ ରୟ ସିଂଘମ୍‌ଙ୍କଠାରୁ ଅର୍ଥ ଗ୍ରହଣ କରିଥିବା ନିକଟରେ ଅଭିଯୋଗ ☞ପୃଷ୍ଠା-୨



ଦିଲ୍ଲୀ ପୋଲିସ କାର୍ଯ୍ୟାନୁଷ୍ଠାନର ଶିକାର ସାମ୍ବାଦିକ (ବାମରୁ) ଡି. ରଘୁନନ୍ଦନ, ଅଭିସାର ଶର୍ମା, ପ୍ରବୀର ପୁରକାୟସ୍ଥ, ସୋହାଇଲ୍ ହାସମି, ଊର୍ମିଳେଶ, ଭାଷା ସିଂ।







# ଏନ୍‌ଡିଏରେ ମିଶିବାକୁ ଚାହୁଁଥିଲେ କେସିଆର୍

## ମୋଦିଙ୍କ ପ୍ରଘଟ



ହାଇଦ୍ରାବାଦ/ନୂଆଦିଲ୍ଲୀ,୩।୧୦

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ୨୦୨୦ ପୌର ନିର୍ବାଚନ ପରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ମିଶିବାକୁ ଚାହୁଁଥିଲେ। ଏନେଇ ସେ ଅନେକ ଥର ଅନୁରୋଧ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ମନାକରି ଦେଇଥିଲେ। ଏଥିଯୋଗୁ କେସିଆର୍‌ଙ୍କ ମୁଣ୍ଡ ଘୁରିଯାଇଥିଲା ବୋଲି ମଙ୍ଗଳବାର ତେଲଙ୍ଗାନାର ନିଜାମାବାଦରେ ଏକ ସଭାକୁ ସମ୍ବୋଧିତ କରି ଖୋଦ୍ ପ୍ରଧାନମନ୍ତ୍ରୀ ପ୍ରଘଟ କରିଛନ୍ତି। ନିର୍ବାଚନମୁହାଁ ତେଲଙ୍ଗାନାରେ ୮ ହଜାର କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ମୋଦିଙ୍କ ଏହି ନାଟକୀୟ ପ୍ରଘଟକୁ ଅନେକେ ବିଶ୍ୱାସ କରିପାରିନାହାନ୍ତି।

ପ୍ରଧାନମନ୍ତ୍ରୀଙ୍କ ଭାଷଣର ଘଣ୍ଟାଏ ପରେ ଏହାର ଜବାବ ରଖିଛନ୍ତି କେସିଆର୍‌ଙ୍କ ପୁଅ କେ.ଟି. ରାମାରାଓ (କେଟିଆର୍)। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ତେଲଙ୍ଗାନା ମନ୍ତ୍ରୀ କେଟିଆର୍ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କଥାରେ ଆଦୌ ସତ୍ୟତା ନାହିଁ। ଆମକୁ ପାଗଳା କୁକୁର କାମୁଡ଼ିନାହିଁ ଯେ, ଆମେ ଏନ୍‌ଡିଏରେ ସାମିଲ ହେବୁ। ମୋ ବାପା

### ■ଆମକୁ ପାଗଳା କୁକୁର କାମୁଡ଼ିନାହିଁ: କେଟିଆର୍



କେବେହେଲେ ଭାଜପା ସହ ମିଶି କାମ କରିବାକୁ ଆଗ୍ରହୀ ନ ଥିଲେ। ଶିବସେନା, ସଂଯୁକ୍ତ ଜନତା ଦଳ, ତେଲୁଗୁ ଦେଶମ୍ ପାର୍ଟି, ଶିରୋମଣି ଅକାଳୀ ଦଳ ଭଳି ପାର୍ଟିଗୁଡ଼ିକ ଏନ୍‌ଡିଏ ଛାଡ଼ିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗକୁ ଛାଡ଼ିଦେଲେ ମୋଦିଙ୍କ ସହ କିଏ ଅଛନ୍ତି? ୨୦୧୮ ରାଜ୍ୟ ବିଧାନସଭା ନିର୍ବାଚନ ବେଳେ ଭାଜପାର ୧୦୫ ପ୍ରାର୍ଥୀ ଅମାନତ ହରାଇଥିଲେ। ଏଥର ୧୧୦ ପ୍ରାର୍ଥୀଙ୍କ ଅମାନତ ଯିବ ବୋଲି ମୋଦିଙ୍କୁ କେଟିଆର୍ ଟାର୍ଗେଟ କରିଛନ୍ତି।

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଏହା ଉପରେ ମତ ରଖି କହିଛନ୍ତି, ବିଆର୍‌ଏସ୍‌ର ମାନେ ହେଉଛି ବିଜେପି ରିସ୍ତେଦାର ପାର୍ଟି। ପ୍ରଧାନମନ୍ତ୍ରୀ ଖୋଲାଖୋଲି ଭାବେ ଏହାକୁ ସ୍ୱୀକାର କରିଛନ୍ତି। ଭାଜପା ଏବଂ ବିଆର୍‌ଏସ୍ ମଧ୍ୟରେ ଥିବା ଭିତିରି ସମ୍ପର୍କ ଗତ ୧୦ ବର୍ଷ ମଧ୍ୟରେ ତେଲଙ୍ଗାନାକୁ ଧ୍ୱଂସ କରିଦେଇଛି। ଲୋକେ ବୁଦ୍ଧିଆ। ସେମାନେ ସବୁ ବୁଝୁଛନ୍ତି। ଏଥର ଏହି ୨ ଦଳକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ଭୋଟ ଦେବେ ବୋଲି ରାହୁଲ କହିଛନ୍ତି।



ଗାଜାରେ ଓଲିଭ୍ ଅମଳ ଋତୁରେ ବଣଭୋଜି କରିବାକୁ ଯାଇଥିବା ପାଲେଷ୍ଟିନୀୟ ଝିଅମାନେ।

## ତ୍ରିପୁରାର ଏନ୍‌ଏଲ୍‌ଏଫ୍‌ଟି, ଏଟିଟିଏଫ୍ ନିଷିଦ୍ଧ ଘୋଷିତ

ନୂଆଦିଲ୍ଲୀ,୩।୧୦(ପି.ଟି.)

କେନ୍ଦ୍ର ସରକାର ମଙ୍ଗଳବାର ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ ଅଫ୍ ତ୍ରିପୁରା (ଏନ୍‌ଏଲ୍‌ଏଫ୍‌ଟି) ଏବଂ ଅଲ୍ ତ୍ରିପୁରା ଟାଇଗର ଫୋର୍ସ (ଏଟିଟିଏଫ୍)କୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ୨ ଉଗ୍ରପନ୍ଥୀ ସଙ୍ଗଠନ ଓ ଏହା ସହ ଅନୁବନ୍ଧିତ ଗୋଷ୍ଠୀଗୁଡ଼ିକ ଉପରେ ମଧ୍ୟ ୫ ବର୍ଷ ପାଇଁ ନିଷିଦ୍ଧାଦେଶ ଜାରି କରାଯାଇଛି। ଏନ୍‌ଏଲ୍‌ଏଫ୍‌ଟି ଏବଂ ଏଟିଟିଏଫ୍ ଭାରତ ଭିତରେ ଏକ ଭିନ୍ନ ରାଷ୍ଟ୍ର ଗଠନ ଦାବି ପାଇଁ କାର୍ଯ୍ୟକଳାପ ଜାରି ରଖିଛନ୍ତି। ବିଧ୍ୱଂସକ କାର୍ଯ୍ୟକଳାପରେ ଲିପ୍ତ ରହି ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବା ଅଭିଯୋଗରେ ୨ ସଙ୍ଗଠନ ଉପରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ୩ ଜଣଙ୍କୁ ଗୁଳିକରି ହତ୍ୟା

### ୧୪ ବର୍ଷୀୟ ବନ୍ଧୁକଧାରୀ ଗିରଫ

ବ୍ୟାଙ୍କକ୍,୩।୧୦

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ସ୍ଥିତ ଏକ ବଡ଼ ଶପିଙ୍ଗ୍ ମଲ୍‌ରେ ମଙ୍ଗଳବାର ଗୁଳିକାଣ୍ଡରେ ୩ ଜଣ ନିହତ ହୋଇଛନ୍ତି। ଏଥିରେ ଅନ୍ୟ ୬ ଆହତ ହୋଇଛନ୍ତି। ପୋଲିସ ସମ୍ପୃକ୍ତ ବନ୍ଧୁକଧାରୀଙ୍କୁ ଗିରଫ କରିଛି। ତାଙ୍କ ବୟସ ମାତ୍ର ୧୪ ବର୍ଷ।

ବ୍ୟାଙ୍କକ୍ କେନ୍ଦ୍ରସ୍ଥଳରେ ଥିବା ସିଆମ୍ ପାରାଗନ୍ ମଲ୍‌ରେ ଲୋକେ କିଣାକିଣିରେ ବ୍ୟସ୍ତ ଥିବାବେଳେ ହଠାତ୍ ଗୁଳି ଫୁଟିଥିଲା। କେହି କିଛି ବୁଝିପାରିବା ପୂର୍ବରୁ ଗୁଳିମାଡ଼ରେ ୩ ଜଣ ଟଳିପଡ଼ିଥିଲେ। ଘଣ୍ଟାଏ ଭିତରେ ପୋଲିସ କର୍ମଚାରୀମାନେ ଜଣେ ନାବାଳକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଏନେଇ ମେଟ୍ରୋପଲିଟାନ୍ ପୋଲିସ ଡିଟେକ୍ଟିଭ୍ ଡିପାର୍ଟମେଣ୍ଟ ପକ୍ଷରୁ ଫେସ୍‌ବୁକ୍‌ରେ ସୂଚନା ଦିଆଯାଇଛି।



ଗୁଳିକାଣ୍ଡ ପରେ ମଲ୍‌ରୁ ବାହାରୁଛନ୍ତି ଆତଙ୍କିତ ଲୋକେ।

ଥାଇଲାଣ୍ଡରେ ବନ୍ଧୁକ ହିଂସା ନୂଆ ନୁହେଁ। ଗତବର୍ଷ ଜଣେ ପୂର୍ବତନ ପୋଲିସ ଅଫିସର ଏକ ନର୍ସରି ସ୍କୁଲରେ ଗୁଳି ଚଳାଇବାରୁ ୨୨ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ୨୦୨୦ରେ ଉତ୍ତର-ପୂର୍ବରେ ଥିବା ନାଖୋନ୍ ରତଚସିମା ସହରରେ ଗୁଳିକରି ୨୯ ଜଣଙ୍କ ଜୀବନ ନେଇଥିଲେ।

## ସିରମର ମ୍ୟାଲେରିଆ ଟିକାକୁ ଡବ୍ଲ୍ୟୁଏଚ୍‌ଓର ବ୍ୟବହାର ଅନୁମତି

### ବିଶ୍ୱର ଦ୍ୱିତୀୟ ଟିକା, ପିଲାଙ୍କୁ ଦେବ ସୁରକ୍ଷା

ପୁଣେ, ୩।୧୦

ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ବ୍ରିଟେନର ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା ମିଳିତ ଭାବେ ବିକଶିତ ହୋଇଥିବା ମ୍ୟାଲେରିଆ ଟିକା (R21/Matrix-M)କୁ ବ୍ୟବହାର ପାଇଁ ଅନୁମତି ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)। ଏହି ଟିକା ସମ୍ପର୍କରେ ଆବଶ୍ୟକ ନିରାପତ୍ତା, ଗୁଣବତ୍ତା ଏବଂ କାର୍ଯ୍ୟକାରିତାର ମାନକୁ ଡବ୍ଲ୍ୟୁଏଚ୍‌ଓର ସ୍ୱାଧୀନ ପରାମର୍ଶଦାତା ସଂସ୍ଥା, ଷ୍ଟ୍ରାଟେଜିକ୍ ଆଡଭାଇଜରି ଗ୍ରୁପ୍ ଅଫ୍ ଏକ୍ସପର୍ଟ (ଏସ୍‌ଏଜିଇ) ଓ ମ୍ୟାଲେରିଆ ପଲିସି ଆଡଭାଇଜରି ଗ୍ରୁପ୍ (ଏମ୍‌ପିଏଜି) ବୈଜ୍ଞାନିକ ଉପାୟରେ ତନ୍ନ ତନ୍ନ କରି ନିରୀକ୍ଷଣ କରିବା ପରେ ଏହି ଅନୁମତି ଦେଇଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି ଯେ, ୪ଟି ଦେଶରେ ହୋଇଥିବା ପ୍ରି-କ୍ଲିନିକାଲ ଏବଂ କ୍ଲିନିକାଲ ପରୀକ୍ଷଣର ତଥ୍ୟକୁ ଆଧାରିକରି ଏହି ଟିକା ପାଇଁ ସୁପାରିସ ଦିଆଯାଇଛି। ଉକ୍ତ ୪ ଦେଶରେ ମୌସୁମୀ ଏବଂ ଅଣ ମୌସୁମୀ ସମୟରେ ମ୍ୟାଲେରିଆରେ ଆକ୍ରାନ୍ତ ରୋଗୀଙ୍କ ଉପରେ ଟିକାର ଉତ୍ତମ ପ୍ରଭାବ ଓ ନିରାପତ୍ତାକୁ ଦୃଷ୍ଟିକୁ ରଖାଯାଇ ଡବ୍ଲ୍ୟୁଏଚ୍‌ଓ ଏହାର ବ୍ୟବହାର ଅନୁମତି ଦେଇଛି। ଏହା ହେଉଛି ବିଶ୍ୱର ଦ୍ୱିତୀୟ ମ୍ୟାଲେରିଆ ଟିକା, ଯାହାକି ପିଲାଙ୍କୁ ମ୍ୟାଲେରିଆଠାରୁ ସୁରକ୍ଷା ଦେଇପାରିବ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି।




## ଜାତିଗତ ଜନଗଣନା ରିପୋର୍ଟରେ ତାଳମେଳ ନାହିଁ: ବିରୋଧୀ

ପାଟନା,୩।୧୦

ବିହାର ଜାତିଗତ ଜନଗଣନା ରିପୋର୍ଟରେ ତାଳମେଳର ଅଭାବ ସାଙ୍ଗକୁ ଅନେକ ବିବରଣୀ ନ ଥିବା ସର୍ବଦଳୀୟ ବୈଠକରେ ବିରୋଧୀ ଭାଜପା ଅଭିଯୋଗ ଆଣିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ତାଙ୍କ ଉଦ୍ୟମକୁ ମହାମେଣ୍ଟ ପ୍ରଶଂସା କରିଥିବାବେଳେ ଭାଜପା ଏହାକୁ ବିରୋଧ କରିଛି।

## ନେପାଳରେ ଭୂକମ୍ପ, ଉତ୍ତର ଭାରତରେ ଝଟକା



ଭୂକମ୍ପ ଝଟକା ପରେ ଲୋକେ ଘରୁ ଓ ଅଫିସରୁ ବାହାରି ଆସିଛନ୍ତି। (ଫଟୋ:ଚମନ ଗୌତମ)

ନୂଆଦିଲ୍ଲୀ,୩।୧୦

୪ଟି ଭୂକମ୍ପରେ ମଙ୍ଗଳବାର ଥରିଉଠିଛି ପଡ଼ୋଶୀ ନେପାଳ। ୬.୨ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତରେ ଅନୁଭୂତ ହୋଇଛି।

ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି (ଏନ୍‌ସିଏସ୍) ପକ୍ଷରୁ କୁହାଯାଇଛି ଯେ, ଅପରାହ୍ନ ୨ଟା ୨୫ରେ ୪.୬ ତୀବ୍ରତାର ପ୍ରଥମ ଭୂକମ୍ପ ପଶ୍ଚିମ ନେପାଳରେ ଅନୁଭୂତ ହୋଇଥିଲା। ଏହା ପରେ ୨ଟା ୫୧ରେ ୬.୨ ତୀବ୍ରତାର ଆଉ ଏକ ଭୂକମ୍ପ ହୋଇଥିଲା। ୩.୬ ଏବଂ ୩.୧ ତୀବ୍ରତାର ତୃତୀୟ ଓ ଚତୁର୍ଥ ଭୂକମ୍ପ ଯଥାକ୍ରମେ ୩ଟା ୬ ଓ ୩ଟା ୧୯ ମିନିଟ୍‌ରେ ହୋଇଥିଲା। ଉତ୍ତରାଖଣ୍ଡର ତୀର୍ଥ ସହର ଜୋଶୀମଠ ଏହାର କେନ୍ଦ୍ରସ୍ଥଳ ଥିଲା। ଦିଲ୍ଲୀ-ଏନ୍‌ସିଆର୍ ଲୋକେ ଭୂକମ୍ପ ଝଟକା ପାଇବା ପରେ ଆତଙ୍କିତ ହୋଇ ନିଜ ନିଜ ଘର, ଅଫିସ ଓ ଉଚ୍ଚକୋଠାରୁ ବାହାରକୁ ଚାଲିଆସିଥିଲେ। ତତ୍କାଳ ଦିଲ୍ଲୀ ପୋଲିସ ଆତଙ୍କିତ ନ ହୋଇ ଜରୁରୀ ସହାୟତା ପାଇଁ ୧୧୨ ହେଲ୍ପଲାଇନ୍ ନମ୍ବରକୁ କଲ୍ କରିବାକୁ ରାଜଧାନୀବାସୀଙ୍କୁ ପରାମର୍ଶ ଦେଇଥିଲା। ଚଣ୍ଡିଗଡ଼, ଜୟପୁର ସମେତ ଉତ୍ତର ଭାରତର ଆଉ କେତେକ ସହରରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨୦୧୫ ଏପ୍ରିଲ ୨୫ରେ ନେପାଳରେ ୭.୮ ତୀବ୍ରତାର ଏକ ଭୂକମ୍ପରେ ୮,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବା ବେଳେ ୨୧,୦୦୦ ଆହତ ହୋଇଥିଲେ।

## ୨୯ ସୈନ୍ୟଙ୍କୁ ହତ୍ୟା

**ଅବୁଜା,୩।୧୦:** ମାଲି ସୀମାରେ ଜିହାଦୀମାନେ ଅନ୍ୟୁନ ୨୯ ନାଇଜର ସୈନ୍ୟଙ୍କୁ ହତ୍ୟା କରିଛନ୍ତି। ନାଇଜର ସେନା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରର ସୁରକ୍ଷା ବଳ ସୀମାରେ ଅପରେଶନ୍ ଚଳାଇଥିବାବେଳେ ଶତାଧିକ କଠୋରପନ୍ଥୀ ସେମାନଙ୍କୁ ବିସ୍ଫୋରକରେ ଉଡ଼ାଇଦେଇଥିଲେ। ସପ୍ତାହକ ମଧ୍ୟରେ ଏହା ହେଉଛି ଏହି ଧରଣର ଦ୍ୱିତୀୟ ଆକ୍ରମଣ।

## ଘୃଣା ମନ୍ତବ୍ୟ

# ୧୦୭ ଏମ୍‌ପି, ବିଧାୟକଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୩।୧୦(ପି.ଟି.)

ଦେଶର ୧୦୭ ପାର୍ଲାମେଣ୍ଟ ସଦସ୍ୟ (ଏମ୍‌ପି) ଏବଂ ବିଧାୟକଙ୍କ ନାମରେ ଘୃଣା ମନ୍ତବ୍ୟ ମାମଲା ରୁଜୁ ହୋଇଛି। ସେହିପରି ଗତ ୫ ବର୍ଷ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୪୮୦ ଜଣ ପ୍ରାର୍ଥୀଙ୍କ ବିରୋଧରେ ମଧ୍ୟ ଅନୁରୂପ ମାମଲା ହୋଇଥିବା ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ସୂଚନା ଦିଆଯାଇଛି।

ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ମିଳିତ ଭାବେ ଏମ୍‌ପି ଏବଂ ବିଧାୟକମାନଙ୍କ ସତ୍ୟପାଠକୁ ବିଶ୍ଳେଷଣ କରାଯାଇଥିଲା। ୫ ବର୍ଷ ମଧ୍ୟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କ ସତ୍ୟପାଠ ମଧ୍ୟ ଯାଞ୍ଚ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ, ଏମ୍‌ପି, ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ବିରୋଧରେ ଥିବା ହେଟ୍ ସ୍ପିଚ୍ ମାମଲା ସମ୍ପର୍କରେ ସତ୍ୟପାଠରେ ଘୋଷଣା କରିଛନ୍ତି। ୩୩ ଏମ୍‌ପି ନିଜ ବିରୋଧରେ ଏପରି ମାମଲା ଥିବା ଉଲ୍ଲେଖ କରିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ୭, ତାମିଲନାଡୁର ୪, ବିହାର, କର୍ନାଟକ ଓ ତେଲଙ୍ଗାନାର ୩ ଜଣ ଲେଖାଏ, ଆସାମ, ଗୁଜରାଟ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗର ୨ ଜଣ ଲେଖାଏ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, କେରଳ, ଓଡ଼ିଶା ଓ ପଞ୍ଜାବର ଜଣେ ଲେଖାଏ ଅଛନ୍ତି। ଘୃଣା ମନ୍ତବ୍ୟ ମାମଲାର ଅଭିଯୁକ୍ତ ଥିବା ସର୍ବାଧିକ ୨୨ ଏମ୍‌ପି ଭାଜପାର। ୨ ଜଣ କଂଗ୍ରେସର ହୋଇଥିବାବେଳେ ଏଏପି, ଏଆଇଏମ୍‌ଆଇଏମ୍, ଏଆଇୟୁଡିଏଫ୍, ଡିଏମ୍‌କେ, ଏମ୍‌ଡିଏମ୍‌କେ, ପିଏମ୍‌କେ, ଶିବସେନା(ୟୁବିଟି), ଭିସିକେର ଜଣେ ଲେଖାଏ ଅଛନ୍ତି। ଆଉ ଜଣେ ସ୍ୱାଧୀନ ଏମ୍‌ପିଙ୍କ ନାମରେ ମଧ୍ୟ ଏପରି ମାମଲା ଚାଲିଛି। ଘୃଣା ମନ୍ତବ୍ୟ ମାମଲାର ଅଭିଯୁକ୍ତ ଥିବା ୭୪ ବିଧାୟକ ଏନେଇ ସତ୍ୟପାଠରେ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ଲେଖାଏ ବିହାର ଓ ଉତ୍ତରପ୍ରଦେଶର। ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର ଓ ତେଲଙ୍ଗାନାର ୬ ଜଣ ଲେଖାଏ ଥିବାବେଳେ ଆସାମ, ତାମିଲନାଡୁର ୫ ଜଣ ଲେଖାଏ ରହିଛନ୍ତି। ଦିଲ୍ଲୀ, ଗୁଜରାଟ, ପଶ୍ଚିମବଙ୍ଗର ୪ ଲେଖାଏ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡର ୩ ଜଣ ଲେଖାଏ ଏବଂ କର୍ନାଟକ, ପଞ୍ଜାବ, ରାଜସ୍ଥାନ ଓ ତ୍ରିପୁରାର ୨ ଜଣ ଲେଖାଏ ରହିଛନ୍ତି। ସେହିପରି ମଧ୍ୟପ୍ରଦେଶ ଓ ଓଡ଼ିଶାର ଜଣେ ଲେଖାଏ ବିଧାୟକଙ୍କ ବିରୋଧରେ ଏପରି ମାମଲା ବିଚାରାଧୀନ ରହିଛି। ବିଧାୟକଙ୍କ କଥା ଦେଖିଲେ ଭାଜପାର ସର୍ବାଧିକ ୨୦, କଂଗ୍ରେସ ୧୩, ଏଏପିର ୬ ଜଣଙ୍କ ନାମରେ ଘୃଣା ମନ୍ତବ୍ୟ ମାମଲା ଚାଲିଛି।

ADR
Association for Democratic Reforms



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୪/୨୦୨୩ | Bhubaneswar, Wednesday, October 4/2023 | ପୃଷ୍ଠା-୧

# ମହାନଦୀ ପୋଲରେ ଝୁଲିଲା ବସ୍



**ବାଙ୍କୀ/ଡମପଡ଼ା,୩।୧୦**
**(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟ ରଞ୍ଜନ ସାହୁ)**

କଟକ ଜିଲା ବାଙ୍କୀ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ମହାନଦୀ ପୋଲରେ ମଙ୍ଗଳବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏହି ବସ୍ ଭାରସାମ୍ୟ ହରାଇ ପୋଲର ବାଡ଼ାରେ ପିଟି ହୋଇଯାଇଥିଲା। ବସ୍‌ଟି ନଦୀକୁ ଝୁଲି ରହିଥିବାବେଳେ ସୌଭାଗ୍ୟବଶତଃ ବସ୍ ମଧ୍ୟରୁ ଯାତ୍ରୀମାନେ ସୁରକ୍ଷିତ ଭାବେ ଉଦ୍ଧାର ହୋଇପାରିଥିଲେ। ଫଳରେ ୩୦ଯାତ୍ରୀଙ୍କ ସମେତ ବସ୍ ଡ୍ରାଇଭର ଏବଂ କର୍ମଚାରୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏଭଳି ଦୁର୍ଘଟଣା କାହିଁକି ଏବଂ କିପରି ଘଟିଲା ଏହାର ତଦନ୍ତ କରିବାକୁ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ଶ୍ରୀ ନିଗମ ନାମକ ଘରୋଇ ଯାତ୍ରୀବାହୀ ବସ୍(ଓଡି୧୯-ଜି-୭୧୧୦) ଅନୁଗୋଳରୁ ସକାଳ ୭ଟା୪୫ ମିନିଟ୍‌ରେ ପ୍ରାୟ ୩୦ରୁ ୩୫ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜ୍ ଦେଇ ବସ୍‌ଟି ଆସୁଥିବାବେଳେ ଏହାର ପୁଲି କଟିଯିବାରୁ ଆଗ ଡାହାଣ ଚକ ଛିଡ଼ିଯାଇଥିଲା। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ସେତୁର ଡାହାଣ ପାର୍ଶ୍ୱ ବାଡ଼ାରେ ପିଟି ହୋଇ ନଦୀ ଆଡକୁ ଝୁଲି ରହିଥିଲା। ବସ୍‌ର ଡ୍ରାଇଭର ଶ୍ରୀକାନ୍ତ ବେହେରା ଉପସ୍ଥିତ ବୁଦ୍ଧି ଖଟାଇ କେତେକ ଯାତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ଏପରି କି ବସ୍ କଣ୍ଡକ୍ଟର ମଧ କିଛି ଯାତ୍ରୀଙ୍କୁ କାନ୍ଧରେ ବାହାରକୁ ବାହାର କରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବାଙ୍କୀ ପୋଲିସ୍, ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକମାନେ ସାହାଯ୍ୟ କରିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବାବେଳେ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ନଦୀରେ ଏବେ ପାଣି ଅଧିକ ରହିଥିବାବେଳେ ବିପଦପୂର୍ଣ୍ଣ ଭାବେ ପୋଲରେ ବସ୍ ଝୁଲି ରହିଥିବା ଦୃଶ୍ୟ ସମସ୍ତଙ୍କୁ ଭୟଭୀତ କରିପକାଇଥିଲା। କେତେକ ଲୋକ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧିକୁ ପ୍ରଶଂସା କରିଥିଲେ। ଏ ସଂକ୍ରାନ୍ତରେ ଗାଡ଼ି ଚାଳକ ଶ୍ରୀକାନ୍ତ ବେହେରା କହିଛନ୍ତି, ପୋଲ ଉପରେ ଗାଡ଼ିରେ ହଠାତ୍ ଷ୍ଟିୟରିଂରେ ସମସ୍ୟା ହେବାରୁ ଗାଡ଼ି ଭାରସାମ୍ୟ ହରାଇଥିଲା। ଏହି ସମୟରେ ବ୍ରେକ ମାରିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିଲା। ପରେ ସ୍ଥାନୀୟ ଲୋକ, ଦମକଳ ବାହିନୀ, ଡମପଡ଼ା ଡ୍ରାଇଭର ସଂଘ କର୍ମକର୍ତ୍ତାଙ୍କ ସହାୟତାରେ ବସ୍‌ରୁ ଯାତ୍ରୀମାନଙ୍କୁ ବାହାର କରାଯାଇଥିଲା। ଡମପଡ଼ା ତହସିଲ୍‌ଦାର ପ୍ରମୋଦ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ବାଙ୍କୀ ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ରୋଡ୍ ସେଫ୍ଟି ଅଫିସର ନେତ୍ରାନନ୍ଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ ସହଯୋଗରେ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରୁଛନ୍ତି। ଦୁର୍ଘଟଣା ସମୟରେ ଡ୍ରାଇଭର ଠିକ୍ ଭାବେ ଗାଡ଼ି ଚାଳନା କରୁଥିଲେ କି ନାହିଁ, ବ୍ରିଜ୍ ଏବଂ ଗାଡ଼ିର କଣ୍ଡିଶନ ଠିକ୍ ଥିଲା କି ନାହିଁ ସେସବୁ ନେଇ ତଦନ୍ତ ଜାରି ରହିଛି ବୋଲି କଟକ ଆର୍‌ଟିଓ ସଞ୍ଜୟ କୁମାର ବେହେରା କହିଛନ୍ତି।

### ସୁରକ୍ଷିତ ଭାବେ ବର୍ତ୍ତିଲେ ୩୦ଯାତ୍ରୀ

# ପଦାର୍ଥ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ

**ଷ୍ଟକହୋମ୍, ୩।୧୦**

### ଇଲେକ୍ଟ୍ରୋନ୍ସର କ୍ଷିପ୍ରଗତିର ନିରୂପଣକୁ ସମ୍ମାନ

ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମଙ୍ଗଳବାର ୩ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ଦିଆଯିବା ଲାଗି ଘୋଷଣା କରାଯାଇଛି। ଏହି ପଦାର୍ଥ ବିଜ୍ଞାନୀ ହେଲେ ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ପାଇରେ ଏଗୋଷ୍ଟିନି, ଜର୍ମାନୀର ମ୍ୟୁନିକ୍‌ସ୍ଥିତ ମାକ୍ସ ପ୍ଲାନ୍କ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଣ୍ଟମ୍ ଅପଟିକ୍ସ ଆଣ୍ଡ୍ ଏଡ୍‌ୱିଗ୍ ମାକ୍ସିମିଲିୟାନ୍ ୟୁନିଭର୍ସିଟିର ଫେରେଙ୍କ୍ କ୍ରାଉସ୍‌ଜ ଏବଂ ସୁଇଡେନ୍‌ର ଲୁଣ୍ଡ ୟୁନିଭର୍ସିଟିର ଆନି ଲ'ହ୍ୟୁଲିଅର୍। ପରମାଣୁକୁ ଭାଙ୍ଗି ଦେବା ପରେ କ୍ଷୁଦ୍ରାତିକ୍ଷୁଦ୍ର ଇଲେକ୍ଟ୍ରୋନର ସ୍ୱଳ୍ପ ସମୟରେ ନିର୍ଭୁଲ୍ ଗତି ନିରୂପଣ କରାଯାଇଥିବା ନେଇ ଯୁଗାନ୍ତକାରୀ ଗବେଷଣା ଲାଗି ଏହି ପଦାର୍ଥ ବିଜ୍ଞାନୀ ମର୍ଯ୍ୟାଦାଜନକ ସମ୍ମାନ ପାଇବାକୁ ଯାଉଛନ୍ତି। ପରମାଣୁ ଓ ଅଣୁ ଭିତରେ ଥିବା ଇଲେକ୍ଟ୍ରୋନ୍ସ ସଂକ୍ରାନ୍ତ ନୂତନ ପରୀକ୍ଷଣ ମାନବଜାତିର କଲ୍ୟାଣ ଦିଗରେ କାର୍ଯ୍ୟ କରିବ ବୋଲି ଷ୍ଟକ୍‌ହୋମ୍‌ଠାରେ ପୁରସ୍କାର ଘୋଷଣା କରିବା ଅବସରରେ ରୟାଲ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ଏହା ପ୍ରକାଶ କରିଛି। ଇଲେକ୍ଟ୍ରୋନ୍ସ ଯେଉଁଭଳି ଭାବେ ଗତି କରେ ତାହାର କ୍ଷିପ୍ରତାକୁ ମାପିବା ପାଇଁ ☞ପୃଷ୍ଠା-୨



ପାଇରେ ଏଗୋଷ୍ଟିନି | ଆନି ଲ'ହ୍ୟୁଲିଅର | ଫେରେଙ୍କ୍ କ୍ରାଉସ୍‌ଜ




**ଆଜିର ମନ୍ତବ୍ୟ**

"ମହିଳା ସଂରକ୍ଷଣ ସମ୍ପର୍କିତ ଆଇନ ପ୍ରଣୟନ ହୋଇଥିବାରୁ ନାରୀମାନଙ୍କ ନେତୃତ୍ୱରେ ଦେଶର ବିକାଶ ପାଇଁ ବାଟ ଫିଟିବା

– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟାକରିଆ ବୁଦ୍ଧି**
**ଆଗକୁ ପଛକୁ ବିଚାର ନାହିଁ**
**ମଥାରେ ନାଇଚି ମୁଦି।**

ସାଧାରଣତଃ ଟୋକା ବା ଯୁବ ବୟସ କଞ୍ଚା ବୟସ ହୋଇଥାଏ। ଏ ବୟସରେ ପରିପକ୍ୱତା ଆସି ନ ଥିବା ବେଳେ ସଂସାରର ଭଲମନ୍ଦ ଦିଗପ୍ରତି ସେମାନଙ୍କ ଅଭିଜ୍ଞତା କମ ରହିଥାଏ। ତେଣୁ ଏ ବୟସରେ ବ୍ୟକ୍ତି ଦ୍ୱାରା ନିଆଯାଉଥିବା ବିଚାର ଉପରେ କେବେହେଲେ ଭରସା ପାଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟିଙ୍ଗାଳି କଥା,**
**ଟାଣୁଆ ପାଇଲେ ନୁଆଁଏ ମଥା।**

ସାଧାରଣତଃ ଟିଙ୍ଗା ବା କ୍ଷଣକୋପି ବ୍ୟକ୍ତି ଟିକେ ଟିକେ କଥାରେ ରାଗି ଯାଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ସମ୍ମୁଖରେ କଥ କହିବା ଲାଗି ଅନେକେ ସାହସ କରିପାରିନଥାନ୍ତି। କିନ୍ତୁ ଏପରି ଟିଙ୍ଗା ଲୋକ ଆଗରେ କେହି ଟାଣୁଆ ଲୋକ ପଡିଲେ ତା'ର ଟାଣ କଥା ଆଗରେ ସେ ମୁଣ୍ଡ ନୁଆଇଁ ଥାଏ। ତେଣୁ ଟିଙ୍ଗା ଲୋକକୁ ସବୁବେଳେ ଡରିବା ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଧାଈଙ୍କୁ ୮୩ ଲକ୍ଷ ଦରମା ଦେବେ ରାମସ୍ୱାମୀ




ୱାଶିଂଟନ୍,୩।୧୦

ରିପବ୍ଲିକାନ୍ ପାର୍ଟିରୁ ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ନିଜ ପିଲାଙ୍କ ଦେଖାଶୁଣା ପାଇଁ ଜଣେ ଧାଈ ଖୋଜୁଛନ୍ତି। ଯିଏ ତାଙ୍କ ଦୁଇ ପୁଅଙ୍କ ଲାଳନପାଳନ କରିବେ ତାଙ୍କୁ ମାସକୁ ୧୦୦,୦୦୦ ଡଲାର (୮୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ) ଦରମା ଦିଆଯିବ ବୋଲି EstateJobs.com ୱେବ୍‌ସାଇଟ୍‌ରେ ବିଜ୍ଞାପନ ବାହାରିଛି। ଏହି ବିଲିୟନେୟାର ଅପୂର୍ବା ଟି. ରାମାସ୍ୱାମୀଙ୍କୁ ବିବାହ କରିଛନ୍ତି। କାର୍ଯ୍ୟବ୍ୟସ୍ତତା ଯୋଗୁ ଦୁହେଁ ନିଜ ପିଲାଙ୍କୁ ଅଧିକ ସମୟ ଦେଇପାରୁ ନାହାନ୍ତି। ତେଣୁ ପୁତ୍ରଦ୍ୱୟଙ୍କ ଯତ୍ନ ନେବା ପାଇଁ ସେମାନେ ଜଣେ ଧାଈଙ୍କୁ ଖୋଜୁଛନ୍ତି। ସପ୍ତାହକୁ ୮୪ରୁ ୯୬ ଘଣ୍ଟା କାମ କରିବାକୁ ପଡ଼ିବ। ରାମସ୍ୱାମୀ ହେଉଛନ୍ତି ୨୦୨୪ ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବା ଦୌଡ଼ରେ ଆଗରେ ଥିବା ପ୍ରାର୍ଥୀ।

# ବିଶ୍ୱ ସଂସ୍କୃତି ମହୋତ୍ସବରେ ଓଡ଼ିଶୀନୃତ୍ୟ ପ୍ରଶଂସିତ

କଟକ,୩।୧୦ (କାର୍ତ୍ତିକ ସାହୁ)

ୱାଶିଂଟନ ଡିସିସ୍ଥିତ ନ୍ୟାଶନାଲ ମଲ୍‌ଠାରେ ୩ ଦିନିଆ ବିଶ୍ୱ ସଂସ୍କୃତି ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୦ ଦେଶର ଲୋକମାନେ ଯୋଗ ଦେଇଥିଲେ। ନୃତ୍ୟ, ସଙ୍ଗୀତ, ଧ୍ୟାନ ଏବଂ ସଂସ୍କୃତି ମାଧ୍ୟମରେ ମାନବ ବିବିଧତାକୁ ପାଳନ କରି ଭାଇଚାରା ବିଷୟରେ ଏକ ବାର୍ତ୍ତା ପଠାଇବା ଲକ୍ଷ୍ୟରେ ଏହି ମହୋତ୍ସବ ହୋଇଥିଲା। ୧୮୦ ଦେଶର ୧୭,୦୦୦ରୁ ଊର୍ଦ୍ଧ୍ୱ କଳାକାର ୫୧ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଠାରେ ପରିବେଷିତ ଓଡ଼ିଶୀ ନୃତ୍ୟରେ ଭାରତର ୨୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ନୃତ୍ୟ ବିଶ୍ୱର ୧ ମିଲିୟନରୁ ଅଧିକ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। ସେହିପରି ଲିଙ୍କନ ମେମୋରିଆଲରେ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ସହ ଯୋଗ, ନିଃଶ୍ୱାସ ଏବଂ ଧ୍ୟାନ ଅଧିବେଶନ ପାଇଁ ପ୍ରାୟ ୧୦୦୦ ଯୋଗ ଉତ୍ସାହୀ ସାମିଲ ହୋଇଥିଲେ। ଏଠାରେ ଭାରତୀୟ ସଂସ୍କୃତି ବହୁ ଭାବରେ ଆଦୃତ ହୋଇଥିଲା। ଓଡ଼ିଶୀ, ଭାରତନାଟ୍ୟମ, କଥକ, କୁଚିପୁଡ଼ି ଏବଂ ମୋହିନୀଆଟମ ସମେତ ସୀତାର, ବୀଣା, ତବଲା, ମୃଦଙ୍ଗ, ବଂଶୀ ବଜାଉଥିବା ୫ଟି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଫର୍ମ ମାଧ୍ୟମରେ ପଞ୍ଚାବୁଥମ ପ୍ରଦର୍ଶିତ ହୋଇଥିଲା। ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର, ଲୋକ ସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ, ଆମେରିକାର ସର୍ଜନ ଜେନେରାଲ ଡ. ବିବେକ ମୂର୍ତ୍ତି, ଜାତିସଂଘର ପୂର୍ବତନ ଡେପୁଟି ସେକ୍ରେଟାରି ଜେନେରାଲ ତଥା ୟୁଏନ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


ବିଶ୍ୱ ସଂସ୍କୃତି ମହୋତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ସୁନ୍ଦରଗଡ଼,୩।୧୦(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମହୁଲଯୋର ଗ୍ରାମରେ ଥିବା ଏକ ପୋଖରୀରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଗତ ସୋମବାର ସନ୍ଧ୍ୟାରୁ ସେ ଘରୁ ବାହାରକୁ ଯାଇ ଫେରି ନ ଥିଲେ। ମଙ୍ଗଳବାର ତାଙ୍କର ମୃତଦେହ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ସାଇଣ୍ଟିଫିକ ପୋଲିସ ସହ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ସକାଶେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ନାମ ମନୋରଞ୍ଜନ ମିଶ୍ର(୨୯)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଥିବାରୁ ତାଙ୍କୁ ପଥରରେ ଛେଚି ହତ୍ୟା ପରେ ପୋଖରୀ ପାଣିରେ ପକାଇ ଦିଆଯାଇଛି ବୋଲି ମୃତ ଯୁବକଙ୍କ ଭାଇ ମାନସ ମିଶ୍ର ସଦର ଥାନାରେ ରିପୋର୍ଟ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଭାଇଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛିବୋଲିସେ ତାଙ୍କରିପୋର୍ଟରେଅଭିଯୋଗ କରିଛନ୍ତି। ପୋଲିସ ସଦର ଥାନାରେ କେସ ନଂ ୨୬୮/୨୦୨୩ରେ ଏକ ହତ୍ୟା ମାମଲା ରୁଜୁ କରିଛି।

ପ୍ରଥମ ପୃଷ୍ଠାରୁ...

## ନ୍ୟୁଜ୍‌କ୍ଲିକ୍ ଅଫିସ...

ହୋଇଥିଲା। ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନ୍ୟୁଜ୍‌କ୍ଲିକ୍ ଅଫିସ ପରିସରରେ ପାଣ୍ଠିର ଉତ୍ସ ଉପରେ ତଦନ୍ତ ପାଇଁ ଚଢ଼ାଉ କରାଯାଇଥିଲା। କେନ୍ଦ୍ରୀୟ ଏଜେନ୍ସି ଇଡି ଦେଇଥିବା ତଥ୍ୟ ଅନୁସାରେ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍ ଚଢ଼ାଉ କରିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ନ୍ୟୁଜ୍‌କ୍ଲିକ୍ ପାଇଥିବା ୩୮ କୋଟି ଟଙ୍କାରେ ସାମାଜିକ କର୍ମୀ ତୀସ୍ତା ସୀତଲୱାଡ୍‌ଙ୍କ ସମେତ ଖବରଦାତା ଭାଷା ସିଂ, ଉର୍ମିଳେଶ, ଡି. ରଘୁନନ୍ଦନ, ପରଞ୍ଜୟ ଗୁହା ଠାକୁର୍ତ୍ତା, ଅଭିସାର ଶର୍ମା, ଅନିନ୍ଦ୍ୟୋ ଚକ୍ରବର୍ତ୍ତୀ, ମହେଶ କୁମାର, ସୁବୋଧ ବର୍ମା, ଅଦିତି ନିଗମ ଓ ମୁକୁନ୍ଦ ଝା ପ୍ରମୁଖ ଖବରଦାତାଙ୍କୁ ଦରମା ଦିଆଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସନ୍ଦେହ କରୁଛି। ଗତ ଅଗଷ୍ଟ ୧୭ରେ ଦିଲ୍ଲୀ ହାଇକୋର୍ଟ ଏକ ଆବେଦନ ଉପରେ ନ୍ୟୁଜ୍‌କ୍ଲିକ୍ ମୁଖ୍ୟ ପୁରକାୟସ୍ଥଙ୍କୁ ଜବାବ ମାଗିଥିଲା। ଇତିମଧ୍ୟରେ ମଙ୍ଗଳବାର ସକାଳ ୬ଟାରେ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ପ୍ରାୟ ୫୦୦ ଅଧିକାରୀ ଓ କର୍ମଚାରୀ ଏକକାଳୀନ ୫ ସହରରେ ଚଢ଼ାଉ କରିଥିଲେ। ନ୍ୟୁଜ୍‌କ୍ଲିକ୍ ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ଉକ୍ତ ଗଣମାଧ୍ୟମ ସଂସ୍ଥାର ଦକ୍ଷିଣ ଦିଲ୍ଲୀ ଅଫିସକୁ ନେଇଯାଇଥିଲେ। ସେଠାରେ ଏକ ଫୋରେନ୍‌ସିକ୍ ଟିମ୍ ମଧ୍ୟ ତନାଘନା ଚଳାଇଛି।

ସ୍ପେଶାଲ ସେଲ୍ ଟିମ୍ ଜର୍ନାଲିଷ୍ଟ ଅଭିସାର ଶର୍ମାଙ୍କୁ ତାଙ୍କ ଘରେ ପଚରାଉଚରା କରିବା ପରେ ନୋଏଡା ଏକ୍ସଟେନ୍‌ଶନ୍‌କୁ ନେଇଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗତ ଅଗଷ୍ଟ ୧୭ରେ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏ ଏବଂ ଆଇପିସି ଦଫା ୧୩୫ଏ(ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁଭାବ ବୃଦ୍ଧି), ୧୨୦ବି(ଆପରାଧିକ ଷଡ଼ଯନ୍ତ୍ର) ବଳରେ ରୁଜୁ ଏକ ମାମଲାକୁ ଭିତ୍ତିକରି ମଙ୍ଗଳବାର ସକାଳେ ଚଢ଼ାଉ ଆରମ୍ଭ ହୋଇଥିଲା। ଖବରଦାତା ଭାଷା ସିଂ ତାଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ନେଇ ଏକ୍ସ'ରେ ପ୍ରକାଶ କରିଛନ୍ତି। ଐତିହାସିକ ସୋହାଇଲ୍ ହାସମିଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି। ସକାଳ ୬ଟାରେ ତାଙ୍କ ଶୟନକକ୍ଷକୁ ୬ ପୋଲିସ ଅଧିକାରୀ ଧସେଇ ପଶିଥିବା ସୋହାଇଲଙ୍କ ଭଉଣୀ ଶବନମ୍ ହାଶମି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ପୋଲିସ ଟିମ୍ ୨ ଘଣ୍ଟା ପଚରାଉଚରା ପରେ ଐତିହାସିକଙ୍କ କମ୍ପ୍ୟୁଟର, ଫୋନ୍, ହାର୍ଡଡିସ୍କ ଏବଂ ଫ୍ଲାସ୍ ଡ୍ରାଇଭ୍‌କୁ ଜବତ କରିଛି। ଇତିମଧ୍ୟରେ ଉର୍ମିଳେଶଙ୍କ ଓକିଲ ସ୍ପେଶାଲ ସେଲ୍ ଅଫିସ ବାହାରେ ୧୦ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ମହକିଲଙ୍କ ସହ ସାକ୍ଷାତ୍ ଅନୁମତି ମିଳି ନ ଥିବା କହିଛନ୍ତି। ଏପରି କି ତାଙ୍କୁ ଏଫ୍‌ଆଇଆର୍ କପି ମଧ୍ୟ ଦିଆଯାଇ ନାହିଁ ବୋଲି ସେ ଅଭିଯୋଗ ଆଣିଛନ୍ତି।

କଂଗ୍ରେସ ମିଡିଆ ଆଣ୍ଡ ପବ୍ଲିସିଟି ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି, ବିହାରରେ ଜାତିଗତ ଜନଗଣନାରୁ ମିଳିଥିବା ବିସ୍ଫୋରକ ତଥ୍ୟ ଆଧାରରେ ଦେଶବାପୀ କାଷ୍ଟ ସେନ୍‌ସସ୍ କରାଯାଉ ବୋଲି ଦାବି ଉଠିବା ପରେ ସେଥିରୁ ଧ୍ୟାନ ହଟାଇବା ପାଇଁ ନ୍ୟୁଜ୍‌କ୍ଲିକ୍‌ର ଖବରଦାତାମାନଙ୍କ ଘରେ ଭୋର ସକାଳେ ଚଢ଼ାଉ କରାଯାଇଛି। ସେ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) ଯେତେବେଳେ ପାଠ୍ୟକ୍ରମ ବହିର୍ଭୂତ ପ୍ରଶ୍ନର ସାମ୍ନା କରନ୍ତି, ସେତେବେଳେ ନିଜ ସିଲାବସ୍‌ର ଡିଷ୍ଟ୍ରାକ୍ସନ (ଧ୍ୟାନ ହଟାଇବା କୌଶଳ)କୁ ବ୍ୟବହାର କରିଥାଆନ୍ତି ବୋଲି ପବନ ଏକ୍ସ'ରେ ସମାଲୋଚନା କରିଛନ୍ତି। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ଭାଜପା ପରାଜୟର ଏକ ସଙ୍କେତ ରୂପେ ଅଭିହିତ କରିଛନ୍ତି। ଏକ୍ସ'ରେ ଅଖିଳେଶ ଲେଖିଛନ୍ତି, ଏଥିରେ ନୂତନତ୍ୱ ନାହିଁ। ଭାଜପା ଶାସକମାନେ ସବୁବେଳେ ସଚ୍ଚୋଟ ଖବରଦାତାମାନଙ୍କ ଉପରେ ଚଢ଼ାଉ କରିଥାଆନ୍ତି। କିନ୍ତୁ ସରକାରୀ ପ୍ରଚାର ପ୍ରସାର ନାମରେ 'ମିତ୍ର ଚ୍ୟାନେଲଗୁଡ଼ିକୁ' କେତେ କୋଟି ଟଙ୍କା ଦିଆଯାଉଛି, ଏହାର ବି ହିସାବ ସାମ୍ନାକୁ ଆସିବା ଉଚିତ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ମତରେ ଖବରଦାତାମାନଙ୍କ ଭୟରେ ଏହି ଭାଜପା ନେତୃତ୍ୱାଧୀନ ଚଢ଼ାଉ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଜଣେ ଭୀରୁ। ତାଙ୍କ ସରକାର ଖବରଦାତାମାନଙ୍କୁ ଗିରଫକରି ଚାଇନା ବିରୋଧରେ ଲଢ଼ୁଥିବାର ଛଳନା କରୁଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଚଢ଼ାଉକୁ ନିନ୍ଦାକରି କହିଛନ୍ତି, ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାର ଉପରେ ଏହା ଏକ ଆକ୍ରମଣ। ୟେଚୁରୀଙ୍କ ସରକାରୀ ବାସଭବନ ଥିବା ପଣ୍ଡିତ ରବିଶଙ୍କର ଶୁକ୍ଲା ଲେନ୍‌ରେ ଖବରଦାତା ନାରାୟଣ ରୁହନ୍ତି। ସେଠାରେ ମଧ୍ୟ ପୋଲିସ ଚଢ଼ାଉ କରିଛି। ଏନେଇ ୟେଚୁରୀ କହିଛନ୍ତି, ପୋଲିସ ୨ ଘଣ୍ଟା ଧରି ପଚରାଉଚରା କରିଥିଲା। କିଛି ନ ପାଇବାରୁ ନାରାୟଣଙ୍କ ପୁଅ ସୁମିତଙ୍କ ଲାପ୍‌ଟପ୍ ଓ ମୋବାଇଲକୁ ନେଇଯାଇଛି। ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ (ପିସିଆଇ) ମଧ୍ୟ ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିଛି। ଘଟଣାକ୍ରମ ଉପରେ ନଜର ରଖାଯାଇଛି ଏବଂ ଖବରଦାତାଙ୍କ ସହ ପିସିଆଇ ଛିଡ଼ା ହୋଇଛି ବୋଲି ଏକ ବିବୃତିରେ କୁହାଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଭୁବନେଶ୍ୱରରେ କହିଛନ୍ତି, ଦେଶର ତଦନ୍ତକାରୀ ସଂସ୍ଥାଗୁଡ଼ିକ ସ୍ୱାଧୀନ। ସେଗୁଡ଼ିକ ଆଇନ ଅନୁସାରେ ନିଜ କାର୍ଯ୍ୟ କରୁଛନ୍ତି। ଯଦି କେହି ଭୁଲ୍ କରିଥିବେ ଏଜେନ୍ସିଗୁଡ଼ିକ ତା' ଉପରେ କାମ କରିବେ। ବେଆଇନ ଭାବେ ଅର୍ଥ ଗ୍ରହଣ କିମ୍ବା ଆପତ୍ତିଜନକ କାର୍ଯ୍ୟ କରିଥିଲେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତା' ଉପରେ ତଦନ୍ତ କରିବେନି ବୋଲି କୌଣସି ସ୍ଥାନରେ ଲେଖାଯାଇନାହିଁ ବୋଲି ଅନୁରାଗ କହିଛନ୍ତି। ଏହା ପୂର୍ବରୁ ନ୍ୟୁଜ୍‌କ୍ଲିକ୍‌ର ଅର୍ଥ ଭାରତ ବିରୋଧୀ କାର୍ଯ୍ୟସୂଚୀରେ ଲଗାଯାଇଥିବା ନେଇ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ଆଧାରରେ କେନ୍ଦ୍ରମନ୍ତ୍ରୀ ଅନୁରାଗ କହିଥିଲେ।

## କେନ୍ଦ୍ରାପଡ଼ା ରସାବଳିକୁ...

ରସାବଳିକୁ ଜିଆଇ ଟ୍ୟାଗ୍ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ପରିଲକ୍ଷିତ ହୋଇଛି। ୨୦୨୧ରେ କେନ୍ଦ୍ରାପଡ଼ା ରସାବଳି ମିଷ୍ଟାନ୍ନ ନିର୍ମାତା ସଂଘ ଏହି ଦାବି କରିଥିବା ବେଳେ ପୂର୍ବତନ ଏମ୍‌ପି ସୁବାସ ସିଂଙ୍କ ନେତୃତ୍ୱରେ ଏମ୍‌ପି ମୁନା ଖାଁ, ଏମ୍‌ପି ମମତା ମହନ୍ତ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଏ ନେଇ ଏକ ସ୍ମାରକପତ୍ର ଦେଇଥିଲେ। ସ୍ମାରକପତ୍ରରେ ଏହାର ଇତିହାସ ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଜଣାଇବା ସହିତ ଜିଆଇ ଟ୍ୟାଗ୍ ମିଳିଲେ ଜିଲାର ଆର୍ଥିକ ବିକାଶ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ। ଗବେଷକଙ୍କ ଅନୁସନ୍ଧାନରେ ଅନଙ୍ଗଭୀମ ଦେବଙ୍କ ସମୟରୁ ଏହା ତୁଳସୀକ୍ଷେତ୍ରର ଭୋଗ ଭାବେ ଶ୍ରୀବଳଦେବଜୀଉଙ୍କୁ ପ୍ରତ୍ୟହ ୩୨ ରସାବଳି ଲାଗି କରାଯାଏ। ଗବେଷକ ନିରଞ୍ଜନ ମେକାପ ଓ ଡ. ଅନୀତା ସାବତ କହିଛନ୍ତି, ମହାରାଜା ଅନଙ୍ଗଭୀମ ଦେବଙ୍କ ସମୟରୁ ତୁଳସୀକ୍ଷେତ୍ରରେ ରସାବଳି ନୈବେଦ୍ୟ ଅର୍ପଣ ହୋଇଆସୁଛି। ଏହି ମିଷ୍ଟାନ୍ନର କେନ୍ଦ୍ରାପଡ଼ା ସମ୍ପୃକ୍ତି ସମ୍ପର୍କରେ ଛନ୍ଦପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗବଂଶାନୁ ଚରିତର କେତେକ ଛନ୍ଦ ଓ ଜଣାଣରେ ଅଛି। ଶ୍ରୀଜୀଉଙ୍କ ନିତ୍ୟଭୋଗ ଭାବେ ପରିଚିତ ଏହି ମିଷ୍ଟାନ୍ନର ଉତ୍ପତ୍ତି ସ୍ଥଳ କେନ୍ଦ୍ରାପଡ଼ା ବୋଲି ସେମାନେ ଦାବି କରିଛନ୍ତି। ସହରର କେଶପୁର ବଜାରର ବର୍ଷୀୟାନ ରସାବଳି ନିର୍ମାତା ବୈଷ୍ଣବ ପଣ୍ଡା କହିଛନ୍ତି, ପୂର୍ବରୁ ଏହା କେବଳ ମନ୍ଦିର ପରିସରରେ ନିର୍ମିତ ହୋଇ ଶ୍ରୀଜୀଉଙ୍କୁ ଲାଗି ହେଉଥିଲା। ଏବେ କେନ୍ଦ୍ରାପଡ଼ା ସହର ସମେତ ରାଜ୍ୟର ବିଭିନ୍ନ ମେଳା ମହୋତ୍ସବରେ ଦେଖିବାକୁ ମିଳୁଛି। ଛେନା, ଘିଅ, କ୍ଷୀର, ଚିନି, ଗୁଜୁରାତି, ଅଳେଇଚ ଆଦିକୁ ନେଇ ପ୍ରସ୍ତୁତ ଏହି ମିଷ୍ଟାନ୍ନର ପ୍ରସ୍ତୁତି ଟିକେ ଜଟିଳ। ତେବେ ଉପଯୁକ୍ତ ତାଲିମପ୍ରାପ୍ତ ନିର୍ମାତା ଏଥିରେ ସ୍ୱାଦ ଭରିବାରେ ସକ୍ଷମ। ଶିକ୍ଷାବିତ୍ ଭୁବନମୋହନ ଜେନା କହିଛନ୍ତି, ଜିଆଇ ଟ୍ୟାଗ୍ ମିଳିଲେ ବ୍ରାଣ୍ଡ ଭ୍ୟାଲୁ ବଢ଼ିଥାଏ। ମୌଳିକ ଦ୍ରବ୍ୟର ବ୍ୟବସାୟ ବଢ଼ିବା ସହିତ ଅପବ୍ୟବହାର ଉପରେ ରୋକ ଲାଗିଥାଏ। ପ୍ରଚାର ପ୍ରସାର ଫଳରେ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ ହୋଇଥାଏ। କେନ୍ଦ୍ରାପଡ଼ା ଜିଲାର ପରିଚୟ ଭାବେ ଶ୍ରୀବଳଦେବଜୀଉ, ଜାତୀୟ ଉଦ୍ୟାନ ଭିତରକନିକା ସହିତ ରସାବଳି ମିଠା ଅଛି। ଏହି ସ୍ୱୀକୃତି ରସାବଳି ନିର୍ମାତାଙ୍କ ସମସ୍ତ ସମସ୍ୟାର ସମାଧାନ କରୁ ନ ଥିଲେ ମଧ୍ୟ ଏକ ଆତ୍ମ ତୃପ୍ତି ମିଳିପାରିବ ବୋଲି ସେ ମତ ଦେଇଛନ୍ତି। ରସାବଳି ନିର୍ମାତା ସଂଘର ଆବାହକ ସରୋଜ କୁମାର ମହାନ୍ତି କହିଛନ୍ତି, ଏହା ଏକ ଖୁସି ଖବର। କେନ୍ଦ୍ରାପଡ଼ା ରସାବଳି ପାଇଁ ସଙ୍ଗଠନର ଉଦ୍ୟମ ସାକାର ହୋଇଛି। ସେହିପରି ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ଏ ନେଇ ଉତ୍ସାହ ଦେଖାଦେଇଛି। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଧୀରେନ ସାହୁ, ଉତ୍କଳମଣୀ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା, ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା, ମନ୍ଦିରର ସେବାୟତମାନେ ଏହା ଶ୍ରୀଜୀଉଙ୍କ ଆଶୀର୍ବାଦ ବୋଲି ମତ ଦେଇଛନ୍ତି।

### ■ ଶ୍ରୀବଳଦେବଜୀଉଙ୍କୁ ପ୍ରତ୍ୟହ ଲାଗି ହୁଏ ୩୨ ରସାବଳି
### ■ ଅନଙ୍ଗଭୀମ ଦେବଙ୍କ ସମୟରୁ ତୁଳସୀକ୍ଷେତ୍ରର ଭୋଗ

## ପଦାର୍ଥ ବିଜ୍ଞାନରେ...

ଆଲୋକର ବ୍ୟବହାର ବିଷୟରେ ସେମାନେ ଏକ ପନ୍ଥା ଦର୍ଶାଇଛନ୍ତି। ଏହାଦ୍ୱାରା ଉତ୍ତମ ଇଲେକ୍ଟ୍ରୋନ୍ସ ଓ ରୋଗ ନିଦାନ କରିବା ସହଜ ହେବ ବୋଲି କୁହାଯାଉଛି। ଲ'ହୁଲିଅର ପଦାର୍ଥ ବିଜ୍ଞାନରେ ନୋବେଲ ପାଇବାରେ ୫ମ ମହିଳା। ଏହି ସମ୍ମାନ ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ଏହା ତାଙ୍କ ପାଇଁ ଅତୁଳ୍ୟ ପୁରସ୍କାର ବୋଲି ସେ ଅଭିହିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ପୁରସ୍କାର ବିଜେତାଙ୍କୁ ୧୧ ମିଲିୟନ ସ୍ୱିଡିଶ୍ କ୍ରୋନ୍‌ର (୧ ମିଲିୟନ ଆମେରିକୀୟ ଡଲାର) ପ୍ରଦାନ କରାଯିବ। ସୁଇଡେନ୍ ଉଦ୍ଭାବକ ତଥା ନୋବେଲ ପୁରସ୍କାର ସ୍ରଷ୍ଟା ଆଲ୍‌ଫ୍ରେଡ୍ ନୋବେଲଙ୍କ ଉଇଲ ସମ୍ପତ୍ତିରୁ ଏହି ଅର୍ଥ ପ୍ରଦାନ କରାଯାଇଆସୁଛି। ଗତବର୍ଷ ମଧ୍ୟ ତିନି ଜଣ ବୈଜ୍ଞାନିକ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଥିଲେ।

ଚଳିତବର୍ଷର ନୋବେଲ ପୁରସ୍କାର ସୋମବାର ପ୍ରଥମେ ମେଡିସିନ୍‌ରେ ହଙ୍ଗେରୀ ଜନ୍ମିତ ଆମେରିକୀୟ ବୈଜ୍ଞାନିକ କାଟାଲିନ୍ କାରିକୋ ଏବଂ ଆମେରିକାର ଡ୍ରିଉ ୱିସ୍‌ମାନ୍‌ଙ୍କ ନାମ ଘୋଷଣା ହେବା ପରେ ମଙ୍ଗଳବାର ୩ ଜଣ ପଦାର୍ଥ ବିଜ୍ଞାନୀ ଏହି ସମ୍ମାନ ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ବୁଧବାର ରସାୟନ ବିଜ୍ଞାନ, ଗୁରୁବାର ସାହିତ୍ୟ, ଶୁକ୍ରବାର ଶାନ୍ତି ଏବଂ ଅକ୍ଟୋବର ୯ରେ ଅର୍ଥନୀତି ବିଜେତାଙ୍କ ନାମ ଘୋଷଣା କରାଯିବ। ଆଲ୍‌ଫ୍ରେଡ୍ ନୋବେଲଙ୍କ ଶ୍ରାଦ୍ଧ ଦିବସ ୧୦ ଅକ୍ଟୋବରରେ ଏହି ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ, ସବୁଠାରୁ ମର୍ଯ୍ୟାଦାଜନକ ଶାନ୍ତି ପୁରସ୍କାର ଓସ୍‌ଲୋଠାରେ ଦିଆଯାଉଥିବା ବେଳେ ଅନ୍ୟାନ୍ୟ ସମ୍ମାନ ଷ୍ଟକ୍‌ହୋମ୍‌ଠାରେ ଭବ୍ୟ ସମାରୋହରେ ପ୍ରଦାନ କରାଯାଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତା ବଶତଃ ଚୁ-ନାମାକ୍ଷର ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେବେ। ବ୍ୟବସାୟରେ ସନ୍ତୋଷ ପ୍ରକାଶ କରିବେ।

**ବୃଷ** ଯେକୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ-ନାମାକ୍ଷର ବ୍ୟକ୍ତିଙ୍କର ବନ୍ଧୁ ମିଳନ ସଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ଘ-ନାମାକ୍ଷର ବ୍ୟକ୍ତିମାନେ ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀଙ୍କ ରୋଷର ଶିକାର ହେବେ। ରପ୍ତାନି ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ** ବାଧ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ହେ-ନାମାକ୍ଷର ବ୍ୟକ୍ତି ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ** କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ମ-ନାମାକ୍ଷର ବ୍ୟକ୍ତି ଅଫିସ କାମରୁ ଫୁରୁସତ ପାଇବେ ନାହିଁ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ; ଯାହା କି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା କେତେକାଂଶରେ ଦୂର ହେବ।

**କନ୍ୟା** ନିଜ ଲୋକଙ୍କ ବିରୁଦ୍ଧାଚରଣ ହେତୁ କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପୂ-ନାମାକ୍ଷର ବ୍ୟକ୍ତି ବିଶେଷ ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ଆଜି ଅର୍ଥ ସଂକଟ ଦେଖାଦେବା କାରଣରୁ ଚାହୁଁଥିବା ଜିନିଷ ପାଇବେ ନାହିଁ। କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ରୁ-ନାମାକ୍ଷର ବ୍ୟକ୍ତିମାନେ ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନତୁବା ଠକିଯିବାଟା ହିଁ ସାର ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ନ-ନାମାକ୍ଷର ବ୍ୟକ୍ତିମାନଙ୍କ ସକାଶେ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ଭ-ନାମାକ୍ଷର ବ୍ୟକ୍ତିମାନଙ୍କର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ନିଶ୍ଚିତ ଉପକୃତ ହେବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ବନ୍ଧୁମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** ଆଜି କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ମନଦୁଃଖ ହୋଇପାରେ। ଖ-ନାମାକ୍ଷର ବ୍ୟକ୍ତିଙ୍କର ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ** ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଫଳରେ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଗୋ-ନାମାକ୍ଷର ବ୍ୟକ୍ତିମାନଙ୍କର ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ଦ-ନାମାକ୍ଷର ବ୍ୟକ୍ତିଙ୍କର ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ଆଶ୍ୱିନ କୃଷ୍ଣ ଷଷ୍ଠୀ ବୁଧବାର, ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୧ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୫ମି. ଗତେ ଘ.୦୧.୦୩ମି. ମଧ୍ୟେ ରାହୁକାଳ।


Govt. of Uttarakhand
G20
ONE EARTH • ONE FAMILY • ONE FUTURE
Azadi Ka Amrit Mahotsav
Unveiling Uttarakhand's Opportunities
YOUR GATEWAY FROM
PEACE TO PROSPERITY
Narendra Modi
Prime Minister
Pushkar Singh Dhami
Chief Minister, Uttarakhand
DESTINATION UTTARAKHAND
GLOBAL INVESTORS SUMMIT 2023
December, 2023 Dehradun (Uttarakhand)
Peace To Prosperity
New Delhi Roadshow
4th, October 2023 : 11:00 Onwards
Venue - Taj Palace Hotel, New Delhi
Focus Sectors
Automobile and Auto components
Pharmaceuticals
Agriculture and allied
Tourism and Hospitality
IT/ ITeS
Electronics
Education
Film Shooting
Renewable Energy
AYUSH and Wellness
Bio Technology
Horticulture and Floriculture
Herbs & Aromatics
Food Processing
Natural Fibers
Key Policies of Uttarakhand
• Service Sector Policy 2023 • Solar Energy Policy, 2023
• MSME Policy 2023 • Start-Up Policy 2023 • Customized Package
• Logistics Policy 2023 • Film Policy 2015 (as amended in 2019)
• Private Industrial Park Policy 2023 • Mega Industrial Policy 2015
• Export Policy 2021 • Tourism Policy 2023-30 • Drone Policy 2023
• IT Policy 2019 • Wellness & Ayush Policy • Excise Policy 2021-23
• Biotechnology Policy 2018-23 • Food Processing Policy
• Pump Storage Projects Policy 2023
Be Our Growth Partner
Transparent tax policies and swift approvals for the projects
Fractional cost of setting up of operations as compared to NCR or other cities
Large number of engineering and management Institutes including IIT & IIM
Good Governance and image as a peaceful state
Good quality of life for employees due to healthy environment
Availability of suitable industrial land to start business at a cheap rate
Attractive investment policy of State Govt.
Good connectivity by Rail, Road and Air with NCR
For more detail please log on
investuttarakhand.uk.gov.in
Or Scan QR Code
/ukgis2023
ISSUED IN PUBLIC INTEREST BY DEPARTMENT OF INFORMATION & PUBLIC RELATIONS, UTTARAKHAND
Website: www.uttarainformation.gov.in
UttarakhandDIPR
DIPR_UK

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅକ୍ଟୋବର, ୨୦୨୩



"ବସ୍ତୁମାନଙ୍କର ଏକ ଚେତନା ରହିଛି – ଏକ ଜୀବନ ରହିଛି– ଯାହା ମଣିଷ ବା ପ୍ରାଣୀମାନଙ୍କ ଭିତରେ ରହିଥିବା ଜଣାଶୁଣା ଚେତନା ନୁହଁ। ଏହା ଆହୁରି ଗୋପନ ଓ ବାସ୍ତବ। ସେଥିପାଇଁ ଭୌତିକ ବସ୍ତୁ ପ୍ରତି ଆମର ସମ୍ମାନ ରହିବା ଉଚିତ ଏବଂ ଆମେ ତାକୁ ଯଥାର୍ଥ ଭାବେ ବ୍ୟବହାର କରିବା ଉଚିତ। –ଶ୍ରୀଅରବିନ୍ଦ

# ଅନେକ ଶତାବ୍ଦୀର ପଙ୍କ

ଜନଗଣନା ଦ୍ୱାରା ଭାରତର ଜନଗଣଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଏ । ପୂର୍ବରୁ ଏହି ଜନଗଣନା ପ୍ରତ୍ୟେକ ୧୦ ବର୍ଷରେ ଥରେ ବ୍ରିଟିଶ୍ ଶାସନ ସମୟରୁ ହୋଇଆସୁଛି। ଏହା ୧୮୭୨ରୁ ଆରମ୍ଭ ହୋଇ ୨୦୧୧ରେ ଶେଷ ଜନଗଣନା ହୋଇଛି। ପ୍ରତ୍ୟେକ ଦଶନ୍ଧିରେ ହେଉଥିବା ଏହି କାର୍ଯ୍ୟ ସବୁ ଥର ଅନେକ ତଥ୍ୟ ଯୋଗାଡ଼ କରୁଥିବାର ଉଦାହରଣ ଦେଖିବାକୁ ମିଳେ। ଦୁଃଖର ବିଷୟ ଯେ, ୨୦୨୧ ମସିହାରେ ପୁନର୍ବାର ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ଶେଷ ହୋଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଆରମ୍ଭ କରାଯିବାର କୌଣସି ଖବର ମିଳୁନାହିଁ।

ଜନଗଣନା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ରେଜିଷ୍ଟ୍ରାର ଜେନେରାଲ ଆଣ୍ଡ୍ ସେନ୍ସସ୍ କମିଶନର ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଆସୁଛି। ୨୦୨୧ ଜନଗଣନା କୋଭିଡ୍ ଯୋଗୁ ବିଳମ୍ବ ହୋଇଥିବା ଦର୍ଶାଯାଉଥିଲେ ମଧ୍ୟ ଏହା ପଛରେ ସିଏଏ ଓ ଏନ୍ଆର୍ସି ଭଳି କାରଣ ରହିଥିବା ସନ୍ଦେହ କରାଯାଉଛି। କିନ୍ତୁ ଅକ୍ଟୋବର ୨ରେ ବିହାରର ଜାତିଭିତ୍ତିକ ସର୍ଭେ ତଥ୍ୟ ପ୍ରକାଶ ପାଇବା ପରେ ପୁନର୍ବାର ଜନଗଣନାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ଏଭଳି ଜାତିଭିତ୍ତିକ ଜନଗଣନା କରୁ ବୋଲି ଦାବି କରୁଛନ୍ତି। ଯଦିଓ ସମ୍ବିଧାନ ରାଜ୍ୟକୁ ଜନଗଣନା କରିବାକୁ ଅନୁମତି ଦେଇନାହିଁ, ତଥାପି ସୁପ୍ରିମ୍‌କୋର୍ଟ ରାଜ୍ୟସ୍ତରରେ ଚାକିରି, ଶିକ୍ଷା ଓ ନିର୍ବାଚିତ ସଂସ୍ଥାଗୁଡ଼ିକରେ ପଛୁଆବର୍ଗଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। ସେହି ଆଧାରରେ ସମ୍ପ୍ରତି ବିହାରର ନୀତୀଶ ସରକାର ଜାତିଭିତ୍ତିକ ଜନଗଣନାରେ ପଛୁଆ ବର୍ଗଙ୍କ ସମେତ ଅନ୍ୟସବୁ ଜାତିର ତଥ୍ୟ ସଂଗ୍ରହ କରିଛନ୍ତି।

ଭାରତରେ ଜାତି ସାମାଜିକ, ଆର୍ଥିକ ଓ ରାଜନୈତିକ ଜୀବନରେ ପ୍ରମୁଖ ଭୂମିକା ନେଉଥିବାବେଳେ ଏ ସମ୍ପର୍କରେ ଦେଶରେ କୌଣସି ବିଶ୍ୱସନୀୟ ଓ ପର୍ଯ୍ୟାପ୍ତ ତଥ୍ୟ ଏଯାବତ୍ ନାହିଁ। ସାମାଜିକ ନ୍ୟାୟ ନିଶ୍ଚିତ କରିବା ଲାଗି ସମ୍ପ୍ରତି ଜାତିଭିତ୍ତିକି ଜନଗଣନାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି। କିନ୍ତୁ ସୂଚିତ କରାଯାଇପାରେ ଯେ, ୧୯୩୧ ଜନଗଣନାରେ ନିର୍ଦ୍ଧାରିତ ଜାତି ତଥ୍ୟ ଆଧାରରେ ୮୦ ଦଶକରେ ମଣ୍ଡଳ କମିଶନ ରିପୋର୍ଟ ଅନୁଯାୟୀ ପଛୁଆବର୍ଗଙ୍କୁ ଚିହ୍ନଟ କରାଯାଇ ସଂରକ୍ଷଣ ଦିଆଯାଉଛି। ଏହା ଏବେ ସୁଦ୍ଧା ଅନେକ ରାଜ୍ୟରେ କାର୍ଯ୍ୟକାରୀ ହୋଇପାରିନାହିଁ। ଅନ୍ୟପକ୍ଷରେ ୨୦୧୧ ଜନଗଣନାରେ ଜାତି, ଉପଜାତି ଓ ବଂଶ ଆଦିର ୪୬ ଲକ୍ଷ ସାଙ୍ଗିଆ ନିରୂପଣ କରାଯାଇଥିଲା, ଯେଉଁଥିରେ ଅନେକ ତ୍ରୁଟି ଥିବାରୁ ତାହାକୁ ମଧ୍ୟ ବ୍ୟବହାର କରାଯାଇପାରୁନାହିଁ। ଏହି ତଥ୍ୟ ଉପରେ ସମୀକ୍ଷାର ଆବଶ୍ୟକତା ରହିଛି। ତେବେ ବିହାର ସରକାର ଖୁବ୍ ତରବରିଆ ଭାବେ ଜାତି ଜନଗଣନା ଶେଷ କରିବା ସହ ଛତିଶଗଡ଼, ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟ ଜାତିଭିତ୍ତିକ ଜନଗଣନା କରିବାକୁ ଆଗଭର ହୋଇଛନ୍ତି। ୨୦୧୧ ଜାତୀୟ ଜନଗଣନାରେ ଯେଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇଛି, ସେହିଭଳି ତରବରିଆ ଭାବେ ଏହା ନିର୍ଦ୍ଧାରଣ କରାଯିବା ଠିକ୍ ନୁହେଁ। ଅତୀତକୁ ଫେରିଲେ କର୍ନାଟକର ସିଦ୍ଧରାମେୟା ସରକାର ୨୦୧୫ରେ ଜାତିଭିତ୍ତିକ ସର୍ଭେ ଆରମ୍ଭ କରିଥିଲେ। କିନ୍ତୁ ତାହା ୨୦୧୮ ନିର୍ବାଚନ ପୂର୍ବରୁ ଅଟକି ଗଲା ଓ ଏହା ଏଯାବତ୍ ପ୍ରକାଶ ପାଇପାରିନାହିଁ। ତାମିଲନାଡୁ ସରକାର ବାନିୟାର ବର୍ଗଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ଦେବା ଲାଗି ୨୦୨୦ରେ ଗଣନା ଆରମ୍ଭ କରିଥିଲେ ମଧ୍ୟ ତାହା ଏବେ ଅନିଶ୍ଚୟତାରେ ରହିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ତୃଣମୂଳ ସ୍ତରରୁ ଠିକ୍ ଓ ବିଶ୍ୱସନୀୟ ତଥ୍ୟ ସଂଗ୍ରହ କରାନଗଲେ ତାହାକୁ ଆଧାର କରି କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ଲାଗୁ କଲେ ଫଳପ୍ରଦ ହେବାର ସମ୍ଭାବନା କମ୍। ଜାତିମାନ୍ୟତା କିମ୍ବା ସଂରକ୍ଷଣ ବହୁ ସମୟରେ ଦେଶରେ ଗମ୍ଭୀର ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି କରିବାର ନଜିର ରହିଛି। ମଣ୍ଡଳ କମିଶନ ଅନୁଯାୟୀ ସଂରକ୍ଷଣ ହେଉ କିମ୍ବା ଏବେ ମେଇତିଙ୍କୁ ଆଦିବାସୀ ମାନ୍ୟତା ଦେବାର ନିର୍ଦ୍ଦେଶ ମଣିପୁରକୁ ଅଶାନ୍ତ କରିବା ଘଟଣା ହେଉଛି ଏହାର ଦୃଷ୍ଟାନ୍ତ। ମନେରଖିବାକୁ ହେବ ଯେ, ଭାରତରେ ବସବାସ କରୁଥିବା ଜାତିବର୍ଗ ମଧ୍ୟରେ ଜାତିକୁ ନେଇ ବିଭିନ୍ନ ସ୍ଥାନରେ କିମ୍ବା ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ପ୍ରଭେଦ ରହିଆସିଛି, ଯାହାକୁ ସରକାର ଚିହ୍ନଟ କରିବା କଷ୍ଟକର। ଏକବିଂଶ ଶତାବ୍ଦୀରେ ଧର୍ମ, ଜାତି ଏବଂ ବର୍ଗ ଭଳି ବିଷୟକୁ ଛାଡ଼ି ଭାରତବର୍ଷ ମାନବ ସମ୍ବଳର ଉନ୍ନତି କରିବା କଥା। ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ, ଆମର ପ୍ରଚଳିତ ସାମାଜିକ ବ୍ୟବସ୍ଥା ପୂର୍ବ ଶତାବ୍ଦୀଗୁଡ଼ିକ ତୁଳନାରେ ଉନ୍ନତ ସ୍ତରରେ ପହଞ୍ଚିପାରୁନାହିଁ। ଚନ୍ଦ୍ରରେ ଓହ୍ଲାଇବା କିମ୍ବା ଜି୨୦ ସଭାର ଆୟୋଜନ କରିବା ଯାହା ବିଭାଘରେ ତମ୍ବୁ ବାନ୍ଧି ସାଇପଡ଼ିଶାଙ୍କୁ ବିରିୟାନି ଖୁଆଇବା ସମାନ ପ୍ରକାରର କାର୍ଯ୍ୟ। ଅର୍ଥାତ୍ ପୁରାତନ ଭାରତର ପଙ୍କରେ ଆମେ ଏବେ ମଧ୍ୟ ବୁଡ଼ିରହିଛୁ। ବୈଜ୍ଞାନିକ ଅଗ୍ରଗତିର ସାମାଜିକ ପ୍ରଭାବ ପଡୁନଥିବାରୁ ତାହା ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇଯାଉଛି। ସାଧାରଣ ଭାରତୀୟ ନାଗରିକର ଜୀବନରେ ଜି୨୦ ଭଳି ଜାକଜମକ କୌଣସି ଉନ୍ନତି ଆଣିଦେବ ନାହିଁ। ଏହାକୁ ସ୍ୱୀକାର କରି, ନମ୍ର ହୋଇ, ଲୋକଙ୍କ ମଙ୍ଗଳ ପାଞ୍ଚିପାରିଲେ ଭବିଷ୍ୟତ ମଙ୍ଗଳମୟ ହେବ।

# ଅନ୍ତରୀକ୍ଷରେ ସଭ୍ୟତା



ଡ. ନରେନ୍ଦ୍ର ସେଠୀ

ବିଶ୍ୱର ସବୁଠୁ ଶକ୍ତିଶାଳୀ ଜେମ୍ସୱେବ୍ ଟେଲିସ୍କୋପ୍ ୨୦୨୧ରେ କାର୍ଯ୍ୟକ୍ଷମ ହେଲା ପରେ ବୈଜ୍ଞାନିକମାନେ ପ୍ରଥମକରି ସୌରମଣ୍ଡଳ ବାହାରେ ପୃଥିବୀ ପରି ଗ୍ରହର ଚାରିପଟେ ଘନୀଭୂତ ଗ୍ୟାସ୍ ଥିବାର ଦେଖିବାକୁ ପାଇଲେ। ଭବିଷ୍ୟତରେ ଯଦି କୌଣସି ମହାକାଶ ଯାନ ଜେମ୍ସୱେବ୍ ଟେଲିସ୍କୋପ୍ ପରି ଶକ୍ତିଶାଳୀ ଯନ୍ତ୍ରକୁ ସାଙ୍ଗରେ ନେଇ ମହାକାଶକୁ ଯାଏ ତା'ହେଲେ ଠିକ୍ ଆମ ପୃଥିବୀ ପରି ଅମ୍ଳଜାନ, ଅଙ୍ଗାରକାମ୍ଳ ଓ ମିଥେନ୍ ଥିବା ଭଳି ଅନ୍ୟ ଗ୍ରହର ଆବିଷ୍କାର କରିବା ଅସମ୍ଭବ ହୋଇ ନ ପାରେ। ଭବିଷ୍ୟତର ଅତ୍ୟାଧୁନିକ ଟେଲିସ୍କୋପ୍ ମହାକାଶର ଅନ୍ୟ କୋଉ ଅଜଣା ଗ୍ରହରେ ଆଲୋକଶ୍ଳେଷଣ ହେଉଥିଲେ ତାହା ଠାବ କରିପାରିବ ; ଯାହାଦ୍ୱାରା ଆଲୋକକୁ ରାସାୟନିକ ଶକ୍ତିରେ ପରିଣତ କରାଯାଇଥାଏ ଓ ଏହା ପର ଗ୍ରହରେ ଜୀବନ ଥିବାର ପ୍ରମାଣ ଦେବ। ଜୀବନ୍ତ ସଭ୍ୟତା ଥିବାର ଠାବ କରିହେବ। ଯଦି ଆମ ସୌରମଣ୍ଡଳ ବାହାରେ କୌଣସି ଗ୍ରହରେ ଜୀବନ ମିଳିଯାଏ ତା'ହେଲେ ତାହା ହେବ ଏକ ଯୁଗାନ୍ତକାରୀ ଘଟଣା।

ତେବେ ପର ଗ୍ରହରେ ଜୀବନର ସନ୍ଧାନ କୋଉଠି କୋଉଠି ଥିବାର ସମ୍ଭାବନା ଅଛି? ଏଥି ମଧ୍ୟରେ ମଙ୍ଗଳ ଗ୍ରହର ଆଭ୍ୟନ୍ତରରେ, ବୃହସ୍ପତି ଗ୍ରହର ଏକ ଉପଗ୍ରହ ୟୁରୋପାର ଅପାର ଉଦ୍‌ଜାନ ସମୁଦ୍ରର ତଳ ଭାଗରେ ଜୀବନ ଥିବାର ବୈଜ୍ଞାନିକମାନେ ସମ୍ଭାବନା ବ୍ୟକ୍ତ କରିଛନ୍ତି। ଯଦିଓ ଏହାର ଠିକ୍ ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ ମଙ୍ଗଳ ଗ୍ରହର ଆଭ୍ୟନ୍ତର ଇଲାକାର ପରିବେଶ ଜୀବନ ପାଇଁ ଅନୁକୂଳ ହୋଇପାରେ ଯେହେତୁ ସେଥିରେ ପାଣିର ସନ୍ଧାନ ମିଳିଛି। ଏହା ସହ ମହାକାଶୀୟ ଶକ୍ତିଶାଳୀ ରଶ୍ମି ସେଠାରେ ଲଗାତର ପହଞ୍ଚି ଜୀବନ ସଞ୍ଚାର ପାଇଁ ଆବଶ୍ୟକ ଶକ୍ତି ଯୋଗାଇ ଦେଇଥାଇପାରେ ବୋଲି ବିଶ୍ୱାସ କରାଯାଏ। ସେହିପରି ବୃହସ୍ପତି ଗ୍ରହର ଏକ ଉପଗ୍ରହ ୟୁରୋପାରେ ଜୀବନ ସଞ୍ଚାର ପାଇଁ ଅନେକ ଉପାଦାନ ଉପଲବ୍ଧ ଥିବାର ପ୍ରମାଣ ମିଳିଛି। ଏଠାରେ ବରଫ ଆଚ୍ଛନ୍ନ ଶୃଙ୍ଗଗୁଡ଼ିକ ତଳେ ପୃଥିବୀଠାରୁ ୨ଗୁଣ ପାଣି ଅଛି ବୋଲି ବିଶ୍ୱାସ କରାଯାଏ। ତେବେ ଆମ ଆକାଶ ଗଙ୍ଗା ବାହାରେ ୪୯୦୦ରୁ ଅଧିକ ଗ୍ରହ ଥିବା ଅନୁମାନ କରାଯାଏ, ଯାହା ପ୍ରକୃତରେ ଲକ୍ଷ ଲକ୍ଷ ସଂଖ୍ୟାରେ ହୋଇପାରେ। ତେବେ ଏତେ ସବୁ ଗ୍ରହ ମଧ୍ୟରେ ଜୀବନ ଥିବାର ସନ୍ଧାନ କରିବା ପାଇଁ ବୈଜ୍ଞାନିକମାନେ ଏକ ସହଜ ଉପାୟ ଅବଲମ୍ବନକରି କେବଳ ସେହି ଗ୍ରହ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି ଯେଉଁଠି ତାପମାତ୍ରା ଜଳ ତିଆରି ପାଇଁ ଅନୁକୂଳ ହୋଇଥିବ। ଯଦି ସତରେ ଆଗାମୀ ଦଶନ୍ଧିରେ କୌଣସି ଉନ୍ନତ ସଭ୍ୟତାର ସନ୍ଧାନ ମିଳେ ତା'ହେଲେ ସେଠି ବାସ କରୁଥିବା ପ୍ରାଣୀମାନେ କେତେ ଉନ୍ନତ ହୋଇଥିବେ?

୧୯୬୪ ମସିହାରେ ସୋଭିଏତ୍ ଜ୍ୟୋତିର୍ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏକ ସେମିନାର ସନ୍ଦର୍ଭରେ ରୁଷୀୟ ଜ୍ୟୋତିର୍ବିଜ୍ଞାନୀ ନିକୋଲାଇ କରଦାଶେଭ ବର୍ଣ୍ଣନା କରିଥିଲେ, ଭବିଷ୍ୟତରେ ଅନ୍ୟ ଗ୍ରହର



ଉନ୍ନତ ସଭ୍ୟତାଗୁଡ଼ିକୁ ସେମାନଙ୍କର ଦୈନିକ ଶକ୍ତିର ବ୍ୟବହାର ଆଧାରରେ ତିନୋଟି ପ୍ରକାର ଅନୁଯାୟୀ ଶ୍ରେଣୀଭୁକ୍ତ କରାଯାଇପାରେ। ଆବିଷ୍କୃତ ହେବାକୁ ଥିବା ସଭ୍ୟତା ହୁଏତ ଏତେ ଆଧୁନିକ ହୋଇ ନ ପାରେ, ଯାହା ଆମେ ଭାବୁଛେ। ହୁଏତ ଏହା ଅତ୍ୟନ୍ତ ଉନ୍ନତ ଓ ଆଧୁନିକ ଜ୍ଞାନକୌଶଳରେ ଆମଠୁ ଅଧିକ ଆଗୁଆ ହୋଇପାରେ। ମନେ ରଖିବାକୁ ହେବ ଯେ ଆଜିର ମଣିଷର ବିଜ୍ଞାନ ଜ୍ଞାନ କୌଶଳ ମାତ୍ର ୩ ଶହ ବର୍ଷ ପୁରୁଣା ଓ ତା' ପୂର୍ବରୁ ଆମେ ଅନ୍ଧବିଶ୍ୱାସ ଓ ଜଡ଼ ପୂର୍ଣ୍ଣ ସାମାଜିକ ପ୍ରାଣୀ ଥିଲେ। ଅର୍ଥାତ୍ ଏହି ୩ ଶହ ବର୍ଷ ଭିତରେ ଆମେ ଉନ୍ନତିକରି ଏହି ଅବସ୍ଥାରେ ପହଞ୍ଚିପାରିଛୁ । ଉଲ୍ଲେଖଯୋଗ୍ୟ, ସୂର୍ଯ୍ୟର ପ୍ରାୟ ୧ଶହ କୋଟି ଭାଗରୁ ପୃଥିବୀ ମାତ୍ର ୧ଭାଗ ଶକ୍ତି ଗ୍ରହଣକରେ ଏବଂ ମଣିଷ ତା'ର ୧୦ଲକ୍ଷ ଭାଗରୁ ୧ ଭାଗ ବ୍ୟବହାର କରେ। ତେଣୁ ଆମେ ସୂର୍ଯ୍ୟଙ୍କ ସମୁଦାୟ ଶକ୍ତିର ପ୍ରାୟ ଅଣୁ ମାତ୍ର ବ୍ୟବହାର କରୁ। ବର୍ତ୍ତମାନ, ସମଗ୍ର ପୃଥିବୀରେ ମାନବ ସଭ୍ୟତାର ଶକ୍ତି ଉତ୍ପାଦନ ହେଉଛି ପ୍ରତି ସେକେଣ୍ଡରେ ପ୍ରାୟ ୧ ଲକ୍ଷ କୋଟି ଏର୍ଗସ। କିନ୍ତୁ ମଣିଷର ଶକ୍ତି ଉତ୍ପାଦନ କ୍ଷମତା ବଢ଼ିବାରେ ଲାଗିଛି ଓ ଆଗାମୀ ୨୦୦ ବର୍ଷ ଭିତରେ ମଣିଷ ଏତେ ଶକ୍ତିଶାଳୀ ହୋଇଯିବ ଯେ ଜ୍ଞାନକୌଶଳ ବ୍ୟବହାରକରି ଆରାମରେ ଅନ୍ୟ ଗ୍ରହ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଯିବ ଏବଂ ନିଜ ଇଚ୍ଛାରେ ପାଣିପାଗ ପରିବର୍ତ୍ତନ କରିପାରିବ। ଅର୍ଥାତ୍ ସେତେବେଳକୁ ମଣିଷ ଆଗୁଆ ସନ୍ଧାନକରି ଭୂମିକମ୍ପ, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକକୁ ଅଟକେଇପାରିବ। ଖାଲି ସେତିକି ନୁହେ, ଆଗାମୀ ୬୦୦୦ ବର୍ଷ ପରେ ମଣିଷ ଏତେ ଉନ୍ନତ କରି ସାରିଥିବ ଯେ ପୃଥିବୀ ଚାରିପାଖରେ ଏକ ଆବରଣ ନିର୍ମାଣ କରି ସୌର ଶକ୍ତିକୁ ଅପଚୟ ହେବାକୁ ଦେବନାହିଁ। ବୋଧହୁଏ ୬୦୦୦ ବର୍ଷ ପରେ ଜ୍ଞାନକୌଶଳରେ ସମ୍ପନ୍ନ ସଭ୍ୟତା ପାଇଁ ଏକମାତ୍ର ଗୁରୁତର ବିପଦ ହେଉଛି ନିକଟସ୍ଥ ଆକାଶଗଙ୍ଗାରେ ସୁପରନୋଭା ବିସ୍ଫୋରଣ। ଯଦି ଏପରି କିଛି ହୁଏ ବିସ୍ଫୋରଣ ପରେ ହଠାତ୍ ଉଦ୍‌ଗିରଣ ହେବାକୁ ଥିବା ଶକ୍ତିଶାଳୀ ଏକ୍ସ-ରେ ସମସ୍ତ ଜୀବଜନ୍ତୁଙ୍କୁ ହତ୍ୟା କରିପାରେ। କିନ୍ତୁ ହୁଏତ ମଣିଷ ସେତେବେଳକୁ ଏପରି ବିପଦରୁ ନିଜ ସଭ୍ୟତାକୁ ଏଡ଼େଇବା ପାଇଁ ଅନ୍ୟ ଏକ ଗ୍ରହ ଖୋଜି ବିକଳ୍ପ ସନ୍ଧାନ କରିସାରିଥିବ। ତେବେ

ଏସବୁ ବୈଜ୍ଞାନିକ ଆକଳନ ମଣିଷର ଆଜିଠୁ ୬ ହଜାର ବର୍ଷ ପରେ ହେବାକୁ ଥିବା ବିଜ୍ଞାନର ଚରମସୀମାରେ ପହଞ୍ଚିବାର ସମ୍ଭାବନା ମାତ୍ର। କିନ୍ତୁ ଯଦି ଆମେ ଏ ବ୍ରହ୍ମାଣ୍ଡରେ ଏକୁଟିଆ ନାହୁଁ ଓ ଆଉ କିଛି ସଭ୍ୟତା ଅଛନ୍ତି ବୋଲି ପ୍ରମାଣ ମିଳେ ତା'ହେଲେ ପରିସ୍ଥିତି ରୋଚକପୂର୍ଣ୍ଣ ହୋଇଯିବ। ୟୁରୋପରେ ଅନେକ ଦେଶର ଲୋକ ଅଜ୍ଞାତ ଉଡୁଥିବା ବସ୍ତୁକୁ ଦେଖିଥିବା ଦାବି କରନ୍ତି। ଏପରିକି ନାସା ଏ ବିଷୟରେ ଅନେକ ଗୋପନୀୟ ଗବେଷଣା ଜାରି ରଖିଛି। ଅନେକ ଦେଶର ବୈଜ୍ଞାନିକମାନେ ଜୀବନର ସନ୍ଧାନ ପାଇଁ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ସିଗ୍ନାଲ ମହାକାଶକୁ ପଠାଇବାରେ ଲାଗି ପଡ଼ିଛନ୍ତି। ତେବେ ଏହା କରିବା କେତେଦୂର ଉଚିତ? ଯଦି ପ୍ରକୃତରେ ଏଲିଅନ୍ ବା ପରଗ୍ରହୀ ଜୀବ ଅଛନ୍ତି ସେମାନେ ନିଶ୍ଚୟ ମଣିଷ ଠାରୁ ଅଧିକ ବୁଦ୍ଧିମାନ ଓ ଜ୍ଞାନକୌଶଳରେ ଲକ୍ଷ ଲକ୍ଷ ବର୍ଷ ଆଗୁଆ ହୋଇଥିବେ।

ଆଗରୁ କୁହାଯାଇଛି ଯେ ଆଜିର ମଣିଷର ବିଜ୍ଞାନ, ଇତିହାସ ମାତ୍ର ୩ଶହ ବର୍ଷ ପୁରୁଣା ଅର୍ଥାତ୍ ଯଦି କେହି ପରଗ୍ରହୀ ଜୀବ ଉଡ଼ନ୍ତା ଥାଳିଆରେ ପୃଥିବୀ ଉପରକୁ ଆସୁଥାନ୍ତି ତାହାର କାରଣ କ'ଣ ହୋଇପାରେ? ସେମାନେ ପୃଥିବୀ ପୃଷ୍ଠକୁ ଉଡ଼ନ୍ତା ଥାଳିଆରେ ମଣିଷକୁ ନିଜର ଦାସ ରୂପେ ବ୍ୟବହାର କରିବାର ସୁଯୋଗ ଖୋଜୁ ନାହାନ୍ତି ତ? ନ ହେଲେ ହୁଏତ ପୃଥିବୀକୁ ଅଧିକାରକରି ସବୁ ଜୀବଜନ୍ତୁଙ୍କୁ ମାରି ନିଜ ରହିବା ପାଇଁ ବିକଳ୍ପ ବାସସ୍ଥାନର ସନ୍ଧାନ କରୁନାହାନ୍ତି ତ? କିଛି ବି ହୋଇପାରେ। ଯେହେତୁ ମଣିଷ ଓ ପରଗ୍ରହୀ ଜୀବମାନଙ୍କର ଶରୀର ଜୈବିକ ଗଣ ଭିନ୍ନ ସେମାନେ ମଣିଷକୁ ଖାଇବେ ନାହିଁ। ତେଣୁ ସବୁଠୁ ବଡ଼ ସମ୍ଭାବନା ହେଲା ସେମାନେ ଆମକୁ ଅଦରକାରୀ ଜୀବ ମନେକରି ଆମ ବାଟରେ ଛାଡ଼ିଦେବେ। ବୋଧହୁଏ ସେମାନେ ପୃଥିବୀ ଓ ଏହାର ଅଧିବାସୀମାନଙ୍କୁ ଏ ପର୍ଯ୍ୟନ୍ତ ନିରୀକ୍ଷଣ କରିବା ପରେ କିଛି କାମରେ ଆସିବା ଭଳି ଜିନିଷ ପାଇ ନାହାନ୍ତି।

ମଣିଷ ଯଦି ନିଜେ ନିଜର ବିଜ୍ଞାପନ ଦେଇ ପରଗ୍ରହୀ ଜୀବର ସନ୍ଧାନରେ ଲାଗିପଡ଼େ ଓ ପରଗ୍ରହୀ ଜୀବମାନେ ପୃଥିବୀର କୌଣସି ଏକ ଜିନିଷରେ ନିଜର ଆଗ୍ରହ ଦେଖିବେ ସେଦିନ ହୁଏତ ମଣିଷ ସଭ୍ୟତା ସଙ୍କଟରେ ପଡ଼ିପାରେ। ତେଣୁ ବୋଷ୍ଟନ ବିଶ୍ୱବିଦ୍ୟାଳୟର ବିଖ୍ୟାତ ସୈଦ୍ଧାନ୍ତିକ ପଦାର୍ଥ ବିଜ୍ଞାନୀ ମିଚିଓ କାକୁଙ୍କ ମତରେ ମହାକାଶରେ ଜୀବନ ସନ୍ଧାନ ପାଇଁ ଜାଣିଶୁଣି ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ପ୍ରେରଣ କରିବା ନିଶ୍ଚୟ ଏକ ବୁଦ୍ଧିମାନ୍‌ର କାମ ନୁହେଁ। କିନ୍ତୁ ଦିନ ଆସିବ ମଣିଷ ଲୋକପ୍ରିୟ ହଲିଉଡ୍ ଚଳଚ୍ଚିତ୍ର 'ଷ୍ଟାର୍ ୱାର୍' ପରି ଆକାଶଗଙ୍ଗା ବାହାରେ ଶହ ଶହ ପୃଥିବୀ ପରି ଗ୍ରହର ସଂଯୋଜନାକୁ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଆମଠାରୁ ୧ ଲକ୍ଷ ବର୍ଷ ଆଗରେ ଏକ ସଭ୍ୟତା କିପରି ଦେଖାଯିବ ତା'ର କଳ୍ପନା କରିବ, ଏଥିରେ ସନ୍ଦେହ ନାହିଁ।

ମୋ-୭୦୦୪୦୬୮୧୧୦

# ସ୍କ୍ରବ୍ ଟାଇଫସ୍ ସତର୍କତା



ଡା. ପ୍ରଫୁଲ୍ଲ କୁମାର ଦାସ

ରାଜ୍ୟରେ ଏବେ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ୍ ଟାଇଫସ୍‌କୁ ନେଇ ଚିନ୍ତା ବଢ଼ିଛି। ଏହା ଚିଗର୍ସ ନାମକ ଏକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ୍ୟ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ୍ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲ୍‌ଥ ଲାବରେଟୋରିରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ, ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ୍ ଟାଇଫସ୍ ଦେଖିବାକୁ ମିଳୁ ନ ଥିବାବେଳେ ବିଗତ କିଛିବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା' ନୁହେଁ, ବରଂ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହି ସଂକ୍ରମଣ ହେଉଛି।

ସ୍କ୍ରବ ଟାଇଫସରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ ; ଯାହାକୁ ଏଷ୍ଟର ଭାବେ ବିବେଚନା କରାଯାଉଛି। ୨୦୨୨ ମସିହାରେ ଜର୍ନାଲ ଅଫ ଆପ୍ଲାଏଡ୍ ବାୟୋଲୋଜି ଓ ବାୟୋଟେକ୍‌ନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ୍ ଟାଇଫସ୍ ସମ୍ପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା। ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁସଂଖ୍ୟାରେ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ୍ ଟାଇଫସ୍‌ରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ତେବେ ସ୍କ୍ରବ୍ ଟାଇଫସ୍‌ରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ୍ ଡାଏଗ୍ନୋସିସ୍ ଓ ଡ୍ରଗ ରେଜିଷ୍ଟାନ୍ସ। ଏହାସହ ଅନେକ ରୋଗୀଙ୍କଠାରେ ମୃତ ଚର୍ମ ବା



ଏଷ୍ଟର ଦେଖିବାକୁ ନ ମିଳିବା ମଧ୍ୟ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ। ଓଡ଼ିଶାରେ ସ୍କ୍ରବ ଟାଇଫସ୍‌କୁ ନେଇ ବିଶେଷ ତଥ୍ୟ ନ ଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛିଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା।

ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ବଂଶବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବର ଡେଙ୍ଗୁର ପିକ୍ ପିରିୟଡ୍। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନ ହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ। ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବାଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ। ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ। ଆମିଷ ନ ଖାଇଲେ ଭଲ। ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ବାଞ୍ଛନୀୟ। ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଅଣ୍ଡାଜାତୀୟ ଖାଦ୍ୟ ବା ପାନୀୟ ନ ଖାଇବା ଭଲ। ଫ୍ରିଜ୍‌ରେ କୌଣସି ବାସି ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ। ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରି ଟାଙ୍ଗି ଶୁଅନ୍ତୁ। ଯୋଗ ପ୍ରାଣାୟାମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ। କିନ୍ତୁ ସାମାନ୍ୟ ବର୍ଷାରେ ମଧ୍ୟ ତିନ୍ତି ମର୍ନିଂୱାକ୍ କରନ୍ତୁ ନାହିଁ। ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ। ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସ୍କ୍ରବ୍ ଟାଇଫସ୍‌କୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

ତାମିଲନାଡୁ ଥେନି ଅଞ୍ଚଳର ପି.ବିନ୍ଦୁ ଜୈବିକ କୃଷିର ଆୟରେ ନିଜ ପରିବାର ଚଳାଇ ଅନ୍ୟ ମହିଳାମାନଙ୍କୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ବିନ୍ଦୁ ୧୮ ବର୍ଷ ବୟସରେ ବିବାହ କରିଥିଲେ। ସେ ୧୦ମ ଶ୍ରେଣୀ ଯାଏ ପଢ଼ିଛନ୍ତି। କିନ୍ତୁ ତାଙ୍କର ଦୁଇ ଝିଅଙ୍କୁ ଉଚ୍ଚଶିକ୍ଷା ଦେବା ଲାଗି ସେ ଜୈବିକ କୃଷି ଆରମ୍ଭ କରିଥିଲେ। ସେ କୃଷିବିଜ୍ଞାନ କେନ୍ଦ୍ରରୁ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ସଫଳ ହେବା ସହ ସେ ଉତ୍ପାଦିତ ଶସ୍ୟରୁ ବିଭିନ୍ନ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରି 'ପାଶୁମାଇ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏହାକୁ ୨୦୨୦ରେ ପ୍ରଥମେ ୧୨ ଜଣ ମହିଳାଙ୍କୁ ନେଇ ଆରମ୍ଭ କରିଥିଲେ। ପରେ ତାଙ୍କ କୃଷିକାର୍ଯ୍ୟ ସହ ୧୦୦ରୁ ଅଧିକ ମହିଳା ସାମିଲ ହୋଇ ପାଶୁମାଇ ବ୍ରାଣ୍ଡରେ ସେମାନଙ୍କ ସାମଗ୍ରୀ ମଧ୍ୟ ବିକ୍ରି କରୁଛନ୍ତି। ବିନ୍ଦୁ ବର୍ଷକୁ ପାଖାପାଖି ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ମହିଳାମାନଙ୍କୁ ଜୈବିକ କୃଷି ସମ୍ପର୍କରେ ଶିକ୍ଷା ଦେବା ଲାଗି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରୁଛନ୍ତି। ସେ ମଧ୍ୟ ମଞ୍ଜି ସଂଗ୍ରହ କରି ତାହାକୁ କୃଷି ବିଭାଗକୁ ଦେଉଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୪ ଅକ୍ଟୋବର ୧୯୯୮

- ବରିଷ୍ଠ ଓଡ଼ିଶୀ ସଙ୍ଗୀତ ସାଧକ ପଣ୍ଡିତ କାଶୀନାଥ ପୂଜାପଣ୍ଡା ଓ ବର୍ଷୀୟାନ ମଞ୍ଚଗୁରୁ ଟି. ଲକ୍ଷ୍ମୀନାରାୟଣ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର' ପାଇବା ପାଇଁ ଯୋଗ୍ୟ ବିବେଚିତ।
- ଆଫଗାନିସ୍ତାନରେ ପାକିସ୍ତାନର ଭୂମିକା ନେଇ ଇରାନ ସହ ପାକିସ୍ତାନର ସମ୍ପର୍କ ତିକ୍ତ ହୋଇପଡ଼ିବା ପରିପ୍ରେକ୍ଷୀରେ ପାକିସ୍ତାନରୁ ସମସ୍ତ ଇରାନ କୁଟନୀତିଜ୍ଞ ପ୍ରତ୍ୟାହୃତ।

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ-
ମାନସ -ମୁକୁରେ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | 4 | | |
| 5 | 9 | 2 | | | 8 | 6 | | |
| | | | 2 | | | | 3 | |
| 6 | | | | | | 9 | | |
| | 8 | 3 | | 9 | | 5 | | 4 |
| | | | | 7 | | | 1 | |
| | 6 | | 8 | | | | | |
| | | 5 | | | | | | |
| | | | | 3 | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 2 | 1 | 3 | 8 | 9 | 7 | 6 |
| 7 | 8 | 9 | 6 | 5 | 4 | 3 | 1 | 2 |
| 6 | 3 | 1 | 7 | 2 | 9 | 5 | 4 | 8 |
| 8 | 7 | 4 | 5 | 1 | 2 | 6 | 3 | 9 |
| 2 | 1 | 3 | 8 | 9 | 6 | 7 | 5 | 4 |
| 9 | 6 | 5 | 4 | 7 | 3 | 8 | 2 | 1 |
| 1 | 2 | 7 | 9 | 8 | 5 | 4 | 6 | 3 |
| 3 | 9 | 6 | 2 | 4 | 7 | 1 | 8 | 5 |
| 5 | 4 | 8 | 3 | 6 | 1 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ବାବୁମାନେ ଦୟାଳୁ ହୁଅନ୍ତୁ

ମହାଶୟ,

ସାଧାରଣ ନାଗରିକମାନଙ୍କର ସୁରକ୍ଷା ଏବଂ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ଦିଗରେ ପୋଲିସର ଭୂମିକା ଅପରିହାର୍ଯ୍ୟ। ଏମାନଙ୍କ ଉପସ୍ଥିତି ଯୋଗୁ ସାଧାରଣ ଜନତା ଶାନ୍ତିରେ ରହିପାରନ୍ତି। କିନ୍ତୁ କିଛି ଘଟଣା ଏହି ପୋଲିସ ବାବୁମାନଙ୍କର ମୁଖ୍ୟ ଚେହେରା ଦେଖାଇଦିଏ। ନାଗରିକମାନଙ୍କୁ ସେମାନେ ଅଯଥାରେ ହଇରାଣ କରୁଛନ୍ତି। ଏହା ନ କରି ସେମାନଙ୍କ ପ୍ରତି ଦୟାଳୁ ମନୋଭାବ ପ୍ରତିପୋଷଣ କରିବା ଉଚିତ। ଉତ୍ତମ ବ୍ୟବହାର ପ୍ରଦର୍ଶନ କଲେ ଜଣେ ସାଧାରଣ ନାଗରିକ ନିଜର ଅଭିଯୋଗ ନେଇ ଥାନାକୁ ଯାଇପାରିବ। କିନ୍ତୁ କିଛି ପୋଲିସ କର୍ମଚାରୀମାନଙ୍କ ପାଇଁ ଆଜି ପୋଲିସ ପ୍ରଶାସନ ବଦନାମ ହେଉଛି।

**–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଫେଜ୍-୧, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରିଲା ବିଧାନସଭା ମୌସୁମୀ ଅଧିବେଶନ

ଭୁବନେଶ୍ୱର,୩।୧୦(ଅନିଲ ଦାସ)

ଷୋଡ଼ଶ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ମଙ୍ଗଳବାର ଶେଷ ହୋଇଛି। ଏହି ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ଦିନକ ପୂର୍ବରୁ ଏହି ଅଧିବେଶନ ପରିସମାପ୍ତି ହୋଇଛି । ଏଥିରେ ମୋଟ ୮ଟି କାର୍ଯ୍ୟଦିବସ ରହିଥିବା ବେଳେ ୭ ଦିନ ବୈଠକ ଅନୁଷ୍ଠିତ ହୋଇଛି। ଅଧିବେଶନର ପ୍ରଥମ ଦିବସରେ ପରଲୋକଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ଶୋକପ୍ରସ୍ତାବ ଆଗତ ହେବା ସହିତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହୋଇଥିଲା। ଅଧିବେଶନର ଶେଷ ଦିବସରେ ୨୮ହଜାର ୨୦୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହୋଇଛି। ଚଳିତ ଅଧିବେଶନରେ ୧୦ଟି ବିଲ୍ ଉପସ୍ଥାପନ କରାଯାଇଥିବା ବେଳେ ମୋଟ ୧୩ଟି ବିଲ୍ ପାରିତ ହୋଇଛି। ବହୁ ପ୍ରତୀକ୍ଷିତ ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ବିଲ୍-୨୦୨୩କୁ ଗୃହର ଅନୁମୋଦନ ମିଳିଛି। ଏଥିସହିତ ୭୮ଟି ବାର୍ଷିକ ରିପୋର୍ଟ, ୫ଟି କମିଟି ରିପୋର୍ଟ, ୩୮ଟି ପେପର, ୧୦୫୯ଟି ଅଣତାରକା, ୧୪୦୩ଟି ତାରକା, ୩ଟି ଅଧ୍ୟାଦେଶ ଉପସ୍ଥାପନ କରାଯାଇଛି।

ଚଳିତ ଅଧିବେଶନ ସ୍ୱଳ୍ପ ସମୟ ପାଇଁ ବସିଥିଲେ ମଧ୍ୟ ଏହା ସରଗରମ ହୋଇଥିଲା। ବିରୋଧୀ ଭାଜପା ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଟାର୍ଗେଟ କରି ଗୃହକୁ ଅଚଳ କରିଥିଲେ। ବାଚସ୍ପତିଙ୍କ ପୋଡିୟମ ଉପରକୁ ଡାଲି ଫିଙ୍ଗି ଭାଜପା ସଦସ୍ୟ ମୋହନ ଚରଣ ମାଝି ଏବଂ ମୁକେଶ ମହାଲିଙ୍ଗ ଗୃହରୁ ଅଧିବେଶନ ଶେଷ ଯାଏ ନିଲମ୍ବିତ ହୋଇଥିଲେ। ଅନ୍ୟପକ୍ଷରେ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ ବିଜେଡି ଭାଜପାକୁ କଡ଼ା ଜବାବ ଦେଇଥିଲା। ବିଜେଡି ସଭ୍ୟ ଅରୁଣ ସାହୁଙ୍କ ବିରୋଧୀ ଦଳଙ୍କୁ ମେଣ୍ଟାଲ ଡିଜ୍‌ଅର୍ଡର ମନ୍ତବ୍ୟକୁ ନେଇ ଗୃହରେ ଭାଜପା ସଦସ୍ୟମାନେ ହଙ୍ଗାମା କରିଥିଲେ। ଭାଜପା ସଦସ୍ୟମାନଙ୍କ କଡ଼ା ବିରୋଧ ପରେ ବାଚସ୍ପତି ଉକ୍ତ ଶବ୍ଦକୁ ବିବରଣୀରୁ ବାଦ୍ ଦେଇଥିଲେ। ମୋହନ ଓ ମୁକେଶଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରି ଭାଜପା ସଦସ୍ୟମାନେ ଗୃହକୁ ଅଚଳ କରି ରଖିଥିଲେ ମଧ୍ୟ ବାଚସ୍ପତି ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରି ଦେଇଥିଲେ। ଫଳରେ ଉଭୟ ନିଲମ୍ବିତ ସଦସ୍ୟ ଅଧିବେଶନ ଶେଷ ଯାଏ ଆଉ ଗୃହକୁ ଫେରି ପାରି ନ ଥିଲେ।

# ଅଯୋଗ୍ୟ ଶିକ୍ଷାନୁଷ୍ଠାନକୁ ପିଏମ୍ଏସ୍ ଅନୁକମ୍ପା

ଭୁବନେଶ୍ୱର,୩।୧୦
(ଅନିଲ ଦାସ)

**ସିଏଜି ରିପୋର୍ଟ**

**■ ୨୨ କୋଟି ବରବାଦ**

ରାଜ୍ୟ ସରକାର ଜନସାଧାରଣଙ୍କ ମଙ୍ଗଳ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେହି ଯୋଜନାର ସୁଫଳ କିପରି ଲୋକମାନେ ପାଇପାରିବେ ସେ ନେଇ ସର୍ବଦା ଗୁରୁତ୍ୱ ଦେଉଛନ୍ତି। କର୍ମଚାରୀମାନେ ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ସର୍ବଦା ପରାମର୍ଶ ଦେଇ ଆସୁଛନ୍ତି। ହେଲେ କେତେଜଣ ଅଫିସରଙ୍କ ଦୁର୍ନୀତିଖୋର ମନୋଭାବ ଓ ଚଞ୍ଚକତା ଯୋଗୁ ସରକାରଙ୍କୁ ବଦନାମ ହେବାକୁ ପଡୁଛି। ବେସରକାରୀ ଶିକ୍ଷାନୁଷ୍ଠାନକୁ ଅହେତୁକ ଅନୁକମ୍ପା ଦେଖାଇ କେତେଜଣ ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି (ପିଏମ୍ଏସ୍) ଯୋଜନା ଅର୍ଥରେ ଚଞ୍ଚକତା କରିଛନ୍ତି। ଅଯୋଗ୍ୟ ଶିକ୍ଷାନୁଷ୍ଠାନ ଏବଂ ପାଠ୍ୟକ୍ରମ ଶେଷ କରି ନ ଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। କେବଳ ସେତିକି ନୁହେଁ, ଶିକ୍ଷାନୁଷ୍ଠାନ ନ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ବୃତ୍ତି ପ୍ରଦାନ କରାଯାଇଛି। ଏଥିଯୋଗୁ ରାଜ୍ୟ ତହବିଲରୁ ବହୁ କୋଟି ଟଙ୍କା ହରିଲୁଟ ହୋଇଛି। ଦୁର୍ନୀତିକୁ ରୋକିବା ପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ବ୍ୟବସ୍ଥା ପ୍ରଚଳନ କରାଯାଇଥିଲେ ମଧ୍ୟ ତାହାକୁ ଅନୁପାଳନ କରାଯାଇ ନାହିଁ। ମଙ୍ଗଳବାର ବିଧାନସଭାରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଦ୍ୱାରା କରାଯାଇଥିବା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଜରିଆରେ ରାଜ୍ୟରେ ଦିଆଯାଉଥିବା ମାଟ୍ରିକ ପରବର୍ତ୍ତୀ ବୃତ୍ତି ଯାଞ୍ଚ ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି। ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଯେ ଡିଡବ୍ଲ୍ୟୁଓ କୌଣସି ଯାଞ୍ଚ ନ କରି ୧୫ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୧୮୫ ହିତାଧିକାରୀଙ୍କୁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ଏ ବାବଦରେ ୨୦୧୬ରୁ ୨୦୨୦ ମଧ୍ୟରେ ରାଜକୋଷରୁ ୧୫ କୋଟି ୭୯ ଲକ୍ଷ ଟଙ୍କା ବରବାଦ ହୋଇଛି। ସେହିପରି ପାଠ୍ୟକ୍ରମ ବନ୍ଦ କରିବା ପରେ ମଧ୍ୟ ୨,୯୯୬ ଛାତ୍ରୀଛାତ୍ରଙ୍କୁ ୨୦୧୭ରୁ ୨୦୨୧ ମଧ୍ୟରେ ୭ କୋଟି ୩୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ଗୋଟିଏ ଶିକ୍ଷାନୁଷ୍ଠାନର ପାଠ ଛାଡ଼ିଥିବା ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବୃତ୍ତି ପାଇଁ ଆବେଦନ କରାଯାଇଥିଲା । କୌଣସି ଯାଞ୍ଚ କରା ନ ଯାଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟକୁ ଉକ୍ତ ରାଶି ପ୍ରଦାନ କରାଯାଇଥିଲା। ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ ରାଜ୍ୟର ୩ଟି ଜିଲାର ୧୪ଟି ଅନୁଷ୍ଠାନରେ କୌଣସି ଛାତ୍ରୀଛାତ୍ର ନ ଥାଇ ୧୪.୧୭ ଲକ୍ଷ ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଛି।

# ଶ୍ରଦ୍ଧା ହେଉଛନ୍ତି ମୋ ଫିଜିଓଥେରାପିଷ୍ଟ: ମୁଖ୍ୟମନ୍ତ୍ରୀ

**■ ସରକାରୀ ଘର ଦିଆଯାଇନି, ଗସ୍ତ ଖର୍ଚ୍ଚ ବି ବହନ କରିନାହାନ୍ତି ସରକାର**

**■ ଗୃହରେ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଆଲୋଚନା ହେଉ**

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)



କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାଟିକାନ୍ ସିଟି ଗସ୍ତ କରିଥିବା ସମୟରେ ତାଙ୍କ ସାଙ୍ଗରେ ଯାଇଥିବା ଶ୍ରଦ୍ଧା କିଏ ବୋଲି ବିରୋଧୀ ପ୍ରଶ୍ନ କରିଥିଲେ। ଏହାସହ ତାଙ୍କୁ ସରକାରୀ ବଙ୍ଗଳା ମିଳିଥିବା ସହ ଶ୍ରଦ୍ଧାଙ୍କ ଭାଟିକାନ୍ ସିଟି ଗସ୍ତ ପାଇଁ ଟିକେଟ କିଏ ଦେଇଥିଲେ ବୋଲି ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଗୃହରେ ଏହା ଉପରେ ବିବୃତି ଦେଇ ବିରୋଧୀ ଉଠାଇଥିବା ପ୍ରଶ୍ନ ଉପରୁ ଦ୍ୱନ୍ଦ୍ୱ ଦୂର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରଦ୍ଧା ହେଉଛନ୍ତି ଜଣେ ଫିଜିଓଥେରାପିଷ୍ଟ। ତାଙ୍କ ଶାରୀରିକ ସୁସ୍ଥତା ଲାଗି ଭଉଣୀ ସ୍ୱର୍ଗତା ଗୀତା ମେହେଟ୍ଟା ଶ୍ରଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ। ତାଙ୍କୁ କୌଣସି ସରକାରୀ ବଙ୍ଗଳା ଦିଆଯାଇ ନାହିଁ। ତାଙ୍କ ଗସ୍ତ ଖର୍ଚ୍ଚ ମଧ୍ୟ ସରକାର ବହନ କରିନାହାନ୍ତି। ଗୃହରେ ଆମେ ଆମର ଗୁରୁତ୍ୱପୂର୍ଣ୍ଣ ସମୟ ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଲୋଚନା କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ‘ସାମନ୍ତବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଚାଲିଛି ପ୍ରଜାତନ୍ତ୍ର’



କଟକ,୩।୧୦ (କାର୍ତ୍ତିକ ସାହୁ)

‘ପ୍ରଜାତନ୍ତ୍ର’ର ଶତବାର୍ଷିକ ସମାରୋହ କଟକ ବିହାରୀବାଗ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ଓ ପ୍ରସାରଣ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଯୋଗଦେଇ କହିଛନ୍ତି, ପ୍ରଜାତନ୍ତ୍ର ଶହେବର୍ଷ ପୂରଣ କରିବା ଏକ ବଡ଼ଧରଣର ଉପଲବ୍ଧି। ପ୍ରାକ୍ ସ୍ୱାଧୀନତା ଅର୍ଥାତ୍ ୧୯୨୩ରେ ଏହାର ସାପ୍ତାହିକ ଭାବେ ପ୍ରଥମ ପ୍ରକାଶନ ହୋଇଥିଲା। ସ୍ୱାଧୀନତା ପରେ ଏହା ଦୈନିକ ଖବରକାଗଜ ଭାବେ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଛି। ୧୦୦ ବର୍ଷ ପୂରଣ ମଧ୍ୟରେ ଅନେକ ଘାତ ପ୍ରତିଘାତ, ଅତ୍ୟାଚାର, କଷଣ ଓ ନିର୍ଯାତନାର ଶିକାର ହୋଇଥିଲେ ମଧ୍ୟ ପ୍ରଜାତନ୍ତ୍ର ସାମନ୍ତବାଦ ଓ ରୁଢ଼ିବାଦ ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଚାଲିଛି।

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାରୋହକୁ ଉଦ୍‌ଘାଟନ କରି କହିଛନ୍ତି, ପ୍ରଜାତନ୍ତ୍ର ଶହେବର୍ଷ ପୂରଣ କରୁଛି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରଜାତନ୍ତ୍ରର ପ୍ରତିଷ୍ଠାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଇ ପ୍ରକାଶନ ଆରମ୍ଭ କରିଥିଲେ। ଡ. ମହତାବ ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଓ ପ୍ରଗତିର ପ୍ରତୀକ ହୋଇ ସବୁଦିନ ପାଇଁ ଓଡ଼ିଆଙ୍କ ହୃଦୟରେ ରହିଥିବେ ବୋଲି ସେ କହିଛନ୍ତି।

ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ କହିଛନ୍ତି, ପ୍ରତ୍ୟେକ ଯୁଗରେ ଶାସକ ବା ରାଜା ଚାହେଁ ଜାଗରଣ ନ ହେଉ, ଜନତା ସଚେତନ ନ ହୁଅନ୍ତୁ । କିନ୍ତୁ ପ୍ରଜାତନ୍ତ୍ର ଏହାର ବିରୋଧରେ ଯାଇ ସଫଳତା ହାସଲ କରିଛି ବୋଲି ମହତାବ କହିଛନ୍ତି। ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ। ମଣିପୁର ହାଇକୋର୍ଟରେ ପୂର୍ବତନ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରି ପ୍ରଜାତନ୍ତ୍ରର ଇତିହାସ ସହ ଓଡ଼ିଶା ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତିର ଟ୍ରଷ୍ଟି ଲୋକରଞ୍ଜନ ମହତାବ ଧନ୍ୟବାଦ ଦେଇଥିଲେ।

# କିଛି ଲୋକ ସାମ୍ବାଦିକତାକୁ ସମ୍ପତ୍ତି କରିବାକୁ ଚେଷ୍ଟା କରୁଛନ୍ତି: ଅନୁରାଗ



ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଗାନ୍ଧିଜୀ ସାମ୍ବାଦିକତାକୁ ସେବାର ମାଧ୍ୟମ ମାନୁଥିଲେ। ଏବେ କିଛି ଲୋକ ଏହାକୁ ସମ୍ପତ୍ତି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ଗାନ୍ଧୀଙ୍କ କଥା ମନେପକାଇଦେବାକୁ ଚାହୁଁଛି। ସୋସିଆଲ ମିଡିଆରେ ମିଛ ଖବର ପ୍ରସାରଣ ସମାଜରେ ବହୁତ କ୍ଷତି ପହଞ୍ଚାଇଥାଏ ବୋଲି ମଙ୍ଗଳବାର ଦୈନିକ ଖବରକାଗଜ ‘ସମ୍ବାଦ’ର ୪୦ତମ ସ୍ୱନକ୍ଷତ୍ର ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏଭଳି ମତ ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ର ଗଢ଼ିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତାରେ ଆଞ୍ଚଳିକ ଭାଷାର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଗଣତନ୍ତ୍ରରେ ମତକୁ ନେଇ ବିତର୍କ ହୋଇପାରେ। ବିଚାରକୁ ନେଇ ଆଲୋଚନା ଓ ସମାଲୋଚନା ହେବ। କିନ୍ତୁ ସମସ୍ତେ ଲକ୍ଷ୍ମଣରେଖା ଭିତରେ ରହିବା ଦରକାର । ବିଚାର ପାର୍ଥକ୍ୟକୁ ସମ୍ମାନକରି ଶିଖିବା ଦରକାର ; ଏହା ହିଁ ଗଣତନ୍ତ୍ରର ବଡ଼ ସର୍ତ୍ତ । ସମ୍ବାଦର ମୂଳ ଦାୟିତ୍ୱକୁ ଅଣଦେଖା କରି ବିଚାର କରିବା ଉଚିତ ନୁହେଁ । କିଛି ବିଷୟରେ ଆମ ଭିତରେ ଅସହମତି ଥାଇପାରେ, କିନ୍ତୁ କେତେକ ବିଷୟରେ ଆମକୁ ସହମତ ହେବାକୁ ପଡ଼ିବ ବୋଲି ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ‘ସମ୍ବାଦ’ ସମ୍ପାଦକ ତନୟା ପଟ୍ଟନାୟକ କହିଛନ୍ତି, ‘ସମ୍ବାଦ’ ଆଜି କେବଳ ଏକ ଖବରକାଗଜ କିମ୍ବା ଅନୁଷ୍ଠାନ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ଚିନ୍ତାଧାରା, ଭାବ ଓ ଏକ ଅଭିଯାନ। ‘ସମ୍ବାଦ’ର ଫିଚର୍ ସମ୍ପାଦକ ଗୌରହରି ଦାସ ଅତିଥି ପରିଚୟ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶିକା ମୋନିକା ନାୟାର୍ ପଟ୍ଟନାୟକ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ‘ସମ୍ବାଦ’ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରିଥିଲେ।


## SRI SRI UNIVERSITY

Faculty of Arts, Communication & Indic studies (FACIS) is organizing an online Faculty Development Programme in English for Secondary, Higher Secondary and Degree College Teachers wef-20th Nov to 6th Dec 2023 from 3 to 5 pm on "Teaching English as a Second Language: Pedagogic Challenges and Learning Opportunities". Participants can register on the following link on payment of Rs. 2370/-. For details, visit website- www.sri-sriuniversity.edu.in

Convenor:
Prof Guru Ratikant Mohapatra, Dean, FACIS.
Mob: 9937092192
Director: Prof Kamala Prasad Mahapatra, HoD, FACIS
Mob: 7381073136

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**WANTED URGENTLY**
Wanted Female Massage Therapist for Spa Center, Bhubaneswar.
Contact :
9861550765


# ୭ ବର୍ଷରେ ମଲେଣି ୫୫ ବାଘ

ଭୁବନେଶ୍ୱର, ୩।୧୦
(ଅସମାପିକା ସାହୁ)

**ପ୍ରତିବର୍ଷ ହାରାହାରି ୮୦ ହାତୀ ମରୁଛନ୍ତି**

ରାଜ୍ୟରେ ୨୦୧୫-୧୬ଠାରୁ ୨୦୨୩ ସେପ୍ଟେମ୍ବର ୨୫ ତାରିଖ ମଧ୍ୟରେ ୬୯୮ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ୪୮ କଲରାପତରିଆ ବାଘ ଓ ୭ଟି ମହାବଳ ବାଘଙ୍କ ମୃତ୍ୟୁ ହୋଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ବିଭିନ୍ନ ରୋଗ, ବିଦ୍ୟୁତ ଆଘାତ, ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା, ଶିକାର, ବିଷ ପ୍ରୟୋଗ ଆଦି ହାତୀ ଓ ବାଘ ମୃତ୍ୟୁର ପ୍ରମୁଖ କାରଣ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ହାତୀ ଓ ବାଘ ମୃତ୍ୟୁର ନିରାକରଣ ଉପରେ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ, ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁର ପ୍ରତିରୋଧ, ଶିକାର କମାଇବା ଲାଗି ପଦକ୍ଷେପ ସର୍ବୋପରି ସ୍ପେଶାଲ ସ୍କ୍ୱାଡ୍ ମୁତୟନ କରାଯିବା ନେଇ ପଦକ୍ଷେପ ନିଆଯିବ। ସେପଟେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଆଉ ଏକ ପ୍ରଶ୍ନରେ ଜଙ୍ଗଲ ମନ୍ତ୍ରୀ ଉତ୍ତର ଦେଇ ପ୍ରତିବର୍ଷ ରାଜ୍ୟରେ ହାରାହାରି ୮୦ଟି ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହେଉଥିବା କହିଛନ୍ତି।

# ଲୋକସେବା ଭବନରେ ଅଗ୍ନିକାଣ୍ଡ



ଭୁବନେଶ୍ୱର,୩।୧୦
(ସତ୍ୟଜିତ୍ ରାଉତ)

ଲୋକସେବା ଭବନରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କୋଠାର ପ୍ରଥମ ମହଲାରେ ଏକ କୋଠରୀରେ ଏହି ଅଘଟଣ ଘଟିଥିବା ବେଳେ କୌଣସି କର୍ମଚାରୀ ଆହତ ହୋଇନାହାନ୍ତି। ସକାଳ ପ୍ରାୟ ୧୦ଟା ୮ରେ ଏନେଇ ଖବର ପାଇ ସେକ୍ରେଟାରିଏଟ୍ ଫାୟାର ଷ୍ଟେଶନ୍ ଟିମ୍ ନିଆଁ ଲିଭାଇବାକୁ ଯାଇଥିଲା। ନିଆଁ ଲାଗିବାର କିଛି ସମୟ ମଧ୍ୟରେ ଘଟଣାସ୍ଥଳ ଧୂଆଁମୟ ହୋଇଯାଇଥିଲା। ଷ୍ଟେଶନ୍ ଅଫିସର ଅନୁପ କୁମାର ଦାସଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲେ। ପ୍ରାୟ ୧୫ ମିନିଟ୍ ମଧ୍ୟରେ ଏହି ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ କର୍ମଚାରୀମାନେ ସକ୍ଷମ ହୋଇଥିଲେ। ଅଗ୍ନିକାଣ୍ଡରେ ଉକ୍ତ କୋଠରୀର ଗୋଟିଏ ଏସି, ଗୋଟିଏ କମ୍ପ୍ୟୁଟର୍ ସେଟ୍ ଓ ୩ଟି ପ୍ଲାଷ୍ଟିକ୍ ଚେୟାର ଜଳିଯାଇଯାଇଥିବା ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶର୍ଟସର୍କିଟ୍ ଯୋଗୁ ଛାଟଧରଣର ଅଗ୍ନିକାଣ୍ଡ ଘଟିଥିଲା ବୋଲି ଡେପୁଟି ଫାୟାର ଅଫିସର ଅବନୀ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

# ଦିଅର ଗୁଳିମାଡ଼ରେ ଭାଉଜ ଗୁରୁତର

ଲୋଇସିଂହା, ୩।୧୦ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ଗୁନିଆପାଲି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସୋମବାର ସନ୍ଧ୍ୟାରେ ଦିଅର ଗୁଳିମାଡରେ ଭାଉଜ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ମହିଳା ସନ୍ତୋଷିନୀ ବର୍ଗେ(୫୦)ଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ବନ୍ଧୁକ ଧରି ଅଭିଯୁକ୍ତ ଦିଅର ରଞ୍ଜନ ବର୍ଗେ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସନ୍ତୋଷିନୀଙ୍କ ସ୍ୱାମୀ ପଞ୍ଚାନନ ବର୍ଗେଙ୍କ ସହ ୨ ସାନଭାଇ ରଞ୍ଜନ ବର୍ଗେ ଓ ପ୍ରଶାନ୍ତ ବର୍ଗେ ଗୁନିଆପାଲରେ ରହନ୍ତି। ଚତୁର୍ଥ ଭାଇ ଟେକା ବର୍ଗେ ଅନ୍ୟତ୍ର ରହନ୍ତି। ନିକଟରେ ପଞ୍ଚାନନ ଏକ ଛାତ ଘର ନିର୍ମାଣ କରିବା ପରେ ସେ ରହୁଥିବା ପୁରୁଣା ଘରକୁ ସାନଭାଇ ରଞ୍ଜନଙ୍କୁ ଦେଇଛନ୍ତି। ଏହାକୁ ନେଇ କୁଆଡେ ସନ୍ତୋଷିନୀ ଖୁସି ନ ଥିଲେ। ଏହି ଘଟଣାକୁ ନେଇ ସୋମବାର ଅପରାହ୍ଣରେ ପଞ୍ଚାନନଙ୍କ ଅନୁପସ୍ଥିତିରେ ରଞ୍ଜନ ଓ ସନ୍ତୋଷିନୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରଞ୍ଜନ ଘରେ ଥିବା ଏକ ଚଢେଇ ମରା ବନ୍ଧୁକ ଆଣି ସନ୍ତୋଷିନୀଙ୍କ ଉପରକୁ ଗୁଳି ମାଡ କରିଥିଲେ। ଗୁଳି ସନ୍ତୋଷିନୀଙ୍କ ଛାତିରେ ବାଜିଥିଲା। ଏହାପରେ ରଞ୍ଜନ ବନ୍ଧୁକରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ସନ୍ତୋଷିନୀଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ରାତିରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଆଇଆଇସି ବାସୁଦେବ ଭୋଇଙ୍କୁ ପଚାରିବାରୁ ଚଢେଇମରା ବନ୍ଧୁକର ଗୁଳି ହୋଇଥିବାରୁ ଛାତି ଭିତରକୁ ଭେଦ କରି ନ ଥିଲା। ଏହାକୁ କାଢି ଦିଆଯାଇଛି। ସନ୍ତୋଷିନୀଙ୍କ ବାପା ମେଘୁ ବାଗଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(୧୭୮/୨୩)ରୁଜୁ ହୋଇଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି
## OFFICE OF THE PANCHAYAT SAMITI, CHITRAKONDA, DIST.: MALKANGIRI

e-mail: ori-kudumulugumma@nic.in, Mob. No.: 9439781618, 9668310803
Tender Call Notice No. 06/2022-23 Dated: 30.09.2023
Sealed tenders are invited from eligible contractors for the following work by the undersigned.

| Annexure | Name of Work | Approx. Cost of Project in Rs. |
|---|---|---|
| 1 | 2 | 3 |
| I | Const. of Addl. Class Room at Bihangudi PS of Jodambo GP | 949272/- |
| II | Const. of Addl. Class Room at Badaput PS of Badapada GP | 949540/- |
| III | Const. of Addl. Class Room at Dabuguda PS of Jantri GP | 948912/- |
| IV | Const. of Addl. Class Room at Dudhapalli PS of Papermetla GP | 950500/- |
| V | Const. of Addl. Class Room at Taberu PS of Jantri GP | 1899540/- |
| VI | Const. of Addl. Class Room at Gorasetu PUPS of Panasput GP | 949838/- |
| VII | Const. of Addl. Class Room at Jalaguda NPS of Kapatuti GP | 949272/- |
| VIII | Const. of Addl. Class Room at Karlamal PS PS of Badapada GP | 949540/- |
| IX | Const. of Addl. Class Room at Panaspadar PS PSof Jodambo GP | 949838/- |
| X | Const. of Addl. Class Room at Kadagumma PS of Badapadar GP | 945633/- |
| XI | Const. of Addl. Class Room at Naglur PUPS of Populur GP | 949272/- |
| XII | Const. of Addl. Class Room at Gajalmamudi PS of Gajalmamudi GP | 949838/- |
| XIII | Const. of Addl. Class Room at Sindhiput PS of Panasput GP | 949633/- |
| XIV | Const. of Addl. Class Room at Taberu PS of Jantri | 948912/- |
| XV | Const. of Addl. Class Room at Tontapalli PS of Gajalmamudi GP | 949838/- |

The detailed terms and conditions is available in the official website http://www.malkangiri.nic.in. Last date of submission of tender paper is 16th Oct., 2023. The authority reserves the right to reject any or all tenders without assigning any reason thereof.

Sd./- Block Development Officer, Chitrakonda



## ODISHA COAL AND POWER LTD.

Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

### SHORT TENDER NOTICE

NIT No.: OCPL/SER-167/2023 Date: 04.10.2023
Sealed bids in prescribed format are invited from Professional Companies/Firms/ Agencies for the following work:

| Sl. No. | Name of the Work | Cost of Tender Paper | Bid Security | Issue of Tender Document | Last Date of Sale of Tender Document | Last Date of Submission/ Opening of Bid |
|---|---|---|---|---|---|---|
| 1 | Periodical Mechanised Cleaning Work at OCPL Manoharpur Mines Office, Manoharpur, Sundargarh and at Corporate Office, Fortune Towers, Bhubaneswar | Rs.1,180/- (Rupees one thousand one hundred and eighty only) including GST | Rs.2,00,000/- (Rupees two lakhs only) | 04.10.2023 | 14.10.2023 | 03.00 P.M./ 03.30 P.M. on 20.10.2023 |

For further details, bidders may visit our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. General Manager (Commercial & Infra)



## OrissaPOST
English daily

### WANTED

**Visual Graphic Designers**
- Candidate should be able to create visual packages & attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.

**Layout Designers**
- Minimum 3 years+ experience in print media.
- Proficiency in QuarkXPress, Photoshop cs3, CorelDRAW is a must.

Apply within 7 days to :
recruitment@orissapost.com

Pay & perks will be the best in the industry for deserving candidates.



## JOB ADVERTISEMENT

### MANAGING DIRECTOR
### ODISHA COOPERATIVE HOUSING CORPORATION LTD

**Responsibilities:**
- Develop and execute strategic plans aligned with organizational goals.
- Lead and guide the management team and staff.
- Ensure effective financial management and budget control.
- Cultivate positive relationships with stakeholders, including government bodies, cooperatives and financial institutions.
- Monitor and ensure compliance with legal and regulatory requirements.
- Promote innovation and continuous improvement.

**Requirements:**
- Age: 58-62 years.
- Preferred: MBA Degree.
- Minimum 30 years' experience as a Chief Executive /Administrative Officer in Government/ Semi-Government/PSU Organizations.
- Cooperative sector experience is a plus.
- Clean record with no criminal involvement.
- Proven track record of successful leadership and management.
- Excellent communication, negotiation and interpersonal skills.
- Strong analytical and problem-solving abilities.

**How to Apply:** Interested candidates meeting the requirements are invited to apply for the Managing Director position at Odisha Cooperative Housing Corporation Ltd. Please submit a detailed resume and a cover letter highlighting relevant experience and achievements to ochc_bbsr@rediffmail.com by the deadline of October 10, 2023.

**Note:**
1. Late applications will not be considered.
2. The Management reserves the right to accept or reject applications without assigning any reason.

**By Order of the Chairman**
**Sd./- General Manager**

## ସଂକ୍ଷେପରେ

### ପଣ୍ଡିତ ନୀଳମଣି ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ପୁରୁଣା ଭୁବନେଶ୍ୱର,୩।୧୦(ସୁବାସ ଚନ୍ଦ୍ର ପ୍ରଧାନ): ପ୍ରଖ୍ୟାତ ଲେଖକ ପଣ୍ଡିତ ନୀଳମଣି ମିଶ୍ରଙ୍କ ୨୬ତମ ଶ୍ରାଦ୍ଧୋତ୍ସବ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟ ମୁଖ୍ୟ ଅତିଥି, ପୋଥି ବିଶାରଦ ଡ. ପ୍ରସନ୍ନ କୁମାର ସାମନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୀଳମଣିଙ୍କ ଅନୁବାଦ ଓ ସମ୍ପାଦନା ଉପରେ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ନୀଳମଣିଙ୍କ ସମ୍ପାଦିତ ଓଡ଼ିଆ ଭାଗବତ ଅତୁଳନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ.ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ.ଜେନାମଣି ସଞ୍ଜିବ କୁମାର, ବିମଳ କିଶୋର ମିଶ୍ର, ଶିବ କୁମାର ମିଶ୍ର, ଜୟଶ୍ରୀ ମିଶ୍ର, ଡ.ଶକୁନ୍ତଳା ବଳିୟାରସିଂ, ଭାଗୀରଥ ମହାପାତ୍ର, ରବୀନ୍ଦ୍ର ନାଥ ମିଶ୍ର, ଡା. ଜୀବନ କୃଷ୍ଣ ମିଶ୍ର, ପଣ୍ଡିତ ବୀରଞ୍ଚି ନାରାୟଣ ମିଶ୍ର, ଡ.ଯୋଗୀନାଥ ସାହୁ, ଜାନକୀବଲ୍ଲଭ ମହାନ୍ତି, ଦେବେନ୍ଦ୍ର ନାଥ ଦାଶ, ଜଗତ ଚନ୍ଦ୍ର ଦାସ, ତନୟାଦାସ ଗୋସ୍ୱାମୀ, ବିବେକାନନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେବି ଫ୍ରେଣ୍ଡ୍‌ସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ବିଜେବି କଲେଜର ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡ୍‌ସ' ପକ୍ଷରୁ କଲେଜ ପରିସରରେ ସୋମବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଧାକର ପଣ୍ଡା, ମୁଖ୍ୟ ବକ୍ତା ଦାଶ ବେନହୁର ଏବଂ ବିଜେବି କଲେଜର ଅଧ୍ୟକ୍ଷ ଗୁଲାମ ମଇଉଦ୍ଦିନ ଖାନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆୟୋଜିତ ହୋଇଥିବା ରଚନା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରଭୃତି ଆନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ନଗଦ ଅର୍ଥରାଶି, ଫଳକ ତଥା ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଜେବି ଫ୍ରେଣ୍ଡ୍‌ସର ସଭାପତି ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସତ୍ୟବ୍ରତ ଧୂପାଳ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ବିଜେବି କଲେଜ ଅଧ୍ୟାପିକା ଡା. ସମ୍ପ୍ରୀତି ପଣ୍ଡା ପରିଚାଳନା କରିଥିଲେ ।

# ଆଜିଠୁ ଖୋଲିବ ୧ନଂ. ହାଟ

## ଦାବି ପୂରଣ ପାଇଁ ୧୦ଦିନ ସମୟ ମାଗିଲା ବିଏମ୍‌ସି

## ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବ ସଂଘ

ଭୁବନେଶ୍ୱର, ୩।୧୦ (ବନ୍ଦନା ସେଠୀ)

ତୁଟିଲା ବିବାଦ। ବିଏମ୍‌ସିର ପ୍ରତିଶ୍ରୁତି ପରେ ବୁଧବାର ଠାରୁ ୟୁନିଟ-୧ ବା ୧ନଂ. ହାଟ ଖୋଲିବ। ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଜବରଦଖଲ ଉଚ୍ଛେଦ, ପାର୍କିଂ ପାଇଁ ସ୍ଥାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ଗୁରୁବାରଠାରୁ ମାର୍କେଟକୁ ବନ୍ଦ ରଖିଥିଲେ। ମଙ୍ଗଳବାର ମାର୍କେଟ ଆସୋସିଏଶନର କର୍ମକର୍ତ୍ତା ଓ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଛି। ପାର୍କିଂ ସହ ଅନ୍ୟାନ୍ୟ ଦାବି ନେଇ ରାଜି ହେବା ସହ ଏହାର ସମାଧାନ ପାଇଁ ବିଏମ୍‌ସି ୮/୧୦ଦିନ ସମୟ ମାଗିଛି। ତେବେ ସଂଘ ପକ୍ଷରୁ ବିଏମ୍‌ସିକୁ ୧ମାସ ସମୟ ଦିଆଯିବ। ଇତିମଧ୍ୟରେ ବିଏମ୍‌ସି ଉଚିତ୍ ପଦକ୍ଷେପ ନ ନେଲେ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ବିଏମ୍‌ସି କାର୍ଯ୍ୟାଳୟରେ ଆଲୋଚନା ପରେ ଅପରାହ୍ନରେ ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ମାର୍କେଟ ଡିସି ଅଶୋକ ଲେଙ୍କା, ରାଜସ୍ୱ ଡିସି ସପନ ନନ୍ଦ ପ୍ରମୁଖ ମାର୍କେଟକୁ ଆସି ସ୍ଥିତି ପରଖିଥିଲେ। ସଂଘର ଦାବି ଉଚିତ୍ ବୋଲି ବିବେଚନା କରିବା ସହ ଖୁବ୍ ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀର ୧ନଂ. ହାଟ ସବୁଠାରୁ ବଡ଼ ହାଟ। କମ୍ ଦାମ୍‌ରେ ଭଲ ଜିନିଷ ମିଳୁଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି। କେବଳ ରାଜଧାନୀ ନୁହେଁ ଆଖପାଖ ସହରର ଲୋକେ ମଧ୍ୟ ଏହା ଉପରେ ନିର୍ଭର କରିଥାନ୍ତି। ମାତ୍ର ଭେଣ୍ଡିଂଜୋନ ବ୍ୟବସାୟୀ ଏବଂ ମାର୍କେଟ ଆସୋସିଏଶନ୍ ବ୍ୟବସାୟୀଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦ ପାଇଁ ଗତ ୬ଦିନ ଧରି ମାର୍କେଟ ବନ୍ଦ ରହିଥିଲା। ଇତି ମଧ୍ୟରେ ବହୁଲୋକ ଆସି ନିରାଶ ହୋଇ ଫେରୁଥିବାବେଳେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇପାରି ନ ଥିବା ସୂଚନା ମିଳିଛି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ବିଶ୍ୱାସର ଆତ୍ମଲିପି'ର ଏକ ଦୃଶ୍ୟ। (ଫଟୋ : ମୌସମ ନନ୍ଦ)

### ବ୍ରାଉନସୁଗାର, ମଦ ବେପାରୀ ଗିରଫ

ବାରଙ୍ଗ,୩।୧୦(ଲିଙ୍ଗରାଜ ରାଉତ): ବ୍ରାଉନସୁଗାର ଓ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ କରିଗଣ୍ଡରପୁର ଗ୍ରାମର ରାଜକିଶୋର ସାହୁ ଓ ଢେଙ୍କାନାଳ ଧୀରପାଟଣା ଗ୍ରାମର ମାନସ ଖୁଣ୍ଟିଆ। ଥାନା ଅଧୀନ ଗଣ୍ଡରପୁର-ପ୍ରତାପନଗରୀ ଘେରିବନ୍ଧ ରାସ୍ତା କଡ଼ରେ ବ୍ରାଉନସୁଗାର ବିକ୍ରି ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଅଚାନକ ଚଢ଼ାଉ କରି ରାଜକିଶୋରଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ୧୨ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନସୁଗାର ସହ ଫୋନ, ବାଇକ୍ ଓ କିଛି ଟଙ୍କା ଜବତ ହୋଇଛି। ସେହିପରି ବାଙ୍କୀ ଅଞ୍ଚଳରୁ ଏକ ବାଇକ୍ ଯୋଗେ ଦେଶୀ ମଦ ନେଇ ଭୁବନେଶ୍ୱରକୁ ଆସୁଥିବା ମାନସଙ୍କୁ ପୋଲିସ କାବୁ କରିବା ସହ ତାଙ୍କଠାରୁ ୨୦ ଲିଟର ମଦ ଓ ଏକ ବାଇକ୍ ଜବତ କରିଛି।

### ମଦ ସହ ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ,୩।୧୦(ସଂଗ୍ରାମ ପାଇକରାୟ) ବାଲୁଗାଁ ଅବକାରୀ ବିଭାଗ ମଙ୍ଗଳବାର ବାଣପୁର ଥାନା ଅଧୀନ ବାଲେଡ଼ି ଗ୍ରାମର କେନାଲ ରୋଡଠାରେ ଚଢ଼ାଉ କରି ୧୪୦ ଲିଟର ଦେଶୀ ମହୁଲି ମଦ ସହ ଏକ ବାଇକ୍ ଜବତ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ କୋଶରଡ଼ା ଗ୍ରାମର ରଞ୍ଜିତ୍ ଶବର। ଅବକାରୀ ବିଭାଗରେ ଏକ ମାମଲା(ନଂ.୧୧୯/୨୩) ରୁଜୁପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବେଆଇନ ଭାବେ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧିକାରୀ ମନୋଜ ପ୍ରଧାନ ମଙ୍ଗଳବାର ସକାଳେ ଏକ ଟିମ୍ ସହ ବାଲେଡି କେନାଲ ରୋଡରେ ଜଗି ରହିଥିଲେ। ଏହି ସମୟରେ ରଞ୍ଜିତ ଏକ ବାଇକରେ ଚୋରା ମଦ ନେଇ ଯାଉଥିବା ବେଳେ ତାଙ୍କୁ ଅଟକାଇବା ସହ ମଦ ଜବତ କରିଥିଲେ।

# 'ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ସାଂସ୍କୃତିକ ସମୃଦ୍ଧି ଜାଗ୍ରତ କରିବା ଉଚିତ'

## ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ସ୍ପିକ୍‌ମାକେ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୩।୧୦(ଅସମାପିକା ସାହୁ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ମଙ୍ଗଳବାର ସୋସାଇଟି ଫର୍ ଦି ପ୍ରମୋଶନ୍ ଅଫ୍ ଇଣ୍ଡିଆନ୍ କ୍ଲାସିକାଲ୍ ମ୍ୟୁଜିକ୍ ଆଣ୍ଡ୍ କଲଚର୍ ଏମଙ୍ଗ ୟୁଥ୍ (ସ୍ପିକ୍ ମାକେ)ର ପ୍ରତିଷ୍ଠାତା ପଦ୍ମଶ୍ରୀ ଡ. କିରଣ ସେଠ୍ ଛାତ୍ରୀଛାତ୍ରଙ୍କୁ ସାଂସ୍କୃତିକ ଅଭିବୃଦ୍ଧି ସମ୍ବନ୍ଧରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ର ବା ଯୁବପିଢ଼ିଙ୍କ ମଧ୍ୟରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ସଙ୍ଗୀତ, ଯୋଗ, ଧ୍ୟାନ, କ୍ରାଫ୍ଟ ଆଦି ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରି ଏହାର ପ୍ରଚାର ପ୍ରସାର କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଡ. ସେଠ୍ କହିଥିଲେ, ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସେମାନଙ୍କ ମନରେ ସାଂସ୍କୃତିକ ସମୃଦ୍ଧି ସହ ସଂରକ୍ଷଣର ମହତ୍ତ୍ୱକୁ ଜାଗ୍ରତ କରିବା ଦରକାର। ଭାରତୀୟ ଐତିହ୍ୟର ଗଭୀର ଚିତ୍ରକୁ ଉନ୍ମୋଚିତ କରି ଶାସ୍ତ୍ରୀୟ ସଙ୍ଗୀତର ପରିବର୍ତ୍ତନଶୀଳ ଶକ୍ତିକୁ ଏକାଗ୍ରତାର ସହ ସାଧନା କରିବା ଦରକାର ବୋଲି ଡ. ସେଠ୍ ପ୍ରକାଶ କରିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବା ଉଦ୍ଦେଶ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ କହିଥିଲେ।

### ଯୁବତୀଙ୍କୁ ବଳାତ୍କାର କଲେ ଧରମ ବାପା

ନିମାପଡ଼,୩।୧୦(ବିଚିତ୍ରାନନ୍ଦ ସାହୁ)

ଜଣେ ୫୦ ବର୍ଷୀୟ ବୃଦ୍ଧ(ଧରମ ବାପା) ୨୭ ବର୍ଷୀୟାଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କୁ ନିମାପଡ଼ାରୁ କେଉଁଆଡ଼େ ଅପହରଣ କରି ନେଇ ବଳାତ୍କାର କରିଥିବା ମଙ୍ଗଳବାର ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩୫୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଖବରନେବାରେ ଜଣାପଡ଼ିଛି, କଟକ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ଏକ ଅପରାଧ ମାମଲାରେ ନିମାପଡ଼ା ଜେଲରେ ଥିଲେ। ସ୍ୱାମୀଙ୍କୁ ଜେଲରେ ଦେଖା କରିବାକୁ ମହିଳା ବସ୍‌ରେ ଗତ ଅଗଷ୍ଟ ୨୯ରେ କଟକରୁ ନିମାପଡ଼ା ଆସିଥିଲେ। ଏକଥା ଜାଣିପାରି ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଧରମ ବାପା ନିମାପଡ଼ାରେ ଏକ କାର୍‌ରେ ପହଞ୍ଚିଥିଲେ। ତାଙ୍କ ଗାଡ଼ିରେ ବସିବାକୁ କହି ଯୁବତୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ପରେ ସେ ଯୁବତୀଙ୍କୁ କାର୍‌ରେ ବସାଇ ଅପହରଣ କରିନେଇ ଏକ ଘରେ ରଖି ବଳାତ୍କାର କରିଥିଲେ। ତା' ପରଦିନ ବୃଦ୍ଧ ଜଣଙ୍କ ଯୁବତୀଙ୍କୁ କଟକସ୍ଥିତ ଘରେ ଛାଡ଼ିବାବେଳେ ଘରେ କେହି ନ ଥିବା ସୁଯୋଗରେ ପୁନଶ୍ଚ ବଳାତ୍କାର କରିଥିଲେ। ଏପରିକି ତାଙ୍କ ସହ ସମ୍ପର୍କ ନ ରଖିଲେ ପାଖରେ ଥିବା ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି। ପରେ ଯୁବତୀ ଏ ବାବଦରେ ବିଳମ୍ବରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ସମ୍ପର୍କୀୟ ଧରମ ବାପାଙ୍କ ଘର ଭଦ୍ରକ ବୋଲି ଜଣାପଡ଼ିଛି।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟର ସମୀକ୍ଷା

## ଜାନୁୟାରୀ ୩ ସୁଦ୍ଧା ଚାରିଦ୍ୱାର ନଖୋଲିଲେ ଆନ୍ଦୋଳନ : ଆଇନଜୀବୀ କମିଟି

ପୁରୀ, ୩।୧୦ (ଅଜିତ୍ ମହାନ୍ତି): ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ବହୁ ସମୟରେ ଦାବି ଓ ବିକ୍ଷୋଭ ପ୍ରଦର୍ଶନ ହୋଇଆସୁଛି। ତେବେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପରିଚାଳନା କମିଟି ଓ ଅନ୍ୟମାନଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ପରିକ୍ରମା କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବା ଏବଂ ପ୍ରଶାସନ ଜାଣିଶୁଣି ଭକ୍ତମାନଙ୍କ ପାଇଁ ଚାରିଦ୍ୱାର ଖୋଲୁନଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅକ୍ଟୋବର ୩ ତାରିଖରେ ଶାନ୍ତିପୂର୍ଣ୍ଣ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ଜିଲା ପ୍ରଶାସନ ଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଶ୍ରୀଜଗନ୍ନାଥ ସେନା ଆନ୍ଦୋଳନକୁ ସ୍ଥଗିତ ରଖିଛି। ମଙ୍ଗଳବାର ଆଇନଜୀବୀ କମିଟିର କିଛି ସଦସ୍ୟ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ କରି ଦୁଇମାସରେ ଶେଷ କରିବା ପାଇଁ ସରକାରଙ୍କୁ ଡେଡ୍‌ଲାଇନ୍ ଦେଇଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ସୁବିଧା ପାଇଁ ଭିତ୍ତିଭୂମି ସଜାଡ଼ିବାକୁ ଆଉ ଗୋଟିଏ ମାସ ବୃଦ୍ଧି କରାଯାଇଛି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଅର୍ଥାତ ଜାନୁୟାରୀ ୩ ସୁଦ୍ଧା ଚାରିଦ୍ୱାର ନ ଖୋଲିଲେ ପୁନର୍ବାର ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।



### ଧନ୍ଦାମୂଳକ ଶିକ୍ଷାର ଉନ୍ନତି ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ଉନ୍ନତି ପାଇଁ 'ଇଣ୍ଡସ ଏଡୁଟ୍ରେନ ପ୍ରାଇଭେଟ ଲିମିଟେଡ' ପକ୍ଷରୁ ଭୁବନେଶ୍ୱର ରିଜିଓନାଲ ସାଇନ୍ସ ସେଣ୍ଟରରେ ମଙ୍ଗଳବାର ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ୧୨୯ଜଣ ଧନ୍ଦାମୂଳକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଥିଲେ। ଭୋକେଶନାଲ କୋଅର୍ଡିନେଟର କୌଶିକ ଉତ୍କଳ ମହାନ୍ତି, ଜ୍ୟୋତି ରଞ୍ଜନ ବିଶ୍ୱାଳ ଏବଂ ସୌନିକ ପଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି କାର୍ଯ୍ୟକ୍ରମ ଓସେପା ପକ୍ଷରୁ ଆୟୋଜିତ ହୋଉଥିଲା। ତେବେ କୋଭିଡ ପର ଠାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ସବୁ ସ୍ୱାଭାବିକ ହେବାପରେ ଭିଟିପି ନିଜ ପ୍ରଚେଷ୍ଟାରେ ଏହି କର୍ମଶାଳାର ଆୟୋଜନ କରିଥିଲା। ଏଥିରେ ଏନ୍‌ଏସ୍‌କ୍ୟୁଏଫ୍ ମ୍ୟାନେଜର ସୁମ୍ବୁଲ ହାସ୍‌ମୀ, ଟାଟା ଷ୍ଟ୍ରାଇଭସ କୋଅର୍ଡିନେଟର ସର୍କେଲ ଡ. ବିବେକାନନ୍ଦ ନାୟକ ଭର୍ଚୁଆଲ୍ ମୋବିଲିଟି ଉପରେ କାପାସିଟି ବିଲ୍ଡିଂ ଏବଂ ଓରିଏଣ୍ଟେଶନ୍ ଉପରେ ଆଲୋକପାତ କରିଥିଲେ। ସେହିପରି ଧନ୍ଦାମୂଳକ ଶିକ୍ଷା କିପରି ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନିଜ ଠିକ କ୍ୟାରିୟର ଗଠନରେ ସହାୟକ ହେବ ସେ ସମ୍ବନ୍ଧରେ ପିଏମ୍‌ୟୁ ଟିମ୍‌ର ସାଗରିକା ମହାପାତ୍ର, ବିକ୍ରମ ନାୟକ, ମହେଶ୍ୱର ଭଞ୍ଜ ସୂଚନା ପ୍ରଦାନ କରିଥିଲେ।

### ହଜରତ୍ ମହମ୍ମଦଙ୍କ ସ୍ମୃତିସଭା

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ): ହଜରତ୍ ମହମ୍ମଦଙ୍କ ସ୍ମୃତିସଭା ମସ୍‌ଜିଦ ହମଦଠାରେ ଜମାତ ଅହମ୍ମଦିଆ ପକ୍ଷରୁ ଗତ ୨୮ତାରିଖରେ ପାଳିତ ହୋଇଯାଇଛି। ଏଥିରେ ହଜରତ ମହମ୍ମଦଙ୍କ ବିଭିନ୍ନ ଗୁଣାବଳୀକୁ ବର୍ଣ୍ଣନା କରାଯାଇଥିଲା। ଏହି ଉପଲକ୍ଷେ ଜାତୀୟ ସଂହତି ଓ ଶାନ୍ତି ପ୍ରତିଷ୍ଠାର ଧର୍ମର ଭୂମିକା ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଓ ବିଶ୍ୱ ଶାନ୍ତି ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରୁ ପଞ୍ଚମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ରୋଜାଲିନ ପାଟଶାଣୀ ମିଶ୍ର, କର୍ପୋରେଟର ଅଲିଅଳି ମଲ୍ଲିକ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ସଭାପତି ଅମିରୁଦ୍ଦିନ ଖାଁ ଏବଂ ସ୍ଥାନୀୟ ସଭାପତି ମହମ୍ମଦ ଅମିନ, ଏମ୍. ଜନାବ ହଲିମ ଖାଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୟଦ ସକିଲୁର ରହେମାନ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ବିଶ୍ୱ ଶାନ୍ତି ପାଇଁ ଏକ ପୋଷ୍ଟର ପ୍ରଦର୍ଶନୀ ଓ ସନ୍ଧ୍ୟାରେ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା।

# ଚାନ୍ଦି ଗହଣାରେ ଶୋଭା ପାଇବେ ମା'




ଭୁବନେଶ୍ୱର,୩।୧୦(ଅନୁରାଧା ମହାରଣା)

ଦଶହରା ପାଖେଇ ଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱର ଚଳଚଞ୍ଚଳ ହୋଇପଡ଼ିଛି। ଶତାଧିକ ମଣ୍ଡପରେ ମା' ଦୁର୍ଗାଙ୍କ ଆବାହନ କରାଯିବାକୁ ଥିବାବେଳେ ସବୁ କମିଟି ପକ୍ଷରୁ ଆକର୍ଷଣୀୟ



## ଆକର୍ଷଣ ହେବ ସୁଉଚ୍ଚ ତୋରଣ ସହ ୨୦ ଫୁଟ୍‌ର ମୂର୍ତ୍ତି

## ଆଇଗିଣିଆ ଦଧିବାମନଦେବ ଦୁର୍ଗାପୂଜା ମଣ୍ଡପ

ତୋରଣ ସହ ମୂର୍ତ୍ତି ଗଢ଼ା ଜାରି ରହିଛି। ଆଇଗିଣିଆ ଦଧିବାମନଦେବ ଦୁର୍ଗାପୂଜା ସମିତିଙ୍କ ସଦସ୍ୟଙ୍କ ମଧ୍ୟରେ ସମାନ ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳିଛି। ୩୨ବର୍ଷ ଧରି ଏଠାରେ ମା'ଙ୍କ ପୂଜା ହୋଇ ଆସୁଥିବାବେଳେ ଚଳିତବର୍ଷ ୨୦ଫୁଟ୍ ଉଚ୍ଚତା ବିଶିଷ୍ଟ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ପୂଜା ପାଇବେ। ବାରଙ୍ଗରୁ ୧୦ଜଣ ମୂର୍ତ୍ତି କାରିଗର ଆସିଥିବାବେଳେ କୋଲକାତା କାରିଗର ସୁଉଚ୍ଚ ତୋରଣ ପ୍ରସ୍ତୁତ କରିବେ। ପ୍ରାୟ ୧୨୦ ଫୁଟ୍ ଉଚ୍ଚ ସୁଚ୍ଚିତ ତୋରଣ ପ୍ରସ୍ତୁତିକାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ପୂର୍ବରୁ ମା'ଙ୍କର ଚାନ୍ଦି ମୁକୁଟ ପ୍ରସ୍ତୁତ କରାଯାଇଥିବାବେଳେ ଚଳିତବର୍ଷ ହାର ସହ ଅନ୍ୟାନ୍ୟ ଚାନ୍ଦି ଗହଣା ମା'ଙ୍କ ମୂର୍ତ୍ତିରେ ଶୋଭା ପାଇବ। ଏଥିସହ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ କମିଟି ପକ୍ଷରୁ ଚାନ୍ଦି ଗହଣା ପ୍ରସ୍ତୁତ କରାଯାଇଛି। ୧୫ଲକ୍ଷ ଟଙ୍କାର ବଜେଟ୍ ସ୍ଥିର କରାଯାଇଥିବାବେଳେ ଇଲେକ୍ଟ୍ରୋନିକ୍ସ ଗେଟ୍ ପୂଜାର ଅନ୍ୟତମ ଆକର୍ଷଣ ହେବ। ଷଷ୍ଠୀ ଅବସରରେ ବିଲ୍ୱବରଣ କରାଯିବାକୁ ଥିବାବେଳେ ପରମ୍ପରା ଅନୁସାରେ ସପ୍ତମୀ ଦିନ ଗାଁ ପୋଖରୀରୁ ପାଣି ଉଠିବ ଓ ଘଟସ୍ଥାପନ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିବ।





"ମା'ଙ୍କ ଆବାହନଠାରୁ ବିସର୍ଜନ ପର୍ଯ୍ୟନ୍ତ କିପରି ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହ ସମ୍ପନ୍ନ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପୂଜା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ମନୋରଞ୍ଜନ କରିବ। ୩ଦିନ ମେଲୋଡ଼ି ସହ ଗୋଟିଏ ଦିନ ଭଜନ ସମାରୋହ ଆୟୋଜନ ହେବ।

**– ନୃସିଂହ ସୁନ୍ଦରାୟ, କମିଟି ସଭାପତି**



"ପ୍ରତିବର୍ଷ କିପରି ପୂର୍ବବର୍ଷଠାରୁ ଅଧିକ ଭଲ ଭାବେ ପୂଜା ଆୟୋଜନ କରାଯିବ, ସେଥିପ୍ରତି ଧ୍ୟାନ ଦେଉ। ଚଳିତବର୍ଷ ମଧ୍ୟ ମହାସମାରୋହରେ ପୂଜା ଉତ୍ସବ ଆୟୋଜନ କରାଯିବ ସେ ନେଇ ବ୍ୟବସ୍ଥା କରୁଛୁ। ମା'ଙ୍କ ଅଷ୍ଟମୀ ଭୋଗ ସହ ଦଶମୀରେ ସର୍ବସାଧାରଣଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଅଧିକ ଆଶଙ୍କା ରହିଛି। ତେଣୁ ପୋଲିସ୍ ପ୍ରଶାସନର ସହାୟତା ନିଆଯିବା ସହ କମିଟି ସଦସ୍ୟ ମଧ୍ୟ ଏଥିପ୍ରତି ଧ୍ୟାନ ଦେବେ।

**– ରଞ୍ଜନ ସୁନ୍ଦରାୟ, କମିଟି ସମ୍ପାଦକ**



"ପୂଜାରେ ଚଳିତବର୍ଷ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇବି। କାରିଗରମାନଙ୍କ ଠାରୁ ଆରମ୍ଭ କରି ସଦସ୍ୟମାନେ ସମସ୍ତେ ପୂଜା ପାଇଁ ଖୁବ୍ ଉତ୍ସାହର ସହ କାମ କରୁଛନ୍ତି। ମା'ଙ୍କ ଆଶିଷରେ ପୂଜା ଭଲରେ ଭଲରେ ସମ୍ପାଦନ ହେବ। ଲକ୍ଷାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କିପରି ସୁରୁଖୁରୁରେ କରିବେ ସେଥିଲାଗି ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି।

**–କୀର୍ତ୍ତି ଚନ୍ଦ୍ର ସ୍ୱାଇଁ, କର୍ତ୍ତା**



"୫ଦିନ ଧରି ମା'ଙ୍କ ପୂଜା ବିଧି ମୁତାବକ କରାଯିବା ସହ ଭସାଣି ଯାତ୍ରା ଖୁବ୍ ଧୁମଧାମ୍‌ରେ କରାଯିବ। ଆଇଗିଣିଆରୁ ନୟାପଲ୍ଲୀ ଓ ସେଠାରୁ ଏୟାରପୋର୍ଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ମା'ଙ୍କ ମେଢ଼ ଯିବା ପରେ କୁଆଖାଇରେ ବିସର୍ଜନ କରାଯିବ। ଆଲୋକମାଳାରେ ମଣ୍ଡପର ଆଖପାଖ ଅଞ୍ଚଳ ସଜାଯିବ।

**– ଟୁଲୁ ପ୍ରଧାନ, ସଦସ୍ୟ**

## ସଂକ୍ଷେପରେ

### ମାପ ଓଜନରେ ଠକେଇ ଅଭିଯୋଗ

ଟାଙ୍ଗୀ,୩।୧୦(ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ବଜାର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବିଭିନ୍ନ ସମୟରେ ମାପ ଓଜନରେ ଠକେଇ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ସେମାନଙ୍କର ମାପ ଓଜନ ବଟକରା ପୁରୁଣା ହୋଇଥିବାରୁ ଓଜନ କମ୍ ରହୁଛି। ଦୀର୍ଘବର୍ଷ ଧରି ନବୀକରଣ କରୁନାହାନ୍ତି। କମ୍ପ୍ୟୁଟର ମାପ ଓଜନ ଯନ୍ତ୍ର ବ୍ୟବହାର କରୁଥିବା ବ୍ୟବସାୟୀମାନେ ମଧ୍ୟ ଠକେଇ କରୁଥିବା ଅଭିଯୋଗ ହେଉଛି। ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀମାନେ ତଦାରଖ କରୁ ନ ଥିବାରୁ ଖାଉଟିମାନେ ଠକାମିର ଶିକାର ହେଉଛନ୍ତି। ରାସ୍ତାକଡ଼ ମାଛ, ମାଂସ, ପରିବା, ଫଳ, ଜଳଖିଆ ଦୋକାନରେ ଠକେଇ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବା ସହ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଚାରାଟିଏ ଲଗାଇ ଯତ୍ନ ନେବାକୁ ପରାମର୍ଶ

ବେଗୁନିଆ,୩।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର-କଣ୍ଟାମଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଯୋଗଦେଇ ଲିମ୍ବ ଚାରା ଲଗାଇ ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କିସମର ୫୦ଟି ଚାରାରୋପଣ କରାଯାଇଛି। ଗଛର ଉପକାରିତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚାରାଟିଏ ରୋପଣ କରି ତାର ଯତ୍ନ ନେବାକୁ ପିଲାମାନଙ୍କୁ ଲେଙ୍କା ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ତ୍ରିନାଥ ପରିଡାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସାମିଲ ହୋଇଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଜଟଣୀ,୩।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ମହାବୀର କଲୋନୀ ନିବାସୀ ରାମଚନ୍ଦ୍ର ବେହେରାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାମଚନ୍ଦ୍ର ଜଣେ ସାମାଜିକକର୍ମୀ, ମିଷ୍ଟଭାଷୀ, ଈଶ୍ୱରପ୍ରେମୀ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ଖବରପାଇ ସମାଜସେବୀ ଡ.ସନ୍ତୋଷ ଜେନା, ପୂର୍ବତନ ଜିଲାପରିଷଦ ବିନତି ଜେନା, ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼, ବିଜେଡି ସଙ୍ଗଠକ ଶିବପ୍ରସାଦ ମହାପାତ୍ର, ଓଡିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଜୟପ୍ରକାଶ ତ୍ରିବେଦୀ, ସଙ୍ଗଠକ ଜୟନ୍ତ ସାହୁ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବାରହରପାଟଣା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରତିକାନ୍ତ ବେହେରା ମୁଖାଗ୍ନି ଦେଇଥିଲେ।

# ଅବହେଳିତ ଅବସ୍ଥାରେ ନୀଳକଣ୍ଠେଶ୍ୱର ମନ୍ଦିର

ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)

- ଅନୁଦାନ ମିଳୁନି, ଦେବନୀତିରେ ବିଶୃଙ୍ଖଳା
- ସରକାର ହାତକୁ ନେବାକୁ ଟ୍ରଷ୍ଟବୋର୍ଡର ନିବେଦନ

ଖୋର୍ଦ୍ଧା ବ୍ଲକ ପୁରୁସାହିସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବ ମନ୍ଦିର ଅତି ପ୍ରାଚୀନ କୀର୍ତ୍ତିରାଜି। ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶୈବପୀଠ ଏବେ ଅବହେଳିତ ଅବସ୍ଥାରେ ରହିଛି। ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ଗଜପତି ଏ୩୨.୫୭୦ ଡିସିମିଲ ଜମି ଖଞ୍ଜା କରିଥିଲେ। ରାଜାଙ୍କ ଶାସନ ଏପରିକି ଇଂରେଜ ଶାସନ ସମୟରେ ମଧ୍ୟ ମନ୍ଦିରର ନୀତିକାନ୍ତିରେ କୌଣସି ବିଭ୍ରାଟ ଘଟି ନ ଥିଲା। ୧୯୭୪ ମସିହାରେ ମଧ୍ୟସ୍ୱତ୍ୱ ଉଚ୍ଛେଦ ଆଇନ ଦ୍ୱାରା ମନ୍ଦିରର ପ୍ରଜା ଦଖଲ ଓ ନିଷ୍କର ସେବା ପୂଜା ଏ୨୫୨.୨୦୦ ଡିସି ଜମିକୁ ସେମାନଙ୍କ ନାମରେ ସ୍ଥିତିବାନ ସ୍ୱତ୍ୱରେ ରେକର୍ଡଭୁକ୍ତ କରିଦେଲେ। ପୂର୍ବରୁ ପ୍ରଜାମାନଙ୍କଠାରୁ ଠାକୁରଙ୍କ ନୀତିକାନ୍ତି ଲାଗି ୨୦ବସ୍ତା ଧାନ ଆସୁଥିଲା। ସେଥିରେ ଠାକୁରଙ୍କ ନୀତିକାନ୍ତି ଚାଲୁଥିଲା ; ଯାହାକି ଆଜକୁ ୫୦ବର୍ଷ ହେବ ଆସିଲା ନାହିଁ। ପ୍ରଜା ନାମରେ ସ୍ଥିତିବାନ ଜମି ରେକର୍ଡ ଯୋଗୁ ଏବେ ମନ୍ଦିର ସେବା ପୂଜାରେ ଦୈନିକ ଦେବନୀତିରେ ଅସୁବିଧା ହେଉଛି। ଏପରିକି ସେବକମାନେ ଠାକୁରଙ୍କ ନୀତି ବନ୍ଦ କରି ଦେଉଛନ୍ତି। ଦେବନୀତି ଲାଗି ଟ୍ରଷ୍ଟ ବୋର୍ଡ କାକୁତିମିନତି ସତ୍ତ୍ୱେ କେହି ଶୁଣୁନାହାନ୍ତି। ଏପରିକି ଟ୍ରଷ୍ଟ ପକ୍ଷରୁ ଦେବନୀତି ସମ୍ପନ୍ନ କରାଯାଉଛି। ଦୈନିକ ମନ୍ଦିର ସେବା ପୂଜାରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ମନ୍ଦିର ଚଳାଇବା କଷ୍ଟକର ହୋଇପଡିଲାଣି। ତେଣୁ ମନ୍ଦିର ସେବା ପୂଜାରୁ ଟ୍ରଷ୍ଟ ବୋର୍ଡକୁ ଅବ୍ୟାହତ ଦେଇ ସରକାର ନିଜ ହାତକୁ ନେବାକୁ ନୀଳକଣ୍ଠେଶ୍ୱର ଦେବ ଟ୍ରଷ୍ଟ ବୋର୍ଡ ଓଡ଼ିଶା ମୁଖ୍ୟମନ୍ତ୍ରୀ, ହିନ୍ଦୁ ଓ ଦେବୋତ୍ତର କମିଶନର ଏବଂ ରାଜସ୍ୱ ବିଭାଗକୁ ଚିଠି ଲେଖି ଗୁହାରି ଜଣାଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ମଠ, ମନ୍ଦିର ବିକାଶ ଲାଗି ଗୁରୁତ୍ୱ ଦେଉଥିବା ବେଳେ ନୀଳକଣ୍ଠେଶ୍ୱର ଦେବ ମନ୍ଦିରର ଏଭଳି ସ୍ଥିତି ପାଇଁ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟନ୍ୟାସୀ ତ୍ରିଲୋଚନ ମହାପାତ୍ରଙ୍କ ଅଭିଯୋଗ ପ୍ରକାରେ, ଆଜକୁ ୫୦ବର୍ଷ ହେବ ମଧ୍ୟସ୍ୱତ୍ୱ ଉଚ୍ଛେଦ ହୋଇଛି। ସେହି ସମୟରେ ଓଡ଼ିଶା ସରକାରଙ୍କ ଓଏଲ୍ଆର୍ ଆକ୍ଟରେ ଭୂ-ସମ୍ପତ୍ତି ଉଚ୍ଛେଦ ହୋଇଥିବା ମନ୍ଦିରକୁ ବର୍ଷକୁ ଦୁଇ ଥର ସାଲିଆନା ବୃତ୍ତି ଦେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଆଜି ସୁଦ୍ଧା ଦିଆଯାଇନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ଶାସନ ସଚିବ, ରାଜସ୍ୱ ସଚିବଙ୍କ ସମେତ ହିନ୍ଦୁ ଓ ଦେବୋତ୍ତର ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସହଯୋଗ ମିଳୁନାହିଁ। ପ୍ରତିଶ୍ରୁତି ମିଳୁଛି ହେଲେ କେହି ସହଯୋଗ କରୁନାହାନ୍ତି। ମନ୍ଦିର ଆୟ କିଛି ନ ଥିବା ବେଳେ ସରକାରୀ ସହାୟତା ନ ମିଳିଲେ ମନ୍ଦିର କିପରି ଚାଲିବ ବୋଲି ପ୍ରଶ୍ନ କରିଛନ୍ତି। ଖୋର୍ଦ୍ଧା ଜିଲାର ଏକ ପ୍ରମୁଖ ଶୈବପୀଠ ହୋଇଥିବା ସତ୍ତ୍ୱେ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ମନ୍ଦିର ନିଜ ଅସ୍ତିତ୍ୱ ହଜାଇବାକୁ ବସିଛି। ଏପରି ଚାଲିଲେ, ମନ୍ଦିରରେ ଆଗକୁ ତାଲା ପଡିଯିବ। ବର୍ଷକୁ ଦେବଙ୍କ ବିଭିନ୍ନ ପର୍ବପର୍ବାଣି ରହିଛି। ଦୈନିକ ନୀତିକାନ୍ତି, ଦେବନୀତି ପାଇଁ ଅନୁଦାନ ମିଳିଲେ ମନ୍ଦିର ଚାଲିବା ସମ୍ଭବପର ନୁହେଁ। ସରକାର ଏଥିପାଇଁ ଅନୁଦାନ ଦିଅନ୍ତୁ କିମ୍ବା ମନ୍ଦିରକୁ ନିଜ ଅକ୍ତିଆରକୁ ନେଇ ମନ୍ଦିର ପରିଚାଳନାରୁ ବାଦ୍ ଦେବାକୁ ଅନୁରୋଧ କରିଛନ୍ତି ତ୍ରିଲୋଚନ। ସେ ଆହୁରି ଲେଖିଛନ୍ତି, ମନ୍ଦିର ସ୍ୱତ୍ୱାଧିକାରୀ ତଥା ଆନୁବଂଶୀକ ଟ୍ରଷ୍ଟିଙ୍କ ନିକଟରେ ଅବଶିଷ୍ଟ ଏ୧୦.୩୨୦ ଡିସି ଜମି ଥିଲେ ମଧ୍ୟ ଆମର କୌଣସି ମୌଳିକ ଅଧିକାର ନାହିଁ। ଜଣେ ସରକାରୀ କର୍ମଚାରୀ ଚାକିରି ଅବସର ନେବା ପରେ ଜୀବନସାରା ପେନ୍‌ସନ ପାଇଥାଏ। ତେବେ ଆମ୍ଭେ ବଂଶାନୁକ୍ରମଭାବେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟକୁ ଚଳାଇ ଆସୁଥିଲେ ହେଁ ମନ୍ଦିରର ବିକାଶ ପାଇଁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ।


ଖୋର୍ଦ୍ଧା: ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଦୁଇଟି ନୂତନ ଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅଧ୍ୟକ୍ଷା ଅଜନ୍ତା ଶତପଥୀ ଏବଂ ଅନ୍ୟମାନେ।

## ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେବେ ଅବସରପ୍ରାପ୍ତ ସୈନିକ

ନିରାକାରପୁର,୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ )

ସେନାରେ ଯୋଗଦେବା ପାଇଁ ଖୋର୍ଦ୍ଧା ଜିଲା ଜଙ୍କିଆ ଓ ଏହାର ଆଖପାଖ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ଦେବେ ଅବସରପ୍ରାପ୍ତ ସେନା କର୍ମଚାରୀ। ଗାନ୍ଧୀ ଜୟନ୍ତୀ ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନେଇ ଗଠିତ ହୋଇଥିବା 'କଳିଙ୍ଗ ଭେଟେରାନ ଆସୋସିଏଶନ' ପକ୍ଷରୁ ଏହା କୁହାଯାଇଛି। ଯୁବତୀଯୁବକମାନେ କିଭଳି ପ୍ରଶିକ୍ଷଣ ମାଧ୍ୟମରେ ସୈନ୍ୟବାହିନୀରେ ଭର୍ତ୍ତିହେବା ଲାଗି ଯୋଗ୍ୟ ବିବେଚିତ ହେବେ ସେ ବ୍ୟବସ୍ଥା ଆସୋସିଏଶନ ପକ୍ଷରୁ କରାଯିବ ବୋଲି ଭେଟେରାନ ଆସୋସିଏଶନର ସଭାପତି ଅବସରପ୍ରାପ୍ତ ସୁବେଦାର ମେଜର ବିଜୟ କୁମାର ବଳିୟାରସିଂ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆସୋସିଏଶନର ସଦସ୍ୟମାନେ ସ୍ଥାନୀୟ ମେଡିକାଲ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏଥିସହ ଆସୋସିଏଶନ ମଧ୍ୟ ଶହୀଦଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇବ ବୋଲି ମତପ୍ରକାଶ ପାଇଥିଲା। ଅଞ୍ଚଳରେ ଚାରା ରୋପଣ, ରକ୍ତଦାନ ଶିବିରଠାରୁ ଆରମ୍ଭକରି ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ ଚମ୍ପତି ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ କଳିଙ୍ଗ ଭେଟେରାନ ଆସୋସିଏଶନ କର୍ମକର୍ତ୍ତା ଏବଂ ଅନ୍ୟମାନେ।


ଲଘୁଚାପଜନିତ ବର୍ଷା ଯୋଗୁ ମଙ୍ଗଳବାର ଜଟଣୀ ପୌରାଞ୍ଚଳ ୮ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତାରେ ପାଣି ଜମି ରହିଛି। (ଫଟୋ- ରବୀନ୍ଦ୍ର ନାଥ ମହାକୁଡ଼)

## ମଦ ସହ ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ,୩।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ବିଭାଗ ମଙ୍ଗଳବାର ବାଣପୁର ଥାନା ଅଧୀନ ବାଲେଡ଼ି ଗ୍ରାମର କେନାଲ ରୋଡଠାରେ ଚଢ଼ାଉ କରି ୧୪୦ ଲିଟର ଦେଶୀ ମହୁଲି ମଦ ସହ ଏକ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ କୋଶରଡ଼ା ଗ୍ରାମର ରଞ୍ଜିତ୍ ଶବର। ଅବକାରୀ ବିଭାଗରେ ଏକ ମାମଲା(ନଂ.୧୧୯/୨୩) ରୁଜୁପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବେଆଇନ ଭାବେ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ଅଧିକାରୀ ମନୋଜ କୁମାର ପ୍ରଧାନ ମଙ୍ଗଳବାର ସକାଳେ ଏକ ଟିମ୍ ସହ ବାଲେଡି କେନାଲ ରୋଡରେ ଜଗି ରହିଥିଲେ। ଏହି ସମୟରେ ରଞ୍ଜିତ ଏକ ବାଇକରେ ଚୋରା ମଦ ନେଇ ଯାଉଥିବା ବେଳେ ତାଙ୍କୁ ଅଟକାଇବା ସହ ମଦ ଜବତ କରିଥିଲେ।

## ବାପୁଜୀଙ୍କ ନୀତି, ଆଦର୍ଶକୁ ଅନୁସରଣ କର

ବେଗୁନିଆ(ହର ପ୍ରସନ୍ନ ପଣ୍ଡା)/ ଜଟଣୀ (ରବୀନ୍ଦ୍ର ନାଥ ମହାକୁଡ଼),୩।୧୦

ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ସୋମବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ କଲେଜ ପରିସରରେ ଅଧକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ରୋଭର ରେଞ୍ଜର ବିଭାଗ ପକ୍ଷରୁ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀ ଅଧ୍ୟାପକ ନବକିଶୋର ବିଶୋୟୀଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବାପୁଜୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତ୍ୟାଧୁନିକ ଯୁଗରେ ମଧ୍ୟ ଗାନ୍ଧୀଙ୍କ ସ୍ମୃତି ଲୋଡା ପଡୁଛି। ଗାନ୍ଧୀଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ଜାତିର ଟେକ ରଖ ବୋଲି ଅଧ୍ୟାପକ ବିଶୋୟୀ ପରାମର୍ଶ ଦେଇଥିଲେ। ଜଟଣୀର ବିଭିନ୍ନ ଅଞ୍ଚଳରେ ମଧ୍ୟ ମହାତ୍ମା ଗାନ୍ଧୀ ଓ ଲାଲବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ଯୁଥ୍ ଫେଡେରେଶନ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଅନୁଷ୍ଠାନର ସଦସ୍ୟ ଏବଂ ସ୍ଥାନୀୟ ପ୍ରୟାସ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଞ୍ଚଳରେ ସଫେଇ କରିଥିଲେ। ସେହିପରି ଜଟଣୀ ବିକାଶ ପରିଷଦ ପକ୍ଷରୁ ସଙ୍ଗଠନର ସଭାପତି ବିଜୟ କୁମାର ଛୋଟରାୟଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀନଗରଠାରୁ ଟାଉନ ହାଲ(ସ୍ରଷ୍ଟା) ନିକଟ ଗାନ୍ଧୀ ଉଦ୍ୟାନ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ସଙ୍ଗଠନ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, ବିଜୟ ପଣ୍ଡା, ସୁଶାନ୍ତ ରାଉତ, ଉପସଭାପତି ସୁରେନ୍ଦ୍ର ସାହୁ, ଶଶାଙ୍କ ଶେଖର ରାୟ, ବିଷ୍ଣୁ ସାହୁ, ପ୍ରଶାନ୍ତ ମିଶ୍ର, ମନୋଜ ସ୍ୱାଇଁ, ଏନ୍.ସୀତା, ସୁଶାନ୍ତଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଖିଲା ଖାଦ୍ୟ ରୋଗୀଙ୍କୁ ବଣ୍ଟନ କରିଥିଲେ। ସେହିପରି ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟଙ୍କ ନେତୃତ୍ୱରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱଚ୍ଛତା ପାଇଁ ଶପଥ ନେଇଥିଲେ। ସେହିପରି ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀ ସଂଘ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ଶାଖା ପକ୍ଷରୁ ସଙ୍ଗଠନର ସଭାପତି ଭୈରବ ସାମଲଙ୍କ ସଭାପତିତ୍ୱରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଙ୍ଗଠନର ସଦସ୍ୟମାନେ ସ୍ଥାନୀୟ ରେଲୱେ ଅଞ୍ଚଳରେ ଶାଖା ସଙ୍ଗଠନ ସମ୍ପାଦକ ସୂର୍ଯ୍ୟନାରାୟଣ ପଢ଼ିଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଉଲ୍ଲାସ ଚନ୍ଦ୍ର ଜେନା, ସୌଦାଗର ମହାନ୍ତି, ପି.କେ.ଦେଓ, ଆର୍.ଏନ୍. ମହାନ୍ତି, ପ୍ରଦୀପ ପଟ୍ଟନାୟକ, ପ୍ରଣତି ସ୍ୱାଇଁ, ଜୟନ୍ତୀ ମହାରଣା, ପୀତବାସ ସାହୁ, ଅରୁଣ ମହାନ୍ତି, ସେକ୍. ଫରିଦ, ବଟକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ରବି ଦାସ ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବୋଲଗଡ଼,୩।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୈତାରୀ ଚମ୍ପତିରାୟଙ୍କ ସହଧର୍ମିଣୀ ଶଶୀ ଦେଈଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ମେଳାପି, ନିଷ୍କପଟ ମହିଳା ଥିଲେ। ତାଙ୍କ ମରଶରୀର ଗ୍ରାମ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ପ୍ରଫୁଲ୍ଲ ଚମ୍ପତିରାୟ ମୁଖାଗ୍ନି ଦେଇଥିଲେ। ପ୍ରମୋଦ, ପ୍ରସନ୍ନ, ପ୍ରଭାତ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଭାଜପାର ପଞ୍ଚାୟତ ସ୍ତରୀୟ ସୁପର-୨୫ ବୈଠକ

ଟାଙ୍ଗୀ,୩।୧୦(ରଘୁନାଥ ସାହୁ)

ଭାରତୀୟ ଜନତା ପାର୍ଟି (ଭାଜପା)ର ପଞ୍ଚାୟତ ସ୍ତରୀୟ ସୁପର-୫ ବୈଠକ ଟାଙ୍ଗୀ ରତ୍ନମାଳି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବୁଥ୍‌ରେ ୨୫ ଜଣ ଲେଖାଏ କର୍ମୀଙ୍କୁ ନେଇ ସୁପର-୨୫ ଗଠନ କରାଯାଇଛି। ପଞ୍ଚାୟତର ୧୧ଟି ବୁଥ୍ ଓ ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ସହ ପ୍ରତି ବୁଥ୍‌ସ୍ତରରେ ଜନସାଧାରଣଙ୍କ ସହିତ ସୁସମ୍ପର୍କ ରଖି କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନା ସମ୍ପର୍କରେ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ଜିଲା ସମ୍ପାଦକ ବିଦ୍ୟୁତ୍ କାଣ୍ଡି, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ଗଙ୍ଗାଧର ବେହେରା, ସ୍ୱର୍ଣ୍ଣଲତା ବେହେରା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧିଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ସାମିଲ ଥିଲେ।


ବୈଠକରେ ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଏବଂ ଅନ୍ୟମାନେ।

## ୮୮ ଦଳକୁ ମିଳିଲା କ୍ରୀଡ଼ା ଉପକରଣ


ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ବୋଲଗଡ଼,୩।୧୦(ଦେବବ୍ରତ ହୋତା)

ସ୍ଥାନୀୟ ନନ୍ଦିଘୋଷ ପ୍ରେକ୍ଷାଳୟରେ ମଙ୍ଗଳବାର ସାଂସଦ କ୍ରୀଡ଼ା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୮୮ଟି ଦଳକୁ ବିଭିନ୍ନ କ୍ରୀଡ଼ା ଉପକରଣ ପ୍ରଦାନ କରିଥିଲେ। ବୋଲଗଡ଼ ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ବିଜୁଳି, ପ୍ରଭାରୀ ମାନସ ମହାନ୍ତି, ଭାଜପା ଜିଲା ସମ୍ପାଦକ ଇଂ.କର୍ପୂର ସାହୁ, ଜିଲା ଓବିସି ସେଲ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ବଟକୃଷ୍ଣ ସାହୁ, ପୂର୍ବତନ ସରପଞ୍ଚ ଦେବରାଜ ପଲେଇ, ବନ୍ଧୁ କୁମାର ଭୋଳ, ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସାଂସଦ ପାଣ୍ଠିରୁ ପ୍ରଦତ୍ତ ହୋଇଥିବା ଏହି କ୍ରୀଡା ସାମଗ୍ରୀ ପାଇଁ ପୂର୍ବରୁ ଆବେଦନ କରିଥିବା ବ୍ଲକର ତିନୋଟି ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଗ୍ରାମର କ୍ରୀଡା ଦଳ ମଧ୍ୟରୁ ୮୮ଟି ଦଳକୁ କ୍ରିକେଟ, ଫୁଟ୍‌ବଲ ଓ ଭଲିବଲ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଶତାଧିକ ଯୁବ କ୍ରୀଡ଼ାବିତ୍‌ମାନେ ଯୋଗଦେଇଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍ଆଇ ଲିଲି ପାଢ଼ୀଙ୍କ ସହ ପୋଲିସ ଟିମ୍ ଉପସ୍ଥିତ ଥିଲେ। ଜିଲା ଓବିସି ସେଲ ସାଧାରଣ ସମ୍ପାଦକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପ୍ରସ୍ତାବିତ ପାଇକ ସ୍ମାରକୀ କାମ ଆଗଉନି

ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)

**ଶିଳାନ୍ୟାସକୁ ୪ବର୍ଷ ୯ମାସ ବିତିଲା**

- ଶ୍ରେୟ ରାଜନୀତିରେ ପାଇକ ସ୍ମାରକୀ
- ନିର୍ମାଣ ହୋଇନି ପାଚେରି

ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେମାନଙ୍କ ତ୍ୟାଗ, ବଳିଦାନ ସର୍ବଦା ସ୍ମରଣୀୟ ହୋଇରହିବ। ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସକୁ ୪ବର୍ଷ ୯ମାସ ବିତିଲାଣି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରସ୍ତାବିତ ନିର୍ମାଣ ସ୍ଥାନରେ ଖଣ୍ଡେ ଇଟା ମଧ୍ୟ ପଡିନାହିଁ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଏବଂ ପରେ ଜମି ହସ୍ତାନ୍ତରକୁ ନେଇ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଲାଗି ରହିଥିବା ବିବାଦ ତୁଟୁଛି। ଏବେ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ସମ୍ପ୍ରସାରଣ ଚାଲିଛି। ତେବେ ପ୍ରସ୍ତାବିତ ଜମିରେ ରହିଥିବା ୧୩୩/୧୧ କେଭି ବିଦ୍ୟୁତ୍ ତାର ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଗଛ ସମ୍ପ୍ରସାରଣ ଚାଲିଥିବାରୁ ସ୍ମାରକୀ ସ୍ଥଳ ପାଚେରି ନିର୍ମାଣ ହୋଇପାରୁନାହିଁ। ନିକଟରେ ବକ୍ସିଙ୍କ ୨୭୯ ଜନ୍ମ ଜୟନ୍ତୀ ଉତ୍ସବରେ ଯୋଗଦାନ ପାଇଁ ଆସିଥିବା ବକ୍ସିଙ୍କ ଦାୟାଦ ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଥିଲେ।

୨୦୨୨ ଜୁଲାଇ ୧୯ରେ ରାଜ୍ୟ ସରକାର ଜମିର ଫ୍ରି ପ୍ରିମିୟମ ଯୋଗାଇ ଦେଇଛନ୍ତି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମେଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨ହଜାର ୯୩୪ ଟଙ୍କା ରାଜସ୍ୱ ଦେୟ ବାବଦକୁ ଛାଡ କରିଛନ୍ତି। ୨୦୨୨ ସେପ୍ଟେମ୍ବର ଏବଂ ଚଳିତ ଅଗଷ୍ଟ ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ବରୁଣେଇ ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ବୁଲି ଦେଖିଥିଲେ। ଜିଲା ପ୍ରଶାସନ ସହ ପ୍ରସ୍ତାବିତ ଜମିର ଷ୍ଟାଟସ ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ।

ଗଛ ଓ ବିଦ୍ୟୁତ୍ ଖୁଣ୍ଟ ସମ୍ପ୍ରସାରଣରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ବେଳେ ପ୍ରସ୍ତାବିତ ଜମି ମୁକ୍ତ ଡମ୍ପିୟାର୍ଡ ପାଲଟିଛି। ଚାରିଆଡେ ଅନାବନା ଗଛଲତା ମାଡିଗଲାଣି। ତେବେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଶ୍ରେୟ ରାଜନୀତିରେ ସ୍ମାରକୀ ନିର୍ମାଣରେ ବିଳମ୍ବ ଘଟୁଛି ଚର୍ଚ୍ଚା ହେଉଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି।

ଏ ସମ୍ପର୍କରେ ଐତିହାସିକ ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧା ବୀରତ୍ୱର ମାଟି। ପାଇକ ବୀରମାନେ ନିଜ ମାଟିର ସମ୍ମାନ ଲାଗି ଇଂରେଜ ସରକାରଙ୍କ ବିରୋଧ ସଶସ୍ତ୍ର ସଂଗ୍ରାମ କରିଥିଲେ। ହେବାକୁଥିବା ପାଇକ ସ୍ମାରକୀ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ। ଦେଶ ବିଦେଶର ପର୍ଯ୍ୟଟକମାନେ ଏହି ସ୍ଥାନର ଗୌରବକୁ ଉପଲବ୍ଧ କରିପାରିବେ। ପାଇକ ସ୍ମାରକୀ ସ୍ୱାଭିମାନୀ ପାଇକଙ୍କ ବୀରତ୍ୱର ଗାଥାର ପ୍ରତୀକ ସାଜିବ, ଯାହା ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ। ସେହିପରି ସାମାଜିକ କର୍ମୀ ପ୍ରଭାତ ବଳିୟାରସିଂ କୁହନ୍ତି, ପାଇକ ସ୍ମାରକୀ ନିର୍ମାଣ ଲାଗି ସେହି ସମୟରେ କେନ୍ଦ୍ରୀୟ ତୈଳ ନିଗମ ପକ୍ଷରୁ ୨ଶହ କୋଟି ଯୋଗାଇ ଦିଆଯିବ ବୋଲି ଘୋଷଣା ହୋଇଥିଲା। ଏହି ସ୍ମାରକୀ ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ କିଭଳି ଆନ୍ତରିକତା ଅଭାବ ରହିଛି, ତାହା ସ୍ପଷ୍ଟ ବାରିହୋଇପଡୁଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ୨୦୧୭ ଜୁଲାଇ ୧୮ରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଥିଲେ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ସେହିବର୍ଷ ଜୁଲାଇ ୨୦ରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବ ନୂଆଦିଲୀରେ ପାଳିତ ହୋଇଥିଲା। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏହାର ଉଦ୍‌ଘାଟନ କରିଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଦାବିକୁ ଦୋହରାଇବା ସହ କେନ୍ଦ୍ର ସରକାର ଏହି ଦାବିକୁ କାର୍ଯ୍ୟକାରୀ ଲାଗି ଅନୁରୋଧ କରିଥିଲେ। ସେହିପରି ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ କହିଛନ୍ତି, ୨୦୧୭ ଅକ୍ଟୋବର ୨୩ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡକର ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ଇତିହାସରେ ପାଇକ ବିଦ୍ରୋହକୁ ଉପଯୁକ୍ତ ସ୍ଥାନ ଦିଆଯିବ ବୋଲି ଘୋଷଣା କରିଥିଲେ। ତେବେ ପରବର୍ତ୍ତୀ ସମୟରେ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶାର ସ୍ୱାଭିମାନ ପ୍ରତି କୁଠାରାଘାତ କରିଛନ୍ତି। ଏନେଇ ଗତବର୍ଷ ବିଧାନସଭାରେ ଏଥିଲାଗି ଶ୍ୱେତପତ୍ର ଜାରି କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୪ ଅକ୍ଟୋବର, ୨୦୨୩



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧୦।୨୦୨୩

| | |
|---|---|
| ୪,୪୬,୬୫୫ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୭୭.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଶିକ୍ଷା ସହିତ ନୃତ୍ୟ, ଗୀତର ଆବଶ୍ୟକତା ରହିଛି

ଗୋପ,୩।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ପାଠପଢ଼ା ବ୍ୟତୀତ ନୃତ୍ୟ, ଗୀତ ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଥମତଃ ଶୃଙ୍ଖଳିତ ହେବା ଆବଶ୍ୟକ। ସରକାର ଏଥିପାଇଁ ଛାତ୍ରୀଛାତ୍ରଙ୍କ ଲାଗି ଏପରି ଏକ ସୁରଭି କାର୍ଯ୍ୟକ୍ରମ କରିବା ନିତାନ୍ତ ଆବଶ୍ୟକତା ରହିଛି। ଗୋପ ବ୍ଲକ ଅଧୀନ ନୟାହାଟସ୍ଥିତ ଶିଙ୍ଗ ପାନିଆ ଆଦର୍ଶ ନୋଡାଲ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମା ଯୋଗଦେଇ ଏହା କହିଛନ୍ତି। ବରିଷ୍ଠ ଶିକ୍ଷକ ସରୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ଅଧୀନରେ ଥିବା ୧୧ ଗୋଟି ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇ ନୃତ୍ୟ, ଗୀତ, ବକ୍ତୃତା, ହସ୍ତଲିଖନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ୪୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ବିକର୍ତ୍ତନ ଦୀକ୍ଷିତ ପରିଚାଳନା କରିଥିଲେ।

### ଜିଲା ଟୁରିଷ୍ଟ ଗାଇଡ୍ ସଂଘର କର୍ମକର୍ତ୍ତା ନିର୍ବାଚନ

ପୁରୀ ୩।୧୦(ଅଜିତ୍ ମହାନ୍ତି):

ସ୍ଥାନୀୟ ଅର୍ବାନହାଟ ଠାରେ ପୁରୀ ଜିଲା ଟୁରିଷ୍ଟ ଗାଇଡ୍ ସଂଘର ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଖାପାଖି ଦୁଇଶହ କର୍ମକର୍ତ୍ତା ଯୋଗଦାନ କରିଥିଲେ। ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ସଭାପତି ଭାବେ ଯୁବନେତା ଶୁଭାଶିଷ ଖୁଣ୍ଟିଆ ଓ ସାଧାରଣ ସଂପାଦକ ଭାବେ ଅକ୍ଷୟ କୁମାର ବ୍ରହ୍ମାଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ବିଭୂତି ଭୂଷଣ ପ୍ରଧାନ, ସହ ସଂପାଦକ ନୀଳକଣ୍ଠ ପ୍ରଧାନ, କୋଷାଧ୍ୟକ୍ଷ କ୍ଷୀରୋଦ ସାହୁ ଏବଂ କାର୍ତ୍ତିକ କୁମାର ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଭବାନୀ ଶଙ୍କର ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ଚନ୍ଦନ ମହାନ୍ତି, ଗଙ୍ଗାଧର ପରିଡ଼ା, ବଳଭଦ୍ର ନନ୍ଦ, ରାକେଶ କୁମାର ବେହେରା, ସୁମନ୍ତ ପ୍ରଧାନ, ସଞ୍ଜୟ କୁମାର ସ୍ୱାଇଁ, ଶୁଭଙ୍କର ମିଶ୍ର, ଭାଗିରଥି ମହାପାତ୍ର, କମଳ ମହାନ୍ତି, ବିଶ୍ୱଜିତ୍ ମହାରଣା, ହରିହର ମହାନ୍ତି, ମାନସ ରଞ୍ଜନ ଦେଓ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସଂଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ବସ୍ତିଆ ଓ ସାମାଜିକ କର୍ମୀ ଚକ୍ରଧର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ସଂଗଠକ ସବ୍ୟସାଚୀ ରଥ ନିର୍ବାଚନ ପରିଚାଳନା କରିଥିଲେ ।

### ପ୍ରଦୀପ ମହାରଥୀଙ୍କ ଶ୍ରାଦ୍ଧୋତ୍ସବ

ପୁରୀ ୩।୧୦(ଅଜିତ୍ ମହାନ୍ତି):

ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭା କାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ସ୍ମୃତିଚାରଣ କରାଯାଇଥିଲା। ବିପିନ ବିହାରୀ ଦଳାଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ପ୍ରସନ୍ନ କୁମାର ମିଶ୍ର, ବୀରେନ୍ଦ୍ର କୁମାର ମହାନ୍ତି, ମାଧବ ଶ୍ରୀଚନ୍ଦନ, ଶ୍ୟାମ ପ୍ରକାଶ ସେନାପତି, ଜୟରାମ ବସ୍ତିଆ, ଅଶୋକ ମହାନ୍ତି, ସୁନୀଲ ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ତୋଫାନ ମହାରଣା, ମୀନତି ପଟ୍ଟନାୟକ, ହେମାଙ୍ଗିନୀ ମହାନ୍ତି, ସବିତା ମହାପାତ୍ର ପ୍ରମୁଖ ଯୋଗଦାନ କରି ମହାରଥୀଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି ସଂସଦର ଆବାହକ ଭାଗୀରଥି ଖୁଣ୍ଟିଆ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଜାନୁୟାରୀ ୩ ସୁଦ୍ଧା ଚାରିଦ୍ୱାର ନଖୋଲିଲେ ଆନ୍ଦୋଳନ

ପୁରୀ, ୩।୧୦ (ଅଜିତ୍ ମହାନ୍ତି):

ସେବାୟତଙ୍କଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ବହୁ ସମୟରେ ଦାବି ଓ ବିକ୍ଷୋଭ ପ୍ରଦର୍ଶନ ହୋଇଆସୁଛି। ତେବେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପରିଚାଳନା କମିଟି ଓ ଅନ୍ୟମାନଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ପରିକ୍ରମା କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବା ଏବଂ ପ୍ରଶାସନ ଜାଣିଶୁଣି ଭକ୍ତମାନଙ୍କ ପାଇଁ ଚାରିଦ୍ୱାର ଖୋଲୁନଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅକ୍ଟୋବର ୩ ତାରିଖରେ ଶାନ୍ତିପୂର୍ଣ୍ଣ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ଜିଲା ପ୍ରଶାସନ ଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଶ୍ରୀଗନ୍ନାଥ ସେନା ଆନ୍ଦୋଳନକୁ ସ୍ଥଗିତ ରଖିଛି। ମଙ୍ଗଳବାର ଆଇନଜୀବୀ କମିଟିର କିଛି



ବୁଲି ଦେଖୁଛନ୍ତି ଆଇନଜୀବୀ ।

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ ସମୀକ୍ଷା

ସଦସ୍ୟ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ କରି ଦୁଇମାସରେ ଶେଷ କରିବା ପାଇଁ ସରକାରଙ୍କୁ ଡେଡ୍‌ଲାଇନ୍ ଦେଇଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ସୁବିଧା ପାଇଁ ଭିତ୍ତିଭୂମି ସଜାଡ଼ିବାକୁ ଆଉ ଗୋଟିଏ ମାସ ବୃଦ୍ଧି କରାଯାଇଛି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଅର୍ଥାତ ଜାନୁୟାରୀ ୩ ସୁଦ୍ଧା ଚାରିଦ୍ୱାର ନ ଖୋଲିଲେ ପୁନର୍ବାର ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।



ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଙ୍ଗଳାବାର ସାଇବର ସୁରକ୍ଷା ମାସ୍କଟ ଜରିଆରେ ସାଇବର ଅପରାଧ ସମ୍ପର୍କରେ ସଚେତନତା କରାଯାଉଛି ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ପୁରୀ, ୩।୧୦ (ଅଜିତ୍ ମହାନ୍ତି):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ପୁରୀ ସଦର ଅନ୍ତର୍ଗତ ତଳଜଙ୍ଗ ଗ୍ରାମପଞ୍ଚାୟତ ଠାରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜନ ସମ୍ପର୍କ ପଦଯାତ୍ରା ତଳଜଙ୍ଗର କାଠପୋଲ, ଅପନ୍ତରା ସାହି, ନଈକୂଳ ସାହି, ଗାଦି ସାହି, ଡିହ ସାହି, ମଳିକ ସାହି ଦେଇ ଦୋଳ ବେଦୀ ଠାରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତଳଜଙ୍ଗ ପଞ୍ଚାୟତର ସଭାପତି ଚକ୍ରଧର ରାଉତ, ଅଧିକାରୀ ଚନ୍ଦ୍ରଶେଖର ପରିଡା, ଗୋବିନ୍ଦ ନାୟକ, ବାବୁଲି ସ୍ୱାଇଁ ପ୍ରମୁଖ ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ରବି ନାରାୟଣ ସାମନ୍ତରାୟ, ପୁରୀ ଜିଲା କ୍ରୀଡା ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୁରୀ ସଦର ସାଂସଦ ପ୍ରତିନିଧି ପ୍ରଭାତ ପୃଷ୍ଟି, ବାସୁଦେବପୁର ସମିତି ସଭ୍ୟ ଅରୁଣ ମିଶ୍ର, ବାଲିପୁଟ ପଞ୍ଚାୟତର ବାବାଜୀ ଫାରକ ଓଡିଶା ମୋ ପରିବାର ଜିଲା ସହ ସଂଯୋଜକ ଭଗବାନ ପ୍ରତିହାରୀ, ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# 'ସ୍ୱନ୍ଦନ'ର ଉପକୂଳ ସଫେଇ କାର୍ଯ୍ୟକ୍ରମ



ପୁରୀ ମ୍ୟୁନିସିପାଲିଟି ଏବଂ ଏଚ୍‌ସିଏଲ୍ ଫାଉଣ୍ଡେଶନ ମିଳିତଭାବେ ଉପକୂଳ ସଫେଇ କରାଯାଇଛି ।

ପୁରୀ, ୩।୧୦(ଅଜିତ୍ ମହାନ୍ତି):

ପୁରୀ ମ୍ୟୁନିସିପାଲିଟି ଏବଂ ଏଚ୍‌ସିଏଲ୍ ଫାଉଣ୍ଡେଶନ ମିଳିତ ଭାବେ 'ସ୍ୱନ୍ଦନ' ଦ୍ୱାରା ଉପକୂଳ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପେଣ୍ଠକଟାର ଯୁବ ସ୍ୱେଚ୍ଛାସେବୀମାନଙ୍କ ସହିତ ମହିଳା ଫେଡେରେସନ୍ ଅଫ୍ ପୁରୀର ୧୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ପୁରୀ ମ୍ୟୁନିସିପାଲିଟି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ଏବଂ 'ସ୍ୱନ୍ଦନ' ଅଧ୍ୟକ୍ଷା ବର୍ଷାରାଣୀ ମିଶ୍ର ସ୍ୱଚ୍ଛତା ଉପରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ପରିମଳ ବିଶେଷଜ୍ଞ ବିଷ୍ଣୁପ୍ରସାଦ ମିଶ୍ର, ସଂଯୋଜକ ଗାରିମା ରାମଚନ୍ଦ୍ର ସାମଲ, ସାନିଟେଶନ ମନିଟର ଗଣେଶ ସିଂ ଏବଂ ଆସିଷ୍ଟାଣ୍ଟ ସାନିଟେଶନ ମନିଟର ହୃଷୀକେଶ ଜେନା ଉପସ୍ଥିତ ଥିଲେ। ସେହିପରି 'ସ୍ୱନ୍ଦନ'ର ଦୁର୍ଗା ଦେ, ସାଇନା ଘୋଷ, ସୁଗୁନା, ରାଜଲକ୍ଷ୍ମୀ, ଅଭିଜିତ୍, ହୃଦାନନ୍ଦ, ରାଜବୀର ଏବଂ ଅମିୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧ କିଲୋମିଟର ବ୍ୟାପୀ ସମୁଦ୍ର କୂଳ ସଫା କରାଯାଇଥିଲା ଏବଂ ୧୦ କୁଇଣ୍ଟାଲ ଆବର୍ଜନା ସଂଗ୍ରହ କରାଯାଇଥିଲା।

# ଉଦ୍ୟୋଗୀ ପରାମର୍ଶ ଶିବିର

ପୁରୀ/ଅସ୍ତରଙ୍ଗ, ୩।୧୦
(ଅଜିତ୍ ମହାନ୍ତି/ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ):

ରାଜ୍ୟ ସରକାରଙ୍କ ଆତ୍ମନିଯୁକ୍ତି ତଥା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ସ୍ୱକଳ୍ପ ଅଧୀନରେ ବିଭିନ୍ନ ସ୍ଥାନରେ ଉଦ୍ୟୋଗୀ ପରାମର୍ଶ ଶିବିର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପତିଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ସ୍ୱକଳ୍ପ ଅଧୀନରେ ଉଦ୍ୟୋଗୀ ଦକ୍ଷତା ବିକାଶ ତାଲିମ ନେଇଥିବା ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର ବ୍ୟବସାୟ ସ୍ଥାପନା ଲାଗି ଆବଶ୍ୟକ ସହାୟତା ଦିଆଯାଇଥିଲା। ସେଠାରେ ସେମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବ୍ୟବସାୟ ସ୍ଥାପନା ଲାଗି ପ୍ରାର୍ଥୀମାନଙ୍କର ଆବଶ୍ୟକ ହେଉଥିବା ଉଦ୍ୟମ ଆଧାର ମଧ୍ୟ ପଞ୍ଜୀକରଣ କରାଯାଇଥିଲା। ଉଦ୍ୟୋଗୀ ପରାମର୍ଶ ଶିବିରରେ ବିଭିନ୍ନ ବ୍ୟାଙ୍କ ଅଧିକାରୀଙ୍କ ସହ ବଜାର ବିଶେଷଜ୍ଞ ଏବଂ ପ୍ରମୁଖ ଅଂଶୀଦାରମାନେ ଯୋଗଦେଇଥିଲେ। ଏହି ଅବସରରେ ୧୬ରୁ ଅଧିକ ପ୍ରାର୍ଥୀ ନିଜର ବ୍ୟବସାୟ ସ୍ଥାପନା ଲାଗି ବ୍ୟାଙ୍କ ଋଣ ଆବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ସାଧନ ଅଧିକାରୀ ସଞ୍ଜିତ ମହାନ୍ତି, ବିଶ୍ୱ ଦକ୍ଷତା କେନ୍ଦ୍ରର ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ମୋହନ ସାହୁ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅସ୍ତରଙ୍ଗ ଶାଖାର ପ୍ରବନ୍ଧକ ସମୀର କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ପାଲାଡିୟମ ଇଣ୍ଡିଆର କମ୍ୟୁନିକେଶନ ମ୍ୟାନେଜର ପାରୁଲ ଶର୍ମା, ସହଯୋଗୀ ନିର୍ଦ୍ଦେଶକ ସୌମେନ୍ଦ୍ର ଚୌଧୁରୀ, ପ୍ରକଳ୍ପ ସଂଯୋଜକ ରାଜକୁମାର ନାୟକ, ହମାରା ବଚପନ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅର୍ପିତା ପଟ୍ଟନାୟକ, ଓମଫେଡ୍ ପୁରୀ ଜିଲାର ମାର୍କେଟିଂ ସୁପରିଣ୍ଟେଣ୍ଡେଣ୍ଟ ଜଗଦୀଶ ମଲ୍ଲିକ, ୟୁକୋ ବ୍ୟାଙ୍କ ଅସ୍ତରଙ୍ଗ ଶାଖାର ବ୍ୟାଙ୍କ ମିତ୍ର ସ୍ୱୟମତାରା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଯୁବତୀଙ୍କୁ ବଳାତ୍କାର କଲେ ଧରମ ବାପା

ନିମାପଡ଼,୩।୧୦(ବିଚିତ୍ରାନନ୍ଦ ସାହୁ)

ଧରମ ବାପାର ପରିଚୟ ଦେଇ ଜଣେ ୨୭ ବର୍ଷୀୟା ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇ ୫୦ବର୍ଷୀୟ ବ୍ୟକ୍ତି ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତା ମହିଳା ନିମାପଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଆଇପିସି ଦଫା ୩୭୬(୨), ୫୦୬ରେ ଏକ ମାମଲା(ନଂ.୩୪୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବଳାତ୍କାରୀ ବ୍ୟକ୍ତି ଜଣକ ଅବସରପ୍ରାପ୍ତ କର୍ମଚାରୀ ଏବଂ ତାଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଅଭିଯୋଗରୁ ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, କଟକ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ଏକ ଅପରାଧ ମାମଲାରେ ନିମାପଡ଼ା ଜେଲରେ ଥିଲେ। ସ୍ୱାମୀଙ୍କୁ ଜେଲରେ ଦେଖା କରିବାକୁ ମହିଳା ଜଣକ ଗତ ଅଗଷ୍ଟ ୨୯ତାରିଖରେ ବସ୍ ଯୋଗେ କଟକରୁ ନିମାପଡ଼ା ଆସିଥିଲେ। ନିମାପଡ଼ାରେ ଓହ୍ଲାଇବା ପରେ ସମ୍ପୃକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ ଜଣକ ଏକ କାର୍‌ରେ ଆସି ମହିଳାଙ୍କ ନିକଟରେ ପହଞ୍ଚିଥିଲେ। ନିଜକୁ ଧରମ ବାପା ପରିଚୟ ଦେଇ ମହିଳାଙ୍କ ମନରେ ବିଶ୍ୱାସ ଜନ୍ମାଇବା ସହ ତାଙ୍କ ଗାଡ଼ିରେ ବସିବାକୁ କହିଥିଲେ। ଏପରି କି ତୁମ ସ୍ୱାମୀଙ୍କୁ ଜେଲରେ ଦେଖା କରାଇଦେବା ସହ କଟକସ୍ଥିତ ଘରେ ପହଞ୍ଚାଇଦେବେ ବୋଲି କହିଥିଲେ। ମହିଳାଜଣକ ଏଥିରେ ବିଶ୍ୱାସ କରି କାର୍‌ରେ ବସିବା ପରେ ତାଙ୍କୁ ଅପହରଣ କରି ନେଇ ଅନ୍ୟ ଜଣେ ମହିଳାଙ୍କ ଘରେ ରାତିରେ ରଖି ଇଚ୍ଛା ବିରୋଧରେ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏପରି କି ଏହାର ପରଦିନ ପୀଡ଼ିତାଙ୍କୁ କଟକସ୍ଥିତ ଘରେ ଛାଡ଼ିବାବେଳେ ସେଠାରେ କେହି ନ ଥିବା ସୁଯୋଗରେ ପୁନଶ୍ଚ ବଳାତ୍କାର କରିଥିଲେ। ଏପରିକି ତାଙ୍କ ସହ ସମ୍ପର୍କ ନ ରଖିଲେ ପାଖରେ ଥିବା ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିବା ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ପରେ ମହିଳାଜଣକ ଏନେଇ ସ୍ୱାମୀଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୀଡ଼ିତା ମହିଳାଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି।

# ଟୁଇଟର ଶିଖନ୍ତୁ, ସମସ୍ୟାର ସମାଧାନ କରନ୍ତୁ ଶୀର୍ଷକ କର୍ମଶାଳା

ପୁରୀ, ୩।୧୦ (ଅଜିତ୍ ମହାନ୍ତି):

ସାମାଜିକ ଅନୁଷ୍ଠାନ ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ (ଆଟା) ପକ୍ଷରୁ 'ଟୁଇଟର ଶିଖନ୍ତୁ, ସମସ୍ୟାର ସମାଧାନ କରନ୍ତୁ' ଶୀର୍ଷକ ଟୁଇଟର ପ୍ରଶିକ୍ଷଣ କର୍ମଶାଳା ଭକ୍ତ ସାଲବେଗପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଟୁଇଟର କିପରି ଏକ ଅମୋଘ ଅସ୍ତ୍ର ସାଜିଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ସହରର ଅନେକ ଯୁବତୀ ଯୁବକଙ୍କ ସମେତ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଏହାର ବ୍ୟବହାର ସମ୍ବନ୍ଧରେ 'ଆଟା'ର କର୍ମକର୍ତ୍ତାଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସେହିପରି ଆଟା ପକ୍ଷରୁ ସହରରେ ଥିବା ଅବହେଳିତ ଅଙ୍ଗନୱାଡ଼ି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହାର ସମାଧାନ ଦିଗରେ ମିଳିତ ଭାବେ ଉଦ୍ୟମ କରାଯାଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ଅନୁଷ୍ଠାନ ସମ୍ପାଦିକା ଶୁଭଶ୍ରୀ ବେହେରାଙ୍କ ସମେତ ଉପଦେଷ୍ଟା ବିପିନ ମହାନ୍ତି, ମାନସ ରଥ, ଦେବେନ୍ଦ୍ର ସୁବୁଦ୍ଧି, ମାନସ ନାୟକ ଓ ନିରାକାର ମହାରଣାଙ୍କ ସମେତ ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି ଉପସ୍ୱାସ୍ଥ୍ୟକେନ୍ଦ୍ର

ଅସ୍ତରଙ୍ଗ,୩।୧୦(ପ୍ରଦୀପ୍ତ ଦୀକ୍ଷିତ୍)

ଅସ୍ତରଙ୍ଗ ବ୍ଲକ ଦୀପାଞ୍ଚଳ ତାଳଦା ପଞ୍ଚାୟତବାସୀଙ୍କ ଏ ପର୍ଯ୍ୟନ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରିନାହିଁ। ହେଲେ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨ ଜଣ କର୍ମୀ ଜୟନ୍ତୀ ପଣ୍ଡା ଓ ସୁରେଶ ଲେଙ୍କା ନିଯୁକ୍ତ ଅଛନ୍ତି। ପଞ୍ଚାୟତ ଏଡ଼ବାଂଶ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଉପସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ଚାଲୁଥିବାବେଳେ ରୋଗୀଙ୍କୁ ଚିକିତ୍ସା କରିବାରେ ମଧ୍ୟ ସମସ୍ୟା ହେଉଛି। ଉପସ୍ୱାସ୍ଥ୍ୟକେନ୍ଦ୍ରରେ ସୁରେଶ କାର୍ଯ୍ୟ କରୁଥିବାବେଳେ ଅନ୍ୟ ୪ ଦିନ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରୁଛନ୍ତି। ଏ ବାବଦରେ ସୁରେଶଙ୍କୁ ପଚରାଯିବାରୁ ସେ କିଛି ଉତ୍ତର ନ ରଖି ସେଠାରୁ ପଳାଇଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ କହିଛନ୍ତି, ଏହି କେନ୍ଦ୍ରରେ ଲେଙ୍କା ୪ ଦିନ କାମ କରିବା ସହ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଦିନ କାମ କରୁଥିବା କହିଛନ୍ତି। ଏଥିସହ ଉପସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ତାଳଦା, ଆଳସାହି, ପାଟଳଦାରେ ଚଳିତବର୍ଷ ଉପସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଘର ନିର୍ମାଣ କରାଯିବ ବୋଲି ମତପ୍ରକାଶ କରିଛନ୍ତି।



ଏଡ଼ବାଂଶ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ।

# 'ସ୍ୱପ୍ନ ସାକାର ପାଇଁ ସାମୂହିକ ଉଦ୍ୟମ ଲୋଡ଼ା'

### ସୁରଜମଲ ସାହା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ

ପୁରୀ ୩।୧୦(ଅଜିତ୍ ମହାନ୍ତି):

ସୁରଜମଲ ସାହା ମହାବିଦ୍ୟାୟର ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଫେସର ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ କଲେଜର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୋଗଦାନ କରି କହିଲେ ଯେ ପୂର୍ବଜମାନେ ଯେଉଁ ମହତ୍ ଲକ୍ଷ୍ୟରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ, ତାକୁ ସାକାର କରିବା ପାଇଁ ସମସ୍ତେ ସାମୂହିକ ପ୍ରଚେଷ୍ଟା କରିବା ଦରକାର। ପ୍ରତିଷ୍ଠାତା ସମ୍ପାଦକ ବରିଷ୍ଠ ଆଇନଜୀବୀ ଉମା ବଲ୍ଲଭ ମହାପାତ୍ର କଲେଜ ପ୍ରତିଷ୍ଠାର ଏକ ବିସ୍ତୃତ ବିବରଣୀ ଦେଇ କହିଥିଲେ କି ଯେ ପୁରୀ ସହରରେ ବର୍ଦ୍ଧିତ ଉଚ୍ଚ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧ କରି ଅଶୀ ଦଶକରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁଁ କଲେଜ ପ୍ରତିଷ୍ଠା ହୋଇଥିଲା। ଏ ଦିଗରେ ପ୍ରମୁଖ ଭୂମିକା ନେଇଥିବା ପୂର୍ବତନ ସାଂସଦ ଲୋକନାଥ ମିଶ୍ର, ପୂର୍ବତନ ଶିକ୍ଷା ମନ୍ତ୍ରୀ ଗଙ୍ଗାଧର ମହାପାତ୍ର, ଲୋକନାଥ ସାହା, ରାମପାଲ ସାହା, ଆଇନଜୀବୀ ନାରାୟଣ ମିଶ୍ର, ଭକ୍ତ ବିହାରୀ ମିଶ୍ର, ହରିହର ବାହିନୀପତି ପ୍ରମୁଖଙ୍କ ଯୋଗଦାନ ଖୁବ୍ ଉଲ୍ଲେଖନୀୟ ବୋଲି କହିଥିଲେ। ପ୍ରାକ୍ତନ ଛାତ୍ର ତଥା ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ନିଜ ପାଣ୍ଠିରୁ ୫୦ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ସମ୍ମିଳନୀ କକ୍ଷ ଡିସେମ୍ବର ସୁଦ୍ଧା ସରିବ ବୋଲି ଘୋଷଣା କରିଥିଲେ। ପ୍ରାକ୍ତନ ଛାତ୍ର ବିଜେଡି ଯୁବନେତା ଶୁଭାଶିଷ ଖୁଣ୍ଟିଆ ନିଜ ଭାଷଣରେ ରାଜ୍ୟ ସରକାର ଶିକ୍ଷା ପାଇଁ ଯଥେଷ୍ଟ ସହାୟତା ଦେଉଛନ୍ତି ବୋଲି କହିଥିଲେ ଓ ନିଜେ ବ୍ୟକ୍ତିଗତ ଭାବେ 'ମୋ କଲେଜ ଅଭିଯାନ' ପାଣ୍ଠିକୁ ୧ ଲକ୍ଷ ଟଙ୍କା ଘୋଷଣା କରିଥିଲେ । ସେହିପରି ପରିଚାଳନା କମିଟି ସଭ୍ୟ ଲକ୍ଷ୍ମୀ ନାରାୟଣ ଖୁଣ୍ଟିଆ କଲେଜର ଉନ୍ନତି ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଡ. କାର୍ତ୍ତିକ କୁମାର ଦାସ, ଶୁକଦେବ ମହାନ୍ତି ଓ ରାମକୃଷ୍ଣ ମହାପାତ୍ର ବକ୍ତବ୍ୟ ଦେଇ ସେମାନଙ୍କର କଲେଜ ସହ ସମ୍ପର୍କର ସ୍ମୃତିଚାରଣ କରିଥିଲେ। ପୂର୍ବତନ ଅଧ୍ୟକ୍ଷା ଡ. ମୀନତି ଓତା ଓ ହରପ୍ରିୟା ଦାଶ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ଅନ୍ନପୂର୍ଣ୍ଣା ଦାସଙ୍କ ସମ୍ପାଦନାରେ ପ୍ରଥମ କାନ୍ଥଲେଖା ପତ୍ରିକା 'ସମ୍ଭାବନାକୁ' ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଭାପତି ଶଙ୍କର୍ଷଣ ଦାଶ ଓ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଥିଲା। କଲେଜର ପ୍ରଶାସନିକ ଅଧିକାରୀ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ବିଜୟ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର, ପ୍ରାଧ୍ୟାପକ ମୀନାକ୍ଷୀ ମିଶ୍ର, ଅଧ୍ୟାପକ ଅଜିତ ଦଳେଇ, ଅଧ୍ୟାପକ ରବୀନ୍ଦ୍ର ପ୍ରଧାନ ଓ କଲେଜର ମୁଖ୍ୟ କିରାଣି ବଳରାମ ମିଶ୍ର ଉତ୍ସବ ପରିଚାଳନା କରିଥିଲେ ।



ସୁରଜମଲ ସାହା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜରେ ଆଲୋଚନାଚକ୍ର

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୱାକ୍‌ର ମିଳିତ ସହଯୋଗରେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ର କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରର ସଫଳତା ନିମନ୍ତେ ଗୋଟିଏ ଦେଶରେ ଗୋଟିଏ ନିର୍ବାଚନ ହେବା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଇକ୍ୱାକ୍‌ର ସଂଯୋଜକ ତଥା ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ୱାତୀ ଦାଶ ବିଷୟବସ୍ତୁ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଏବଂ ଡ. ଦୀପକ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିଶୁ ମହୋତ୍ସବ ସୁରଭି

ଚୌଦ୍ୱାର,୩।୧୦(ଆଶୁତୋଷ ଦାସ)

କଖଡ଼ି ଓ କୟଳପଡ଼ା ପଞ୍ଚାୟତ ଅନ୍ତର୍ଗତ ମାତୃସେବା କ୍ଲଷ୍ଟର ଆନୁକୂଲ୍ୟରେ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍‌ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମାତୃସେବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ସୋରେନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସିଆର୍‌ସିସି ଜ୍ଞାନ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ଅରୁନ୍ଧତୀ ମିଶ୍ର, କୟଳପଡ଼ା ସରପଞ୍ଚ ଶୈଳବାଳା ନାୟକ, ଶିକ୍ଷାବିତ୍ ଶିବ ପ୍ରସାଦ ପତି, ଅମଳା ସିଂ, ବିମ୍ବାଧର ବେହେରା, ଗଙ୍ଗାଧର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା, ହସ୍ତାକ୍ଷର ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ପାଳିତ

କଟକ ସଦର,୩।୧୦(ସୁଶାନ୍ତ କୁମାର ଜେନା)

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ରଙ୍ଗାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟଜନ୍ତୁ ସଂରକ୍ଷଣର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରିଥଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଅତିଥି ପରିଚୟ ଓ ପ୍ରଦୀପ୍ତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ଜଙ୍ଗଲ ଅଧିକାରୀ ଡ. ମିହିର ପଟ୍ଟନାୟକ ଓ ପରିବେଶବିତ୍ ସିଦ୍ଧାର୍ଥ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କୁ ଚାରାରୋପଣ ସହ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନ କରାଯାଇଥିଲା।

# ବିଭାଗୀୟ ଅଧିକାରୀଙ୍କୁ ବିଧାୟକଙ୍କ ତାଗିଦ୍

କଟକ,୩।୧୦(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ କ୍ରମାଗତ ୨ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଓ ତା'ପରେ ଗୋଟିଏ ଦିନ ଜଳଯୋଗାଣ ବିଭ୍ରାଟକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି ବିଧାୟକ ସୌଭିକ୍ ବିଶ୍ୱାଳ। ଏଭଳି ବିଭ୍ରାଟ ଘଟଣାକୁ ନେଇ ବିଧାୟକ ସୌଭିକ୍ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସମୀକ୍ଷା ବୈଠକ କରି ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ପାଇଁ ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲ ନିନ୍ଦିତ ହେଉଛି ବୋଲି ସେ କହିଛନ୍ତି।

ବିଧାୟକ ବିଶ୍ୱାଳ ବୈଠକରେ ମେଡିକାଲର ବିଭିନ୍ନ ଅବ୍ୟବସ୍ଥା ନେଇ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ସିବିକୁ ଏମ୍‌ସ ପ୍ଲସ୍ ଭାବେ ନୂଆ ରୂପରେଖ ଦେବାକୁ ଚାହୁଁଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଦୁଃଖର ବିଷୟ କେତେଜଣ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଅନେକ ସମୟରେ ଏସ୍‌ସିବି ମେଡିକାଲ ଚର୍ଚ୍ଚାର ପରିସରକୁ ଆସୁଛି। ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲରେ ଅନେକ ସମୟରେ ପାନୀୟ ଜଳ, ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଛି। ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ବିଧାୟକ କହିଥିଲେ। ତେବେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ୨୪ ଘଣ୍ଟା ନିରବଚ୍ଛିନ୍ନ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଉପରେ ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଆଗାମୀ ଦିନରେ ଯେପରି କୌଣସି ବିଭ୍ରାଟ ନ ଘଟେ ବିଧାୟକ ସେନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି। ଏଥିସହ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟର ଅଗ୍ରଗତି ନେଇ ପୁଣି ବୈଠକ ବସିବା ନେଇ ବିଧାୟକ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, କୁଳସଚିବ ଡ. ଅବିନାଶ ରାଉତଙ୍କ ସମେତ ୱାଟ୍‌କୋ, ଏସିବି ମେଡିକାଲ କଲେଜକୁ ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା ଏସ୍‌ଡିଓ, ପିଏଚ୍‌ଡିର ଆସିଷ୍ଟାଣ୍ଟ ଇଞ୍ଜିନିୟର, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଜିଇଡିର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଗତ ଶନିବାର ଓ ରବିବାର ଦୁଇ ଦିନ ଧରି ଏସ୍‌ସିବି ମେଡିକାଲରେ ରୋଗୀସେବା ପ୍ରଭାବିତ ହୋଇଥିଲା। ଶନିବାର ୮ ଘଣ୍ଟା ଓ ରବିବାର ନିଦାନ ବିଭାଗରେ ପ୍ରାୟ ୬ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା। ଫଳରେ ରୋଗୀଙ୍କ ରକ୍ତ ପରୀକ୍ଷା ଓ ସିଟି ସ୍କାନ ହୋଇପାରି ନ ଥିଲା। ଏହାଦ୍ୱାରା ଗୁରୁତର ରୋଗୀମାନେ ପ୍ରଭାବିତ ହୋଇଥିଲେ। ରୋଗୀଙ୍କ ଚିକିତ୍ସାରେ ବହୁ ସମସ୍ୟା ହୋଇଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୁଣି ସୋମବାର ପାଣି ପାଇପ୍ ଫାଟି ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏହାଦ୍ୱାରା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦୁର୍ଦ୍ଦଶା ଭୋଗିଥିଲେ।



ସମୀକ୍ଷା ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

**ଏସ୍‌ସିବି ମେଡିକାଲରେ ଜଳ, ବିଦ୍ୟୁତ୍ ବିଭ୍ରାଟ ଘଟଣା**

# ସରକାରୀ ଯୋଜନା ଲୋକଙ୍କୁ ଜଣାଅ

ଖୁଣ୍ଟୁଣୀ, ୩।୧୦(ସଚ୍ଚିଦାନନ୍ଦ ପଣ୍ଡା)

**ବିଜେଡିର ଜନସମ୍ପର୍କ ପଦଯାତ୍ରା**

ଆଠଗଡ଼ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ପଞ୍ଚାୟତଠାରୁ ବାହାରିଥିବା ପଦଯାତ୍ରା ମାହାଳପଡ଼ା, କାପ୍ତାବୋରେଇ, ଘଣ୍ଟିଖାଲ, ନିଧିପୁର, ଜେନାପୁର, ଗୋପାଳପ୍ରସାଦ, ଧୁରୁଷିଆ, ଗଜାମ୍ବ, ଜଗମୋହନପୁର, କେଉଟପଡା, ବନ୍ଧହଟା, ବାଲିସାହି, କଟକିଆ ସାହି, ବଳରାମପୁର ଦେଇ ସର୍ପେଶ୍ୱରଠାରେ ପହଞ୍ଚିଥିଲା। ଏହାକୁ ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ପାଇଁ କହିଥିଲେ। ଏହି ଶୋଭାଯାତ୍ରାରେ ଶାନ୍ତିଲତା ବେହେରା, ରଞ୍ଜନ କୁମାର ଆଚାର୍ଯ୍ୟ, ସୁନୀଲ କୁମାର ପରିଡା, ପ୍ରଶାନ୍ତ ସ୍ୱାଇଁ, ବିନୋଦ କୁମାର ମାଝୀ, ବଳଭଦ୍ର ବାଘ, ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା, ସରପଞ୍ଚ ସଂଯୁକ୍ତା ପାଣି, ସୁବାସ ଚନ୍ଦ୍ର ବିଶ୍ୱାଳ, କଳ୍ପନା ଛତାର, ମାନସୀ ରାଉତ, ମଙ୍ଗୁଳି ଚରଣ ପାଣି, ଶ୍ରୀକର ଜେନା, ଶକ୍ତିକାନ୍ତ ସାହୁ, ଦିଲୀପ ଛତାରଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇଥିଲେ।



ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

# 'ମାନବ ସେବାରେ ବ୍ରତୀ ହୁଅନ୍ତୁ ଛାତ୍ରୀଛାତ୍ର'



ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ୍ ହସ୍ପିଟାଲରେ ୨୦୨୩-୨୪ ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କ ବାର୍ତ୍ତାରେ ଶୁଭାରମ୍ଭ ହେଉଥିବା ନୂତନ ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଭବିଷ୍ୟତରେ ସେମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି 'ସମାଜ'ର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ପରିବର୍ତ୍ତନଶୀଳ ବିଶ୍ୱରେ ଦେଖାଦେଉଥିବା ପ୍ରକୃତି ଓ ପରିବେଶଜନିତ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଆମେ ଆମର ଶରୀର ଲାଗି ଯେତିକି ଯତ୍ନଶୀଳ ପ୍ରକୃତିର ସୁରକ୍ଷା ଲାଗି ଅନୁରୂପ ଭାବରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ନିମନ୍ତ୍ରିତ ଅତିଥି ଏବଂ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ଶିକ୍ଷାନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଅଧୀକ୍ଷକ ପ୍ରଫେସର ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ସନ୍ଧ୍ୟାରାଣୀ ମହାରଣା, ଶୁଭରାମ ପାଣି, ନିରୁପମା ଚୟନୀ, ଶିଶୁଶଙ୍କର ମିଶ୍ର, ମନ୍ମଥ କୁମାର ମଣ୍ଡଳ, ଚିତ୍ତରଞ୍ଜନ ଦାସ, ପଦ୍ମିନୀ କେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଯୋଗଦେଇ ଡାକ୍ତରୀ ଛାତ୍ରୀଛାତ୍ର ମାନବ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଶିବିର

କଟକ ସଦର,୩।୧୦(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା ଓ ତହସିଲଦାର ମଧୁସୂଦନ ନାୟକ ଶିବିର ପରିଚାଳନା କରିଥିଲେ।

### ଶିଶୁସଦନ ପରିଦର୍ଶନ କଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ

ଚୌଦ୍ୱାର,୩।୧୦(ଆଶୁତୋଷ ଦାସ)

ଅଭିନେତ୍ରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ମାନିତା'ର ମୁଖ୍ୟ ବର୍ଷା ପ୍ରିୟଦର୍ଶିନୀ ଚୌଦ୍ୱାରସ୍ଥିତ ଶିଶୁସଦନ ପରିଦର୍ଶନ କରି ପିଲାମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଶିଶୁସଦନ ମୁଖ୍ୟ ଦାମୋଦର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ଅବସ୍ଥାରେ ଋତୁସ୍ରାବ ସମୟର ସ୍ୱଚ୍ଛତା ସମ୍ପର୍କରେ ବର୍ଷା ଶିଶୁ ସଦନର ବାଳିକାମାନଙ୍କୁ ବୁଝାଇଥିଲେ। 'ସମ୍ମାନିତା' ତରଫରୁ ବାଳିକାମାନଙ୍କୁ ସାନିଟାରି ନାପକିନ୍ ବଣ୍ଟନ କରାଯିବା ସହିତ ସମସ୍ତ ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ବନ୍ଦନା ମହାନ୍ତି, ଦେବୀଦତ୍ତା ସାହୁ, ଅମିତା ବଳସାମନ୍ତ, ପ୍ରଦୀପ କୁମାର ଦାସ, ଅମିୟ କୁମାର ସେଠୀ, ପରେଶ ରଞ୍ଜନ ଓଝା, ଦୁର୍ଗେଶ ନାୟକ, ଗୌତମ ବାରିକ, ପିଙ୍କି ବେହେରା, ରୋମିନା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ଆର୍‌ଡିସିଙ୍କୁ ଦାବିପତ୍ର**

ମହାନଦୀର ଗଡଗଡିଆ ଘାଟକୁ ହରିଦ୍ୱାର ରୂପ ଦେବା ନାଁରେ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଟକ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ସାମାନ୍ୟ ବନ୍ୟାପାଣିରେ ବର୍ଷେ ନ ପୂରୁଣୁ ଏହା ଧୋଇଯାଇଛି। କୌଣସି ପ୍ରକାର ସତର୍କତା ଅବଲମ୍ବନ ନ କରିବା ସହ ସେହି ସ୍ଥାନରେ ପାଣିର ଗତି କେତେ ତାହାର ମାନ ନ ଜାଣି, ପାହାଚରେ ଲୁହାଛଡ଼ ଓ ତଳେ ବିମ୍ ନ ଦେଇ ନଦୀ ଭିତରେ ଖାଲି ସିମେଣ୍ଟ, ବାଲିରେ ନିର୍ମାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ଏହି କାର୍ଯ୍ୟ କରିଥିବା ସଂସ୍ଥା ଓ କଣ୍ଟ୍ରାକ୍ଟରଙ୍କୁ କଳା ତାଲିକାଭୁକ୍ତ କରାଯାଉ। ଏଥିସହ ଏହି ନିର୍ମାଣ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ବିଲ୍ ମଞ୍ଜୁରୀ କରିଥିବା ଅଧିକାରୀଙ୍କ ବିରୋଧରେ ୧୦ ଦିନ ଭିତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରତିନିଧି ମଣ୍ଡଳୀ ଆରଡିସିଙ୍କ ନିକଟରେ ଦାବି କରିଛି। ତଦନ୍ତ ପରେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର୍‌ଡିସି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ଶୈଳବାଳା ଜେନା, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜା ରାଉତ, ଭାନୁ ସେନାପତି ଉପସ୍ଥିତ ଥିଲେ।


ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇଙ୍କୁ କଂଗ୍ରେସ ପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

# ଡିସେମ୍ବର ସୁଦ୍ଧା ବକ୍ସି ଜଗବନ୍ଧୁଙ୍କ ମୂର୍ତ୍ତି ନିର୍ମାଣ କରାଯିବ

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବକ୍ସିବଜାର ଛକରେ ପ୍ରତିଷ୍ଠା ହେବାକୁ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ବୈଠକରେ ପ୍ରତିମୂର୍ତ୍ତି ସ୍ଥାପନ ବିଳମ୍ବ ନେଇ ଆଲୋଚନା ହୋଇଥିଲା। ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବଜାର କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବକ୍ସିବଜାର ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ ଡିସେମ୍ବର ସୁଦ୍ଧା ପ୍ରତିମୂର୍ତ୍ତି ତିଆରି କରାଯାଇ ପ୍ରତିଷ୍ଠା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମେୟର ସିଂ ମୂର୍ତ୍ତି ନିର୍ମାଣ ଦିଗରେ ଥିବା ଅସୁବିଧା ସଂକ୍ରାନ୍ତରେ ଅବଗତ ହୋଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ୬ ମାସ ମଧ୍ୟରେ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳାରୁ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏ ବାବଦକୁ ୧୦ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଥିଲା। ବୈଠକରେ ମୂର୍ତ୍ତି କାରିଗର ଲକ୍ଷ୍ମୀକାନ୍ତ ରଣା, ଶ୍ରୀକାନ୍ତ ରଣା, ସଲିଲ ଘୋଷଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ବସ୍ତିର ସମସ୍ୟା ଓ ପୋଲିସ ବିଭାଗର ବିଭିନ୍ନ ବେଆଇନ କାର୍ଯ୍ୟ ବିରୋଧରେ ଅଖିଳ ଓଡ଼ିଶା ଝୋପଡିପଟି ମହାସଂଘ 'ଏକତା' ପକ୍ଷରୁ ମଙ୍ଗଳବାର କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ।

# ଅକ୍ଟୋବର ଶେଷ ମଧ୍ୟରେ ପଟ୍ଟା ବଣ୍ଟନ ସରିବ

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ସିଏମ୍‌ସିର ୨ ଷ୍ଟାଣ୍ଡିଂ କମିଟି ବୈଠକ**

**■ ଅଳିଆବୁହା ଗାଡ଼ି ନିଲାମ ହେବ**

ଜାଗା ମିଶନ ଅନ୍ତର୍ଗତ ୨୦୦୦ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ମିଳିବ। ହେଲେ ୧୬୩ ବସ୍ତିର ବାସିନ୍ଦାଙ୍କୁ ଜମି ପଟ୍ଟା ମିଳିବ ନାହିଁ। କେବଳ ୯୯ଟି ବସ୍ତିର ପ୍ରାୟ ୨୦୦୦ ବାସିନ୍ଦାଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବ। ଚଳିତମାସ ଶେଷ ସୁଦ୍ଧା ପଟ୍ଟା ବଣ୍ଟା କାର୍ଯ୍ୟ ଶେଷ ହେବ। ସେହିପରି ୩୦୦୦ ଲୋକଙ୍କୁ ଭତ୍ତା ବଣ୍ଟନ କରାଯିବ। ଏନେଇ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ବିଜୁଭବନ ପରିସରରେ ଅନୁଷ୍ଠିତ ଗ୍ରୀଭାନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଛି। ସରକାରୀ ଜାଗାରେ ଥିବା ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯିବ। ସେହିପରି ନୂତନ ରାଶନ କାର୍ଡ ହିତାଧିକାରୀଙ୍କୁ ସାମିଲ କରାଯିବ। ଏନେଇ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯିବ। କର୍ପୋରେଟରମାନଙ୍କୁ ଏଥିରେ ସହଯୋଗ କରିବା ପାଇଁ କୁହାଯାଇଛି। ସେହିପରି କିଛି ସ୍ଥାନରେ ଜମି ବିବାଦ ଥିବାରୁ ସେଗୁଡିକ ସମାଧାନ କରିବାକୁ କମିଟି ପକ୍ଷରୁ କୁହାଯାଇଥିଲା। ଏହାପରେ କର୍ପୋରେଶନ ଓ ଏଷ୍ଟାବ୍ଲିଶ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକରେ ସିଏମ୍‌ସିର ଲ ଡିପାର୍ଟମେଣ୍ଟର ସ୍ଥିତି ନେଇ ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ସିଏମ୍‌ସି ପକ୍ଷରୁ କେତେ କେସ୍ ଫାଇଲ କରାଯାଇଛି। କେତୋଟି କେସ୍ ସିଏମ୍‌ସି ହାରିଛି, କେତୋଟି ଜିତିଛି, କେତେ କେସ୍ ପେଣ୍ଡିଂ ରହିଛି ଏ ସମ୍ପର୍କିତ ରିପୋର୍ଟ ୧ ମାସ ମଧ୍ୟରେ ଦେବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା। ସିଏମ୍‌ସି ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆଡଭୋକେଟ୍ ପ୍ୟାନେଲର ସମୀକ୍ଷା କରାଯିବ। ସିଏମ୍‌ସିରେ ଦୀର୍ଘଦିନ ଧରି ପଡିରହିଥିବା ଅଦରକାରୀ ଅଳିଆ ବୁହାଗାଡି ଏବଂ ସାମଗ୍ରୀ ନିଲାମ କରାଯିବ। କେତେ ଗାଡି ରହିଛି ତାହାର ତାଲିକା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ସେହିଭଳି ଠିକା ସଂସ୍ଥା ଅଧୀନରେ କେତେଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି ତାହା ବିଭାଗ ଅନୁଯାୟୀ ତାଲିକା କରିବା ନିମନ୍ତେ କମିଟିରେ ପ୍ରସ୍ତାବ ପାରିତ ହୋଇଥିଲା। ୬୦ବର୍ଷରୁ ଊର୍ଦ୍ଧ୍ୱ ଯେଉଁ କର୍ମଚାରୀମାନେ ରହିଛନ୍ତି ସେମାନଙ୍କୁ ଛଟେଇ କରାଯିବା ସହ ଇପିଏଫ୍ ଏବଂ ଅବସରକାଳୀନ ଗ୍ରାଚ୍ୟୁଇଟି ପାଇଁ ବ୍ୟବସ୍ଥା କରିବାକୁ ସଦସ୍ୟମାନେ କହିଥିଲେ। ପ୍ରାୟ ୮୦୦ କର୍ମଚାରୀ ପେନ୍‌ସନ୍ ପାଇବା କ୍ଷେତ୍ରରେ ସମସ୍ୟା ଭୋଗୁଥିବା ଜଣାପଡିଥିଲା। ଏହି ବୈଠକରେ ଦୁଇଟି କମିଟି ଅଧ୍ୟକ୍ଷା ପୂର୍ଣ୍ଣିମା ସ୍ୱାଇଁ ଓ ପ୍ରଳୟ ବେଉରାଙ୍କ ସମେତ ପ୍ରଦୀପ୍ତ ଖୁଣ୍ଟିଆ, ବିକାଶ ବେହେରା, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ପ୍ରାଣୀ ଦିବସ, ଓୟୁଏଟି, ସକାଳ ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୯ତମ ଶ୍ରାଦ୍ଧୋତ୍ସବ, ପୁରୁଣା ବସ୍‌ଷ୍ଟାଣ୍ଡ, ସକାଳ ୮ଟା ୩୦।

**କଟକ**

- 'ସମାଜ'ର ୧୦୪ତମ ସ୍ୱନକ୍ଷତ୍ର ଉତ୍ସବ, ଶାରଳା ଭବନ, ଅପରାହ୍ଣ ୫ଟା।

# ଶିରିପୁରରୁ କାର୍ ମାଲିକ ଗିରଫ

**ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)**

ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍ ଘଟଣାର ୩ ଦିନ ପରେ ମଙ୍ଗଳବାର କମିଶନରେଟ୍ ପୋଲିସ ହାତରେ ଅଭିଯୁକ୍ତ କାର୍ ମାଲିକ ବିକାଶ ପାଲ୍ (୨୬) ଧରାପଡ଼ିଛନ୍ତି। ସେ କଟକ ଜିଲା ଆଠଗଡ଼ସ୍ଥିତ ସମ୍ପର୍କୀୟଙ୍କ ଘରୁ ଫେରି ନିଜ ଘରକୁ ଯାଉଥିବାବେଳେ ଶିରିପୁରଠାରେ କ୍ୟାପିଟାଲ ଥାନା ପୋଲିସ ଟିମ୍ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିକାଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ଅଭିଯୁକ୍ତ ବିକାଶ ପାଲ୍।

ସୂଚନା ଅନୁଯାୟୀ, ବିକାଶଙ୍କ ଘର ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ପରିବାର ସହ ରହୁଛନ୍ତି। ସେ ଭୁବନେଶ୍ୱରସ୍ଥିତ

### ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍ ଘଟଣା

କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍‌ର ଏକ ଶାଖାରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ବିକାଶ ତାଙ୍କ କାର୍ ଯୋଗେ ଦ୍ରୁତ ଗତିରେ ଭୁବନେଶ୍ୱର ଏଜି ଛକରୁ ରାଜମହଲ ଆଡ଼କୁ ଆସୁଥିଲେ। ରାଜମହଲ ନିକଟରେ ଭାରସାମ୍ୟ ହରାଇ ତାଙ୍କ କାର୍ ଫୁଟ୍‌ପାଥ୍‌ରେ ଶୋଇଥିବା ଶ୍ରମିକ ଦୀନବନ୍ଧୁ ବରାଳଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଦୀନବନ୍ଧୁଙ୍କ ମୃତ୍ୟୁ ଘଟିଥିବା ବେଳେ ସେଠାରେ ବିଶ୍ରାମ ନେଉଥିବା ୧୦ରୁ ଊର୍ଦ୍ଧ୍ୱ ଲୋକ ବର୍ତ୍ତିଯାଇଥିଲେ। ଏହି ଘଟଣା ପରେ ଲିଙ୍ଗିପୁର ବାଙ୍କୁଆଳସ୍ଥିତ ଦୟାନଦୀ ବନ୍ଧ ପାର୍ଶ୍ୱରେ ବିକାଶ କାର୍ ଛାଡ଼ି ଆଠଗଡ଼ସ୍ଥିତ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ସେ ମୋବାଇଲ ଫୋନ୍ ନେଇ ନ ଥିବାରୁ ତାଙ୍କ ସହ ଯୋଗାଯୋଗ କରିବା ପୋଲିସ ପାଇଁ କଷ୍ଟକର ହୋଇପଡ଼ିଥିଲା। ତେବେ ବିକାଶ ଘରକୁ ଫେରୁଥିବା ଖବର ପାଇ ପୋଲିସ ମଙ୍ଗଳବାର ତାଙ୍କୁ କାବୁ କରିଥିଲା। ଏ ସଂକ୍ରାନ୍ତରେ ପୋଲିସ ଆଇପିସି ଦଫା ୨୭୯, ୩୦୪ (କ)ରେ ଏକ ମାମଲା (ନଂ. ୫୮୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

## ହବିଷିଆଳିଙ୍କ ପାଇଁ ପଞ୍ଜୀକରଣ ଆରମ୍ଭ

**ପୁରୀ ୩।୧୦ (ଅଜିତ୍ ମହାନ୍ତି):** ଅକ୍ଟୋବର ୨୯ରୁ ଚଳିତ ବର୍ଷର ମହାକାର୍ତ୍ତିକ ବ୍ରତ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ କିଛିବର୍ଷ ହେବ ପୁରୀରେ ବ୍ରତଧାରୀଙ୍କ ପାଇଁ ସୁବିଧା କରାଯାଇଛି। ଶ୍ରୀକ୍ଷେତ୍ରରେ ରହି ବ୍ରତ କରିବା ପାଇଁ ଚାହୁଁଥିବା ହବିଷିଆଳିଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍ୱତନ୍ତ୍ର ୱେବସାଇଟ୍ ସହ ପୁରୀ ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମସ୍ତ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟରେ ହବିଷିଆଳିମାନେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଚଳିତବର୍ଷ ପୁରୀରେ ପ୍ରାୟ ୩ ହଜାରରୁ ଅଧିକ ହବିଷିଆଳିଙ୍କ ରହଣି, ଖାଇବା ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଉଛି। ମଙ୍ଗଳବାର ପଞ୍ଜୀକରଣର ପ୍ରଥମ ଦିନରେ ୭୧ ହବିଷିଆଳି ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପଞ୍ଜୀକରଣ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

## ଦୁଇ ଅଟୋ ଚାଳକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ: ୪ ଆହତ

**ପୁରୀ ୩।୧୦(ଅଜିତ୍ ମହାନ୍ତି):** ବ୍ୟାଟେରୀ ଚାଳିତ ଦୁଇ ଅଟୋଷ୍ଟାଣ୍ଡର ଚାଳକମାନଙ୍କ ମଧ୍ୟରେ ସଂଘର୍ଷ ଘଟି ଦୁଇ ପକ୍ଷର ମୋଟ ୪ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଯାତ୍ରୀଙ୍କୁ ନେବା ଓ ଭଡ଼ାକୁ ନେଇ ଦୁଇ ଗୋଷ୍ଠୀ ମୁହାମୁହିଁ ହୋଇଥିଲେ। ଉତ୍ତରଦ୍ୱାର ନିକଟରେ ଥିବା ଅଟୋ ଚାଳକ ଗୋଷ୍ଠୀ ଏବଂ ଦୋଳଦେବୀ ଛକ ନିକଟରେ ଥିବା ଅଟୋ ଚାଳକ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲ। ପରେ ବଚସା ଉଗ୍ରରୂପ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏଥିରେ ଦୁଇ ଗୋଷ୍ଠୀର ୪ ଜଣ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ଅଟକାଇବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ସଦରମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

## କଣ୍ଠଶିଳ୍ପୀ ସୌରିନ୍‌ଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ପାଇଁ କୋର୍ଟରେ ଆବେଦନ

**କଟକ,୩।୧୦ (କାର୍ତ୍ତିକ ସାହୁ):** ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ପାଇଁ କମିଶନରେଟ୍ ପୋଲିସ ଜେଏମ୍ଏଫ୍‌ସି କୋର୍ଟରେ ଆବେଦନ କରିଛି। ପୋଲିସ ସୌରିନ୍‌ଙ୍କୁ ଖୋଜି ନିରାଶ ହେବା ପରେ ଏପରି ପଦକ୍ଷେପ ନିଆଯାଇଛି। ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହେବା ପରେ ତାଙ୍କୁ ଗିରଫ କରିବା ପାଇଁ ପୋଲିସ ପ୍ରସ୍ତୁତି ଆରମ୍ଭ କରିଥିଲା। ହେଲେ ଏଥିରେ ବିଫଳ ହେବା ପରେ ସୌରିନ୍‌ଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବାକୁ ପୋଲିସ କୋର୍ଟର ଆଶ୍ରୟ ନେଇଛି। ପୂର୍ବରୁ ସୌରିନ୍‌ଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜଗତପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସୌରିନ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଗତ ଜୁନ୍ ୧୨ରେ କଟକ ମହିଳା ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୋଲିସ ସୌରିନ୍‌ଙ୍କୁ ହାଜର ହେବା ପାଇଁ ନୋଟିସ୍ ଦେଇଥିଲେ ବି ସେ ହାଜର ହୋଇ ନ ଥିଲେ। ପରେ ଗିରଫଦାରୀକୁ ଏଡ଼ାଇବା ପାଇଁ ସୌରିନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନୁରାଗ ଠାକୁରଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅମୃତ କଳସ ପ୍ରଦାନ କରୁଛନ୍ତି।

# 'ଅମୃତକାଳରେ ଭାରତ ନୂଆ ଉଚ୍ଚତାରେ ପହଞ୍ଚିବ'

**ଭୁବନେଶ୍ୱର, ୩।୧୦(ଅସମାପିକା ସାହୁ)**

### ଉତ୍କଳ ବିଶ୍ୱବିଦ୍ୟାଳୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

ଉତ୍କଳ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଅମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଯୋଗଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଦେଶକୁ ସ୍ୱାଧୀନତା ଦେବାରେ ଓ ଆମକୁ ଦାସତ୍ୱ ମାନସିକତାରୁ ମୁକ୍ତି ଦେବା ପାଇଁ ଅନେକ ସଂଗ୍ରାମୀଙ୍କ ପରିଶ୍ରମ, ତ୍ୟାଗ ଓ ବଳିଦାନ ରହିଛି। ଦେଶର ସ୍ୱତନ୍ତ୍ରତା ପାଇଁ ଓଡ଼ିଶାର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବିର୍ସା ମୁଣ୍ଡା, ନିର୍ମଳ ମୁଣ୍ଡା, ଶହୀଦ ଲକ୍ଷ୍ମଣ ନାଏକ, ଶହୀଦ ବାଜି ରାଉତ, ଉତ୍କଳମଣି ଗୋପବନ୍ଧୁ ଦାସ, କୁଳବୃଦ୍ଧ ମଧୁବାବୁ ଏବଂ ଡ. ହରେକୃଷ୍ଣ ମହତାବଙ୍କ ଭଳି ଅନେକ ସଂଗ୍ରାମୀ ଓ ମହାପୁରୁଷଙ୍କ ଯୋଗଦାନ ଅବିସ୍ମରଣୀୟ। ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଦେଇଥିବା ସଂଗ୍ରାମୀ ଓ ସ୍ୱାଧୀନତା ପରେ ଦେଶକୁ ସୁରକ୍ଷିତ ରଖିବା ପାଇଁ ବଳିଦାନ ଦେଇଥିବା ଯବାନଙ୍କ ସ୍ମରଣାର୍ଥେ ଆୟୋଜିତ 'ମୋ ମାଟି ମୋ ଦେଶ' ଦେଶରେ ନୂଆ ଜାଗରଣ ଆଣିଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ସବୁ ହଷ୍ଟେଲରୁ ଯୁବସାଥୀଙ୍କ ଦ୍ୱାରା ସଂଗୃହୀତ ମାଟି ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ସ୍ଥାନିତ ହେବ। ଅମୃତକାଳରେ ଭାରତ ନୂଆ ଉଚ୍ଚତାରେ ପହଞ୍ଚିବ ଏବଂ ଦେଶକୁ ଏହି ଉଚ୍ଚତାକୁ ନେବାର ନେତୃତ୍ୱ ଭାରତର ଶିକ୍ଷା ଜଗତ ଗ୍ରହଣ କରିବ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ବି ଯୋଗଦାନ ରହିବ ବୋଲି ପ୍ରଧାନ କହିଛନ୍ତି।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର 'ପଞ୍ଚପ୍ରାଣ'ର ଶପଥ ପାଠ କରାଇଥିଲେ। ଏହି ପାଞ୍ଚପ୍ରାଣ ହେଉଛି– '୨୦୪୭ ସୁଦ୍ଧା ଭାରତକୁ ଏକ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବା'। 'ଦାସତ୍ୱର ମାନସିକତାକୁ ସମୂଳେ ନିପାତ କରିବା। ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା'। 'ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ଏବଂ ଦେଶର ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ କରିବା'। 'ନାଗରିକ ଭାବେ ଦେଶ ପ୍ରତି ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ପରିପାଳନ କରିବା' ବୋଲି ଛାତ୍ରୀଛାତ୍ରଙ୍କୁ 'ପଞ୍ଚପ୍ରାଣ' ଶପଥରେ କରାଇଥିଲେ। ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ 'ଅମୃତ କଳସ' ପ୍ରଦାନ କରିଥିଲେ। ଓଡ଼ିଶା ସେକ୍ଟର ସିଆର୍‌ପିଏଫ୍ ଡିଆଇଜି ପୁଖରାଜ ଜୟପାଲ ବକ୍ତବ୍ୟ ରଖିଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ବୀରମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୧୦ଟି ଶହୀଦ ପରିବାର ସଦସ୍ୟ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ର ରାଜ୍ୟ ନିର୍ଦ୍ଦେଶିକା ହନି ସିହ୍ନା ସ୍ୱାଗତ ଭାଷଣ ଏବଂ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟ ଏବଂ ବାଣୀବିହାର କ୍ୟାମ୍ପସର ପିଜି-ପିଏଚ୍‌ଡି ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଯୁକ୍ତ୨ ତୃତୀୟ ପର୍ଯ୍ୟାୟ ନାମଲେଖା: ଆଜିଠୁ ଆବେଦନ

**ଭୁବନେଶ୍ୱର, ୩।୧୦ (ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷାବର୍ଷର ଯୁକ୍ତ୨ ତୃତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଯେଉଁ ଛାତ୍ରୀଛାତ୍ର ଅଦ୍ୟାବଧି ଯୁକ୍ତ୨ ବା ଏକାଦଶ ଶ୍ରେଣୀରେ ନାମ ଲେଖାଇନାହାନ୍ତି, ତାଙ୍କୁ ପୁନଶ୍ଚ ସୁଯୋଗ ଦେବା ନିମନ୍ତେ ତୃତୀୟ ପର୍ଯ୍ୟାୟ ଅନ୍‌ଲାଇନ୍ ନାମଲେଖା ହେବ। ଏଥିପାଇଁ ୪ତାରିଖ ପୂର୍ବାହ୍ଣ ୧୧ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଇଚ୍ଛୁକ ଛାତ୍ରୀଛାତ୍ର www.samsodisha.gov.in ୱେବ୍‌ସାଇଟ ମାଧ୍ୟମରେ ନାମଲେଖା ସମ୍ପର୍କିତ ସବିଶେଷ ବିବରଣୀ ଜାଣିବା ସହିତ ଅନ୍‌ଲାଇନ୍ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ୮ତାରିଖ ରାତି ୧୧ଟା ୫୫ ଭିତରେ ଆବେଦନ କରିପାରିବେ। ୧୧ତାରିଖ ପୂର୍ବାହ୍ଣ ୧୧ଟାରେ ମେଧା ତାଲିକା ପ୍ରକାଶ ପାଇବ ଏବଂ ମନୋନୀତ ଛାତ୍ରୀଛାତ୍ରମାନେ ୧୩ ତାରିଖ ଅପରାହ୍ଣ ୨ଟାରୁ ୧୪ତାରିଖ ଅପରାହ୍ଣ ୩ଟା ମଧ୍ୟରେ ନାମ ଲେଖାଇବେ। ଏହାପରେ ବଳକା ସିଟ୍ ପାଇଁ ୱେଟିଂ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ୧୭ତାରିଖ ଅପରାହ୍ଣ ସାଢ଼େ ୪ଟାରେ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୮ ତାରିଖ ସକାଳ ୧୦ଟାରୁ ୧୯ତାରିଖ ଅପରାହ୍ଣ ୪ଟା ଭିତରେ ନାମ ଲେଖାଇବେ। ସୂଚନାଯୋଗ୍ୟ, ଯୁକ୍ତ୨ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନ୍‌ଲାଇନ୍ ନାମଲେଖା ଶେଷ ହେବା ପରେ ବି ଏକ ଲକ୍ଷରୁ ଊର୍ଦ୍ଧ୍ୱ ସିଟ୍ ଖାଲିପଡ଼ିଛି। ରାଜ୍ୟର ୨,୨୦୩ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୫,୨୦,୯୨୦ ସିଟ୍ ମଧ୍ୟରୁ ୪,୧୧,୮୨୬ ଜଣ ଛାତ୍ରୀଛାତ୍ର ଏକାଦଶ ଶ୍ରେଣୀ ପାଇଁ ନାମ ଲେଖାଇଛନ୍ତି। ଆଉ ୧,୦୯,୦୯୪ ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି।

# ବୃତ୍ତଚିତ୍ରରେ ଗାନ୍ଧୀ, ଗୋପବନ୍ଧୁ, ବାଜିରାଉତ


ପିଲାମାନେ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

### ବିଭିନ୍ନ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପଭୋଗ କଲେ

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ନିମନ୍ତେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ବିଷୟରେ ଅବଗତ କରାଇବା ଉଦ୍ଦେଶ୍ୟରେ 'ଓଡ଼ିଶାରେ ଗାନ୍ଧିଜୀ', 'ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଶହୀଦ ବାଜିରାଉତ ଆଦି ତିନୋଟି ଶୀର୍ଷକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ଏବଂ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ଘଟଣା 'ଓଡ଼ିଶାରେ ଗାନ୍ଧିଜୀ' ବୃତ୍ତଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ସେହିପରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ଶହୀଦ ବାଜିରାଉତଙ୍କ ବୀରତ୍ୱର କାହାଣୀକୁ ନେଇ ଅନ୍ୟ ଦୁଇଟି ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱରସୁଧା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୌରଭ ନାୟକ, ଜୟଶ୍ରୀ ଜ୍ୟୋତିର୍ମୟୀ ସାହୁ, ବର୍ଣ୍ଣାଳି ହୋତା, ଗଣେଶ ମହାରଣା ଓ ସାଥୀ କଳାକାରମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ବୃତ୍ତଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ୟୁନିଟ୍-୨ କ୍ୟାପିଟାଲ୍ ବାଳିକା ହାଇସ୍କୁଲ, ମଦର୍ସ ପବ୍ଲିକ୍ ସ୍କୁଲ, ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ୟଙ୍ଗ୍ ଫେନିକ୍ସ ଏବଂ ଓପନ୍ ଲର୍ନିଂ ସିଷ୍ଟମ ଆଦି ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କିତ ଫଟୋ ଓ ତଥ୍ୟକୁ ନେଇ ସୋମବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୩ଦିନିଆ ଫଟୋଚିତ୍ର ପ୍ରଦର୍ଶନୀକୁ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ। ବୁଧବାର ଅପରାହ୍ଣ ୩ଟାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସୂଚନା ଭବନରେ ରିଚାର୍ଡ ଆଟେନ୍‌ବର୍ଗଙ୍କ ଗାନ୍ଧୀ ଚଳଚ୍ଚିତ୍ର ପ୍ରଦର୍ଶନ ହେବ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅନାମଚରଣ


@ ସୁବ୍ରତ


@ ସ୍ମୃତିପ୍ରଜ୍ଞା


@ ଆଶିଷ


@ ସ୍ମୃତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଅସ୍ଥାୟୀ ଲଞ୍ଚ୍ ଡ୍ରାଇଭର, ଖଲାସିଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୩।୧୦(ଅନୁରାଧା ମହାରଣା)**

୬ ମାସ ପରିବର୍ତ୍ତେ ୧୨ ମାସର ନିଯୁକ୍ତି ପ୍ରଦାନ ସମେତ ଅନ୍ୟାନ୍ୟ ଦାବିରେ ଅସ୍ଥାୟୀ ଲଞ୍ଚ୍ ଡ୍ରାଇଭର ଓ ଖଲାସି ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ମହାସଂଘ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାସଂଘର କର୍ମକର୍ତ୍ତା କହିଛନ୍ତି ଯେ, ଅସ୍ଥାୟୀ ଲଞ୍ଚ୍ ଡ୍ରାଇଭର ଓ ଖଲାସିମାନେ ୬ମାସିଆ ଠିକା କର୍ମଚାରୀ ଭାବେ ବନ୍ୟା ଏବଂ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କାମ କରୁଛନ୍ତି। ରାଜ୍ୟର ୧୯ଟି ଜିଲାରେ ଡ୍ରାଇଭର ଓ ଖଲାସି ମିଶି ୫୦୮ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଜଣେ ଡ୍ରାଇଭର ମାତ୍ର ୧୧, ୧୦୦ ଟଙ୍କା ଓ ଖଲାସି ୧୦, ୧୦୦ ଟଙ୍କା ଦରମା ପାଉଛନ୍ତି। ଏତିକି ଅର୍ଥରେ ୬ ମାସ କାମ କରି ବର୍ଷଯାକ ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ତେଣୁ ବିଭିନ୍ନ ବ୍ଲକ ଏବଂ ତହସିଲ ଅଞ୍ଚଳରେ କାମ କରୁଥିବା ଲଞ୍ଚ୍ ଡ୍ରାଇଭର ଓ ଖଲାସିମାନଙ୍କୁ ଖାଲିଥିବା ପଦବୀରେ ଯୋଗ୍ୟତା ଅନୁସାରେ ବନ୍ୟା ସମୟରେ ବୋଟ ଚଳାଇବା ପରି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି।



ଅସ୍ଥାୟୀ ଲଞ୍ଚ୍ ଡ୍ରାଇଭର ଓ ଖଲାସି ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ମାପ ଓଜନରେ ଠକେଇ ଅଭିଯୋଗ

ଟାଙ୍ଗୀ,୩।୧୦(ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ବଜାର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବିଭିନ୍ନ ସମୟରେ ମାପ ଓଜନରେ ଠକେଇ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ସେମାନଙ୍କର ମାପ ଓଜନ ବଟକରା ପୁରୁଣା ହୋଇଥିବାରୁ ଓଜନ କମ୍ ରହୁଛି। ଦୀର୍ଘବର୍ଷ ଧରି ନବୀକରଣ କରୁନାହାନ୍ତି। କମ୍ପ୍ୟୁଟର ମାପ ଓଜନ ଯନ୍ତ୍ର ବ୍ୟବହାର କରୁଥିବା ବ୍ୟବସାୟୀମାନେ ମଧ୍ୟ ଠକେଇ କରୁଥିବା ଅଭିଯୋଗ ହେଉଛି। ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀମାନେ ତଦାରଖ କରୁ ନ ଥିବାରୁ ଖାଉଟିମାନେ ଠକାମିର ଶିକାର ହେଉଛନ୍ତି। ରାସ୍ତାକଡ଼ ମାଛ, ମାଂସ, ପରିବା, ଫଳ, ଜଳଖିଆ ଦୋକାନରେ ଠକେଇ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବା ସହ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଗଣେଶଙ୍କ ଆଣ୍ଠାଲଡୁ ୯,୫୦୦ ଟଙ୍କାରେ ନିଲାମ

ତିଗିରିଆ, ୩।୧୦(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଷ୍ଟ୍ରୀମ ଲାଇନ କ୍ଲବ ତରଫରୁ ଆୟୋଜିତ ଗଣେଶ ପୂଜାର ୨୩ କିଲୋର ଆଣ୍ଠା ଲଡୁ ମଙ୍ଗଳବାର ୯ ହଜାର ୫୦୦ ଟଙ୍କାରେ ନିଲାମ ହୋଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଉପାଧକ୍ଷ ମାନସ ସାହୁ, ସମ୍ମାନିତ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଯୋଗ ଦେଇଥିଲେ। ନବକିଶୋର ଭଞ୍ଜ ନିଲାମ ନେଇଥିବାବେଳେ କାର୍ଯ୍ୟକ୍ରମକୁ ଗୋବିନ୍ଦ ସାହୁ ପରିଚାଳନା କରିଥିଲେ। ଷ୍ଟ୍ରୀମ ଲାଇନ କ୍ଲବରେ ସଭାପତି ପ୍ରକାଶ ଦାସ ଓ ସମ୍ପାଦକ ଅକ୍ଷୟ କୁମାର ସାହୁ ଉପସ୍ଥିତ ଥିଲେ। ପରେ ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେଇଥିଲା।

### ସୁରଭି ପ୍ରସ୍ତୁତି ବୈଠକ

ବଡ଼ମ୍ବା,୩।୧୦(ମାୟାଧର ମଲ୍ଲିକ)

ବଡ଼ମ୍ବା ମଣ୍ଡଳସ୍ତରୀୟ ସୁରଭି ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନା ସାହୁ, ମଣ୍ଡଳ ସାଧନ ସଂଯୋଜକ ବିବେକାନନ୍ଦ ସାହୁ, ସହଶିକ୍ଷାଧିକାରୀ ନିର୍ମଳା ବେହେରା ଏବଂ ମୋହନ ସୁବୁଦ୍ଧି ମୁକ୍ତିପଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଅପରିଚିତ ମୃତଦେହ ସତ୍କାର ନେଇ ଏସ୍‌ସିବିରେ ବିବାଦ

- କର୍ତ୍ତୃପକ୍ଷ, ପୋଲିସ ମଧ୍ୟରେ ଟଣାଓଟରା
- ଏମଏଲ୍‌ସି ନ ହେଲେ ପୋଲିସ ଉଠାଉନି ଶବ
- ଆଜି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆଲୋଚନା



କଟକ,୩।୧୦( ସୁପ୍ରିୟା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅପରିଚିତ ମୃତଦେହ ସତ୍କାର ନେଇ ବିବାଦ ଦେଖାଦେଇଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ସେ ନେଇ ପୋଲିସ ଏବଂ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଭାବନୀୟ ସ୍ଥିତି ଉପୁଜିଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି।

ନନ୍ ଏମ୍ଏଲ୍‌ସି ମୃତଦେହକୁ ମେଡିକୋ ଲିଗାଲ୍ କେସ୍(ଏମ୍ଏଲ୍‌ସି) ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ କହୁଛନ୍ତି। ହେଲେ ପୋଲିସ ଏଥିପାଇଁ ରାଜି ହେଉନାହିଁ। ଯେଉଁ ରୋଗୀଙ୍କ ମୃତଦେହ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରାଯିବ, ତା'ର ମୃତଦେହ ସତ୍କାର ପୋଲିସ ଦ୍ୱାରା କରାଯିବ। ନଚେତ୍ ନନ୍-ଏମଏଲସି ଘଟଣାରେ ପୋଲିସ ହସ୍ତକ୍ଷେପ କରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଛି। ଅପରପକ୍ଷରେ ବିବାଦ ଆଗକୁ ନ ବଢ଼ିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ୪ତାରିଖ ବୁଧବାର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବସିବ। ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହାକୁ ନେଇ ଏସ୍‌ସିବି କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କିପରି ସହଜରେ କରାଯାଇ ପାରିବ ସେ ନେଇ ଉଦ୍ଦିଷ୍ଟ ଗାଇଡଲାଇନରେ ପରିବର୍ତ୍ତନ ଆଣିବା ଦିଗରେ ନିବେଦନ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ଏସ୍‌ସିବିକୁ ଆସୁଥିବା ଅସହାୟ ଓ ଅପରିଚିତ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥାଏ। ଏମାନଙ୍କ ମଧ୍ୟରୁ କିଛି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ରହିଥାଏ, ସେମାନଙ୍କ ଶବ ବ୍ୟବଚ୍ଛେଦ ହୁଏ। ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ଏହାକୁ ଏମ୍ଏଲ୍‌ସିରେ ପଞ୍ଜୀକରଣ କରାଯାଇଥାଏ। ଏମ୍ଏଲ୍‌ସିରେ ପଞ୍ଜୀକରଣ ପରେ ପୋଲିସ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ନିମନ୍ତେ ପଦକ୍ଷେପ ନେଇଥାଏ। ସେହିପରି କିଛି ଅସହାୟ ବ୍ୟକ୍ତି ସାଧାରଣ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାନ୍ତି। ଏହାକୁ ନନ୍ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରାଯାଇଥାଏ। ତେବେ ଏମ୍ଏଲ୍‌ସିରେ ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରାଯିବା ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ଅର୍ଥ ବିନିଯୋଗ କରାଯାଇଥାଏ। ମାତ୍ର ନନ୍ ଏମ୍ଏଲ୍‌ସି ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ପାଇଁ ବଡ଼ ମେଡିକାଲର ୟୁଜର୍ସ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ଖର୍ଚ୍ଚ ବହନ ନ କରି ନନ୍ ଏମ୍ଏଲ୍‌ସି ମୃତଦେହକୁ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ପାଇଁ ପୋଲିସକୁ କହୁଛନ୍ତି ବୋଲି ଜଣୈକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ନେଇ ମେଡିକାଲ କର୍ତ୍ତୃପକ୍ଷ ମେଡିକାଲ ଫାଣ୍ଡି ବିବାଦରେ ଛନ୍ଦି ହୋଇଛନ୍ତି। ଏହି ବିବାଦ ମଧ୍ୟରେ କେତେକ ଅସହାୟ ରୋଗୀଙ୍କ ମୃତଦେହ ଏସ୍‌ସିବି ମେଡିକାଲର ଶବ ସଂରକ୍ଷଣ ଗୃହରେ ପଡ଼ି ରହିଥିଲା। ସମ୍ପ୍ରତି ଏହି ଘଟଣାକୁ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ଅପରିଚିତ ମୃତଦେହଗୁଡ଼ିକର ସତ୍କାର କରାଯାଇଥିବା ସୂଚନା ମିଳିଛି।




ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ସ୍ୱଚ୍ଛତା ଅଭିଯାନ'ର ଆୟୋଜନ କରାଯାଇଥିଲା। ଉକ୍ତ ଅଭିଯାନରେ ଆଇଓବିର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଗୌରବ ଭରଦ୍ୱାଜଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି

### ସୁନାପାଳ ସିଆରିଆ ପୋଲ ଉପରେ ବର୍ଷାଜଳ

ବଡ଼ମ୍ବା,୩।୧୦(ମାୟାଧର ମଲ୍ଲିକ): ବଡ଼ମ୍ବାରେ ସୋମବାର ଓ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସୁନାପାଳର ସିଆରିଆ ଓ ବାଲିଜୋରୀ ନାଳରେ ପାଣି ବଢ଼ିଯାଇଛି। କଟକ- ନରସିଂହପୁର ରାସ୍ତାରେ ଆସୁଥିବା ସିଆରିଆ ନାଳ ପୋଲ



ଉପରେ ଏବେ ପ୍ରାୟ ୨ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ଭୟଭୀତ ହେଉଛନ୍ତି। ଏହାଛଡ଼ା ବିଭିନ୍ନ ଗ୍ରାମର ଓ ଗହୀର ବିଲରେ ଥିବା ଚାଷଜମି ଜଳମଗ୍ନ ହୋଇଯାଇଛି। ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେବେ ଅବସରପ୍ରାପ୍ତ ସୈନିକ




କାର୍ଯ୍ୟକ୍ରମରେ କଳିଙ୍ଗ ଭେଟେରାନ ଆସୋସିଏଶନ କର୍ମକର୍ତ୍ତା ଏବଂ ଅନ୍ୟମାନେ।

ନିରାକାରପୁର,୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ )

ସେନାରେ ଯୋଗଦେବା ପାଇଁ ଖୋର୍ଦ୍ଧା ଜିଲା ଜଙ୍କିଆ ଓ ଏହାର ଆଖପାଖ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ଦେବେ ଅବସରପ୍ରାପ୍ତ ସେନା କର୍ମଚାରୀ। ଗାନ୍ଧୀ ଜୟନ୍ତୀ ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନେଇ ଗଠିତ ହୋଇଥିବା 'କଳିଙ୍ଗ ଭେଟେରାନ ଆସୋସିଏଶନ' ପକ୍ଷରୁ ଏହା କୁହାଯାଇଛି। ଯୁବତୀଯୁବକମାନେ କିଭଳି ପ୍ରଶିକ୍ଷଣ ମାଧ୍ୟମରେ ସୈନ୍ୟବାହିନୀରେ ଭର୍ତ୍ତିହେବା ଲାଗି ଯୋଗ୍ୟ ବିବେଚିତ ହେବେ ସେ ବ୍ୟବସ୍ଥା ଆସୋସିଏଶନ ପକ୍ଷରୁ କରାଯିବ ବୋଲି ଭେଟେରାନ ଆସୋସିଏଶନର ସଭାପତି ଅବସରପ୍ରାପ୍ତ ସୁବେଦାର ମେଜର ବିଜୟ କୁମାର ବଳିୟାରସିଂ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆସୋସିଏଶନର ସଦସ୍ୟମାନେ ସ୍ଥାନୀୟ ମେଡିକାଲ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏଥିସହ ଆସୋସିଏଶନ ମଧ୍ୟ ଶହୀଦଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇବ ବୋଲି ମତପ୍ରକାଶ ପାଇଥିଲା। ଅଞ୍ଚଳରେ ଚାରା ରୋପଣ, ରକ୍ତଦାନ ଶିବିରଠାରୁ ଆରମ୍ଭକରି ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ ଚମ୍ପତି ସୂଚନା ଦେଇଛନ୍ତି।

# ବିଭାଗୀୟ ଅଧିକାରୀଙ୍କୁ ବିଧାୟକଙ୍କ ତାଗିଦ୍

କଟକ,୩।୧୦(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ କ୍ରମାଗତ ୨ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଓ ତା'ପରେ ଗୋଟିଏ ଦିନ ଜଳଯୋଗାଣ ବିଭ୍ରାଟକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି ବିଧାୟକ ସୌଭିକ୍ ବିଶ୍ୱାଳ। ଏଭଳି ବିଭ୍ରାଟ ଘଟଣାକୁ ନେଇ ବିଧାୟକ ସୌଭିକ୍ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସମୀକ୍ଷା ବୈଠକ କରି ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ପାଇଁ ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲ ନିନ୍ଦିତ ହେଉଛି ବୋଲି ସେ କହିଛନ୍ତି।

ବିଧାୟକ ବିଶ୍ୱାଳ ବୈଠକରେ ମେଡିକାଲର ବିଭିନ୍ନ ଅବ୍ୟବସ୍ଥା ନେଇ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ସିବିକୁ ଏମ୍ସ ପ୍ଲସ୍ ଭାବେ ନୂଆ ରୂପରେଖ ଦେବାକୁ ଚାହୁଁଥିବାବେଳେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଦୁଃଖର ବିଷୟ କେତେଜଣ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଅନେକ ସମୟରେ ଏସ୍‌ସିବି ମେଡିକାଲ ଚର୍ଚ୍ଚାର ପରିସରକୁ ଆସୁଛି। ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲରେ ଅନେକ ସମୟରେ ପାନୀୟ ଜଳ, ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଛି। ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ବିଧାୟକ କହିଥିଲେ। ତେବେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ୨୪ ଘଣ୍ଟା ନିରବଚ୍ଛିନ୍ନ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଉପରେ ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଆଗାମୀ ଦିନରେ ଯେପରି କୌଣସି ବିଭ୍ରାଟ ନ ଘଟେ ବିଧାୟକ ସେନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି। ଏଥିସହ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟର ଅଗ୍ରଗତି ନେଇ ପୁଣି ବୈଠକ ବସିବା ନେଇ ବିଧାୟକ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, କୁଳସଚିବ ଡ. ଅବିନାଶ ରାଉତଙ୍କ ସମେତ ୱାଟ୍‌କୋ, ଏସିବି ମେଡିକାଲ କଲେଜକୁ ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା ଏସ୍‌ଡିଓ, ପିଏଚ୍‌ଡିର ଆସିଷ୍ଟାଣ୍ଟ ଇଞ୍ଜିନିୟର, ବିଭିନ୍ନ ବିଭାଗର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଗତ ଶନିବାର ଓ ରବିବାର ଦୁଇ ଦିନ ଧରି ଏସ୍‌ସିବି ମେଡିକାଲରେ ରୋଗୀସେବା ପ୍ରଭାବିତ ହୋଇଥିଲା।

# ପ୍ରସ୍ତାବିତ ପାଇକ ସ୍ମାରକୀ କାମ ଆଗଉନି

## ଶିଳାନ୍ୟାସକୁ ୪ବର୍ଷ ୯ମାସ ବିତିଲା

ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)

ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେମାନଙ୍କ ତ୍ୟାଗ, ବଳିଦାନ ସର୍ବଦା ସ୍ମରଣୀୟ ହୋଇରହିବ। ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସକୁ ୪ବର୍ଷ ୯ମାସ ବିତିଲାଣି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରସ୍ତାବିତ ନିର୍ମାଣ ସ୍ଥାନରେ ଖଣ୍ଡେ ଇଟା ମଧ୍ୟ ପଡିନାହିଁ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଏବଂ ପରେ ଜମି ହସ୍ତାନ୍ତରକୁ ନେଇ ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଲାଗି ରହିଥିବା ବିବାଦ ତୁଟୁଛି। ଏବେ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ସମ୍ପ୍ରସାରଣ ଚାଲିଛି। ତେବେ ପ୍ରସ୍ତାବିତ ଜମିରେ ରହିଥିବା ୧୩୩/୧୧ କେଭି ବିଦ୍ୟୁତ୍ ତାର ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଗଛ ସମ୍ପ୍ରସାରଣ ଚାଲିଥିବାରୁ ସ୍ମାରକୀ ସ୍ଥଳ ପାଚେରି ନିର୍ମାଣ ହୋଇପାରୁନାହିଁ। ନିକଟରେ ବକ୍ସିଙ୍କ ୨୭୯ ଜନ୍ମ ଜୟନ୍ତୀ ଉତ୍ସବରେ ଯୋଗଦାନ ପାଇଁ ଆସିଥିବା ବକ୍ସିଙ୍କ ଦାୟାଦ ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଥିଲେ।

୨୦୨୨ ଜୁଲାଇ ୧୯ରେ ରାଜ୍ୟ ସରକାର ଜମିର ଫ୍ରି ପ୍ରିମିୟମ ଯୋଗାଇ ଦେଇଛନ୍ତି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମେଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨ହଜାର ୯୩୪ ଟଙ୍କା ରାଜସ୍ୱ ଦେୟ ବାବଦକୁ ଛାଡ କରିଛନ୍ତି। ୨୦୨୨ ସେପ୍ଟେମ୍ବର ଏବଂ ଚଳିତ ଅଗଷ୍ଟ ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ବରୁଣେଇ ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ବୁଲି ଦେଖିଥିଲେ। ଜିଲା ପ୍ରଶାସନ ସହ ପ୍ରସ୍ତାବିତ ଜମିର ଷ୍ଟାଟସ ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଗଛ ଓ ବିଦ୍ୟୁତ୍ ଖୁଣ୍ଟ ସମ୍ପ୍ରସାରଣରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ବେଳେ ପ୍ରସ୍ତାବିତ ଜମି ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ଚାରିଆଡେ ଅନାବନା ଗଛଲତା ମାଡିଗଲାଣି। ତେବେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଶ୍ରେୟ ରାଜନୀତିରେ ସ୍ମାରକୀ ନିର୍ମାଣରେ ବିଳମ୍ବ ଘଟୁଛି ଚର୍ଚ୍ଚା ହେଉଛି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ଦାବି ହୋଇଛି।

# ବ୍ୟବସାୟୀ, କମ୍ପାନୀର ସମନ୍ୱୟରେ କୁକୁଡ଼ା ଚାଷୀଙ୍କ ଉନ୍ନତି

## ପୋଲଟ୍ରି ଟ୍ରେଡର୍ସ ଆସୋସିଏଶନ ବୈଠକ

ପିପିଲି,୩।୧୦(ପ୍ରଭାତ ମହାପାତ୍ର)

ଓଡ଼ିଶା ପୋଲଟ୍ରି ଟ୍ରେଡର୍ସ ଆସୋସିଏଶନର ପ୍ରଥମ ବୈଠକ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ପ୍ରାୟ ୩ଶହ ଟ୍ରେଡର୍ସ ଏଥିରେ ଯୋଗ ଦେଇଥିଲେ। ବ୍ୟବସାୟୀ ଓ କମ୍ପାନୀ ମଧ୍ୟରେ ସମନ୍ୱୟ ରହିଲେ କୁକୁଡ଼ା ଚାଷ ଓ ଚାଷୀର ଉନ୍ନତି ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପ୍ରଥମେ ଦଶପଲ୍ଲାର କୁକୁଡ଼ା ବ୍ୟବସାୟୀ ଶୁଭେନ୍ଦୁ ସାହୁଙ୍କର ବିୟୋଗରେ ୨ ମିନିଟ୍ ଶୋକସଭା ହୋଇଥିଲା। ସଂଘ ପକ୍ଷରୁ ତାଙ୍କ ପରିବାରକୁ ୧ ଲକ୍ଷ ୫ହଜାର ଟଙ୍କା ସହାୟତା ରାଶି ଦିଆଯିବ ବୋଲି ଘୋଷଣା ହୋଇଛି। ସଙ୍ଗଠନ ସଭାପତି ପ୍ରବୋଧ ପାଟସାହାଣୀ ଏଥିରେ ସଭାପତିତ୍ୱ




ପୋଲଟ୍ରି ଟ୍ରେଡର୍ସ ଆସୋସିଏଶନ ବୈଠକରେ ମଞ୍ଚାସୀନ ଅତିଥିମାନେ ।

କରିଥିଲେ। ସଭାରେ ଭୈରବ ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ଉତ୍କଳ ଫିଡ୍‌ସ ପ୍ରାଇଭେଟ ଲିମିଟେଡ୍, ପ୍ରିମିୟମ ଚିକସ ଫିଡ ପ୍ରାଇଭେଟ ଲିମିଟେଡ୍, ଇଣ୍ଡିଆନ ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ସୁଗୁଣା ଫୁଡ୍‌ସ ପ୍ରାଇଭେଟ ଲିମିଟେଡ୍, ଭିଏଚ୍ ଗ୍ରୁପ ଭେଙ୍କିସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ପଶୁପତି ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ଗୁରୁକୃପା ଚିକସ ଆଣ୍ଡ ଚିକେନ ପ୍ରାଇଭେଟ ଲିମିଟେଡ୍, ପଲିଟେକ ଫୁଡ୍‌ସ୍ ପ୍ରାଇଭେଟ ଲିମିଟେଡ୍, ସାରସ ବ୍ରିଡିଂ ଫାର୍ମ ପ୍ରାଇଭେଟ ଲିମିଟେଡ୍ ଓ ଜେକେ ଆଦି କମ୍ପାନୀର ପ୍ରତିନିଧିମାନେ ବୈଠକରେ ଯୋଗଦେଇଥିଲେ। କୁକୁଡ଼ା ବ୍ୟବସାୟୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉକ୍ତ ସଙ୍ଗଠନର ସମ୍ପାଦକ ଜ୍ୟୋତିକାନ୍ତ ମହାପାତ୍ର ଆଲୋଚନା କରିଥିଲେ। ବୈଠକରେ କଟକ ବାଙ୍କୀରୁ ଗୋଲକଚନ୍ଦ୍ର ବେଡ଼ା, ଜଗଦୀଶ ନାୟକ, ଚୌଦ୍ୱାରରୁ ତପନ ଜ୍ୟୋତି ବେହେରା, ଚନ୍ଦନପୁରରୁ ପବିତ୍ର ମୋହନ ପ୍ରଧାନ, ଭୁବନେଶ୍ୱରରୁ ଫିରୋଜ ଖାଁ, ନନ୍ଦ କିଶୋର ଖୁଣ୍ଟିଆ, ପୁରୀରୁ ଦୀପକ ସାହୁ, ଗୋପରୁ ବିଜୟ ନାୟକ, ନିମାପଡ଼ାରୁ ତନ୍ମୟ ନାୟକ, ଖୋର୍ଦ୍ଧାରୁ ଦାଶ ଟ୍ରେଡର୍ସ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କୁକୁଡ଼ା ଶିଳ୍ପରେ ପ୍ରମୁଖ ଅବଦାନ ପାଇଁ ସୁବ୍ରତ ରାଉତ, ପ୍ରଫୁଲ୍ଲ ଦାସ, ମନୋଜ ଯୋଶୀ, ଶିବପ୍ରସାଦ ରାଉତ, ଭଗବତୀ ପଣ୍ଡା, ମିର୍ଜା ଜାହାଙ୍ଗିର ବେଗ, ଡ. ଏଜି ରାଓ ଓ ସୁବ୍ରତ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଙ୍ଗଠନର ସମ୍ପାଦକ ମହାପାତ୍ର କାର୍ଯ୍ୟ ପରିଚାଳନା କରଥିଲେ।




ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ମାଷ୍ଟରକ୍ୟାଣ୍ଟିନ ଛକରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପରିଚାଳିତ ଜୁନିୟର ଆସିଷ୍ଟାଣ୍ଟ ବିଜ୍ଞପ୍ତିରେ ସଂଶୋଧନ ଦାବିରେ ମଙ୍ଗଳବାର ଷ୍ଟାଫ ସିଲେକ୍ସନ ଅଫିସ ସମ୍ମୁଖରେ ଆଶାୟୀଙ୍କ ଧାରଣା।

# ଅପରିଚିତ ମୃତଦେହ ସତ୍କାର ନେଇ ଏସ୍‌ସିବିରେ ବିବାଦ

- କର୍ତ୍ତୃପକ୍ଷ, ପୋଲିସ ମଧ୍ୟରେ ଟଣାଓଟରା
- ଏମଏଲ୍‌ସି ନ ହେଲେ ପୋଲିସ ଉଠାଉନି ଶବ
- ଆଜି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆଲୋଚନା




କଟକ,୩।୧୦( ସୁପ୍ରିୟା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅପରିଚିତ ମୃତଦେହ ସତ୍କାର ନେଇ ବିବାଦ ଦେଖାଦେଇଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ସେ ନେଇ ପୋଲିସ ଏବଂ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଭାବନୀୟ ସ୍ଥିତି ଉପୁଜିଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି।

ନନ୍ ଏମ୍ଏଲ୍‌ସି ମୃତଦେହକୁ ମେଡିକୋ ଲିଗାଲ୍ କେସ୍(ଏମ୍ଏଲ୍‌ସି) ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ କହୁଛନ୍ତି। ହେଲେ ପୋଲିସ ଏଥିପାଇଁ ରାଜି ହେଉନାହାଁନ୍ତି। ଯେଉଁ ରୋଗୀଙ୍କ ମୃତଦେହ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରାଯିବ, ତା'ର ମୃତଦେହ ସତ୍କାର ପୋଲିସ ଦ୍ୱାରା କରାଯିବ। ନଚେତ୍ ନନ୍-ଏମଏଲସି ଘଟଣାରେ ପୋଲିସ ହସ୍ତକ୍ଷେପ କରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଛି। ଅପରପକ୍ଷରେ ବିବାଦ ଆଗକୁ ନ ବଢ଼ିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ୪ତାରିଖ ବୁଧବାର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବସିବ। ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହାକୁ ନେଇ ଏସ୍‌ସିବି କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କିପରି ସହଜରେ କରାଯାଇ ପାରିବ ସେ ନେଇ ଉଦ୍ଦିଷ୍ଟ ଗାଇଡଲାଇନରେ ପରିବର୍ତ୍ତନ ଆଣିବା ଦିଗରେ ନିବେଦନ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ଏସ୍‌ସିବିକୁ ଆସୁଥିବା ଅସହାୟ ଓ ଅପରିଚିତ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥାଏ। ଏମାନଙ୍କ ମଧ୍ୟରୁ କିଛି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ରହିଥାଏ, ସେମାନଙ୍କ ଶବ ବ୍ୟବଚ୍ଛେଦ ହୁଏ। ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ଏହାକୁ ଏମ୍ଏଲ୍‌ସିରେ ପଞ୍ଜୀକରଣ କରାଯାଇଥାଏ। ଏମ୍ଏଲ୍‌ସିରେ ପଞ୍ଜୀକରଣ ପରେ ପୋଲିସ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ନିମନ୍ତେ ପଦକ୍ଷେପ ନେଇଥାଏ। ସେହିପରି କିଛି ଅସହାୟ ବ୍ୟକ୍ତି ସାଧାରଣ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାନ୍ତି। ଏହାକୁ ନନ୍ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରାଯାଇଥାଏ। ତେବେ ଏମ୍ଏଲ୍‌ସିରେ ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରାଯିବା ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ଅର୍ଥ ବିନିଯୋଗ କରାଯାଇଥାଏ। ମାତ୍ର ନନ୍ ଏମ୍ଏଲ୍‌ସି ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ପାଇଁ ବଡ଼ ମେଡିକାଲର ୟୁଜର୍ସ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ଖର୍ଚ୍ଚ ବହନ ନ କରି ନନ୍ ଏମ୍ଏଲ୍‌ସି ମୃତଦେହକୁ ଏମ୍ଏଲ୍‌ସି ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ପାଇଁ ପୋଲିସକୁ କହୁଛନ୍ତି ବୋଲି ଜନୈକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ନେଇ ମେଡିକାଲ କର୍ତ୍ତୃପକ୍ଷ ମେଡିକାଲ ଫାଣ୍ଡି ବିବାଦରେ ଛନ୍ଦି ହୋଇଛନ୍ତି। ଏହି ବିବାଦ ମଧ୍ୟରେ କେତେକ ଅସହାୟ ରୋଗୀଙ୍କ ମୃତଦେହ ଏସ୍‌ସିବି ମେଡିକାଲର ଶବ ସଂରକ୍ଷଣ ଗୃହରେ ପଡ଼ି ରହିଥିଲା। ସମ୍ପ୍ରତି ଏହି ଘଟଣାକୁ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ଅପରିଚିତ ମୃତଦେହଗୁଡ଼ିକର ସତ୍କାର କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଜ୍ୟୋତ୍ସ୍ନାରାଣୀ ହେଲେ ଜିଲା ମହିଳା ବିଜେଡି ସଭାନେତ୍ରୀ

ବାଙ୍କୀ,୩।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ଡମପଡ଼ା ବ୍ଲକ ବିଜୁ ମହିଳା ଜନତା ଦଳ ସଭାପତି ଜ୍ୟୋତ୍ସ୍ନାରାଣୀ ବେହେରାଙ୍କୁ କଟକ ଜିଲା ବିଜେଡି ସଭାନେତ୍ରୀ ଭାବେ ଚୟନ କରାଯାଇଛି। ରାଜ୍ୟ ବିଜୁଜନତାଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ମହିଳା ଦଳ ସଭାନେତ୍ରୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ତାଙ୍କୁ ମନୋନୀତ କରିଛନ୍ତି। ଏନେଇ ବେହେରା ଦଳ ସଭାପତି ପଟ୍ଟନାୟକଙ୍କ ସମେତ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ବିଜେଡି ସଭାପତି ଛୁରିଆ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୂର୍ବରୁ ବେହେରା ବାଙ୍କୀ ଡମପଡ଼ା ବ୍ଲକ ଜୋନ୍ ନମ୍ବର ୩୮ର ଜିଲା ପରିଷଦ ସଭ୍ୟ ଓ ଡମପଡ଼ା ବ୍ଲକ ବିଜୁ ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ମିଶନ୍ ଶକ୍ତି ଅଧୀନ ବ୍ଲକ ମହାସଂଘ ସଭାପତି ଭାବେ କାର୍ଯ୍ୟ କରିଥିଲେ।

### ସୁନାପାଳ ସିଆରିଆ ପୋଲ ଉପରେ ବର୍ଷାଜଳ

#### ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି

ବଡ଼ମ୍ବା,୩।୧୦(ମାୟାଧର ମଲ୍ଲିକ):

ବଡ଼ମ୍ବାରେ ସୋମବାର ଓ ମଙ୍ଗଳବାର ଲଗାଣ ବର୍ଷା ଯୋଗୁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସୁନାପାଳର ସିଆରିଆ ଓ ବାଲିଜୋରୀ ନାଳରେ ପାଣି ବଢ଼ିଯାଇଛି। କଟକ- ନରସିଂହପୁର ରାସ୍ତାରେ ଆସୁଥିବା ସିଆରିଆ ନାଳ ପୋଲ ଉପରେ ଏବେ ପ୍ରାୟ ୨ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ଭୟଭୀତ ହେଉଛନ୍ତି। ଏହାଛଡ଼ା ବିଭିନ୍ନ ଗ୍ରାମର ଓ ଗହୀର ବିଲରେ ଥିବା ଚାଷଜମି ଜଳମଗ୍ନ ହୋଇଯାଇଛି। ପ୍ରଶାସନ ତଥା ପୂର୍ତ୍ତ ବିଭାଗ ଏଥିପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଲଘୁଚାପ ବର୍ଷା ଯୋଗୁ କଟକ-ନରସିଂହପୁର ରାସ୍ତାର ସିଆରିଆ ନାଳ ପୋଲ ଉପରେ ୨ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି।

### 'ମୋ ଦେଶ ମୋ ମାଟି' ପାଇଁ ଅମୃତ ମାଟି ସଂଗ୍ରହ

ଫୁଲନଖରା,୩।୧୦
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଭାଜପା ପକ୍ଷରୁ 'ମୋ ଦେଶ ମୋ ମାଟି' ପାଇଁ ସୋମବାର ଅମୃତ ମାଟି ସଂଗ୍ରହ କରାଯାଇଛି। କଟକ ସଦର ଥାନା ଅଧୀନ ଖଣ୍ଡାୟତା ପଞ୍ଚାୟତର ଧାନହରପଡ଼ାଠାରୁ ଅରଡ଼ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଘରକୁ ଘର ବୁଲି ଅମୃତ ମାଟି ସଂଗ୍ରହ କରାଯାଇଥିଲା। ଭାଜପା ଉରାଳି ମଣ୍ଡଳ ସଭାପତି ପ୍ରଦୀପ୍ତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ଗୋଲଖଚନ୍ଦ୍ର ମହାପାତ୍ର, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ପବିତ୍ରମୋହନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭିନେତା ଶ୍ରୀତମ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥୀ, ଖଣ୍ଡାୟତା ପଞ୍ଚାୟତ ଭାଜପା ସଭାପତି ପ୍ରତାପ ଚନ୍ଦ୍ର ସାହୁ, ଉରାଳି ମଣ୍ଡଳ ପ୍ରଭାରୀ ପ୍ରକାଶଚନ୍ଦ୍ର ସେଠୀ, ଉରାଳି ମଣ୍ଡଳ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ନାୟକ, ଏସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ରାଧାକାନ୍ତ ମଲ୍ଲିକ, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ରଞ୍ଜିତ ପଣ୍ଡା, ନିମନ୍ତ୍ରିତ ଅତିଥି ରାଜକୁମାର ମହାନ୍ତି, ପୀୟୂଷ ରଞ୍ଜନ ପରିଡ଼ା ପ୍ରମୁଖ ଅଂଶ କରିଥିଲେ।

### ମଣ୍ଡଳସ୍ତରୀୟ ସୁରଭି ପାଇଁ ପ୍ରସ୍ତୁତି ବୈଠକ

ବଡ଼ମ୍ବା,୩।୧୦(ମାୟାଧର ମଲ୍ଲିକ)

ବଡ଼ମ୍ବା ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନା ସାହୁ, ମଣ୍ଡଳ ସାଧନ ସଂଯୋଜକ ବିବେକାନନ୍ଦ ସାହୁ, ସହ ଶିକ୍ଷା ଅଧିକାରୀ ନିର୍ମଳା ବେହେରା ଏବଂ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକ୍ତିପଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

# ଗଣେଶଙ୍କ ଆଞ୍ଚାଲଡୁ ୯,୫୦୦ ଟଙ୍କାରେ ନିଲାମ

ଟିଗିରିଆ, ୩।୧୦(ଜାଫର ଖାଁ )

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଷ୍ଟ୍ରିମ ଲାଇନ କ୍ଲବ ତରଫରୁ ଆୟୋଜିତ ଗଣେଶ ପୂଜାର ୨୩ କିଲୋର ଆଞ୍ଚା ଲଡୁ ମଙ୍ଗଳବାର ୯ ହଜାର ୫୦୦ ଟଙ୍କାରେ ନିଲାମ ହୋଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ସାହୁ, ସମ୍ମାନିତ ଅତିଥିଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଯୋଗ ଦେଇଥିଲେ। ନବକିଶୋର ଭଞ୍ଜ ନିଲାମ ନେଇଥିବାବେଳେ କାର୍ଯ୍ୟକ୍ରମକୁ ଗୋବିନ୍ଦ ସାହୁ ପରିଚାଳନା କରିଥିଲେ। ଷ୍ଟ୍ରିମ ଲାଇନ କ୍ଲବରେ ସଭାପତି ପ୍ରକାଶ ଦାସ ଓ ସମ୍ପାଦକ ଅକ୍ଷୟ କୁମାର ସାହୁ ଉପସ୍ଥିତ ଥିଲେ। ପରେ ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେଇଥିଲା।




ଗଣେଶଙ୍କ ଆଞ୍ଚା ଲଡୁ ନିଲାମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଆଧ୍ୟାତ୍ମିକତା ଆଧାରରେ ଜୀବନ ସୁଖମୟ ହେବ

ବଡ଼ମ୍ବା,୩।୧୦(ମାୟାଧର ମଲ୍ଲିକ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମସ୍ଥିତ ପୁରୁଣା ଉଚ୍ଚ ବାଳିକା ବିଦ୍ୟାଳୟରେ ଚାଲିଥିବା ତ୍ରିଦିବସୀୟ ଶିବ ଦର୍ଶନ ଓ ଆଧ୍ୟାତ୍ମିକ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛ। ରବିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ଯୋଗଦେଇଥିଲେ। ଏହି ଅବସରରେ ତହସିଲଦାର ବେହେରା କହିଥିଲେ, ଅଧ୍ୟାତ୍ମିକତା ଆଧାରରେ ମାନବର ଜୀବନ ସୁଖମୟ ହୋଇପାରିବ।ମୁଖ୍ୟବକ୍ତା ଭାବେ ବ୍ରହ୍ମକୁମାରୀ ପ୍ରତିମା ସୁସ୍ୱାସ୍ଥ୍ୟ ଓ ଖୁସିପୂର୍ଣ୍ଣ ଜୀବନଯାପନ ଉପରେ ବକ୍ତବ୍ୟ ଦେଇଥିଲେ। ବ୍ରହ୍ମକୁମାରୀ କୁନ୍ତଳା ସ୍ୱାଗତ ଭାଷଣ ଦେଇଥିବାବେଳେ ବ୍ରହ୍ମ କୁମାର ଡା. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ରାଜଯୋଗିନୀ ବ୍ରହ୍ମ କୁମାରୀ ଅନୁପମା ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ନୂତନ ସ୍ନାତକୋତ୍ତର, ସ୍ନାତକ ବିଭାଗ ପାଇଁ ଅଧ୍ୟାପକ ଚୟନ

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

ବାଙ୍କୀ,୩।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓ ସ୍ନାତକ ବିଭାଗ ପାଇଁ ଅଧ୍ୟାପକ ଚୟନ କରାଯାଇଛି। ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଇଁ ନୂତନ ଭାବେ ପ୍ରାଣୀ ବିଜ୍ଞାନ, ଓଡ଼ିଆ, ଅର୍ଥନୀତି, ଇଂଲିଶ୍, ରସାୟନ ବିଜ୍ଞାନ, ରାଜନୀତି ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ମନୋସ୍ତତ୍ତ୍ୱ ବିଭାଗ, ଗୃହ ବିଜ୍ଞାନ ଖୋଲାଯାଇଛି। ସେହିପରି ସ୍ନାତକୋତ୍ତର ନୂତନଭାବେ ଭୂତତ୍ତ୍ୱ, ଜୈବପ୍ରଯୁକ୍ତି ବିଜ୍ଞାନ, ଭୂଗୋଳ ଓ କମ୍ପ୍ୟୁଟର ବିଜ୍ଞାନ ଆଦି ଖୋଲାଯାଇଛି। ଏସବୁ ବିଭାଗରେ ଅଧ୍ୟାପକ ପଦବୀ ପୂରଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଦି ବହୁ ସ୍ୱନାମଧନ୍ୟ ପ୍ରଫେସର ମଣ୍ଡଳୀଙ୍କୁ ନେଇ ଚୟନ ପ୍ରକ୍ରିୟା ମଙ୍ଗଳବାର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ମନୋଜ କୁମାର ମହପାତ୍ର, ରାଜକିଶୋର ପାଲ୍, ଡ. ସନ୍ତୋଷ କୁମାର ପଣ୍ଡା, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ପ୍ରମୋଦ କୁମାର ପଣ୍ଡା, ଡ. ମୁରଲୀଧର ରଥ, ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ଡ. ମାନସ ରଞ୍ଜନ ମହାପାତ୍ର, ଅଧ୍ୟାପକ ମୁକ୍ତପଦ ପଣ୍ଡା, ଅଧ୍ୟାପିକା ଅର୍ଜିତ ମିଶ୍ର ଓ ନିବେଦିତା ପତ୍ରି ପ୍ରମୁଖ ଏହି ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଭିକାରୀ ଚରଣ ଗୁରୁ, ଡକ୍ଟର ବିଷ୍ଣୁପ୍ରିୟା ହୋତା, ପୂର୍ବତନ ଅଧକ୍ଷ ରାଜକିଶୋର ମହାନ୍ତି ପ୍ରମୁଖ ଚୟନ ପ୍ରକ୍ରିୟାରେ ଯୋଗଦେଇଥିଲେ।

# ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

ଟିଗିରିଆ, ୩।୧୦(ଜାଫର ଖାଁ )

ଟିଗିରିଆ ବ୍ଲକ କୃଷକ ଭବନ କକ୍ଷରେ କଟକ ଜିଲା କୃଷି ବିଭାଗ ତରଫରୁ ମିଲେଟ ମିଶନ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକର ୧୫ ଜଣ ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ସଦସ୍ୟାଙ୍କୁ ନେଇ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରୁ ୩ ଜଣ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସୋନିକା ପ୍ରଧାନ, ସୁଜାତା ରଣା ଓ ନିତୁ ଜେନା। ଏହି ଅବସରରେ ମାଣ୍ଡିଆ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ୟାକିଂ କରି କିପରି ବଜାରରେ ବିକ୍ରି କରାଯାଇପାରିବ ସେନେଇ ଏସ୍ଏଚ୍‌ଜି ସଦସ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ମିଲେଟ ମିଶନର ସଂଯୋଜକ ଅଶ୍ୱିନୀ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଟିଗିରିଆର ଅଧକ୍ଷ ହରେନ୍ଦ୍ର ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ଚରଣ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ସନ୍ଧ୍ୟାରାଣୀ ନାୟକ, କୃଷି ଜିଲା ଅଧିକାରୀ ପର୍ଶୁରାମ ବେହେରା, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମିଶନଶକ୍ତି ସଭାନେତ୍ରୀ ସମସୁରା ବେଗମ, ଗୌରହରି ପରିଡା ,ବ୍ଲକ କୃଷି ଅଧିକାରୀ ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ।




ପ୍ରତିଯୋଗିତାରେ ଭାଗ ନେଇଥିବା ଏସ୍ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ।

# ଅଖିଳ ଭାରତ କୃଷକ ସଭା ପକ୍ଷରୁ କଳା ଦିବସ ପାଳନ

ମଙ୍ଗୁଳି-ଜଗତପୁର,୩।୧୦(ମାନସ ସାମଲ)

୨୦୨୧ ଅକ୍ଟୋବର ୩ରେ ଉତ୍ତରପ୍ରଦେଶର ଲଖିମପୁର ଖେରିରେ କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ କାର ମାଡ଼ି ଯାଇଥିଲା। ଏଥିରେ ୪ କୃଷକଙ୍କ ମୃତ୍ୟୁ ଘଟିଥିଲା। ଅଖିଳ ଭାରତ କୃଷକ ସଭା ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ମଙ୍ଗଳବାର ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରମନ୍ତ୍ରୀ ଅଜୟଙ୍କ ବହିଷ୍କାର ଓ ଗିରଫ ଦାବି କରିଛି। ଲଖିମପୁର ଖେରି ଚାଷୀ ମୃତ୍ୟୁ ଘଟଣାକୁ ମଙ୍ଗଳବାର ୨ ବର୍ଷ ପୂରିଥିବାବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଳାଦିବସ ପାଳନ କରାଯାଇଥିଲା। ଏହି ଘଟଣାରେ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଗଲା ନାହିଁ କିମ୍ବା ସେହି ମନ୍ତ୍ରୀଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଗଲା ନାହିଁ। ଏହାର ପ୍ରତିବାଦରେ ଦେଶରେ ମଙ୍ଗଳବାର କେନ୍ଦ୍ରୀୟ ଟ୍ରେଡ ୟୁନିଅନ, ସ୍ୱାଧୀନ କର୍ମଚାରୀ ଫେଡେରେସନ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ କଳା ଦିବସ ପାଳନ କରାଯାଇଛି। କୃଷକ ସଭାର ଜିଲା ସମ୍ପାଦକ ଉମ୍ବରୁଧର ସାହୁଙ୍କ ନେତୃତ୍ୱରେ କଟକ ଜିଲା ଉପସଭାପତି ବଦ୍ରି ନାରାୟଣ ଦାସ, ବ୍ଲକ ସଭାପତି ରମେଶ ବେହେରା, ସମ୍ପାଦକ ମହେନ୍ଦ୍ର କୁମାର ବେହେରା, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝୀ, ଶ୍ରମିକ ନେତା ପୀତାମ୍ବର ଲେଙ୍କା, ରଶ୍ମି ରଞ୍ଜନ ତ୍ରିପାଠୀ, ସିପିଆଇ(ଏମ୍) ନେତା ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଚାଷୀ ଓ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ।

# କାଞ୍ଜିଆହୁଦା ନିଲାମ ବନ୍ଦ କରାଯାଉ

## ଆରଡିସିଙ୍କୁ ଦାବିପତ୍ର

କଟକ ସଦର,୩।୧୦(ସୁଶାନ୍ତ କୁମାର ଜେନା)

ପ୍ରତିବର୍ଷ ଗ୍ରାମପଞ୍ଚାୟତ ସ୍ତରରେ କାଞ୍ଜିଆହୁଦା ନିଲାମ କରାଯାଇ ରାଜସ୍ୱ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ଏହି ବ୍ୟବସ୍ଥା ବନ୍ଦ କରିବା ପାଇଁ ମଙ୍ଗଳବାର ବିଶ୍ୱ ଗୋ ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି)ଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ଅଧିକାଂଶ ନିର୍ମାଣଭିତ୍ତିକ କାର୍ଯ୍ୟ ଗୋଚର କିସମ ଜମିରେ କରାଯାଉଛି। ପ୍ରାଣୀମାନଙ୍କର ଚାରଣ ଭୂମି ଲୋକଙ୍କ ବ୍ୟବହାରରେ ଲାଗୁଛି। ଅନ୍ୟପକ୍ଷରେ ଚାରଣ ଭୂମି ଅଭାବରୁ ଗୋରୁ ଅନ୍ୟ ଜମିରେ ଫସଲ ନଷ୍ଟ କଲେ ସେମାନଙ୍କୁ ସାମୟିକ ଭାବେ ଆବଦ୍ଧ କରି ରଖିବା ସହିତ ମାଲିକଙ୍କଠାରୁ ଜରିମାନା ଆଦାୟ କରିବା କେତେଦୂର ଯଥାର୍ଥ ତାହାର ବିଚାର ପ୍ରଶାସନ ସ୍ତରରେ କରାଯିବାକୁ ଦାବି କରାଯାଇଛି।

ପ୍ରତି ଆର୍ଥିକ ବର୍ଷରେ ୧୩ ଧାରା ଫର୍ମରେ ପଞ୍ଚାୟତ ପକ୍ଷରୁ କାଞ୍ଜିଆହୁଦା ନିଲାମ ପାଇଁ ସ୍ଥାନୀୟ ଉପଜିଲାପାଳଙ୍କୁ ସୁପାରିସ କରାଯାଏ। ସମ୍ପୃକ୍ତ କାର୍ଯ୍ୟାଳୟ ନିଲାମ ରାଶି ସ୍ଥିର କରିବା ପରେ ଏହି ଫର୍ମ ପଞ୍ଚାୟତକୁ ପୁଣି ଫେରାଇ ଦିଆଯାଇଥାଏ। ଏହାପରେ ସର୍ବସାଧାରଣରେ କାଞ୍ଜିଆହୁଦା ନିଲାମ କରାଯାଏ। କୌଣସି ବ୍ୟକ୍ତିଙ୍କ ଗୋରୁ, ଛେଳି ଓ ମେଣ୍ଢା ଅନ୍ୟର ଫସଲ ନଷ୍ଟ କଲେ ସେମାନଙ୍କୁ କାଞ୍ଜିଆହୁଦାକୁ ନିଆଯାଇ ସାମୟିକ ଭାବେ ଆବଦ୍ଧ କରି ରଖିବା ବ୍ୟବସ୍ଥା ରହିଛି। ମାଲିକ ସେଠାରେ ପହଞ୍ଚି ଜରିମାନା ଦେଇ ପ୍ରାଣୀଙ୍କୁ ଆଣିଥାଆନ୍ତି। ବର୍ତ୍ତମାନ ସହରାଞ୍ଚଳରେ ଗୋଚର ଜମି ପ୍ରାୟ ବିଲୁପ୍ତ। ସେହିପରି ଗ୍ରାମାଞ୍ଚଳରେ ଏହି କିସମ ଜମିରେ ସ୍କୁଲଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କୋଠା ନିର୍ମାଣ ଭଳି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ଫଳରେ ଚାରଣ ଭୂମି ଅଭାବରୁ ପ୍ରାଣୀମାନେ ଭୋକ ମେଣ୍ଟାଇବା ପାଇଁ ଅନ୍ୟର ଫସଲ ଖାଉଛନ୍ତି। ତେଣୁ କାଞ୍ଜିଆହୁଦା ନିଲାମ ବନ୍ଦ ପାଇଁ ଆଇନଜୀବୀ ପଣ୍ଡା ରାଜସ୍ୱ ବିଭାଗ ନିକଟରେ ଦାବି କରିଛନ୍ତି। ଏହା ଉପରେ ନୀତିଗତ ସିଦ୍ଧାନ୍ତ ନେବାପାଇଁ ଦାବିପତ୍ରଟିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ରାଜସ୍ୱ ଆୟୁକ୍ତ କହିଥିବା ପଣ୍ଡା ସୂଚନା ଦେଇଛନ୍ତି।

# 'ପ୍ରତି ପଞ୍ଚାୟତରେ ସୂଚନା କର୍ମୀ ସୃଷ୍ଟି କର'

ରଘୁନାଥପୁର,୩।୧୦(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକଛକସ୍ଥିତ ମଦନମୋହନ ମଠ ପରିସରରେ ଜିଲା ଦୁର୍ନୀତି ବିରୋଧୀ ଅଭିଯାନର ଏକ ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ର ସଭାପତିତ୍ୱ କରିଥିଲେ। ସମାଜରେ ଦୁର୍ନୀତିର ଚେର ଲମ୍ବି ଚାଲିଥିବାବେଳେ ପ୍ରତି ମୁହୂର୍ତ୍ତରେ ସାଧାରଣଜନତା ନିଷ୍ପେଷିତ ହେଉଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ କେହି ସାହସ ଜୁଟାଇ ପାରୁନାହାନ୍ତି। ଏସବୁ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାକୁ ପଡ଼ିବ। ଏଥିପାଇଁ ପ୍ରତି ପଞ୍ଚାୟତରେ ସୂଚନା କର୍ମୀ ସୃଷ୍ଟି କରିବାକୁ ପଡ଼ିବ ବୋଲି ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଓଝା ବୈଠକରେ ମତବ୍ୟକ୍ତ କରିଥିଲେ। ସେହିପରି ସୂଚନାକର୍ମୀ ହେମନ୍ତ ସାହୁ, ଶକ୍ତିଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସେକନାସିର ଉଦ୍ଦିନ ପ୍ରମୁଖ ବିଭିନ୍ନ ବ୍ଲକରେ ସଙ୍ଗଠନର ପ୍ରସାର ଏବଂ ଜନସ୍ୱାର୍ଥ ସମ୍ବଳିତ ସରକାରୀ ତଥ୍ୟ ହାସଲ ଦିଗରେ ପ୍ରକାଶ କରିଥିଲେ। ସୂଚନାପ୍ରାପ୍ତ ହେବା ଆମର ସାମ୍ବିଧାନିକ ଅଧିକାର। ପ୍ରତ୍ୟେକ ସୂଚନାକର୍ମୀ ଦଳ ମତ ନିର୍ବିଶେଷରେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଜଣେ ସାମାଜିକକର୍ମୀ ଭାବେ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଜନତାଙ୍କ ହକ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିବା ଜରୁରୀ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଆହ୍ୱାନ କରିଥିଲେ। ସୂଚନାକର୍ମୀମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କୃଷକ ସଙ୍ଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଥିଲେ। ଶେଷରେ ନିଗମାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ସଦସ୍ୟ ଏରଣ୍ଡପାଳସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନିଶାମୁକ୍ତ ରାଜ୍ୟ ଆମର ଲକ୍ଷ୍ୟ ସମ୍ବଳିତ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗବନ୍ଧୁ ଦାସ, ଯୋଗେନ୍ଦ୍ର ଦାସ, ପ୍ରଦୀପ ସେଠୀ, ଦେବାଶିଷ ସ୍ୱାଇଁ, ରାଜକିଶୋର ନାୟକ, ନାରାୟଣ ଲେଙ୍କା, ରାଜକିଶୋର ସ୍ୱାଇଁ, ଅଭିରାମ ସ୍ୱାଇଁ ଓ ପ୍ରଭାତ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ଦୁର୍ନୀତି ବିରୋଧୀ ଅଭିଯାନର ସଦସ୍ୟମାନେ।

## ସଂକ୍ଷେପରେ

### ବିଜେଡିର ସାଙ୍ଗଠନିକ ବୈଠକ

ବୋଲଗଡ଼,୩।୧୦(ଦେବବ୍ରତ ହୋତା)

ବଡ଼କୁମାରୀ ପଞ୍ଚାୟତର ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପଠାରେ ବିଜେଡିର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ଆସନ୍ତା ୫, ୯ ଓ ୧୧ ତାରିଖରେ ବୋଲଗଡ଼ ବ୍ଲକର ତିନୋଟି ଜିଲାପରିଷଦ ଜୋନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବା ସହିତ ସକ୍ରିୟ ସଦସ୍ୟମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିସହ ବଳକା ଥିବା ପଞ୍ଚାୟତରେ ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚାରାରୋପଣ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ୨୫ନମ୍ବର ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ୨୬ ଓ ୨୭ ନମ୍ବର ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଓ ପ୍ରଦୀପ୍ତ କିଶୋର ଛୋଟରାୟ, ବିଜେଡି ବ୍ଲକ ସଭାପତି ବାନାମ୍ବର ମାଝି, ବିଜେଡି ମହିଳା ସଭାନେତ୍ରୀ ପ୍ରଭାତି ରାଉତରାୟ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶୁଭକାନ୍ତ ମହାପାତ୍ର ଏବଂ ୧୯ଟି ପଞ୍ଚାୟତର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

### ନିଶା ବେପାରୀ ଗିରଫ

ବାରଙ୍ଗ,୩।୧୦(ଲିଙ୍ଗରାଜ ରାଉତ)

ବ୍ରାଉନସୁଗାର ଓ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ କରିଗଣ୍ଡରପୁର ଗ୍ରାମର ରାଜକିଶୋର ସାହୁ ଓ ଢେଙ୍କାନାଳ ଧୀରପାଟଣା ଗ୍ରାମର ମାନସ ଖୁଣ୍ଟିଆ। ଥାନା ଅଧୀନ ଗଣ୍ଡରପୁର-ପ୍ରତାପନଗରୀ ଘେରିବନ୍ଧ ରାସ୍ତା କଡ଼ରେ ବ୍ରାଉନସୁଗାର ବିକ୍ରି ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଅଚାନକ ଚଢ଼ାଉ କରି ରାଜକିଶୋରଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ୧୨ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନସୁଗାର ସହ ଫୋନ, ବାଇକ୍ ଓ କିଛି ଟଙ୍କା ଜବତ ହୋଇଛି। ସେହିପରି ବାଙ୍କୀ ଅଞ୍ଚଳରୁ ଏକ ବାଇକ୍ ଯୋଗେ ଦେଶୀ ମଦ ନେଇ ଭୁବନେଶ୍ୱରକୁ ଆସୁଥିବା ମାନସଙ୍କୁ ପୋଲିସ କାବୁ କରିବା ସହ ତାଙ୍କଠାରୁ ୨୦ ଲିଟର ମଦ ଓ ଏକ ବାଇକ୍ ଜବତ କରିଛି।

### ସୀମା ସୁରକ୍ଷା ଦାବି କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୩।୧୦(ବନ୍ଦନା ସେଠୀ)

ରାଜ୍ୟ ଓ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ଚାଲିଥିବାବେଳେ ଠିକଣା ସମୟରେ ତା'ର ସମାଧାନ ହୋଇପାରୁନାହିଁ। ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ପଡ଼ୋଶୀ ରାଜ୍ୟଗୁଡ଼ିକ ବାରମ୍ବାର ଦଖଲ କରି ଅଶାନ୍ତି ସୃଷ୍ଟି କରୁଛନ୍ତି। ଏବେ ଆନ୍ଧ୍ରପ୍ରଦେଶ ସହିତ କୋଟିଆ ଗ୍ରାମପୁଞ୍ଜ ଓ ପୋଲାଭରମ୍ ସମସ୍ୟା ସମାଧାନ ହୋଇ ନ ଥିବାବେଳେ ଏବେ ନାରାୟଣପାଟଣା ଓ ଗଜପତି ଜିଲା ରାୟଗଡ଼ା ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତରେ ଗୁଡୁଖୁଡ଼ି ଗ୍ରାମରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ଉପସ୍ଥାନ କମ୍ ପାଇଁ ରାଜ୍ୟରେ ବହୁ ବିଦ୍ୟାଳୟ ବନ୍ଦ ହେବା ଫଳରେ ଏହାର ସୁଯୋଗ ଆନ୍ଧ୍ର ନେଉଛି। ବିଦ୍ୟାଳୟ ବନ୍ଦ ହେବାରୁ ଓଡ଼ିଆ ଛାତ୍ରୀଛାତ୍ର ଏବେ ଆନ୍ଧ୍ରକୁ ପାଠ ପଢ଼ିବାକୁ ଯାଉଛନ୍ତି ଏବଂ ଓଡ଼ିଆ ବଦଳରେ ତେଲୁଗୁ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି।

### ପଣ୍ଡିତ ନୀଳମଣି ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ପୁରୁଣାଭୁବନେଶ୍ୱର,୩।୧୦(ସୁବାସଚନ୍ଦ୍ରପ୍ରଧାନ)

ପ୍ରଖ୍ୟାତ ଲେଖକ ପଣ୍ଡିତ ନୀଳମଣି ମିଶ୍ରଙ୍କ ୨୬ତମ ଶ୍ରାଦ୍ଧୋତ୍ସବ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟ ମୁଖ୍ୟ ଅତିଥି, ପୋଥି ବିଶାରଦ ଡ. ପ୍ରସନ୍ନ କୁମାର ସାମନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୀଳମଣିଙ୍କ ଅନୁବାଦ ଓ ସମ୍ପାଦନା ଉପରେ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ନୀଳମଣିଙ୍କ ସମ୍ପାଦିତ ଓଡ଼ିଆ ଭାଗବତ ଅତୁଳନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ.ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ. ଜେନାମଣି ସଞ୍ଜିବ କୁମାର, ବିମଳ କିଶୋର ମିଶ୍ର, ଶିବ କୁମାର ମିଶ୍ର, ଜୟଶ୍ରୀ ମିଶ୍ର, ଡ.ଶକୁନ୍ତଳା ବଳିୟାରସିଂ, ଭାଗୀରଥ ମହାପାତ୍ର, ରବୀନ୍ଦ୍ର ନାଥ ମିଶ୍ର, ଡା. ଜୀବନ କୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଖୋଲିବ ୧ନଂ. ହାଟ

ଭୁବନେଶ୍ୱର, ୩।୧୦ (ବନ୍ଦନା ସେଠୀ)

- ଦାବି ପୂରଣ ପାଇଁ ୧୦ଦିନ ସମୟ ମାଗିଲା ବିଏମ୍‌ସି
- ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବ ସଂଘ

ତୁଟିଲା ବିବାଦ। ବିଏମ୍‌ସିର ପ୍ରତିଶ୍ରୁତି ପରେ ବୁଧବାର ଠାରୁ ୟୁନିଟ-୧ ବା ୧ନଂ. ହାଟ ଖୋଲିବ। ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଜବରଦଖଲ ଉଚ୍ଛେଦ, ପାର୍କିଂ ପାଇଁ ସ୍ଥାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ଗୁରୁବାରଠାରୁ ମାର୍କେଟକୁ ବନ୍ଦ ରଖିଥିଲେ। ମଙ୍ଗଳବାର ମାର୍କେଟ ଆସୋସିଏଶନର କର୍ମକର୍ତ୍ତା ଓ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଛି। ପାର୍କିଂ ସହ ଅନ୍ୟାନ୍ୟ ଦାବି ନେଇ ରାଜି ହେବା ସହ ଏହାର ସମାଧାନ ପାଇଁ ବିଏମ୍‌ସି ୮/୧୦ଦିନ ସମୟ ମାଗିଛି। ତେବେ ସଂଘ ପକ୍ଷରୁ ବିଏମ୍‌ସିକୁ ୧ମାସ ସମୟ ଦିଆଯିବ। ଇତିମଧ୍ୟରେ ବିଏମ୍‌ସି ଉଚିତ୍ ପଦକ୍ଷେପ ନ ନେଲେ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ବିଏମ୍‌ସି କାର୍ଯ୍ୟାଳୟରେ ଆଲୋଚନା ପରେ ଅପରାହ୍ନରେ ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ମାର୍କେଟ ଡିସି ଅଶୋକ ଲେଙ୍କା, ରାଜସ୍ୱ ଡିସି ସପନ ନନ୍ଦ ପ୍ରମୁଖ ମାର୍କେଟକୁ ଆସି ସ୍ଥିତି ପରଖିଥିଲେ। ସଂଘର ଦାବି ଉଚିତ୍ ବୋଲି ବିବେଚନା କରିବା ସହ ଖୁବ୍ ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀର ୧ନଂ. ହାଟ ସବୁଠାରୁ ବଡ଼ ହାଟ। କମ୍ ଦାମ୍‌ରେ ଭଲ ଜିନିଷ ମିଳୁଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି। କେବଳ ରାଜଧାନୀ ନୁହେଁ ଆଖପାଖ ସହରର ଲୋକେ ମଧ୍ୟ ଏହା ଉପରେ ନିର୍ଭର କରିଥାନ୍ତି। ମାତ୍ର ଭେଣ୍ଡିଂଜୋନ ବ୍ୟବସାୟୀ ଏବଂ ମାର୍କେଟ ଆସୋସିଏଶନ୍ ବ୍ୟବସାୟୀଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦ ପାଇଁ ଗତ ୬ଦିନ ଧରି ମାର୍କେଟ ବନ୍ଦ ରହିଥିଲା। ଇତି ମଧ୍ୟରେ ବହୁଲୋକ ଆସି ନିରାଶ ହୋଇ ଫେରୁଥିବାବେଳେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇପାରି ନ ଥିବା ସୂଚନା ମିଳିଛି।

# ଜନଶୁଣାଣି ଶିବିରରେ ୪୩ ଅଭିଯୋଗ




ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)

ଗାନ୍ଧୀ ଜୟନ୍ତୀ ପାଇଁ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ବନ୍ଦ ରହିଥିଲା। ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୩ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩୮ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୪ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପୁନରୁଦ୍ଧାର ହେବ ସଂଗ୍ରାମୀ ଭବନ



ବିଡିଓ ଧୋବେଇ ନାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ବୋଲଗଡ଼, ୩।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂଗ୍ରାମୀଙ୍କ ଗାଁ ଭାବେ ପରିଚିତ ଚମ୍ପାଇଲୋକୁ ମୁଖ୍ୟମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଗଢ଼ିତୋଳିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଡିଓ ଧୋବେଇ ନାୟକ, ସହକାରୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି, କନିଷ୍ଠଯନ୍ତ୍ରୀ ବନ୍ଦିତା ବଳିୟାରସିଂହ, ଅନିତା ସେନାପତି ପ୍ରମୁଖ ଏହି ଗ୍ରାମରେ ପହଞ୍ଚି ଐତିହାସିକ ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂଗ୍ରାମୀ ଭବନର ପୁନରୁଦ୍ଧାର ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଏହି କାମ ଏକ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଗ୍ରାମକୁ ସମ୍ପୂର୍ଣ୍ଣ ଆଦର୍ଶ ଗ୍ରାମ ଭାବେ ଗଢ଼ିବା ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ଜିଲା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ମାଝି ଓ ସମିତିସଭ୍ୟ ସଞ୍ଜୟ ଗୁମାନ୍‌ସିଂହଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପସିଂହ, ଭରତ ଶ୍ରୀଚନ୍ଦନ, ଆଲୋକ ପାହାଡ଼ସିଂହ, ଅକ୍ଷୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଏହି ଗ୍ରାମକୁ ଆଦର୍ଶ ଗ୍ରାମରେ ରୂପାନ୍ତର କରିବା ପାଇଁ ବେଗୁନିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦାବି ପୂରଣ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

## ଡିସେମ୍ବର ସୁଦ୍ଧା ବକ୍ସି ଜଗବନ୍ଧୁଙ୍କ ମୂର୍ତ୍ତି ନିର୍ମାଣ କରାଯିବ

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବକ୍ସିବଜାର ଛକରେ ପ୍ରତିଷ୍ଠା ହେବାକୁ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ବୈଠକରେ ପ୍ରତିମୂର୍ତ୍ତି ସ୍ଥାପନ ବିଳମ୍ବ ନେଇ ଆଲୋଚନା ହୋଇଥିଲା। ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବଜାର କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବକ୍ସିବଜାର ଛକରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ ଡିସେମ୍ବର ସୁଦ୍ଧା ପ୍ରତିମୂର୍ତ୍ତି ତିଆରି କରାଯାଇ ପ୍ରତିଷ୍ଠା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମେୟର ସିଂ ମୂର୍ତ୍ତି ନିର୍ମାଣ ଦିଗରେ ଥିବା ଅସୁବିଧା ସଂକ୍ରାନ୍ତରେ ଅବଗତ ହୋଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ୬ ମାସ ମଧ୍ୟରେ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳାରୁ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏ ବାବଦକୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିଲା।

# ଧନ୍ଦାମୂଳକ ଶିକ୍ଷାର ଉନ୍ନତି ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ଉନ୍ନତି ପାଇଁ 'ଇଣ୍ଡସ ଏଡୁଟ୍ରେନ ପ୍ରାଇଭେଟ ଲିମିଟେଡ' ପକ୍ଷରୁ ଭୁବନେଶ୍ୱର ରିଜିଓନାଲ ସାଇନ୍ସ ସେଣ୍ଟରରେ ମଙ୍ଗଳବାର ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ୧୨୯ଜଣ ଧନ୍ଦାମୂଳକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଥିଲେ। ଭୋକେଶନାଲ କୋର୍ଡିନେଟର କୌଶିକ ଉତ୍କଳ ମହାନ୍ତି, ଜ୍ୟୋତି ରଞ୍ଜନ ବିଶ୍ୱାଳ ଏବଂ ସୌନିକ ପଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି କାର୍ଯ୍ୟକ୍ରମ ଓସେପା ପକ୍ଷରୁ ଆୟୋଜିତ ହେଉଥିଲା। ତେବେ କୋଭିଡ ପର ଠାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ସବୁ ସ୍ୱାଭାବିକ ହେବାପରେ ଭିଟିପି ନିଜ ପ୍ରଚେଷ୍ଟାରେ ଏହି କର୍ମଶାଳାର ଆୟୋଜନ କରିଥିଲା। ଏଥିରେ ଏନ୍‌ଏସ୍‌କ୍ୟୁଏଫ୍ ମ୍ୟାନେଜର ସୁମୁଲ ହାସ୍‌ମୀ, ଟାଟା ଷ୍ଟ୍ରାଇଭସ କୋର୍ଡିନେଟର ସର୍କେଲ ଡ. ବିବେକାନନ୍ଦ ନାୟକ ଭର୍ଚୁଆଲ୍ ମୋବିଲିଟି ଉପରେ କାପାସିଟି ବିଲ୍ଡିଂ ଏବଂ ଓରିଏଣ୍ଟେସନ୍ ଉପରେ ଆଲୋକପାତ କରିଥିଲେ। ସେହିପରି ଧନ୍ଦାମୂଳକ ଶିକ୍ଷା କିପରି ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନିଜ ଠିକ କ୍ୟାରିୟର ଗଠନରେ ସହାୟକ ହେବ ସେ ସମ୍ବନ୍ଧରେ ପିଏମ୍‌ୟୁ ଟିମ୍‌ର ସାଗରିକା ମହାପାତ୍ର, ବିକ୍ରମ ନାୟକ, ମହେଶ୍ୱର ଭଞ୍ଜ ସୂଚନା ପ୍ରଦାନ କରିଥିଲେ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'ବିଶ୍ୱାସର ଆତ୍ମଲିପି'ର ଏକ ଦୃଶ୍ୟ।

# 'ମାନବ ସେବାରେ ବ୍ରତୀ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ,୩।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ୍ ହସ୍ପିଟାଲରେ ୨୦୨୩-୨୪ ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କ ବାର୍ତ୍ତାରେ ଶୁଭାରମ୍ଭ ହେଉଥିବା ନୂତନ ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଭବିଷ୍ୟତରେ ସେମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି 'ସମାଜ'ର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ପରିବର୍ତ୍ତନଶୀଳ ବିଶ୍ୱରେ ଦେଖାଦେଉଥିବା ପ୍ରକୃତି ଓ ପରିବେଶଜନିତ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଆମେ ଆମର ଶରୀର ଲାଗି ଯେତିକି ଯତ୍ନଶୀଳ ପ୍ରକୃତିର ସୁରକ୍ଷା ଲାଗି ଅନୁରୂପ ଭାବରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ନିମନ୍ତ୍ରିତ ଅତିଥି ଏବଂ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ଶିକ୍ଷାନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଡା. ରଞ୍ଜନ କୁମାର ଦାସ, ଅଧୀକ୍ଷକ ପ୍ରଫେସର ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ସନ୍ଧ୍ୟାରାଣୀ ମହାରଣା, ଶୁଭରାମ ପାଣି, ନିରୂପମା ଚୟନୀ, ଶିଶୁଶଙ୍କର ମିଶ୍ର, ମନ୍ମଥ କୁମାର ମଣ୍ଡଳ, ଚିତ୍ତରଞ୍ଜନ ଦାସ, ପଦ୍ମିନୀ କେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଯୋଗଦେଇ ଡାକ୍ତରୀ ଛାତ୍ରୀଛାତ୍ର ମାନବ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

# ଉଦ୍ୟୋଗୀ ପରାମର୍ଶ ଶିବିର

ଅସ୍ତରଙ୍ଗ,୩।୧୦(ମମତା ଜେନା)

ରାଜ୍ୟ ସରକାରଙ୍କ ଆତ୍ମନିଯୁକ୍ତି ତଥା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ 'ସ୍ୱକଳ୍ପ' ଅଧୀନରେ ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପାଟିଠାରେ 'ଉଦ୍ୟୋଗୀ ପରାମର୍ଶ ଶିବିର' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। 'ସ୍ୱକଳ୍ପ' ଅଧୀନରେ ଉଦ୍ୟୋଗୀ ଦକ୍ଷତା ବିକାଶ ତାଲିମ ନେଇଥିବା ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ବିଭିନ୍ନ ପ୍ରକାରର ବ୍ୟବସାୟ ସ୍ଥାପନା ଲାଗି ସହାୟତା ଦିଆଯାଇଥିଲା। ଏଥିସହ ସେମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବ୍ୟବସାୟ ସ୍ଥାପନା ଲାଗି ପ୍ରାର୍ଥୀଙ୍କ ଆବଶ୍ୟକ ହେଉଥିବା ଉଦ୍ୟମ ଆଧାର ପଞ୍ଜୀକରଣ କରାଯାଇଥିଲା।

# 'ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ସାଂସ୍କୃତିକ ସମୃଦ୍ଧି ଜାଗ୍ରତ କରିବା ଉଚିତ'



ଭୁବନେଶ୍ୱର, ୩।୧୦(ଅସମାପିକା ସାହୁ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ମଙ୍ଗଳବାର ସୋସାଇଟି ଫର୍ ଦି ପ୍ରମୋଶନ୍ ଅଫ୍ ଇଣ୍ଡିଆନ୍ କ୍ଲାସିକାଲ୍ ମ୍ୟୁଜିକ୍ ଆଣ୍ଡ୍ କଲଚର୍ ଏମଙ୍ଗ ୟୁଥ୍ (ସ୍ପିକ୍ ମାକେ)ର ପ୍ରତିଷ୍ଠାତା ପଦ୍ମଶ୍ରୀ ଡ. କିରଣ ସେଠ୍ ଛାତ୍ରୀଛାତ୍ରଙ୍କୁ ସାଂସ୍କୃତିକ ଅଭିବୃଦ୍ଧି ସମ୍ବନ୍ଧରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ର ବା ଯୁବପିଢ଼ିଙ୍କ ମଧ୍ୟରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ସଙ୍ଗୀତ, ଯୋଗ, ଧ୍ୟାନ, କ୍ରାଫ୍ଟ ଆଦି ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରି ଏହାର ପ୍ରଚାର ପ୍ରସାର କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଡ. ସେଠ୍ କହିଥିଲେ, ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସେମାନଙ୍କ ମନରେ ସାଂସ୍କୃତିକ ସମୃଦ୍ଧି ସହ ସଂରକ୍ଷଣର ମହତ୍ତ୍ୱକୁ ଜାଗ୍ରତ କରିବା ଦରକାର। ଭାରତୀୟ ଐତିହ୍ୟର ଗଭୀର ଚିତ୍ରକୁ ଉନ୍ମୋଚିତ କରି ଶାସ୍ତ୍ରୀୟ ସଙ୍ଗୀତର ପରିବର୍ତ୍ତନଶୀଳ ଶକ୍ତିକୁ ଏକାଗ୍ରତାର ସହ ସାଧନା କରିବା ଦରକାର ବୋଲି ଡ. ସେଠ୍ ପ୍ରକାଶ କରିଥିଲେ। ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବା ଉଦ୍ଦେଶ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ତରଫରୁ ଛାତ୍ରୀଛାତ୍ରଙ୍କ ପାଇଁ ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ କହିଥିଲେ।

# ଅପରିଚିତ ମୃତଦେହ ସତ୍କାରନେଇ ଏସ୍‌ସିବିରେ ବିବାଦ

କଟକ,୩।୧୦( ସୁପ୍ରିୟା ପ୍ରିୟଦର୍ଶିନୀ)




- କର୍ତ୍ତୃପକ୍ଷ, ପୋଲିସ ମଧ୍ୟରେ ଟଣାଓଟରା
- ଏମଏଲ୍‌ସି ନ ହେଲେ ପୋଲିସ ଉଠାଉନି ଶବ
- ଆଜି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆଲୋଚନା

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅପରିଚିତ ମୃତଦେହ ସତ୍କାର ନେଇ ବିବାଦ ଦେଖାଦେଇଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ସେ ନେଇ ପୋଲିସ ଏବଂ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅଭାବନୀୟ ସ୍ଥିତି ଉପୁଜିଛି। ଅପରିଚିତ ମୃତଦେହ ସତ୍କାର କିଏ କରିବ ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି। ନନ୍ ଏମ୍‌ଏଲ୍‌ସି ମୃତଦେହକୁ ମେଡିକୋ ଲିଗାଲ୍ କେସ୍(ଏମ୍‌ଏଲ୍‌ସି) ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ କହୁଛନ୍ତି। ହେଲେ ପୋଲିସ ଏଥିପାଇଁ ରାଜି ହେଉନାହିଁ। ଯେଉଁ ରୋଗୀଙ୍କ ମୃତଦେହ ଏମ୍‌ଏଲ୍‌ସି ଭାବେ ପଞ୍ଜୀକରଣ କରାଯିବ, ତା'ର ମୃତଦେହ ସତ୍କାର ପୋଲିସ ଦ୍ୱାରା କରାଯିବ। ନଚେତ୍ ନନ୍-ଏମଏଲସି ଘଟଣାରେ ପୋଲିସ ହସ୍ତକ୍ଷେପ କରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଛି। ଅପରପକ୍ଷରେ ବିବାଦ ଆଗକୁ ନ ବଢ଼ିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ୪ତାରିଖ ବୁଧବାର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବସିବ। ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହାକୁ ନେଇ ଏସ୍‌ସିବି କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କିପରି ସହଜରେ କରାଯାଇ ପାରିବ ସେ ନେଇ ଉଦ୍ଦିଷ୍ଟ ଗାଇଡଲାଇନରେ ପରିବର୍ତ୍ତନ ଆଣିବା ଦିଗରେ ନିବେଦନ କରାଯିବ।

ମିଳିଥିବା ସୂଚନା ଅନୁଯାୟୀ ଏସ୍‌ସିବିକୁ ଆସୁଥିବା ଅସହାୟ ଓ ଅପରିଚିତ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥାଏ। ଏମାନଙ୍କ ମଧ୍ୟରୁ କିଛି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥାନ୍ତି। ହେଲେ ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ରହିଥାଏ, ସେମାନଙ୍କ ଶବ ବ୍ୟବଚ୍ଛେଦ ହୁଏ। ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ଏହାକୁ ଏମ୍‌ଏଲ୍‌ସିରେ ପଞ୍ଜୀକରଣ କରାଯାଇଥାଏ। ଏମ୍‌ଏଲ୍‌ସିରେ ପଞ୍ଜୀକରଣ ପରେ ପୋଲିସ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ନିମନ୍ତେ ପଦକ୍ଷେପ ନେଇଥାଏ। ସେହିପରି କିଛି ଅସହାୟ ବ୍ୟକ୍ତି ସାଧାରଣ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାନ୍ତି। ଏହାକୁ ନନ୍ ଏମ୍‌ଏଲ୍‌ସି ଭାବେ ପଞ୍ଜୀକରଣ କରାଯାଇଥାଏ। ତେବେ ଏମ୍‌ଏଲ୍‌ସିରେ ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରାଯିବା ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ଅର୍ଥ ବିନିଯୋଗ କରାଯାଇଥାଏ। ମାତ୍ର ନନ୍ ଏମ୍‌ଏଲ୍‌ସି ପଞ୍ଜୀକୃତ ବ୍ୟକ୍ତିଙ୍କ ମୃତଦେହ ସତ୍କାର ପାଇଁ ବଡ଼ ମେଡିକାଲର ୟୁଜର୍ସ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ମେଡିକାଲ କର୍ତ୍ତୃପକ୍ଷ ଉକ୍ତ ଖର୍ଚ୍ଚ ବହନ ନ କରି ନନ୍ ଏମ୍‌ଏଲ୍‌ସି ମୃତଦେହକୁ ଏମ୍‌ଏଲ୍‌ସି ଭାବେ ପଞ୍ଜୀକରଣ କରି ସତ୍କାର ବ୍ୟବସ୍ଥା କରିବା ପାଇଁ ପୋଲିସକୁ କହୁଛନ୍ତି ବୋଲି ଜଣୈକ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ନେଇ ମେଡିକାଲ କର୍ତ୍ତୃପକ୍ଷ ମେଡିକାଲ ଫାଣ୍ଡି ବିବାଦରେ ଛନ୍ଦି ହୋଇଛନ୍ତି। ଏହି ବିବାଦ ମଧ୍ୟରେ କେତେକ ଅସହାୟ ରୋଗୀଙ୍କ ମୃତଦେହ ଏସ୍‌ସିବି ମେଡିକାଲର ଶବ ସଂରକ୍ଷଣ ଗୃହରେ ପଡ଼ି ରହିଥିଲା। ସମ୍ପ୍ରତି ଏହି ଘଟଣାକୁ ନେଇ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ଅପରିଚିତ ମୃତଦେହଗୁଡ଼ିକର ସତ୍କାର କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ମଣ୍ଡଳସ୍ତରୀୟ ପୋଷଣ କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୩।୧୦(ପ୍ରଦୀପ୍ତ ଦୀକ୍ଷିତ୍)

ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ଛୁରିଆନା ସେକ୍ଟରର ପାପିରା ପ୍ରାଥମିକ ବିଦ୍ୟାଳୟ ଓ ଅଣକଣା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଠିକ୍ ପୋଷଣ ଅଭାବରୁ ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା, ଦୁର୍ବଳ ଓ ଅବଶ ହୋଇଥାନ୍ତି ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଡିପିଓ ଅରୁଣା କର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସ୍ତରଙ୍ଗ ମଣ୍ଡଳ ସୁପରଭାଇଜର ନିବେଦିତା ସେନାପତି ମା' ଶିଶୁର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଯତ୍ନଶୀଳ ହେବାକୁ ବୁଝାଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ମମତା କୁମାରୀ ଦାସ, ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ, ଆଶା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କିଶୋରୀ କିଶୋର, ବାଳିକା ବାଳକଙ୍କ ଉପସ୍ଥିତିରେ ଏକ ରାଲି ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ସଚେତନ କରାଯାଇଥିଲା। ଶ୍ରେଷ୍ଠ ପୋଷଣ ଖାଦ୍ୟକୁ ପୁରସ୍କୃତ କରାଯାଇଥିଲା।

### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର

ଡେଲାଙ୍ଗ,୩।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ମୁନିନ୍ଦା ଗ୍ରାମ ପଞ୍ଚାୟତର ଡାକପଡ଼ା ଗ୍ରାମରେ ମାଁ ବାଙ୍କେଶ୍ୱରୀ ଯୁବକ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ସେବା ସଂଘ ପରିସରରେ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରଟିକୁ ଅନ୍ତର୍ଜାତୀୟସ୍ତରରେ ବରିଷ୍ଠ ନାଗରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ କରାଯାଇଥିବାବେଳେ ମୁନିନ୍ଦା ଓ ଡେଲାଙ୍ଗ- କୋଠବାଡ଼ ପଞ୍ଚାୟତର ୬୫ ଜଣ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଶିବିରରେ ଡାକ୍ତର ସୂର୍ଯ୍ୟନାରାୟଣ ପରିଡ଼ା ଓ ପ୍ରଣୟରାଜ ସାମନ୍ତରାୟ ରୋଗୀଙ୍କ ମଧୁମେହ, ରକ୍ତ ପରୀକ୍ଷା, ରକ୍ତଚାପ ଆଦିର ପରୀକ୍ଷା କରିଥିଲେ। ଅନୁଷ୍ଠାନର ସଭାପତି କୁବେର ଖଟେଇ, ସମ୍ପାଦକ ତପନ ଦାଶ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରାଚୀ ବିହାର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ/କାକଟପୁର,୩।୧୦(ମମତାଜେନା):

ଚଳିତ ବର୍ଷ ସ୍ୱଚ୍ଛ ଭାରତ ଅଭିଯାନର ନବମ ବର୍ଷ ପୂର୍ତ୍ତି ଅବସରରେ ୭୫ତମ 'ଆଜାଦୀ କା ଅମୃତ ମହୋତ୍ସବ'କୁ ଆଧାର କରି କେନ୍ଦ୍ର ସରକାର ଗାନ୍ଧୀ ଜୟନ୍ତୀ ପୂର୍ବଦିନ ୧ଘଣ୍ଟା ଶ୍ରମଦାନ ପୂର୍ବକ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କାକଟପୁର ପଞ୍ଚାୟତ ପ୍ରାଚୀ ବିହାର ପରିସରରେ ମା' ପ୍ରାଚୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏକାଧିକ ମହିଳା 'ସ୍ୱଚ୍ଛତା ହିଁ ସେବା' ଶପଥ ଗ୍ରହଣ କରି ସଫେଇ କାର୍ଯ୍ୟ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଂପାଦକ ମଧୁସ୍ମିତା ବରାଳଙ୍କ ନେତୃତ୍ୱରେ ସଭାପତି ମିଲି ସ୍ୱାଇଁ, ମମତା ରାଣୀ ସାହୁ, ମମତାମୟୀ ସାହୁ, ସ୍ୱୟଂପ୍ରଭା ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଚିନ୍ମୟୀ ମିଶ୍ର, ଶାନ୍ତିଲତା ଲେଙ୍କା, ରୋଜାଲିନ ମଲ୍ଲିକ, ସାଗରିକା ସାସମଲ, ଲିନା ସ୍ୱାଇଁ, ମନ୍ଦାକିନୀ ବାରିକ, ଲିପି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକ୍ତନ ପ୍ରଶାସକ କୈଳାଶ ଚନ୍ଦ୍ର ବରାଳ ସଫେଇ କାର୍ଯ୍ୟ କରିଥିବା ପ୍ରାଚୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଉଦ୍‌ଘାଟନ ସରିଲାଣି, ଅସମ୍ପୂର୍ଣ୍ଣ ଅବସ୍ଥାରେ ପଞ୍ଚାୟତ ମଣ୍ଡପ

ଚାରିଛକ,୩।୧୦(ଶିଶିର ସ୍ୱାଇଁ)



ଛଣିଜଙ୍ଗ ପଞ୍ଚାୟତରେ ଅର୍ଦ୍ଧ ନିର୍ମିତ କଲ୍ୟାଣମଣ୍ଡପ ।

ନିମାପଡ଼ା ବ୍ଲକ ଅଧୀନ ଛଣିଜଙ୍ଗ ପଞ୍ଚାୟତରେ ଅର୍ଦ୍ଧ ନିର୍ମିତ କଲ୍ୟାଣମଣ୍ଡପକୁ ତରବରିଆ ଭାବେ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ୨୦୨୧ ଡିସେମ୍ବର ୨୨ରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ନଡ଼ିଆ ବାଡ଼େଇ ଉଦ୍‌ଘାଟନ କରିଥିଲେ। ତେବେ ସେହି ଉଦ୍‌ଘାଟନ ସରିଥିବା କଲ୍ୟାଣମଣ୍ଡପରେ ମଣ୍ଡପ ଗୃହ ସମ୍ପୂର୍ଣ୍ଣ ନ ସରି ଝରକା, କବାଟ, ପାଇଖାନା, ଇଲେକ୍ଟ୍ରି ସହ ପାଇଖାନା ଟାଙ୍କି କାମ ଅଧାପନ୍ତରିଆ ଭାବେ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଞ୍ଚାୟତର ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବାକୁ ଏପରି କରିଥିବା ଚର୍ଚ୍ଚା ହେଉଛି। ଏହି ମଣ୍ଡପ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବହ୍ଲା ପଟା ଲାଗି ରହିଛି। ଫଳରେ ମଣ୍ଡପ ସାମ୍ନାରେ ହୋଇଥିବା ପୁଟୁକିଆ, ଶିଡି ଘରରେ ଛାତ ନ ପଡ଼ି କାମ ଦୀର୍ଘ ଦିନ ଧରି ବନ୍ଦ ରହିଛି। ଏହି କାମରେ ଦୁର୍ନୀତି ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ମଣ୍ଡପଟି ମେଲା ଖୋଲା ଅବସ୍ଥାରେ ପଡ଼ିଥିବାରୁ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ନିଶା କାରବାର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମଣ୍ଡପରେ ଲତା ପରିପୂର୍ଣ୍ଣ ହୋଇଯିବାରୁ ସ୍ଥାନୀୟ ଲୋକେ ବିବାହ, ବ୍ରତ, ପଞ୍ଚାୟତର ବିଭିନ୍ନ ସଭାରୁ ବଞ୍ଚିତ ହେଉଛନ୍ତି। ଫଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ମଣ୍ଡପଟି ସାଧାରଣ ଲୋକଙ୍କ କାମରେ ଆସୁନାହିଁ। ଏ ଦିଗରେ ପୁରୀ ଜିଲା ଜିଲାପାଳ, ନିମାପଡା ବ୍ଲକ ଅଧିକାରୀ ଓ ୫-ଟି ସଚିବ ଦୃଷ୍ଟି ଦେଇ ତଦନ୍ତ କରି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ପାଇଁ ପଞ୍ଚାୟତର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଯଦି ତୁରନ୍ତ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ନ ହୁଏ, ତାହାଲେଆଗାମୀ ଦିନରେ ବ୍ଲକ ଘେରାଉ ସହ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି ପଞ୍ଚାୟତର ଦୁର୍ଯ୍ୟୋଧନ ମହାନ୍ତି, ଭକ୍ତବନ୍ଧୁ ବିଶ୍ୱାଳ, ଆଲୋକ ନାୟକ, ଭାଗୀରଥି ମଲ୍ଲିକଙ୍କ ସହିତ ଶତାଧିକ ଲୋକ ଚେତାବନୀ ଦେଇଛନ୍ତି।

ତା୩।୧୦।୨୦୨୩ରିଖ ଧରିତ୍ରୀ ପୁରୀ ସଂସ୍କରଣର ପୃଷ୍ଠା ୫ରେ ବଳଙ୍ଗା ଡେଟ୍‌ଲାଇନ୍‌ରେ ପ୍ରକାଶ ପାଇଥିବା 'ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ' ଶୀର୍ଷକ ପାଠରେ ସ୍ଥାନିତ ଫଟୋଟି ତ୍ରୁଟିପୂର୍ଣ୍ଣ ରହିଛି। ଏଥିରେ ଭୁଲ୍‌ବଶତଃ ଡେଲାଙ୍ଗର ଏକ କାର୍ଯ୍ୟକ୍ରମର ଫଟୋ ସ୍ଥାନିତ ହୋଇଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।


ବଳଙ୍ଗାରେ ସୋମବାର ଅନୁଷ୍ଠିତ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଦଳରେ ମିଶିଥିବା ଭାଜପା ଓ କଂଗ୍ରେସ କର୍ମୀ ।



ସଂଯୁକ୍ତ କୃଷକ ମୋର୍ଚ୍ଚାର ପୁରୀ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

## ସଂଯୁକ୍ତ କିଷାନ ମୋର୍ଚ୍ଚା, ଟ୍ରେଡ୍ ୟୁନିୟନର ବିକ୍ଷୋଭ

ପୁରୀ ୩।୧୦(ଅଜିତ୍ ମହାନ୍ତି):

କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ, କୃଷକମାନଙ୍କ ଉପରୁ ମିଥ୍ୟା ଅଭିଯୋଗ ପ୍ରତ୍ୟାହାର ଏବଂ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଆଦି ଦାବି ନେଇ ସଂଯୁକ୍ତ କୃଷକ ମୋର୍ଚ୍ଚା ଏବଂ ଟ୍ରେଡ ୟୁନିୟନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ୍ତ ମହାନ୍ତି, ଶରତ କୁମାର ରାୟଗୁରୁ, ଅଶୋକ ପ୍ରଧାନ, ଭୀମସେନ ସ୍ୱାଇଁ, ମୋହନ ନାଇଡୁ, ଜିତେନ୍ଦ୍ରିୟ ବେହେରା, କୃଷ୍ଣ ରାଉତ, ସନାତନ ପାତ୍ର, କିଷାନ ପଟ୍ଟନାୟକ, ପୀତବାସ ବେହେରା, ପବିତ୍ର ଦଳାଇ ପ୍ରମୁଖ ଯୋଗଦାନ କରିଥିଲେ। ଦାବିପତ୍ର ପ୍ରଦାନ ପୂର୍ବରୁ ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ମୋଚିସାହି ଛକରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହରି ସେନାପତି, ପ୍ରଫୁଲ୍ଲ ମହାପାତ୍ର, ଚୁନା ନାୟକ, କୃପାସିନ୍ଧୁ ପଣ୍ଡା, ପୂର୍ଣ୍ଣ ମୁଦୁଲି, ଭାସ୍କର ମହାପାତ୍ର, ମନୋରଞ୍ଜନ ମହାରଣା, ବନମାଳୀ ସାହୁ, ସୁରେନ୍ଦ୍ର ଦଳାଇ, ପ୍ରତାପ ଚିନାରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ସିଆଇଟିୟୁର ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ସୁରଭି, ମିଲେଟ୍‌ସ ପ୍ରତିଯୋଗିତା

ପିପିଲି,୩।୧୦(ଦୁର୍ଗାମାଧବ ମିଶ୍ର)

କ୍ଲଷ୍ଟରସ୍ତରୀୟ ସୁରଭି ୨୦୨୩ ଏବଂ ଓଡ଼ିଶା ମିଲେଟ୍‌ସ ପ୍ରତିଯୋଗିତା ଗୋବିନ୍ଦପୁର ନୋଡାଲ ସ୍କୁଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ଅତିଥି ଭାବେ ଗୋବିନ୍ଦପୁର ହାଇସ୍କୁଲ ଶିକ୍ଷୟିତ୍ରୀ ଇତିଶ୍ରୀ ନାୟକ, ହରିଅନ୍ତା ପିୟୁପିର ପ୍ରଧାନ ଶିକ୍ଷକ ଶକ୍ତିପ୍ରସନ୍ନ ମହାନ୍ତି, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠର ଶିକ୍ଷକ ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସୁରଭି ପ୍ରୋଗ୍ରାମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନେକ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ୪ର୍ଥରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୩୭ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୭ଜଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ନାୟକ, ସଞ୍ଜୀବ ରଥ, ଉମେଶ ନାୟକ, ସସ୍ମିତା ମିଶ୍ର, ସୁନୀତା ନାୟକ, ଚିନ୍ମୟୀ ସାହୁ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ସନ୍ଧ୍ୟାରାଣୀ ପାତ୍ର, ସ୍ନିଗ୍ଧା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତାରେ ଖାଲଖମା, ବଢୁଛି ଦୁର୍ଘଟଣା


ରାସ୍ତା ମଝିରେ ବଡ ବଡ ଗାତ ।

ଡେଲାଙ୍ଗ, ୩।୧୦ (ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗରୁ କଣାସ ପର୍ଯ୍ୟନ୍ତ ୧୩ କି.ମି. ରାସ୍ତାର ଉନ୍ନତୀକରଣ ପାଇଁ ପୂର୍ତ୍ତ ବିଭାଗ ୨ ବର୍ଷ ତଳେ ୮୭୭ କୋଟି ଟଙ୍କା ମଞ୍ଜୁର କରିଥିଲା। ତେବେ ଆଜି ପର୍ଯ୍ୟନ୍ତ କଣାସଠାରୁ ତ୍ରିଲୋଚନପୁର ପର୍ଯ୍ୟନ୍ତ ମାତ୍ର ୬ କି.ମି. ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସରିଛି। ମାତ୍ର କଲ୍ୟାଣପୁର ବଜାରଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ୭ କିମି ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ରାସ୍ତାର ଅବସ୍ଥା ଏଭଳି ଯେ ଗାଡି ମୋଟର ଯିବା ତ ଦୂରର କଥା ପଥଚାରୀ ପାଦରେ ଚାଲି ଯିବା ସମ୍ଭବ ହେଉନାହିଁ। ବହୁ ସମୟରେ ଏହି ରାସ୍ତାରେ ଦୁର୍ଘଟଣାମାନ ଘଟିଚାଲିଛି।

### ହଇରାଣ ହେଉଛନ୍ତି ଅଞ୍ଚଳବାସୀ

ପୁରୀ ଜିଲାରେ କଣାସ, ଡେଲାଙ୍ଗ ଅଞ୍ଚଳ ଖାଲୁଆ ଅଞ୍ଚଳ ଭାବେ ପରିଚିତ। ପ୍ରତିବର୍ଷ ବନ୍ୟା ଆସିଲେ କଲ୍ୟାଣପୁରଠାରୁ ବେଳୁପଡା ପର୍ଯ୍ୟନ୍ତ ୫ କି.ମି. ରାସ୍ତା ଉପରେ ବନ୍ୟାଜଳ ଲହଡି ମାରିଥାଏ। ଏହି ରାସ୍ତାର କାର୍ଯ୍ୟ ୨୦୨୩ ନଭେମ୍ବର ୩୦ ସୁଦ୍ଧା ସରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ଏବେ ରାସ୍ତା କାମ ବନ୍ଦ ରହିଛି। ରାସ୍ତାଟିକୁ ଉଚ୍ଚ କରିବା ପାଇଁ ପୂର୍ତ୍ତ ବିଭାଗ ଯଥାଶୀଘ୍ର ନୂତନ ବ୍ୟୟ ଅଟକଳ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଆର୍‌ଟିଆଇ ତଥ୍ୟ ନ ମିଳିବା ପ୍ରତିବାଦରେ ଅନଶନ

ନିମାପଡ଼,୩।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ (ଆର୍‌ଡି) ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟରୁ ଆର୍‌ଟିଆଇ ତଥ୍ୟ ପ୍ରଦାନରେ ଟାଳଟୁଳ ନୀତି, ଅବହେଳା ପ୍ରତିବାଦରେ ନିମାପଡ଼ା ଅଞ୍ଚଳର ତଥା ଓସିସିର ଜଣେ ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ଶ୍ୟାମ ସୁନ୍ଦର ନାୟକ ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଚଳାଇଛନ୍ତି। ଏହି ଟାଳଟୁଳ ନୀତି ପାଇଁ ମୋ ନିଜର ମାନବାଧିକାର କ୍ଷୁଣ୍ଣ ହୋଇଥିବା ନାୟକ କହିଛନ୍ତି। ସୂଚନା ଅଧିକାର ଆଇନ ଅଧାରରେ ମଗାଯାଇଥିବା ତଥ୍ୟ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଅନଶନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ନାୟକ କହିଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଜନ ନିମାପଡ଼ା ଡିଭିଜନରେ କେତେଜଣ ଯନ୍ତ୍ରୀ କେଉଁଠାରେ ଦାୟିତ୍ୱରେ


ଶ୍ୟାମ ସୁନ୍ଦର ନାୟକ ଅନଶନରେ ବସିଛନ୍ତି ।

ଅଛନ୍ତି ଓ ଡିଭିଜନର କେଉଁ କେଉଁ ସ୍ଥାନରେ କ'ଣ କ'ଣ କାର୍ଯ୍ୟ ଚାଲିଛି ଏ ସମ୍ପର୍କରେ ଆର୍‌ଟିଆଇ ତଥ୍ୟ ପ୍ରଦାନ ପାଇଁ ଗତ ଅଗଷ୍ଟ ୧୦ରେ ଆବେଦନ କରିଥିଲେ। ହେଲେ ଆବେଦନର ଇତି ମଧ୍ୟରେ ଦୀର୍ଘ ଦେଢମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଆବେଦନକାରୀ ନାୟକ ସୂଚନା ତଥ୍ୟ ପାଇବାରୁ ବଞ୍ଚିତ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନର ତଥ୍ୟ ନ ଦେଇ ଦାୟିତ୍ୱରେ ଥିବା ଅଧିକାରୀ କାଳକ୍ଷେପଣ ନୀତି ଅବଲମ୍ବନ କରି ଅଯଥାରେ ହଇରାଣ କରୁଥିବା ସେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଅନଶନ ସମୟରେ ନାୟକ ସେହି ସ୍ଥଳରେ ଅସୁସ୍ଥ ହୋଇ ପଡ଼ିଥିଲେ। ସମ୍ପର୍କୀୟ ଲୋକେ ତାଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

## ଦୁଇ ବେପାରୀଙ୍କ ସହ ବିପୁଳ ମଦ ବୋତଲ ଜବତ

ସାକ୍ଷୀଗୋପାଳ,୩।୧୦
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ମଦ ବୋତଲ ଜବତ କରିବା ସହ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଥାନା ଅଧୀନ ବ୍ରାହ୍ମଣପଡ଼ାର ସୁକାନ୍ତ ନାୟକ (୪୨) ଓ ବଳପୁର ବେହେରା ସାହିର ସୁକାନ୍ତ ରାଉତ (୩୩)। ଏନେଇ ପୋଲିସ ୩୨୭/୨୩ ଏବଂ ୩୨୮/୨୩ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବାମଦେଇପୁର ବ୍ରିଜ୍‌ଠାରେ ଥିବା ସୁକାନ୍ତ ରାଉତଙ୍କ ଏକ ଦୋକାନ ଉପରେ ପୋଲିସ ଚଢ଼ାଉ କରିଥିଲା। ସେଥିରେ ୪ ଲିଟର ଆସ୍କା ୪୦ ମଦ ବୋତଲ ଜବତ ହୋଇଛି। ସେହିପରି ସୁଆଣ୍ଡ ବ୍ରିଜ ନିକଟରେ ଥିବା ସୁକାନ୍ତ ନାୟକଙ୍କ ଏକ ଦୋକାନ ଉପରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୧୬ ଲିଟର



ବିଦେଶୀ ମଦ ବୋତଲ ସହ ୫ ଲିଟର ଆସ୍କା ୪୦ ଜବତ କରିଛି। ସତ୍ୟବାଦୀ ପୋଲିସ ପକ୍ଷରୁ ଏକ ଚଢ଼ାଉ ଟିମରେ ଦିପ୍ତିରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ବେହେରା, ମଞ୍ଜୁଲତା ଦେଇ ପ୍ରମୁଖ ଅଧିକାରୀ ସାମିଲ ହୋଇଥିଲେ। ଆଗକୁ ଚୋରା ନିଶା କାରବାର ଉପରେ ଚଢ଼ାଉ ଜୋରଦାର ହେବ ବୋଲି ଆଇଆଇସି ବିଜୟ କେତନ ବେହେରା କହିଛନ୍ତି।

## ଜିଲାସ୍ତରୀୟ ଅଦ୍ୱିକା କାର୍ଯ୍ୟକ୍ରମ



ଅଦ୍ୱିକା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ପୁରୀ ୩।୧୦(ଅଜିତ୍ ମହାନ୍ତି) :

ଜିଲା ପ୍ରଶାସନ, ଆକ୍ସନ ଏଡ୍, ୟୁନିସେଫ୍ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଜିଲାସ୍ତରୀୟ ଅଦ୍ୱିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବାଲ୍ୟବିବାହକୁ ନା କହିବା, ସ୍କୁଲ ଯିବାକୁ ହଁ କହିବା। ଏଥିରେ ପୁରୀ ଜିଲାର ୮ଟି ଶିଶୁ ଯତ୍ନ ଅନୁଷ୍ଠାନର କିଶୋରୀ କିଶୋରମାନେ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ଶିଶୁ ମଙ୍ଗଳ ବିଭାଗ ଅନ୍ତର୍ଗତ, ଜିଲା ସଂଯୋଜିକା ରଞ୍ଜିତା ଦାଶଙ୍କ ସଂଯୋଜନାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ କଲ୍ୟାଣ ସମିତି ଅଧକ୍ଷ ଅଜିତ ମହାପାତ୍ର, ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଆକ୍ସନ ଏଡ୍ ରାଜ୍ୟ ସହ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂଯୋଜକ ଦେଓଗଡ ବୀରେନ୍ଦ୍ର କୁମାର ମହାପାତ୍ର ଓ ଶିଶୁ ମଙ୍ଗଳ ବିଭାଗର ପୁରୀ ସଦର, ମ୍ୟୁନିସିପାଲିଟି ଓ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନେ ଯୋଗ ଦେଇ ଶିଶୁ ମାନଙ୍କୁ ପ୍ରୋତ୍ସାହନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଳିକା ବିଭାଗରେ ଉତ୍ତମ ପ୍ରଦର୍ଶନ ପାଇଁ ଅଦ୍ୱିକା କପ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଶୁଭ ନାରାୟଣ ଶତପଥୀ, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ରୋଜାଲିନ ପାତ୍ର, ବିଜୟ ପରିଡା ପ୍ରମୁଖ ସହଯୋଗ କରିଥିଲେ ।

## ବ୍ୟବସାୟୀ, କମ୍ପାନୀର ସମନ୍ୱୟରେ କୁକୁଡ଼ା ଚାଷୀଙ୍କ ଉନ୍ନତି

### ପୋଲଟ୍ରି ଟ୍ରେଡର୍ସ ଆସୋସିଏଶନ ବୈଠକ

ପିପିଲି,୩।୧୦(ପ୍ରଭାତ ମହାପାତ୍ର)

ଓଡ଼ିଶା ପୋଲଟ୍ରି ଟ୍ରେଡର୍ସ ଆସୋସିଏଶନର ପ୍ରଥମ ବୈଠକ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ପ୍ରାୟ ୩ଶହ ଟ୍ରେଡର୍ସ ଏଥିରେ ଯୋଗ ଦେଇଥିଲେ। ବ୍ୟବସାୟୀ ଓ କମ୍ପାନୀ ମଧ୍ୟରେ ସମନ୍ୱୟ ରହିଲେ କୁକୁଡ଼ା ଚାଷ ଓ ଚାଷୀର ଉନ୍ନତି ହୋଇପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପ୍ରଥମେ ଦଶପଲ୍ଲାର କୁକୁଡ଼ା ବ୍ୟବସାୟୀ ଶୁଭେନ୍ଦୁ ସାହୁଙ୍କର ବିୟୋଗରେ ୨ ମିନିଟ୍ ଶୋକସଭା ହୋଇଥିଲା। ସଂଘ ପକ୍ଷରୁ ତାଙ୍କ ପରିବାରକୁ ୧ ଲକ୍ଷ ୫ହଜାର ଟଙ୍କା ସହାୟତା ରାଶି ଦିଆଯିବ ବୋଲି ଘୋଷଣା ହୋଇଛି। ସଙ୍ଗଠନ ସଭାପତି ପ୍ରବୋଧ ପାଟସାହାଣୀ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଭୈରବ ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ଉତ୍କଳ ଫିଡ୍‌ସ ପ୍ରାଇଭେଟ ଲିମିଟେଡ୍, ପ୍ରିମିୟମ ଚିକସ ଫିଡ ପ୍ରାଇଭେଟ ଲିମିଟେଡ୍, ଇଣ୍ଡିଆନ ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ସୁଗୁଣା ଫୁଡ୍‌ସ ପ୍ରାଇଭେଟ ଲିମିଟେଡ୍, ଭିଏଚ୍ ଗ୍ରୁପ ଭେଙ୍କିସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ପଶୁପତି ଆଗ୍ରୋଭେଟ ପ୍ରାଇଭେଟ ଲିମିଟେଡ୍, ଗୁରୁକୃପା ଚିକସ ଆଣ୍ଡ ଚିକେନ ପ୍ରାଇଭେଟ ଲିମିଟେଡ୍, ପଲିଟେକ ଫୁଡ୍‌ସ୍ ପ୍ରାଇଭେଟ ଲିମିଟେଡ୍, ସାରସ ବ୍ରିଡିଂ ଫାର୍ମ ପ୍ରାଇଭେଟ ଲିମିଟେଡ୍ ଓ ଜେକେ ଆଦି କମ୍ପାନୀର ପ୍ରତିନିଧିମାନେ ବୈଠକରେ ଯୋଗଦେଇଥିଲେ। କୁକୁଡ଼ା ବ୍ୟବସାୟୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉକ୍ତ ସଙ୍ଗଠନର ସମ୍ପାଦକ ଜ୍ୟୋତିକାନ୍ତ ମହାପାତ୍ର ଆଲୋଚନା କରିଥିଲେ। ବୈଠକରେ କଟକ ବାଙ୍କୀରୁ ଗୋଲକଚନ୍ଦ୍ର ବେଡ଼ା, ଜଗଦୀଶ ନାୟକ, ଚୌଦ୍ୱାରରୁ ତପନ ଜ୍ୟୋତି ବେହେରା, ଚନ୍ଦନପୁରରୁ ପବିତ୍ର ମୋହନ ପ୍ରଧାନ, ଭୁବନେଶ୍ୱରରୁ ଫିରୋଜ ଖାଁ, ନନ୍ଦ କିଶୋର ଖୁଣ୍ଟିଆ, ପୁରୀରୁ ଦୀପକ ସାହୁ, ଗୋପରୁ ବିଜୟ ନାୟକ, ନିମାପଡ଼ାରୁ ତନ୍ମୟ ନାୟକ, ଖୋର୍ଦ୍ଧାରୁ ଦାଶ ଟ୍ରେଡର୍ସ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କୁକୁଡ଼ା ଶିଳ୍ପରେ ପ୍ରମୁଖ ଅବଦାନ ପାଇଁ ସୁବ୍ରତ ରାଉତ, ପ୍ରଫୁଲ୍ଲ ଦାସ, ମନୋଜ ଯୋଶୀ, ଶିବପ୍ରସାଦ ରାଉତ, ଭଗବତୀ ପଣ୍ଡା, ମିର୍ଜା ଜାହାଙ୍ଗିର ବେଗ, ଡ. ଏଜି ରାଓ ଓ ସୁବ୍ରତ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଙ୍ଗଠନର ସମ୍ପାଦକ ମହାପାତ୍ର କାର୍ଯ୍ୟ ପରିଚାଳନା କରଥିଲେ।



ପୋଲ୍‌ଟ୍ରି ଟ୍ରେଡର୍ସ ଆସୋସିଏଶନ ବୈଠକରେ ମଞ୍ଚାସୀନ ଅତିଥିମାନେ ।

# ପ୍ରାଣୀଙ୍କ ସଂରକ୍ଷଣ ଅପରିହାର୍ଯ୍ୟ



ପରିବେଶୀୟ ସନ୍ତୁଳନ ପାଇଁ ପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଅପରିହାର୍ଯ୍ୟ। ମୁଖ୍ୟତଃ ଜଙ୍ଗଲରେ ରହୁଥିବା ପ୍ରାଣୀଙ୍କ ଯୋଗୁ ଜୈବ ବିବିଧତା ବଜାୟ ରହିଥାଏ। ଜଙ୍ଗଲ ବିନା ଜଳବାୟୁ ପରିବର୍ତ୍ତନର ଆଶଙ୍କା ଅଧିକ। ତେବେ ପୃଥିବୀର ସ୍ଥାୟିତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଥିବା ପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ଅକ୍ଟୋବର ୪ରେ ବିଶ୍ୱ ପ୍ରାଣୀ ଦିବସ ପାଳନ କରାଯାଇଥାଏ। ଏନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ଲାଗି ୧୯୨୫ ମାର୍ଚ୍ଚ ୨୪ରେ ଜର୍ମାନୀର ବର୍ଲିନ୍‌ରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୨୯ରେ ଏହାକୁ ଅକ୍ଟୋବର ୪କୁ ଘୁଞ୍ଚାଯାଇଥିଲା। ପରେ ୧୯୩୧ ମେ'ରେ ଇଟାଲୀର ଫ୍ଲୋରେନ୍ସରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ଆନିମଲ କଂଗ୍ରେସରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଦିବସ ପାଳନ ନେଇ ୨୦୦୬ ଅକ୍ଟୋବର ୨୭ରେ ପୋଲାଣ୍ଡ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ତେବେ ୨୦୦୭ଠାରୁ ପ୍ରତିବର୍ଷ ଏହି ଦିବସକୁ

## ବିଶ୍ୱ ପ୍ରାଣୀ ଦିବସ

ଅକ୍ଟୋବର ୪ରେ ବିଶ୍ୱସ୍ତରରେ ପାଳନ କରାଯାଉଛି। ଲଗାତର ଜଙ୍ଗଲ କଟା ଯୋଗୁ ବାସସ୍ଥଳ ଅଭାବରୁ ବହୁ ପ୍ରଜାତିର ପ୍ରାଣୀ ଲୋପପାଇବା ଆଶଙ୍କା ବଢ଼ିଲାଣି। ୨୦୦୩ରେ ନେଚର ୱାଚ୍ ଫାଉଣ୍ଡେଶନ ପକ୍ଷରୁ ପ୍ରଥମେ ବିଶ୍ୱ ପ୍ରାଣୀ ଦିବସ ୱେବ୍‌ସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ପ୍ରାଣୀଙ୍କ ବିକାଶ ଲକ୍ଷ୍ୟ ନେଇ ଏହା ମାଧ୍ୟମରେ ବିଭିନ୍ନ ବିଶ୍ୱସ୍ତରୀୟ ସଂସ୍ଥା ସହ ଯୋଗାଯୋଗକୁ ଗୁରୁତ୍ୱାରୋପ କରାଯାଇଥିଲା। ୨୦୦୭ରେ ଏନେଇ ବିଶ୍ୱସ୍ତରୀୟ ଭଲ୍ୟୁଣ୍ଟାରି ଆମ୍ବାସାଡର ପ୍ରୋଗ୍ରାମ ମଧ୍ୟ ଆରମ୍ଭ ହୋଇଥିଲା।

# ଉର୍ଫିଙ୍କ ନିର୍ବନ୍ଧ ଚର୍ଚ୍ଚା




**ମୁମ୍ବାଇ:** ସୋସିଆଲ ମିଡିଆରେ ଟେଲି ଅଭିନେତ୍ରୀ ଉର୍ଫି ଜାଭେଦ ତାଙ୍କ ଅଜବଗଜବ କପଡ଼ାକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ଯେଉଁଥିପାଇଁ ସେ ଖୁବ୍ ଟ୍ରୋଲ ମଧ୍ୟ ହୁଅନ୍ତି। ହେଲେ ଏବେ ସେ ତାଙ୍କ କପଡ଼ା ପାଇଁ ନୁହେଁ ତାଙ୍କ ବ୍ୟକ୍ତିଗତ ଜୀବନଶୈଳୀ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କର ଏକ ଫଟୋ ଏବଂ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଫଟୋରେ ଉର୍ଫି ଏକ ସାଲୱାର ପିନ୍ଧି ମୁଣ୍ଡରେ ଓଢଣି ପକାଇଥିବା ବେଳେ ତାଙ୍କ ସହିତ ଜଣେ ବ୍ୟକ୍ତି ପୂଜାରେ ବସିଛନ୍ତି। ଉର୍ଫି ତାଙ୍କୁ ମୁଦି ପିନ୍ଧାଉଥିବା ଦେଖିବାକୁ ମିଳିଛି। ଏଥିରୁ ଅନୁମାନ କରାଯାଉଛି ଯେ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ସହ ତାଙ୍କର ନିର୍ବନ୍ଧ ହେଉଛି । ଫଟୋରେ ଉର୍ଫିଙ୍କୁ ଅନେକ କମେଣ୍ଟ ଆସିଥିବାବେଳେ ଶୁଭେଚ୍ଛା ମଧ୍ୟ ଆସିଛି। ହେଲେ ସେ ଏ ବାବଦରେ କୌଣସି ଘୋଷଣା କରିନାହାନ୍ତି। ଉର୍ଫି ତାଙ୍କ ଅଭିନୟ କ୍ୟାରିୟର ୨୦୧୬ରୁ ଏକ ଟିଭି ସିରିଏଲ ମାଧ୍ୟମରେ କରିଥିଲେ।

# ଗ୍ରୀକ୍ ଡିଜ୍‌ନିଲାଣ୍ଡ



ଏଥେନ୍‌ସ

ଗ୍ରୀସ୍‌ର ପେଲୋପେନିସ ଅଞ୍ଚଳରେ ଏକ ଅଜବ ପ୍ରକାର ମହଲ ଅଛି, ଯାହାକୁ ଗ୍ରୀସ୍‌ର ଡିଜ୍‌ନିଲାଣ୍ଡ କୁହାଯାଏ। ଏହାର ନିର୍ମାଣ ମଧ୍ୟଯୁଗୀୟ ଭଳି ଦେଖିବାକୁ। ଏହି ମହଲକୁ ପହରା ଦେବାକୁ ଚାରିପଟେ ବଡ଼ ବଡ଼ ଭୟାନକ ମୂର୍ତ୍ତି ରହିଛି। ଏହାର ଖର୍ଚ୍ଚ ଅଧିକ ହେବାରୁ ତାକୁ ଖାଲି ଛଡ଼ାଯାଇଛି। ଫଳରେ ଏବେ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ରିପୋର୍ଟ ମୁତାବକ, ୧୯୬୦ରେ ଜଣେ ଡାକ୍ତର ଚାର୍ଲାମ୍ବୋସ୍ ଫର୍ନାରକିସ୍ ଏହି ମହଲକୁ ତିଆରି କରିଥିଲେ। ଯେଉଁଥିରେ ମଧ୍ୟଯୁଗୀୟ କାରିଗରଙ୍କୁ ନେଇ ଟ୍ରୋଜନ ଯୁଦ୍ଧ ଏବଂ ଗ୍ରୀକ୍ କ୍ରାନ୍ତିର ପ୍ରତୀକ ଦେଖିବାକୁ ମିଳେ। ଟ୍ରୋଜନ ଯୁଦ୍ଧର ଏକ ବଡ଼ ମୂର୍ତ୍ତି ମହଲ ବାହାରେ ରହିଛି। ଏକ ସମୟରେ ଏହି ମହଲର ମାଲିକଙ୍କ ଏକ ଲାଇବ୍ରେରି ମଧ୍ୟ ଥିଲା। ମହଲ ବାହାରେ ଥିବା ପଡ଼ିଆରେ ଗ୍ରୀକ୍‌ର ପ୍ରାଚୀନ ଦେବତାଙ୍କ ମୂର୍ତ୍ତି ଥିବା ଦେଖିବାକୁ ମିଳେ। ତେବେ ଡାକ୍ତର ଫର୍ନାରକିସ୍ ଏହି ମହଲରେ ନିଜେ ରହିବାକୁ ତିଆରି କରିଥିଲେ। ତାଙ୍କ ଜେଜେ ମା', ଜେଜେ ବାପାଙ୍କଠାରୁ ଶୁଣିଥିବା କାହାଣୀ ଶୁଣି ସେ ଏହି ମହଲକୁ ପ୍ରସ୍ତୁତ କରିଥିଲେ। ନିର୍ମାଣର କିଛି ବର୍ଷ ପରେ ଏହାକୁ ହୋଟେଲ, ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହୃତ କରାଯାଇଥିଲା। ହେଲେ ଏବେ ଏହାର ଦରଜା ବନ୍ଦ ରହିଛି। ଏହାର ଚାରିପଟେ ଅଳିଆ ପଡ଼ିରହିଛି। ତେବେ ସ୍ଥାନୀୟ ଅଫିସରମାନେ ମହଲକୁ ପୁନଃ ଖୋଲିବାକୁ ଚେଷ୍ଟା ଚଳାଇଥିବା ଜଣାପଡ଼ିଛି। ପରେ ସେହି ଡାକ୍ତର ଗ୍ରୀସ୍‌ର ଫିଲାଷ୍ଟାରେ ମଧ୍ୟ ଏଇଫିଲ୍ ଟାୱାର ଭଳି ଦେଖିବାକୁ ଏକ ଛୋଟ ବିଲ୍ଡିଂ ମଧ୍ୟ ତିଆରି କରିଥିଲେ।

# ସମୁଦ୍ରରେ ଏକ କାଠରେ ବିତାଇଲେ ୩୬ ଘଣ୍ଟା




**ଗାନ୍ଧୀନଗର:** ଅନେକ ସମୟରେ ଲୋକେ ଏପରି କିଛି ସ୍ଥାନରେ ଫସିଯାଆନ୍ତି, ଯେଉଁଠାରେ ବଞ୍ଚିବାକୁ ବହୁତ ସଂଘର୍ଷ କରିବାକୁ ପଡ଼େ। ନିକଟରେ ଜଣେ ବାଳକଙ୍କ ସହିତ ଏପରି କିଛି ଘଟିଛି। ଗୁଜରାଟ ସୁରଟର ୧୪ ବର୍ଷୀୟ ଲଖନ ଅମ୍ବାଜୀ ସମୁଦ୍ରରେ ଗୋଟିଏ କାଠ ସାହାଯ୍ୟରେ ୩୬ ଘଣ୍ଟା ବିତାଇଥିବା ଜଣାପଡ଼ିଛି। ଲଖନ କହିଛନ୍ତି, ସେ ତାଙ୍କ ପରିବାର ସହିତ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିବା ବେଳେ ତାଙ୍କ ସାନଭାଇ ସମୁଦ୍ରରେ ଫସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ସେ ସମୁଦ୍ରକୁ ଲମ୍ଫ ମାରିଥିଲେ। ଲଖନଙ୍କ ଛୋଟ ଭାଇ ତ ବଞ୍ଚିଗଲେ, ହେଲେ ତାଙ୍କ ପାଦ ଖସିଯିବାରୁ ସେ ପରିବାର ଓ ସ୍ଥାନୀୟ ଲୋକଙ୍କ ସାମ୍ନାରେ ସମୁଦ୍ରରେ ବୁଡ଼ିଗଲେ। ତାଙ୍କୁ କିଛି ଯୁବକ ସାହାଯ୍ୟ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଭାସିଯାଇଥିଲେ। ପରେ ଲଖନ ସେଠାରେ ଭାସୁଥିବା ଏକ କାଠର ସାହାରା ନେଲେ। କାଠ ଉପରେ ସେ ବସିଥିଲେ ମଧ୍ୟ ପାଣି ତାଙ୍କ ମୁହଁରେ ବାଜୁଥିବାରୁ ସେ ଶୋଇପାରୁ ନ ଥିଲେ। ପରେ ରାତି ଅନ୍ଧାରରେ ସମୁଦ୍ରରେ ଏକା ବିତାଇବାକୁ ପଡ଼ିଲା। ତା'ପର ଦିନ ଅପରାହ୍ନରେ ତାଙ୍କୁ ଏକ ଜାହାଜ ମିଳିଲା। ହେଲେ ସେ ସେହି ଜାହାଜରେ ସମୁଦ୍ରରୁ ବାହାରିପାରି ନ ଥିଲେ। ପରେ ସନ୍ଧ୍ୟା ହେବାରୁ ଏକ ଡଙ୍ଗା ସେଠାକୁ ଆସିବାରୁ ତାଙ୍କୁ ସେଠାରୁ ଉଦ୍ଧାର କଲା। ଏହା ଭିତରେ ପରିବାର ଲୋକେ ସେଠାକାର ବିଧାୟକଙ୍କୁ ଜଣାଇଥିଲେ। ସରକାର ମଧ୍ୟ ଲଖନଙ୍କୁ ଖୋଜିବା ଆରମ୍ଭ କରିଥିଲେ। ହେଲେ ଏଥିରେ କୌଣସି ସଫଳତା ମିଳି ନ ଥିଲା। ପରେ ଲଖନ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ।

## ବିଧାନସଭା ଖବର

# ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇନି ପିଏମ୍‌ଏୱାଇ

### ସିଏଜି ରିପୋର୍ଟ

ଭୁବନେଶ୍ୱର,୩।୧୦(ଅନିଲ ଦାସ)

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇ ନାହିଁ। ଏହି ଯୋଜନା ଅର୍ଥରେ ବ୍ୟବସାୟିକ ଓ ବହୁତଳ ପ୍ରାସାଦ ନିର୍ମାଣ କରାଯାଇଛି। କେତେକ ସ୍ଥାନରେ ଗ୍ରାମସଭାରେ ଅନୁମୋଦନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ବାଦ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। କେତେକ କ୍ଷେତ୍ରରେ ପ୍ରାଥମିକ ତାଲିକାରେ ନ ଥାଇ ମଧ୍ୟ ଘର ଆବଣ୍ଟନ ହୋଇଛି। ୧୨.୨୫ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପାରି ନ ଥିବା ବେଳେ ମଞ୍ଜୁର ହୋଇଥିବା ୫.୨୭ ଲକ୍ଷ ଘର କେନ୍ଦ୍ର ସରକାରଙ୍କ ନିକଟକୁ ଫେରି ଯାଇଥିଲା। ମଙ୍ଗଳବାର ବିଧାନସଭାରେ ଉପସ୍ଥାପନ କରାଯାଇଥିବା ୨୦୨୧ ମାର୍ଚ୍ଚ ଶେଷସୁଦ୍ଧା ସ୍ୱାୟତ୍ତ ଶାସନ ସଂସ୍ଥା(ପଞ୍ଚାୟତିରାଜ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା)ଗୁଡ଼ିକ ଉପରେ ଆଧାରିତ ସିଏଜି ରିପୋର୍ଟରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଜରାଜୀର୍ଣ୍ଣ ଓ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ୨୦୨୨ ସୁଦ୍ଧା ମୌଳିକ ସୁବିଧା ସହ ବାସଗୃହ ଦେବା ଉଦ୍ଦେଶ୍ୟରେ ୨୦୧୬ ଏପ୍ରିଲ ପହିଲାରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି। ୮ଟି ଜିଲାରେ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ଉକ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତାର ଅଡିଟ୍ ସିଏଜି କରିଥିଲେ। ପ୍ରତ୍ୟେକ ଜିଲା ଓ ପଞ୍ଚାୟତ ସମିତି(ବ୍ଲକ)ରୁ ୩ଟି ଲେଖାଏ ଗ୍ରାମପଞ୍ଚାୟତରେ ଏହି ଅଡିଟ୍ ହୋଇଥିଲା। ଅଡିଟ୍‌ରୁ ଜଣାପଡ଼ୁଛି ଯେ ପିଏମ୍‌ଆବାସ ଯୋଜନାର ହିତାଧିକାରୀ ଚୟନ ନିମନ୍ତେ କେନ୍ଦ୍ର ସରକାର ସାମାଜିକ, ଆର୍ଥିକ ଓ ଜାତି ଜନଗଣନା(ଏସ୍‌ଇସିସି-୨୦୧୧ ତାଲିକା)ର ତଥ୍ୟ ଓ ଗ୍ରାମସଭାରେ ସ୍ଥାୟୀ ୱେଟିଂ ଲିଷ୍ଟର ଚୂଡ଼ାନ୍ତ ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ତେବେ ଗ୍ରାମସଭା ଦ୍ୱାରା ଚିହ୍ନଟ ହୋଇଥିବା ୮.୫୯ଲକ୍ଷ ହିତାଧିକାରୀଙ୍କୁ ଅନିୟମିତ ଭାବେ ରାଜ୍ୟ ସରକାର ସ୍ଥାୟୀ ୱେଟିଂ ଲିଷ୍ଟରୁ ବାଦ୍ ଦେଇଥିଲେ। ଫଳରେ ସେମାନେ ଘର ପାଇବାରୁ ବଞ୍ଚିତ ହୋଇଥିଲେ। ସେହିପରି ସ୍ଥାୟୀ ୱେଟିଂ ଲିଷ୍ଟକୁ ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ସରକାର ଚୂଡ଼ାନ୍ତ ନ କରିବାରୁ ମଞ୍ଜୁରୀପ୍ରାପ୍ତ ୫.୨୭ଲକ୍ଷ ଘରକୁ ରାଜ୍ୟ ସରକାର ବାଧ୍ୟ ହୋଇ ଫେରସ୍ତ କରିଥିଲେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ ସମୟସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ରାଜ୍ୟ ବିଫଳ ହେବାରୁ ୧୨.୨୫ଲକ୍ଷ ହିତାଧିକାରୀ ସ୍ଥାୟୀ ୱେଟିଂ ଲିଷ୍ଟରେ ସାମିଲ ହୋଇପାରିଲେ ନାହିଁ ଓ ଯୋଜନାରୁ ବଞ୍ଚିତ ହେଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଉଦ୍ଦିଷ୍ଟ ମାନଦଣ୍ଡକୁ ଉଲ୍ଲଂଘନ କରି ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଆବଣ୍ଟନ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଯଦିଓ ଗ୍ରାମସଭା ୨୭.୪୫ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିଥିଲା, କିନ୍ତୁ ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସ୍ଥାୟୀ ୱେଟିଂ ଲିଷ୍ଟରେ ୧୮.୮୬ ଲକ୍ଷ ହିତାଧିକାରୀ ଥିଲେ। ଅବଶିଷ୍ଟ ୮.୫୯ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିଥିଲେ। ଏହାଛଡ଼ା ରାଜ୍ୟରେ ଗଚ୍ଛିତ ଥିବା ୧୮.୧୦ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ପାଇଁ ବେଆଇନ ଭାବେ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସରକାରୀ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ପାଇଁ ପ୍ରତି ପଞ୍ଚାୟତରେ ବର୍ଷକୁ ଥରେ ସୋସିଆଲ ଅଡିଟ କରିବା କଥା। ମାତ୍ର ତାହା ହୋଇ ନ ଥିବା ସିଏଜି ଯାଞ୍ଚ ବେଳେ ଜାଣିବାକୁ ପାଇଛନ୍ତି। ଘର ପ୍ରଦାନରେ ବିଳମ୍ବ ଯୋଗୁ ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଯୋଗାଇବା ଲକ୍ଷ୍ୟ ବିଫଳ ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଆମଗାଁ ଓ ଆମ ବିକାଶ ଯୋଜନା ପାଣ୍ଠିର ମଧ୍ୟ ଠିକ୍ ଢଙ୍ଗରେ ଉପଯୋଗ ହୋଇନାହିଁ। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ କାର୍ଯ୍ୟକାରୀ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଶେଷ ଦିନରେ ବି ସୁରୁଖୁରୁରେ ଚାଲିପାରିଲାନି ଗୃହକାର୍ଯ୍ୟ

- ଶେଷ ସମୟରେ ଭାଜପା ସଦସ୍ୟଙ୍କ କକ୍ଷତ୍ୟାଗ
- ସମସ୍ତଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା
- ରାଜ୍ୟର ପ୍ରଗତି କଥା ଚିନ୍ତା କରନି ବିରୋଧୀ: ଦେବୀ

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ଅପରାହ୍ନରେ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସେମାନଙ୍କ ଦୁଇ ସଦସ୍ୟଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିରେ ହୋହଲ୍ଲା କରିଥିଲେ। ଏହି ସମୟରେ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ବ୍ୟୟ ମଞ୍ଜୁରୀ ବିଲ୍ ଉପସ୍ଥାପିତ କରିଥିଲେ। ଏହା ଭିତରେ ଗୃହକୁ ବାଚସ୍ପତି ୫ଟା ୪୫ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହାପରେ ପୁଣିଥରେ ଗୃହକାର୍ଯ୍ୟ ଆଉ ୨୫ ମିନିଟ୍ ଅର୍ଥାତ୍ ୬ଟା ୧୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୬ଟା୧୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ପୂର୍ବଭଳି ଗୃହ ମଧ୍ୟଭାଗରେ ବିରୋଧ କରିବା ଆରମ୍ଭ କରିଦେଇଥିଲେ। ହେଲେ ବାଚସ୍ପତି ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ଲାଗି କହିବା ପାଇଁ ଶାସକ ଦଳ ସଦସ୍ୟ ଶଶିଭୂଷଣ ବେହେରାଙ୍କୁ କହିଥିଲେ। ବେହେରା କହିଥିଲେ, ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ବ୍ୟୟ ମଞ୍ଜୁର ବିଲ୍ ସମ୍ପର୍କିତ ଆଲୋଚନାରେ ବିରୋଧୀ ଭାଗ ନିଅନ୍ତୁ। ରାଜ୍ୟରେ କେତେକ ପ୍ରକଳ୍ପ ଯାହା ଲୋକଙ୍କ ସମସ୍ୟା ଦୂର କରିପାରିବ ସେନେଇ ବିଲ୍ ପାରିତ ହେବା ଦରକାର। ଏହାପରେ ରାଜକିଶୋର ଦାସ ବ୍ୟୟ ମଞ୍ଜୁର ବିଲ୍‌କୁ ସମର୍ଥନ କରିଥିଲେ। ହେଲେ ବିଧାୟକ ଦେବୀପ୍ରସାଦ ମିଶ୍ର ଠିଆହୋଇ କହିଥିଲେ, ଗୃହରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେଉଥିବା ବେଳେ ଏବଂ ଗୃହର ବହୁ ଗୁରୁତ୍ୱପୂର୍ଣ୍ଣ କମିଟି ଘୋଷଣା ହେବାବେଳେ ବିରୋଧୀ ଦଳ ରାଜ୍ୟର ପ୍ରଗତି କଥାରେ ଚିନ୍ତା ନ କରି ହୋହଲ୍ଲା କରୁଛନ୍ତି। ଏହିଭଳି ସେ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହକୁ ଆସି ଏକ ପ୍ରସଙ୍ଗ ଉପରେ ନିଜର ବିବୃତି ରଖିଥିଲେ। ଏହାପରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହରେ ପାରିତ ହୋଇଥିଲା। ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପ୍ରସ୍ତାବ ଆଣିଥିଲେ। ଏହି ସମୟରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। ତାଙ୍କୁ ବାଚସ୍ପତି କହିବାକୁ ସୁଯୋଗ ଦେଇଥିଲେ। ବିରୋଧୀ ଦଳ ନେତା ସରକାରକୁ ଟାର୍ଗେଟ କରି କହିବା ବେଳେ ଶାସକ ଦଳ ସଦସ୍ୟମାନେ ତାଙ୍କୁ ତୀବ୍ର ବିରୋଧ କରିଥିଲେ। ଏହାପରେ ବିରୋଧୀ ଦଳ ନେତା କକ୍ଷତ୍ୟାଗ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ସବୁ ଭାଜପା ସଦସ୍ୟ ଗୃହରୁ ଚାଲିଯାଇଥିଲେ। ଏହାପରେ ଅମର ପ୍ରସାଦ ଶତପଥୀ ଏବଂ ନିରଞ୍ଜନ ପୂଜାରୀ ଗୃହ ବନ୍ଦ ଲାଗି ସହମତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଯେଉଁସବୁ ବିଲ୍ ପାରିତ ହୋଇଛି ସେଗୁଡିକ ଘୋଷଣା କରିଥିଲେ। ଏହାସହ ବିଧାନସଭାରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ନରସିଂହ ମିଶ୍ର ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇ କହିଥିଲେ, ସବୁ ବିଲ୍ ଟେକ୍ନିକାଲି ପାସ୍ କରାଯାଇଛି। ଯେପରି ହେବା କଥା କରାଯାଇନାହିଁ। ଆଗାମୀ ଦିନରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଲ୍ ପାସ୍ କରାଯିବା ଦରକାର। ବିରୋଧୀଙ୍କୁ ଆଲୋଚନା କରିବାର ସୁଯୋଗ ମିଳିଲା ନାହିଁ। ଆଗାମୀ ଦିନରେ ଗୃହକୁ ସୁଚାରୁରୂପେ ପାଳନ କରିବା ଦାୟିତ୍ୱ ଗୃହର ନେତା ଏବଂ ବିରୋଧୀ ଦଳ ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ରହିଛି। ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନାର ଆବଶ୍ୟକତା ଥିଲା। ଗୃହରେ ସୃଷ୍ଟି ହୋଇଥିବା ତିକ୍ତତା ଏହାରି ଭିତରେ ଭୁଲିଯାଇ ବାହାରେ ବନ୍ଧୁ ଭାବେ ମିଶିବା ଦରକାର ବୋଲି ସେ କହିଥିଲେ। ଏହାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ୫ ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୩।୧୦(ଅନୁରାଧା ମହାରଣା)

ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୫ଦଫା ଦାବିରେ ଆନ୍ଦୋଳନକାରୀ ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ଲୋୟର ପିଏମ୍‌ଜିରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାସିକ ୨୬ ହଜାର ଟଙ୍କା ବେତନ, ଭତ୍ତା ବୃଦ୍ଧି, ଏସ୍ଏନ୍‌ପିର ଦର ସଂଶୋଧନ, ଅବସର ବୟସସୀମା ୬୫ ବର୍ଷକୁ ବୃଦ୍ଧି ସହ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ପ୍ରଦାନ ଆଦି ଦାବି କରାଯାଇଛି। ଏଥିରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆଣ୍ଡ ହେଲ୍‌ପର୍ସ ଆସୋସିଏଶନ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଏବଂ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ସାମିଲ ହୋଇଥିଲା।




୫ ଦଫା ଦାବିରେ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ୨୮,୨୦୦ କୋଟିର ଅତିରିକ୍ତ ବ୍ୟୟ ମଞ୍ଜୁର ବିଲ୍ ପାରିତ

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

୨୦୨୩-୨୪ ଆର୍ଥିକ ବର୍ଷ ଲାଗି ୨୮,୨୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ମଙ୍ଗଳବାର ବିଧାନସଭାରେ ପାରିତ ହୋଇଛି। ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଗତକରି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ, ଏହି ଅର୍ଥ ରାଜ୍ୟର ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିନିଯୋଗ କରାଯିବ। ଅତିରିକ୍ତ ବଜେଟ ଲକ୍ଷ୍ମୀ, ଆମ ଓଡ଼ିଶା ନବୀନ ଓଡ଼ିଶା, ଭୁବନେଶ୍ୱର ମେଟ୍ରୋ ଭଳି ନୂତନ ଯୋଜନା ପାଇଁ ଆବଶ୍ୟକ ବ୍ୟୟ ବ୍ୟବସ୍ଥା କରାଯାଇଛି। ଏହି ଅତିରିକ୍ତ ବ୍ୟୟବରାଦ ସହ ରାଜସ୍ୱ ବଳକା ପରିସ୍ଥିତି ବଜାୟ ରଖାଯିବ। ଆର୍ଥିକ ନିଅଣ୍ଟକୁ ସକଳ ରାଜ୍ୟ ଘରୋଇ ଉତ୍ପାଦର ୩ ପ୍ରତିଶତ ମଧ୍ୟରେ ସୀମିତ ରଖିବୁ। ୨୮,୨୦୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ମଧ୍ୟରୁ ପ୍ରଶାସନିକ ବ୍ୟୟ ବାବଦକୁ ୨୮୬୪ କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୨୦,୧୦୦ କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୪୬୬୪ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥାକୁ ହସ୍ତାନ୍ତର ବାବଦକୁ ୫୭୨ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମ ବ୍ୟୟ ବରାଦରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପାଇଁ ୩୪୧୭ କୋଟି ଟଙ୍କା, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୩୩୩୬ କୋଟି, ଜଳସେଚନ ସୁବିଧା ଓ ବିକାଶ ନିମନ୍ତେ ଜଳ ସମ୍ପଦ ବିଭାଗ ପାଇଁ ୨୩୪୩ କୋଟି, କୃଷି, ମତ୍ସ୍ୟ ଓ ପଶୁପାଳନ ଏବଂ କୃଷକ ସଶକ୍ତୀକରଣ ନିମନ୍ତେ ୧୬୧୩ କୋଟି, ମହିଳା ଏବଂ ଶିଶୁ କଲ୍ୟାଣ ଏବଂ ମହିଳା ସ୍ୱୟଂ-ସହାୟିକା ଗୋଷ୍ଠୀ ପାଇଁ ୧୨୫୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଏହାବ୍ୟତୀତ ଯୋଜନା ବ୍ୟୟରେ ସହରାଞ୍ଚଳ ଉନ୍ନୟନ ଓ ଭିତ୍ତିଭୂମି ବିକାଶ ପାଇଁ ୧୦୪୬ କୋଟି, ଆଦିବାସୀ ଓ ଜନଜାତି କଲ୍ୟାଣ ନିମନ୍ତେ ୧୧୩୬ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ରର ବିଭିନ୍ନ ଯୋଜନା ପାଇଁ ୮୬୨ କୋଟି, ସାମାଜିକ ସୁରକ୍ଷା ହସ୍ତାନ୍ତର ଯୋଜନା ନିମନ୍ତେ ୭୭୧ କୋଟି, ସାର୍ବଜନୀନ ପରିବହନ ସୁବିଧା ନିମନ୍ତେ ୭୪୬ କୋଟି, ଗ୍ରାମୀଣ ସଂଯୋଗୀକରଣ ପାଇଁ ୫୫୮ କୋଟି, ଖାଦ୍ୟ ନିରାପତ୍ତା ପାଇଁ ୪୭୮ କୋଟି ଏବଂ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୩୧୫ କୋଟି ଟଙ୍କା ବ୍ୟବସ୍ଥାର ପ୍ରସ୍ତାବ ରହିଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନାରେ ଭାଗନେଇ ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଥିଲେ, ରାଜ୍ୟର ସ୍ୱାର୍ଥ ପାଇଁ ଏହି ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ରହିଛି। ଗାନ୍ଧିଜୀଙ୍କ ନୀତି ରାଜ୍ୟ ଶାସନରେ ପ୍ରତିଫଳିତ ହୋଇଛି। ଏହି ବିଲ୍‌ର ଆଲୋଚନାରେ ବିରୋଧୀ ଭାଜପା ଓ କଂଗ୍ରେସର କୌଣସି ସଦସ୍ୟ ଅଂଶଗ୍ରହଣ କରି ନ ଥିଲେ। ତେବେ ହଟ୍ଟଗୋଳ ମଧ୍ୟରେ ଏହି ବିଲ୍ ମଞ୍ଜୁର କରାଯାଇଛି।

# ‘କର୍କଟ ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ’

## ହୋମି ଭାବା କ୍ୟାନ୍‌ସର ହସ୍ପିଟାଲର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୧୦
(ଅସମାପିକା ସାହୁ)

ଜଟଣୀ ନାଇଜର କ୍ୟାମ୍ପସରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋମି ଭାବା କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉକ୍ତ ହସ୍ପିଟାଲରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ସହ ଗବେଷଣା କରାଯିବ। ୨ଶହ ଶଯ୍ୟା ବିଶିଷ୍ଟ ଏହି କ୍ୟାନ୍‌ସର ହସ୍ପିଟାଲ ୨୦୨୫ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏହା ରାଜ୍ୟରେ କ୍ୟାନ୍‌ସର ଚିକିତ୍ସା ସେବାକୁ ଅଧିକ ତ୍ୱରାନ୍ୱିତ କରିବ। ଫଳରେ ରୋଗୀଙ୍କୁ ମୁମ୍ବାଇ ଭଳି ବଡ଼ ସହରକୁ ଚିକିତ୍ସା ପାଇଁ ଆଉ ଯିବାକୁ ପଡ଼ିବନାହିଁ। ଏହାଦ୍ୱାରା ଲୋକଙ୍କ ଅର୍ଥ ସଞ୍ଚୟ ହେବା ସହ ମାନସିକ କଷ୍ଟରୁ ମୁକ୍ତି ମିଳିବ। ଓଡ଼ିଶା ସହ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ରୋଗୀ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଏହି ହସ୍ପିଟାଲକୁ ମୋ ବସ୍ ଦ୍ୱାରା ଯାତାୟାତ ସୁବିଧା ସହ ଭଲ ରାସ୍ତା, ବସ୍‌ଷ୍ଟାଣ୍ଡ, ଅଗ୍ନିଶମ କେନ୍ଦ୍ରର ବ୍ୟବସ୍ଥା କରାଯିବ। ହସ୍ପିଟାଲରେ ରୋଗୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ମାଧ୍ୟମରେ ମାଗଣା ଚିକିତ୍ସା ପାଇପାରିବେ। କ୍ୟାନ୍‌ସର ହସ୍ପିଟାଲ ପରିସରରେ ଏକ ଆହାର କେନ୍ଦ୍ର ଖୋଲାଯିବ। ମେଡିକାଲ ସାଇକ୍ଲୋଟ୍ରୋନ ସୁବିଧା ପାଇଁ ରାଜ୍ୟ ସରକାର ୬୫ ଏକର ଜମି ଯୋଗାଇଦେବା ସହ ଦେଢ଼ଶହ କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ଏହା ଏସିଆର ସର୍ବାଧିକ ଉନ୍ନତ ସାଇକ୍ଲୋଟ୍ରୋନ ଗବେଷଣା କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ରୂପାନ୍ତରଣ ପ୍ରକ୍ରିୟା ଚାଲିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ସ୍ୱାସ୍ଥ୍ୟ ଶିକ୍ଷା ଓ ନିୟମିତ ଡାକ୍ତର ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିବର୍ଷ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ସହ ତାଲିମପ୍ରାପ୍ତ ଡାକ୍ତର ବାହାରୁଛନ୍ତି। ୨୦୨୨ ସେପ୍ଟେମ୍ବରରେ ମୁମ୍ବାଇର ଟାଟା ମେମୋରିଆଲ ସେଣ୍ଟର ସହ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏଥିରେ ଜଟଣୀ ନାଇଜର ପରିସରରେ ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠା ନେଇ ଚୁକ୍ତିନାମା ହୋଇଥିଲା। ୨୫୦ କୋଟି ଟଙ୍କା ବ୍ୟୟରେ ଟାଟା ଷ୍ଟିଲ ଫାଉଣ୍ଡେଶନ ହସ୍ପିଟାଲ ନିର୍ମାଣ କରି ଟାଟା ମେମୋରିଆଲ ସେଣ୍ଟର ଓ ଆଟମିକ ଏନର୍ଜି ବିଭାଗକୁ ହସ୍ତାନ୍ତର କରିବ। ଆଟମିକ ଏନର୍ଜି ବିଭାଗ ୪ଶହ କୋଟିର ଯନ୍ତ୍ରପାତି ଯୋଗାଇଦେବ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋମି ଭାବା କ୍ୟାନ୍‌ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି।

## ବଢ଼ିଲା ଯାଜପୁର ଜିଲା ହସ୍ପିଟାଲ ଶଯ୍ୟାସଂଖ୍ୟା

### ‘ଆମ ହସ୍ପିଟାଲ’ରେ ସାମିଲ ହେବ ସବୁ ଜିଲା ମୁଖ୍ୟ ଚିକିତ୍ସାଳୟ

ଭୁବନେଶ୍ୱର, ୩।୧୦
(ଅସମାପିକା ସାହୁ)

ଜନସାଧାରଣଙ୍କୁ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ବୃଦ୍ଧି କରିଛନ୍ତି। ୩୩୦ରୁ ୪୨୦କୁ ଶଯ୍ୟା ସଂଖ୍ୟା ବଢ଼ାଯାଇଛି। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାଜପୁରରେ ଖୁବ୍‌ଶୀଘ୍ର ୧୦୦ ଏମ୍‌ବିବିଏସ୍ ସିଟ୍ ବିଶିଷ୍ଟ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ, ଯାହାକି ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଭାବେ ଜଣାଶୁଣା ହେବ। ଏହି ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସହାୟକ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ‘ଆମ ହସ୍ପିଟାଲ ଯୋଜନା’ରେ ସାମିଲ କରିବା ନିମନ୍ତେ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ସମସ୍ତ ଡିଏଚ୍‌ଏଚ୍, ଏସ୍‌ଡିଏଚ୍, ସିଏଚ୍‌ସି ଏବଂ ପିଏଚ୍‌ସିକୁ ଆମ ହସ୍ପିଟାଲ ଯୋଜନା ସମ୍ପ୍ରସାରିତ ହେବ। ଆସନ୍ତା ୪ ବର୍ଷରେ ଏହି ଯୋଜନା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଅବସର ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

### ଆଜିଠୁ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି

କଟକ,୩।୧୦ (କାର୍ତ୍ତିକ ସାହୁ)

ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ବୁଧବାରଠାରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିବେ। ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟର ବିଜ୍ଞପ୍ତି ଅନୁସାରେ ରାଷ୍ଟ୍ରପତି ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ଷଡ଼ଙ୍ଗୀଙ୍କୁ ଏହି ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ଡ. ଷଡ଼ଙ୍ଗୀ ୧୯୬୨ ଜୁଲାଇ ୨୦ରେ ନୟାଗଡ଼ ଜିଲା ଓଡ଼ଗାଁ ଅନ୍ତର୍ଗତ ପାନତିଖରି ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ମଧ୍ୟ ଓଡ଼ିଶା ଅର୍ଥ ସେବାର ଜଣେ ସିନିୟର ପ୍ରଥମ ଶ୍ରେଣୀ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଓ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଶେଷ ପରେ ଆଇନରେ ପିଏଚ୍.ଡି କରିଥିଲେ।

ଅପରପକ୍ଷରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶୁଭାଶିଷ ତାଳପତ୍ର ଗତ ଅଗଷ୍ଟ ୮ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଳପତ୍ର ୨୦୧୧ ନଭେମ୍ବର ୧୫ରେ ଗୁଆହାଟୀ ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଥିଲେ। ଏହାପରେ ସେ ୨୦୧୩ରେ ତ୍ରିପୁରା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ୨୦୧୮ ନଭେମ୍ବର ୨ରୁ ୧୩ ତାରିଖ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିପୁରା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୨ ଜୁନ୍ ୧୦ ତାରିଖରେ ଓଡ଼ିଶା ହାଇକୋର୍ଟକୁ ତାଙ୍କର ବଦଳି ହୋଇଥିଲା।

## ଶୋଇଥିବାବେଳେ ଭୁଶୁଡ଼ିଲା କାନ୍ଥ ସ୍ୱାମୀ ମୃତ, ବର୍ତ୍ତିଲେ ସ୍ତ୍ରୀ ଓ ୨ ଝିଅ


ବଉଁଶରାରେ ଭାଙ୍ଗିଯାଇଥିବା ଘର ।

ସମ୍ବଲପୁର,୩।୧୦
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଧମା ଥାନା ବରଗାଁ ବଉଁଶରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରାତିରେ ଶୋଇଥିବା ବେଳେ ଘରକାନ୍ଥ ଭୁଶୁଡ଼ି ପଡିବାରୁ ଘର ମୁଖିଆ ବବ୍ରୁବାହନ ବାଗ (୪୧)ଙ୍କର ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଓ ୨ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ସବୁଦିନ ଭଳି ସୋମବାର ରାତିରେ ପରିବାର ଲୋକେ ଖାଇସାରି ଶୋଇଥିଲେ। ଲଗାଣ ବର୍ଷା ଯୋଗୁ ବିଳମ୍ବିତ ରାତିରେ ମାଟି କାନ୍ଥ ଭୁଶୁଡ଼ି ପଡିଥିଲା। ମାଟିକାନ୍ଥ ତଳେ ବବ୍ରୁବାହନଙ୍କ ସମେତ ସ୍ତ୍ରୀ ସରିତା, ଦୁଇ ଝିଅ ଅନୁଷ୍କା (୯) ଓ ଅନଶିକା (୨) ଚାପିହୋଇ ରହିଯାଇଥିଲେ। ଖବର ପାଇ ପଡ଼ୋଶୀ ଘର ଲୋକେ ପହଞ୍ଚି କାନ୍ଥ ତଳେ ଚାପି ହୋଇଥିବା ପୂରା ପରିବାରକୁ ଉଦ୍ଧାରକରି ଜିଲା ସଦର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବବ୍ରୁବାହନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି। ବବ୍ରୁବାହନ ଆବାସ ଯୋଜନାରେ ଆବେଦନ କରିଥିଲେ ମଧ୍ୟ ମିଳିପାରି ନ ଥିଲା। ଯଦି ସେ ଏହି ଯୋଜନାରେ ପକ୍କାଘର କରିଥାନ୍ତେ ଏଭଳି ପରିସ୍ଥିତିକୁ ଏଡ଼ାଯାଇପାରିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

## ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ସମ୍ବଲପୁର,୩।୧୦(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ବଞ୍ଜାରି ଗ୍ରାମର ବଳଦେବ ଚାନ୍ଦଙ୍କୁ କାଠଫାଳିଆରେ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବଞ୍ଜାରି ଗ୍ରାମର ଚୈତନ୍ୟ ରାଉତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ସୋମବାର ସକାଳେ ଚୈତନ୍ୟ ଓ ବଳଦେବଙ୍କ ମଧ୍ୟରେ ଚପଲ ହଜିଯିବା ନେଇ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ଚୈତନ୍ୟ ଘରଭିତରୁ କାଠଫାଳିଆ ଆଣି ବଳଦେବଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବଳଦେବଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ୧୧୦ କେଜିର ସାମୁଦ୍ରିକ କଉ ୨୫ ହଜାରରେ ବିକ୍ରି

### ପାରାଦୀପରୁ ଆସିଲା, ଦୀଘାରେ ନିଲାମ

ଭୋଗରାଇ,୩।୧୦
(ପ୍ରଦୀପ ଦାସ)

ପାରାଦ୍ୱୀପ ଗଭୀର ସମୁଦ୍ରରୁ ଏକ ବିରଳ ପ୍ରଜାତିର କଉ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଟ୍ରଲର ମାଲିକ ଏହି ମାଛକୁ ଦୀଘା ମୁହାଣ ମାଛ ମାର୍କେଟକୁ ମଙ୍ଗଳବାର ସକାଳେ ବିକ୍ରି ପାଇଁ ଆଣିଥିଲେ। ଦୀଘା ମାଛ ମାର୍କେଟରେ ଉକ୍ତ ମାଛକୁ ବାଂଲାଦେଶର ଏକ କମ୍ପାନୀ ୨୫ହଜାର ଟଙ୍କା କିଣି ନେଇଛି। ମାଛର ଓଜନ ୧୧୦ କେଜି ହୋଇଥିବା ବେଳେ ମତ୍ସ୍ୟଜୀବୀମାନେ ଏହି ମାଛକୁ କଉଭଲା କହୁଛନ୍ତି। ଇଂରାଜୀରେ ଏହି ମାଛକୁ ରିକୋର୍ଟ ମାଛ କୁହାଯାଏ। ଏହି ବିଶାଳକାୟ ମାଛ ଔଷଧୀୟ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଏହା ବିଦେଶରେ ବହୁ ମୂଲ୍ୟରେ ବିକ୍ରି ହୋଇଥାଏ ବୋଲି ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ନିକଟରେ ଦୀଘା ମାଛ ମାର୍କେଟରେ ୨୭ଟି ତେଲିଆ ଭଲା ମାଛକୁ ୨୭ଲକ୍ଷରେ ବିକ୍ରି କରାଯାଇଥିଲା।



## ୧୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

### ଆର୍ମି ଲେଖା ଥିବା ଗାଡ଼ିରେ ହେଉଥିଲା ଚାଲାଣ

ସମ୍ବଲପୁର,୩।୧୦
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଅବକାରୀ ବିଭାଗ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଶାସନ ଟୋଲ୍ ପ୍ଲାଜା ନିକଟରେ ଏକ କାର୍‌ରୁ ୧୨୦କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଆର୍ମି ଲେଖା ଥିବା ଏହି କାର୍‌ରେ ଗଞ୍ଜେଇ ଉତ୍ତରପ୍ରଦେଶ ଚାଲାଣ ହେଉଥିଲା। କାର୍ ଭିତରୁ ଏକ ବନ୍ଧୁକ ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶର ସୋନୁ ସିଂ (୩୨), ହାପପୁରର ରିଙ୍କୁ ତୋମାର (୨୩) ଓ ନରେନ୍ଦ୍ର ସିଂ (୨୭)। ଏ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ବରଗଡ଼ ଜିଲା ପଟୁ ଉତ୍ତରପ୍ରଦେଶକୁ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ କାର୍ଯ୍ୟାଳୟକୁ ସୂଚନା ଆସିଥିଲା। ଖବର ପାଇ ଅବକାରୀ ଅଧୀକ୍ଷକ ଅଶୋକ ସେଠଙ୍କ ନିର୍ଦ୍ଦେଶ କ୍ରମେ ସଦର ଅଧିକାରୀ ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଶାସନ ଟୋଲ୍ ପ୍ଲାଜା ନିକଟରେ ଏହି ଟିମ୍ ଉକ୍ତ କାର୍‌କୁ ଅଟକାଇବା ସମୟରେ ତାହା ଦ୍ରୁତଗତିରେ ଫେରାରହେବାକୁ ଚେଷ୍ଟା କରିଥିଲା। ହେଲେ ଟିମ୍ ସଦସ୍ୟ ଏହାକୁ କାବୁ କରିନେଇଥିଲେ। କାର୍‌ରେ ଥିବା ଗୋଟିଏ ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ସହ ଭାରତମାଳା ପରିଯୋଜନାରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ନକଲି ଆଇକାର୍ଡ ଜବତ କରାଯାଇଛି।

## ୧୪ ହାତୀ ଚଲାପଥରୁ ୧୦ ଅଚଳ

- **ହାତୀ ଚଲାପଥ ସଂରକ୍ଷଣ, ଅଭିବୃଦ୍ଧି ପାଇଁ ୧୧୪ କୋଟି ଖର୍ଚ୍ଚ**
- **ବିଭିନ୍ନ ସଂସ୍ଥା ଦ୍ୱାରା ଭିନ୍ନ ଭିନ୍ନ ରିପୋର୍ଟ**

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ କେତୋଟି ହାତୀ ଚଲାପଥ ବା ଏଲିଫ୍ୟାଣ୍ଟ କରିଡର ରହିଛି, ସେ ନେଇ ଏଯାଏ କୌଣସି ନିର୍ଦ୍ଦିଷ୍ଟ ସୂଚନା ହସ୍ତଗତ ହୋଇ ପାରିନାହିଁ। ବିଭିନ୍ନ ସଂସ୍ଥା ଦ୍ୱାରା ଓଡ଼ିଶାର ହାତୀ ଚଲାପଥଗୁଡ଼ିକୁ ଭିନ୍ନ ଭିନ୍ନ ଭାବେ ଚିହ୍ନଟ କରାଯାଇଛି। ଗତ ୨୬।୯।୨୦୨୩ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଭିନ୍ନ ବନଖଣ୍ଡ ଅଧିକାରୀ ଏବଂ କ୍ଷେତ୍ର ସଂସ୍ଥାଗୁଡ଼ିକଠାରୁ ପ୍ରାପ୍ତ ତଥ୍ୟକୁ ଆଧାର କରି ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଏଭଳି ଦର୍ଶାଇଛନ୍ତି। ସେ ତାଙ୍କ ଉତ୍ତରରେ ଆହୁରି ଦର୍ଶାଇଛନ୍ତି, ୨୦୦୫ରେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଟିଆଇ) ରାଜ୍ୟରେ ୯ଟି ହାତୀ କରିଡର ଥିବା ଚିହ୍ନଟ କରିଥିଲା। ୨୦୧୦ରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଗଜ ରିପୋର୍ଟରେ ୯ଟି ହାତୀ କରିଡରକୁ ଅଗ୍ରାଧିକାର ଭିତ୍ତିରେ ବିଭକ୍ତ କରାଯାଇଛି। ସେହିପରି ୨୦୧୧-୧୨ରେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୪ଟି ହାତୀ କରିଡର ଥିବା ଚିହ୍ନଟ କରାଯାଇଥିଲା। ୨୦୧୭ରେ ପୁଣିଥରେ ଡବ୍ଲ୍ୟୁଟିଆଇ ଦ୍ୱାରା ପ୍ରକାଶିତ ରିପୋର୍ଟରେ ରାଜ୍ୟରେ ୧୨ଟି ହାତୀ ଚଲାପଥ ଥିବାର ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଏସିଆନ ନେଚର କନଜରଭେଶନ ଫାଉଣ୍ଡେଶନ(ଏଏନ୍‌ସିଏଫ୍) ଦ୍ୱାରା ପ୍ରକାଶିତ ରିପୋର୍ଟରେ ୧୪ଟି ହାତୀ କରିଡର ଥିବାବେଳେ ସେଥିରୁ ୧୦ଟି ଅଚଳ ରହିଛି। ଉକ୍ତ ରିପୋର୍ଟରେ ଗୋଟିଏ ନୂତନ ହାତୀ ଚଲାପଥ ଚିହ୍ନଟ ହୋଇଛି। ଏହିକ୍ରମରେ ହାତୀ ଚଲାପଥଗୁଡ଼ିକର ଚିହ୍ନଟ, ପରିଚାଳନା ଏବଂ ଆଇନଗତ ସୁରକ୍ଷା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି । ଏହାବାଦ୍ ୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ ଗତ ୫ ବର୍ଷରେ ହାତୀ ଚଲାପଥଗୁଡ଼ିକର ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନାରେ ୧୧୫ କୋଟି ୬୬ ଲକ୍ଷ ୩୬ ହଜାର ୭୫୦ଟଙ୍କା ବ୍ୟୟବରାଦ କରାଯାଇଛି । ସେଥିରୁ ୧୧୪ କୋଟି ୩୪ ଲକ୍ଷ ୭୪ ହଜାର ୯୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଅଗଷ୍ଟ ୨୦୧୦ରେ ହାତୀମାନଙ୍କ ସୁରକ୍ଷା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ହୋଇଥିଲା । ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇ ‘ଗଜ’ ନାମରେ ଏକ ଯୋଜନା ପ୍ରଣୟନ ହୋଇଥିଲା । ଏହି କ୍ରମରେ ଓଡ଼ିଶା ଚିଫ୍ କନଜରଭେଟର ଅଫ୍ ଫରେଷ୍ଟ ରାଜ୍ୟରେ ୮୭୦.୬୧ ବର୍ଗ କିମି ଅଞ୍ଚଳକୁ ନେଇ ୪୨୦.୮ କିମି. ଲମ୍ବ ଓ ୦.୦୮ ରୁ ୪.୬ କିମି. ଓସାର ବିଶିଷ୍ଟ ୧୪ଟି ହାତୀ କରିଡର ଏବଂ ୩ଟି ହାତୀ ସଂରକ୍ଷିତ ଅଞ୍ଚଳ(ଏଲିଫ୍ୟାଣ୍ଟ ରିଜର୍ଭ) ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଏହି ସବୁ ହାତୀ ଚଲାପଥ ଓ ସଂରକ୍ଷିତ ଅଞ୍ଚଳଗୁଡ଼ିକର ଉପଯୁକ୍ତ ପରିଚାଳନା ଅଭାବରୁ ୨୦୨୦-୨୧ ସୁଦ୍ଧା ରାଜ୍ୟରେ ୮୪୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ଏଏନ୍‌ସିଏଫ୍ ଦ୍ୱାରା ଚିହ୍ନଟ ୧୪ଟି ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଉପରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା(ନଂ. ୧୨୯/୨୦୧୬/ଇଜେଡ) ରୁଜୁ ହୋଇଥିଲା। ପ୍ରାୟ ୨ ବର୍ଷ ତଳେ ଏନ୍‌ଜିଟି ପକ୍ଷରୁ ଏହି ମାମଲା ଉପରେ ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ୨ ମାସ ମଧ୍ୟରେ ହାତୀ ଚଲାପଥ ସଂକ୍ରାନ୍ତରେ ଅଧିସୂଚନା ଜାରି କରାଯାଇ ଏକ କାର୍ଯ୍ୟାନ୍ୱୟନ ଯୋଜନା(ଆକ୍ସନ ପ୍ଲାନ) ରିପୋର୍ଟ ଦାଖଲ କରିବାକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାଦ୍ୱାରା ବନ୍ୟଜନ୍ତୁ ସୁରକ୍ଷା ଆଇନ ତଥା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପ୍ରାବଧାନରେ ରହିଥିବା କଟକଣା ହାତୀଚଲା ପଥ ଯୋଜନାରେ ମଧ୍ୟ ଲାଗୁ ହୋଇପାରିବ ବୋଲି ପରିବେଶବିତ୍‌ମାନେ ଆଶାବ୍ୟକ୍ତ କରିଥିଲେ। ହେଲେ ଏହି ଆକ୍ସନ ପ୍ଲାନ୍ ଏଯାଏ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିବା ମତପ୍ରକାଶ ପାଇଛି।

ହାତୀ ଚଲାପଥ, ବାସସ୍ଥାନର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ ୨୦୧୮-୧୯ରେ ୧୪ କୋଟି ୩୮ ଲକ୍ଷ ୮୦୦ ଟଙ୍କା, ୨୦୧୯-୨୦ରେ ୨୧ କୋଟି ୯୯ ଲକ୍ଷ ୬୦ ଟଙ୍କା, ୨୦୨୦-୨୧ରେ ୩୧ କୋଟି ୩୪ ଲକ୍ଷ ୪୦୦ ଟଙ୍କା, ୨୦୨୧-୨୨ରେ ୨୫ କୋଟି ୪୫ ଲକ୍ଷ ୭୫ ଟଙ୍କା ଏବଂ ୨୦୨୨-୨୩ରେ ୨୨ କୋଟି ୪୯ ଲକ୍ଷ ୩୩ ଟଙ୍କା ବ୍ୟୟ ବରାଦ ହୋଇଛି। ଏଥିରୁ ୧ କୋଟି ୩୧ ଲକ୍ଷ ୬୧ ହଜାର ୮୧୯ ଟଙ୍କା ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ତେବେ ଉପରୋକ୍ତ ଅର୍ଥର ସଦ୍‌ବିନିଯୋଗ କରାଗଲେ ହାତୀ ମଣିଷ ଲଢେଇର ଅନ୍ତ ହେବା ସହ ହାତୀମାନେ ସୁରକ୍ଷିତ ଭାବେ ଚଳପ୍ରଚଳ କରି ପାରିପାରିବେ ବୋଲି ମତପ୍ରକାଶ ପାଇଛି।



# ପ୍ରାଣୀଙ୍କ ଯତ୍ନ

**ଗୋ**ରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତିଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷା କରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।



# ଫୁଲଚାଷ: ତରଳ ଖତ ପ୍ରସ୍ତୁତି



**ତ**ରଳ ଖତ ପ୍ରସ୍ତୁତି ସମୟରେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚା ଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । **ସେବତୀ** – ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। **ଗୋଲାପ** – ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ଗ୍ଲାଡିଓଲସ୍ – ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନକରି ପ୍ରସ୍ତୁତ ଜମିରେ ଗଜାକରି ଲଗାନ୍ତୁ ।

# ସଅଳ କିସମ ଧାନ ଅମଳ

## ଏ ମାସର କୃଷି ସୂଚନା



**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡାରେ ଧାନ ପାଚିଗଲେ ଅମଳକରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ପ୍ରଥମେ ହୁଡ଼ାପଟୁ ଏହା ପକାଇ ପରେ ବିଲର ମଝି ଆଡ଼କୁ ଯାଆନ୍ତୁ। ସନ୍ଧ୍ୟାବେଳେ ହୁଡ଼ାରେ ଏକର ପ୍ରତି ୫ଟି ନିଆଁ ହୁଳା ଜାଳନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଏସ୍.ଜି. ଏକର ପ୍ରତି ୫୦ ଗ୍ରାମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ ଏବଂ ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ। ବୀଜାଣୁ ଜନିତ ପତ୍ରପୋଡ଼ା ଓ ପୋକ ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ମକା** : ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭–୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩–୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ** : ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:– ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି–୨୬୨ ସଂଗ୍ରହ କରନ୍ତୁ ।

**ଡାଲିଜାତୀୟ ଫସଲ** : ମୁଗର ଉନ୍ନତ କିସମଗୁଡ଼ିକ ହେଲା ଟାର୍ମ–୧, ଟାର୍ମ–୨, ପୁଷା–୯୦୭୨, ଓବିଜିଜି–୫୨, ଓୟୁଏମ୍୧୧–୫ (କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍–୦୨–୧୪, ଆଇପିଏମ୍–୦୨–୦୩ । ବିରିର ଉନ୍ନତ କିସମ ମଧ୍ୟରେ ରହିଛି ଟି–୯, ପନ୍ଥ ୟୁ–୩୦, ପନ୍ଥ ୟୁ–୩୫, ପ୍ରସାଦ, ଉଜ୍ଜ୍ୱଳା, ଶେଖର–୨, ସାରଳା, ମାହୁରି, ଶଶୀ। ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ–୧ ଓ ୨, ପିଡିଏମ୍ ୧୧ ଓ ୫୪, ବିରି କିସମ ସାରଳା, ପିୟୁ–୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**କୋଳଥ** : ଉର୍ମି, ଡିଏସ୍ ୧–୨, ଡିଏସ୍୧–୨–୨, ନୟାଗଡ଼–୧ ଆଦି କିସମ ସଂଗ୍ରହକରି ଅକ୍ଟୋବର ୧୫ ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର – ୩

## ତୋରିଆ ସୋରିଷ ପାଇଁ ଜମି

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଚଳିତ ମାସ ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍–୨୭, ଟିଏସ୍–୨୯, ପିଟି–୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।



# ପନିପରିବା ଚାଷ



**ଆ**ଳୁଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଆବଶ୍ୟକ ହୋଇଥାଏ। ଓଡ଼ିଶା ଜଳବାୟୁରେ ଭଲ ଅମଳ ପାଇବା ପାଇଁ ନଭେମ୍ବର ମାସର ଦ୍ୱିତୀୟ ସପ୍ତାହ ପୂର୍ବରୁ ବିହନ ଲଗାଇବା ଉଚିତ। ୨୫ ରୁ ୩୦ ଗ୍ରାମ୍ ବିଶିଷ୍ଟ ଗୋଟା ଆଳୁ କିମ୍ବା ବଡ଼ ଆଳୁକୁ ଖଣ୍ଡ କରି ଯାହାର ଅନ୍ତତଃ ୨ ରୁ ୩ ଟି ଆଖି ଥିବା ଏହାକୁ ବିହନ ପାଇଁ ବ୍ୟବହାର କରିପାରିବା। ବିହନଗୁଡ଼ିକୁ ୩% ବୋରିକ୍ ଏସିଡ୍‌ରେ ବିଶୋଧନକରି ଛାଇରେ ଶୁଖାଇ ମୁଖ୍ୟ ଜମିରେ ଲଗାନ୍ତୁ। ହେକ୍ଟର ପ୍ରତି ୧୮୦ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫେଟ୍ ଓ ୧୦୦ କି.ଗ୍ରା. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ (୧୫୦୦ ପିପିଏମ୍ ଆଜାଡାରାକ୍ଟିନ୍)କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବା ବନ୍ଦୋବସ୍ତ କରନ୍ତୁ । ବର୍ଷାଦିନେ ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଜାତୀୟ ଫସଲ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କି.ଗ୍ରା. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

# ଖରିଫ ଚିନାବାଦାମ



**ଖ**ରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟିଜି–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ। ଟ୍ରାଇକୋଡର୍ମା ଭିରିଡ଼େ ଫିମ୍ପିକୁ କେ.ଜି. ପ୍ରତି ୫ ଗ୍ରାମ୍ ହିସାବରେ ମିଶାଇ ମଞ୍ଜି ବିଶୋଧନ କରନ୍ତୁ।

# ଉନ୍ନତ କିସମ ସୂର୍ଯ୍ୟମୁଖୀ



**ଉ**ନ୍ନତ କିସମ ସୂର୍ଯ୍ୟମୁଖୀ ଯଥା–ମଡର୍ନ, ଇ.ସି.–୬୮୪୧୪, ଇ.ସି.–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପି.ଏ.ସି.–୩୬, କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪ ଓ ଏମ୍.ଏସ୍.ଏଫ୍.ଏଚ୍.–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ୧ କି.ଗ୍ରା. ବିହନ ପ୍ରତି କାର୍ବୋକ୍ସିନ୍ x ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୧ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

# ରାଶି ବୁଣିବା ସମୟରେ



ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ପ୍ରତି କି.ଗ୍ରା. ବିହନରେ କାର୍ବୋକ୍ସିନ୍ x ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

# ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ

(ଶେଷ ଭାଗ)

➤ଫ୍ଲକ୍ ସୃଷ୍ଟି ହେବା ପରେ ସ୍ଥିରୀକୃତ ମାଛର ଆଙ୍ଗୁଳିକା ଆକାରର କିମ୍ବା ଚିଙ୍ଗୁଡ଼ି ଯାଆଁଳ ଛଡ଼ାଯାଏ।

➤ପ୍ରୋବାୟୋଟିକ୍ ଏବଂ ଗୁଡ଼ ମିଶ୍ରଣ ପ୍ରୟୋଗର ୧୦ଦିନ ବେଳକୁ ପାଚନ କ୍ରିୟା ଦ୍ୱାରା ସୃଷ୍ଟି ହୋଇଥିବା ଜୈବିକ ଅଙ୍ଗାରକ ମିଶ୍ରଣ ପ୍ରସ୍ତୁତକରି ପ୍ରୟୋଗ କରାଯାଏ।

ବାୟୋଫ୍ଲକ୍ ପଦ୍ଧତିରେ ପାଚନ ଦ୍ୱାରା ସୃଷ୍ଟି ଆମୋନିଆ କ୍ଷତିକାରକ। ତେଣୁ ମୋଟ ଆମୋନିଆ ଏବଂ ନାଇଟ୍ରାଇଟ୍ ପ୍ରତ୍ୟେକ ଦିନ ପ୍ରଭାତରେ ଖାଦ୍ୟ ପ୍ରୟୋଗ ପୂର୍ବରୁ କରାଯିବା ଉଚିତ। ଆମୋନିଆ ଗ୍ୟାସ୍‌ର ବିଷ ପ୍ରଭାବରେ ଖାଦ୍ୟ ପ୍ରୟୋଗ ପୂର୍ବରୁ କରାଯିବା ଉଚିତ। ଆମୋନିଆ ଗ୍ୟାସ୍‌ର ବିଷୟ ପ୍ରଭାବ ପାଣିର P4, ତାପମାତ୍ରା, ଦ୍ରବୀଭୂତ ଅମ୍ଳଜାନ ଓ ଲବଣତ୍ୱ ଉପରେ ନିର୍ଭରଶୀଳ । ତେଣୁ ପାଣିରେ P4 , ତାପମାତ୍ରା ଅଧିକ ହେଲେ ଏହି ବିଷ ପ୍ରଭାବ ଅଧିକ ହେଉଥିଲା ବେଳେ ପାଣିରେ ଦ୍ରବୀଭୂତ ଅମ୍ଳଜାନ ଓ ଲବଣତ୍ୱ ଅଧିକ ଥିଲେ ଏହି ବିଷ ପ୍ରଭାବ କମ୍ ହୋଇଥାଏ। ଏହି ଦୃଷ୍ଟିରୁ କୁଣ୍ଡରେ ଅଙ୍ଗାରକ ଏବଂ କ୍ଷବକ୍ଷାରଜାନର ଅନୁପାତ ୧୦:୧ ରହିବା ଆବଶ୍ୟକ। ତେଣୁ ଆମୋନିଆଯୁକ୍ତ ନାଇଟ୍ରୋଜେନ୍ ହ୍ରାସ କରିବା ପାଇଁ ୧୦ ଭାଗ ଗୁଡ଼ ପ୍ରୟୋଗ ଆବଶ୍ୟକ।



**ସତର୍କତା–**

➤ କୁଣ୍ଡ ସ୍ଥାପନ ପରେ ଉପରଭାଗରେ ଆଲୋକ ଯେମିତି ଆସି ପାରୁଥିବ। ସ୍ୱଚ୍ଛ ପଦାର୍ଥର ଛାତ ରଖିବା ଉଚିତ। ଏହାଦ୍ୱାରା ପତଳା ଅଳ୍ପ ସୂର୍ଯ୍ୟକିରଣ ପଡ଼ିବା ସହ ବର୍ଷାଜଳ ପଡ଼ିବ ନାହିଁ।

➤ମାଛଚାଷ ସ୍ଥାନରେ ସଫା ପାଣି ସଂଗ୍ରହର ବ୍ୟବସ୍ଥା ରହିବା ଉଚିତ। ଏଥିପାଇଁ ବୋର୍‌ୱେଲ କଲେ ଭଲ ହୋଇଥାଏ। ଯଦି ଅନ୍ୟାନ୍ୟ ସ୍ରୋତର ପାଣିକୁ ବ୍ୟବହାର କରାଯାଏ,ତେବେ ସେଥିରୁ କ୍ଲୋରିନ୍ ଗ୍ୟାସ୍‌କୁ କଢ଼ାଯିବା ଉଚିତ। ଏଥିପାଇଁ ସଂଗୃହୀତ ପାଣିକୁ ୨–୩ଦିନ ପର୍ଯ୍ୟନ୍ତ ବାୟୁ ସଂଚାଳନ କରିବା ଦ୍ୱାରା କ୍ଲୋରିନ୍ ଗ୍ୟାସ୍‌କୁ ପାଣିରୁ ନିର୍ଗମ କରାଯାଇପାରେ।

➤ସଦାସର୍ବଦା ବାୟୁ ସଞ୍ଚାଳନ କରାଯିବା ଦରକାର ଏବଂ ଏଥିପାଇଁ ସ୍ୱୀକୃତିପ୍ରାପ୍ତ କମ୍ପାନୀର ବାୟୁଚାଳନା ଯନ୍ତ୍ର ବ୍ୟବହାର କରାଯିବା ଉଚିତ। ବିଦ୍ୟୁତ୍ ପ୍ରବାହକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଜରୁରୀ ।

**–ଦିଲୀପ କୁମାର ସାହୁ,** ଅଧ୍ୟାପକ,
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର
(ମତ୍ସ୍ୟବିଜ୍ଞାନ),
ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

**–ମାନସ ରଞ୍ଜନ ସାହୁ,** ଅଧ୍ୟକ୍ଷ,
ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର,
ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

# ଏଚ୍‌ସିଆଇଏଲ୍‌ର ନୂତନ ଫେଷ୍ଟିଭ ଏଡିଶନ

ଭୁବନେଶ୍ୱର,୩।୧୦ (ଅଭୟ ଦାଶ)




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ନୂତନ ଫେଷ୍ଟିଭ ଏଡିସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ହୋଣ୍ଡାର ଅଗ୍ରଣୀ ବ୍ରାଣ୍ଡ୍ ହୋଣ୍ଡା ସିଟି (ଏଲେଗାଣ୍ଟ ଏଡିଶନ) ଏବଂ ହୋଣ୍ଡା ଆମେଜ (ଏଲାଇଟ ଏଡିଶନ) ନୂଆ ରୂପରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହି ୨ଟି ମଡେଲ ଉଭୟ ମାନୁଆଲ ଟ୍ରାନ୍ସମିଶନ (ଏମ୍‌ଟି) ଏବଂ କଣ୍ଟିନ୍ୟୁଲସି ଭାରିଏବୁଲ ଟ୍ରାନ୍ସମିଶନ (ସିଭିଟି) ଭାରିଆଣ୍ଟରେ ଉପଲବ୍ଧ ହେଉଥିବାବେଳେ ହୋଣ୍ଡା ସିଟି ଭି ଗ୍ରେଡ୍‌ରେ ଏବଂ ହୋଣ୍ଡା ଆମେଜ ଭିଏକ୍ସ ଗ୍ରେଡ୍‌ରେ ଆସୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲର ନିର୍ଦ୍ଦେଶକ (ମାର୍କେଟିଂ ଆଣ୍ଡ ସେଲ୍‌ସ) ୟୁଚିଚି ମୁରୁତା କହିଛନ୍ତି, କମ୍ପାନୀର ଏହି ଫେଷ୍ଟିଭ ଏଡିଶନ ଜରିଆରେ ଆମେ ପାର୍ବଣ କାରବାରକୁ ଏକ ନୂଆ ଦିଗ ଦେଖାଇବୁ। ଏପରିକି ଏହି ନ୍ୟୁ ଲିମିଟେଡ୍ ଏଡିଶନକୁ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଆଗାମୀ ଦିନରେ ମଧ୍ୟ ଗ୍ରାହକଙ୍କ ପାଇଁ ଅନେକ ସୁବିଧା ଓ ପ୍ୟାକେଜ ପ୍ରଦାନ କରାଯିବାର ଯୋଜନା ରହିଛି। ଅପରପକ୍ଷରେ ଉଭୟ ଏଡିଶନରେ ଅନେକ ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ନୂତନ ଫିଚର ମଧ୍ୟ ସଂଯୋଗ କରାଯାଇଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୩।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୬ (୩୧୬.୩୧) ପଏଣ୍ଟ ଖସି ୬୫,୫୧୨ (୬୫,୫୧୨.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୦ (୧୦୯.୫୫) ପଏଣ୍ଟ ହ୍ରାସ ଘଟି ୧୯,୫୨୯ (୧୯,୫୨୮.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ସୂତାର ଏକ୍ସକ୍ଲୁସିଭ ରିଟେଲ ଆଉଟ୍‌ଲେଟ୍



ଭୁବନେଶ୍ୱର,୩।୧୦

ହୋମ୍-ଗ୍ରାଉନ ଆର୍ଟିସ୍‌ନାଲ ବ୍ରାଣ୍ଡ ସୂତା'ର ନୂତନ ଏକ୍ସକ୍ଲୁସିଭ ରିଟେଲ ଆଉଟ୍‌ଲେଟ (ଷ୍ଟୋର) ଭୁବନେଶ୍ୱରର ସାମନ୍ତବିହାର ଗଜପତିନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

ଏ ସମ୍ପର୍କରେ ସୂତା'ର ସହପ୍ରତିଷ୍ଠାତା ସୁଜାତା ବିଶ୍ୱାସ କହିଛନ୍ତି, ଆମେ ଏକ ଶାଢ଼ି ସହିତ ଆମର ଗ୍ରାହକଙ୍କ ପ୍ରଥମ ଅନୁଭୂତିର ସ୍ମୃତିକୁ ପୁଣିଥରେ ଉଜ୍ଜୀବିତ କରିବା ପାଇଁ ପାରମ୍ପରିକ ଫ୍ୟାବ୍ରିକ୍‌ର ବ୍ୟବହାର କରିଛୁ। ଏହି ଷ୍ଟୋର ସ୍ପେଶ୍ ଟେକ୍ସଚର ଓ କଲ୍‌ରର ଏକ ସ୍ୱତନ୍ତ୍ର ମିଶ୍ରଣକୁ ପ୍ରଦର୍ଶିତ କରୁଛି ଏବଂ ଆମେ ବ୍ୟବହାର କରିଥିବା ସାମଗ୍ରୀଗୁଡିକର ଅନ୍ତର୍ନିହିତ ଗୁଣବତ୍ତା ଓ ବୈଶିଷ୍ଟ୍ୟତାକୁ ବଜାୟ ରଖିବା ଲାଗି ପ୍ରୟାସ କରାଯାଇଛି। ସେହିଭଳି ସୂତାର ସହ ପ୍ରତିଷ୍ଠାତା ତାନିୟା ବିଶ୍ୱାସ କହିଛନ୍ତି, ଏଠାରେ ବ୍ରାଣ୍ଡର ବେଷ୍ଟ-ସେଲିଙ୍ଗ୍ ଡିଜାଇନଗୁଡିକ ବ୍ୟତୀତ ଉକ୍ତ ଷ୍ଟୋର୍‌ରେ ସୂତାର ସଦ୍ୟତମ ଫେଷ୍ଟିଭ୍ କଲେକ୍ସନଗୁଡିକ ମଧ୍ୟ ସାମିଲ ରହିବ। ଯେଉଁଥିରେ ଦେଶର ବିଭିନ୍ନ ଅଂଶରୁ ବୁଣାକାରମାନଙ୍କ କାରିଗରି ଆଦି ସାମିଲ ରହିଛି।

ଅପରପକ୍ଷରେ ସୂତାର ୱେବ୍‌ସାଇଟ୍ ଓ ଆପ୍‌ରେ ଉପଲବ୍ଧ ହେଉନଥିବା ସ୍ୱତନ୍ତ୍ର ଉତ୍ପାଦଗୁଡିକୁ ଏଠାରେ ଷ୍ଟକ୍ ଏବଂ ସମୟ ସମୟରେ ରିହାତି ସହିତ ଡିଲ୍ ପ୍ରଦାନ କରିବ ବୋଲି ପ୍ରତିଷ୍ଠାତାଙ୍କ ପକ୍ଷରୁ କୁହାଯାଇଛି।

# କାନାରା ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା




ଭୁବନେଶ୍ୱର,୩।୧୦

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖାଗୁଡ଼ିକରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ 'ଗୋଟିଏ ତାରିଖ, ଗୋଟିଏ ଘଣ୍ଟା, ଏକା ସାଙ୍ଗରେ ସ୍ୱଚ୍ଛତା ପାଇଁ ଶ୍ରମଦାନ' ନାମରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାନାରା ବ୍ୟାଙ୍କର ସମସ୍ତ କର୍ମଚାରୀ ଉତ୍ସାହପୂର୍ବକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଉପଲକ୍ଷେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଗୋଟିଏ ତାରିଖ, ଗୋଟିଏ ଘଣ୍ଟାର ଏକ ବିଶେଷ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ହୋଣ୍ଡାର ନ୍ୟୁ ଗୋଲ୍ଡ ୱିଙ୍ଗ୍ ଟୁର୍ ଉନ୍ମୋଚିତ

ଭୁବନେଶ୍ୱର,୩।୧୦



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ନ୍ୟୁ ଗୋଲ୍ଡ ୱିଙ୍ଗ୍ ଟୁର୍‌ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁସୁମୁ ଓଟାନି କହିଛନ୍ତି, ଭାରତ ବଜାରରେ ହୋଣ୍ଡାର ନ୍ୟୁ ଗୋଲ୍ଡ ୱିଙ୍ଗ୍ ଟୁର୍‌ର ଅନାବରଣକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହାର ହାଇ-ଟେକ୍ ଫିଚର ଓ ବୈଶିଷ୍ଟ୍ୟ ସାଙ୍ଗକୁ ଆରାମଦାୟକ ଗାଡ଼ିଚାଳନା ଅଭିଜ୍ଞତା ପ୍ରଦାନ ସହିତ ଏଚ୍‌ଏମ୍‌ଏସ୍‌ଆଇ ନିଶ୍ଚିତ ଯେ ନୂତନ ଗୋଲ୍ଡ ୱିଙ୍ଗ୍ ଟୁର୍ ଭ୍ରମଣପ୍ରେମୀମାନଙ୍କୁ ଉତ୍ସାହିତ କରିବ ଏବଂ ସେମାନଙ୍କ ଭ୍ରମଣ ଅଭିଜ୍ଞତାର ସ୍ତରରେ ଉନ୍ନତି ଆଣିବ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର କିମ୍ବଦନ୍ତୀ ଗୋଲ୍ଡ ୱିଙ୍ଗ୍ ଟୁର୍ ଆଧୁନିକ ଭ୍ରମଣ ବର୍ଗର ଶ୍ରେଣୀରେ ଅଗ୍ରଣୀ ବିଳାସପୂର୍ଣ୍ଣତା,ଆରାମ ସହ କାର୍ଯ୍ୟଦକ୍ଷତା ଏବଂ ନିରପତ୍ତାରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବା ଜାରି ରଖିଛି। ଆମେ ଖୁସିର ସହ ଘୋଷଣା କରୁଛୁ ଯେ ନୂଆ ଗୋଲ୍ଡ ୱିଙ୍ଗ୍ ଟୁର୍ ପାଇଁ ବୁକିଂ ଆରମ୍ଭ ହୋଇଛି ଏବଂ ୨୦୨୩ ଅକ୍ଟୋବରରୁ ଭାରତରେ ଏହି ବିଳାସପୂର୍ଣ୍ଣ ବାଇକର ଡେଲିଭରି ଆରମ୍ଭ ହେବ। ଅପରପକ୍ଷରେ ହୋଣ୍ଡା ଗୋଲ୍ଡ ୱିଙ୍ଗ୍ ଟୁର୍‌ରେ ଶକ୍ତିଶାଳୀ ୧୮୩୩ ସିସି ଲିକ୍ୱିଡ୍ କୁଲ୍ଡ, ୪-ଷ୍ଟ୍ରୋକ୍, ୨୪ ଭାଲ୍‌ଭ, ଫ୍ଲାଟ୍ ସିକ୍ସ-ସିଲିଣ୍ଡର ଇଞ୍ଜିନ ରହିଛି, ଯାହା ୯୩ କିଲୋୱାଟ୍ ଶକ୍ତି ଓ ୧୭୦ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି। ଏଥିରେ ୭ସ୍ପିଡ୍ ଡୁଆଲ୍ କ୍ଲଚ୍ ଟ୍ରାନ୍ସମିଶନ ରହିଛି। ବିଶେଷ କରି ସିଙ୍ଗଲ ଡିଟିସି ଭାରିଆଣ୍ଟ ଗନମେଟାଲ୍ ବ୍ଲାକ୍ ମେଟାଲିକ୍ ରଙ୍ଗରେ ଉପଲବ୍ଧ ଏହି ମଡେଲର ବଜାର (ଏକ୍ସ ଶୋ'ରୁମ୍ ଗୁରୁଗ୍ରାମ) ମୂଲ୍ୟ ୩୯,୨୦,୦୦୦ ଟଙ୍କା ରହିଛି।

ଉଲ୍ଲେଖଯୋଗ୍ୟ, ହୋଣ୍ଡାର ନ୍ୟୁ ଗୋଲ୍ଡ ୱିଙ୍ଗ୍ ଟୁର୍ ସିବିୟୁ ମାର୍ଗ ଦେଇ ଭାରତ ଆସିବ ଏବଂ ପ୍ରିମିୟମ ବିଗ୍ ୱିଙ୍ଗ୍ ଟପ୍ ଲାଇନ୍ ଡିଲରଶିପ୍ ମାଧ୍ୟମରେ ସ୍ୱତନ୍ତ୍ର ଭାବେ ବିକ୍ରି ହେବ।

# ୟୁବିଆଇର ସ୍ୱଚ୍ଛତା ଅଭିଯାନ



ଭୁବନେଶ୍ୱର,୩।୧୦

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ (ସ୍ୱଚ୍ଛତା ହିଁ ସେବା) କାର୍ଯ୍ୟକ୍ରମ ଭୁବନେଶ୍ୱରର ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କ ଏବଂ ମୋ ବସ୍ ଷ୍ଟାଣ୍ଡଠାରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସର୍ବେଶ ରଞ୍ଜନ, ଉପ-ଆଞ୍ଚଳିକ ମୁଖ୍ୟ ଆର୍.ଦେବରାଜ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ କୁମାର ମିଶ୍ର ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ବିଭିନ୍ନ ଶାଖାର ୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସର୍ବେଶ ରଞ୍ଜନ, ଉପ-ଆଞ୍ଚଳିକ ମୁଖ୍ୟ ଆର୍.ଦେବରାଜ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ କୁମାର ମିଶ୍ର ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଗାନ୍ଧୀ କର୍ମକର୍ତ୍ତା ଏବଂ ସର୍ବୋଦୟ ନେତା ଆନନ୍ଦିକା ସାମନ୍ତରାୟ ଗାନ୍ଧୀ ଦର୍ଶନ ତତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ।

# ଜେଜେଭିର ନୂତନ ଅଭିଯାନ

ଭୁବନେଶ୍ୱର,୩।୧୦

ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଭିଜନ (ଜେଜେଭି)ର ନୂତନ ଅଭିଯାନ 'ଆକ୍ୟୁଭ୍ୟୁ ସେ ପୁଛୋ' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଅଭିଯାନ ଜରିଆରେ ବଲିଉଡ୍ ଅଭିନେତା ରଣବୀର ସିଂ ବ୍ରାଣ୍ଡର ଲେନ୍‌ସର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି କରିବା ସହ ଲୋକମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବେ। ବିଶେଷ କରି ଚକ୍ଷୁ ସ୍ୱାସ୍ଥ୍ୟ ସଚେନତା ସୃଷ୍ଟି କରିବା ଓ କଣ୍ଟାକ୍ଟ ଲେନ୍‌ସ ପିନ୍ଧୁଥିବା ଲୋକଙ୍କୁ ସ୍ୱାଗତ କରିବା ପାଇଁ ଏହି ଅଭିଯାନରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଛି। ଏ ସମ୍ପର୍କରେ ଭିଜନ କେୟାର ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍‌ର ନିର୍ଦ୍ଦେଶିକା ଟିନି ସେନ୍‌ଗୁପ୍ତା କହିଛନ୍ତି, ଆକ୍ୟୁଭ୍ୟୁ କଣ୍ଟାକ୍ଟ ଲେନ୍‌ସ ଉପରେ ସଚେତନତା ସୃଷ୍ଟିକରି ଆମେ ଭାରତରେ ଚକ୍ଷୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛୁ। ଆକ୍ୟୁଭ୍ୟୁ ହେଉଛି ବିଶ୍ୱବ୍ୟାପୀ କଣ୍ଟାକ୍ଟ ଲେନ୍‌ସ ବ୍ରାଣ୍ଡ, କିନ୍ତୁ ଭାରତରେ କଣ୍ଟାକ୍ଟ ଲେନ୍‌ସର ବିକ୍ରୟ କମ୍ ରହିଛି। ଆମେ ଆକ୍ୟୁଭ୍ୟୁ ବ୍ରାଣ୍ଡକୁ ୧ ନମ୍ବର କରିବା ପ୍ରଚେଷ୍ଟାରେ ରହିଛୁ। ସେହିଭଳି ରଣବୀର ସିଂ କହିଛନ୍ତି, ଆକ୍ୟୁଭ୍ୟୁରେ ଯୋଗଦେଇ ମୁଁ ବେଶ୍ ଉତ୍ସାହିତ ଅଛି। ଭାରତରେ ଚକ୍ଷୁ ସ୍ୱାସ୍ଥ୍ୟ ଉପରେ ବାର୍ତ୍ତାଳାପକୁ ଆଗେଇନେବା ଏକ ଆନନ୍ଦର ବିଷୟ। ଏହି ଅଭିଯାନ ମୋତେ ଚକ୍ଷୁ ସ୍ୱାସ୍ଥ୍ୟର ମହତ୍ତ୍ୱ ବିଷୟରେ ଯୁବକମାନଙ୍କୁ ଅବଗତ କରିବା ସୁଯୋଗ ଦେବ।

ଏହି ଅଭିଯାନ ଯୁବକମାନଙ୍କ ଭିତରେ ନିୟମିତ ଚକ୍ଷୁ ପରୀକ୍ଷା କରିବା ଓ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଉତ୍ସାହିତ କରେ। ଆମେ ଗ୍ରାହକଙ୍କୁ କଣ୍ଟାକ୍ଟ ଲେନ୍‌ସ ଉପଲବ୍ଧ କରାଇବା ଲକ୍ଷ୍ୟ ରଖିଛୁ ଓ ସେମାନେ କିପରି ଉପଯୁକ୍ତ ଲେନ୍‌ସ ପାଇପାରିବେ ସେ ବିଷୟରେ ସେମାନଙ୍କୁ ନିଶ୍ଚିତତା ପ୍ରଦାନ କରିପାରିବୁ। ଭାରତର ଯୁବ ଆଇକନ ରଣବୀର ସିଂଙ୍କୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଓ ବ୍ୟାପକ ଦର୍ଶକଙ୍କ ନିକଟରେ ପହଞ୍ଚିବା ଲାଗି ତାଙ୍କ ସମର୍ଥନ ନେଇଛୁ। ତାଙ୍କର ପ୍ରଭାବଶାଳୀ ସ୍ୱର ଅଧିକ ଗ୍ରାହକଙ୍କ ସହିତ ସଂଯୋଗ ସ୍ଥାପନ କରିବା ଓ ଆକ୍ୟୁଭ୍ୟୁର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ଏହି ଅଭିଯାନ ଜରିଆରେ ଆମେ ଭାରତରେ ଚକ୍ଷୁ ସ୍ୱାସ୍ଥ୍ୟର ଗତିପଥକୁ କ୍ରମାଗତ ରୂପାନ୍ତରିତ କରିବାକୁ ଆମେ ଉତ୍ସାହିତ।

# ଲାଇଫଷ୍ଟାଇଲ୍‌ର ପୂଜା ସମ୍ଭାର



ଭୁବନେଶ୍ୱର,୩।୧୦

ଲାଇଫଷ୍ଟାଇଲ୍‌ର ବହୁ ପ୍ରତୀକ୍ଷିତ 'ପୂଜା ସମ୍ଭାର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଲାଇଫ ଷ୍ଟାଇଲ୍ ପୂଜା ସମ୍ଭାରରେ ଆକର୍ଷଣୀୟ ପୋଷାକ ପ୍ରଦାନ କରୁଛି, ଯାହା ଉତ୍ସବର ସମୃଦ୍ଧ ପରମ୍ପରାକୁ ଗ୍ରହଣ କରିବାର ଆବଶ୍ୟକତା ପୂରଣ କରିବ। ଆଧୁନିକ ସିଲ୍‌ହୋଟ୍‌ରେ ସୂକ୍ଷ୍ମ ଭାବେ ପ୍ରସ୍ତୁତ କୁର୍ତାଠାରୁ ସମସାମୟିକ ଫ୍ୟୁଜନ ପର୍ଯ୍ୟନ୍ତ ସବୁ କିଛି ଉକ୍ତ ସମ୍ଭାରରେ ସାମିଲ ରହିଛି। ଏ ସମ୍ପର୍କରେ ଲାଇଫଷ୍ଟାଇଲ୍‌ର ସହକାରୀ ଉପାଧ୍ୟକ୍ଷ ଓ ମାର୍କେଟିଂ ମୁଖ୍ୟ ରୋହିଣୀ ହଲଦିଆ କହିଛନ୍ତି, ବିଶିଷ୍ଟ ଫ୍ୟାଶନ ଆଇକନ ମିମି ଚକ୍ରବର୍ତ୍ତୀଙ୍କ ସହଯୋଗିତାରେ ଆମେ ଆମର ପୂଜା ସମ୍ଭାରକୁ ଉନ୍ମୋଚନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସଦ୍ୟତମ ଉତ୍ସବ ସମ୍ଭାରରେ ପୂଜାର ଜୀବନ୍ତ ଭାବ ପ୍ରତିଫଳିତ ହୋଇଛି, ତା'ର ଜୀବନ୍ତ ରଙ୍ଗ ଓ ସମସାମୟିକ ଡିଜାଇନ ଫ୍ୟାଶନପ୍ରେମୀଙ୍କୁ ସେମାନଙ୍କ ଷ୍ଟାଇଲ୍ ବଢ଼ାଇବାକୁ ଅନୁପ୍ରାଣିତ କରୁଛି। ଆମର ଷ୍ଟୋର ଓ ଅନ୍‌ଲାଇନରେ ପୂଜା ସମ୍ଭାରକୁ ହାସଲ କରିବା ଲାଗି ଆମର ସମସ୍ତ ମୂଲ୍ୟବାନ୍ ଗ୍ରାହକଙ୍କୁ ଆମେ ହାର୍ଦ୍ଦିକ ଆମନ୍ତ୍ରଣ କରୁଛୁ। ସେହିଭଳି ମିମି ଚକ୍ରବର୍ତ୍ତୀ କହିଛନ୍ତି, ଲାଇଫ୍‌ଷ୍ଟାଇଲ୍ ସହିତ ସହଯୋଗିତା ସର୍ବଦା ଏକ ଉଲ୍ଲାସପୂର୍ଣ୍ଣ ଅନୁଭବ ରହିଛି। ଏହି ସହଯୋଗିତା ଷ୍ଟାଇଲ୍‌ର ପରିସୀମାକୁ ବ୍ୟାପକ କରିଛି। ଅପରପକ୍ଷରେ ଗ୍ରାହକମାନେ ୫୦୦୦ ଟଙ୍କାର ଶପିଙ୍ଗ୍ କଲେ ମାତ୍ର ୧୧୫୯ ଟଙ୍କାରେ ବୋଟ୍‌ର ବ୍ଲୁ ଟୁଥ୍ ସ୍ପିକର ପାଇପାରିବେ। ସେହିପରି ଯେଉଁମାନେ ୧୦,୦୦୦ଟଙ୍କାର ଶପିଙ୍ଗ୍ କରିବେ ସେମାନେ ମାତ୍ର ୨୧୦୦ଟଙ୍କାରେ ବୋରୋସିଲ୍ (୨୭ଖଣ୍ଡ ବୋରୋସିଲ୍) ଡିନର୍ ସେଟ୍ ପାଇପାରିବେ। ଅପରପକ୍ଷରେ ଆଇସିଆଇସିଆଇ କ୍ରେଡିଟ୍ କାର୍ଡରେ ୭୫୦୦ଟଙ୍କାରୁ ଅଧିକ ଶପିଙ୍ଗ୍ କଲେ ୧୦% ରିହାତି ଏବଂ ପେଟିଏମ୍‌କୁ ବ୍ୟବହାର କରି ୨,୯୯୯ ଟଙ୍କାର ଶପିଙ୍ଗ୍ କଲେ ୭୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ମିଳିବ ବୋଲି କୁହାଯାଇଛି।

# କେଏଫ୍‌ସିର ସ୍ୱିକ୍ ସାଇନ୍ ଅଭିଯାନ

ଭୁବନେଶ୍ୱର,୩।୧୦

ଅନ୍ତର୍ଜାତୀୟ ସାଇନ୍ ଲାଙ୍ଗୁଏଜ୍ ଦିବସକୁ ଚିହ୍ନିତକରି କେଏଫ୍‌ସି ଇଣ୍ଡିଆ ଭାରତୀୟ ସାଙ୍କେତିକ ଭାଷା ପାଇଁ ସଚେତନତା ସୃଷ୍ଟିକରିବା ପାଇଁ କେଏଫ୍‌ସିର ସବୁଠାରୁ ସ୍ୱତନ୍ତ୍ର ବ୍ରାଣ୍ଡ ସମ୍ପତ୍ତି ଆଇକନିକ୍ ବକେଟର ବ୍ୟବହାର କରୁଛି। ସ୍ୱତନ୍ତ୍ର ଭାବେ ନିର୍ମିତ ଏହି ସାଇନ ଲାଙ୍ଗୁଏଜ୍ ବକେଟରେ ସାଧାରଣ ଭାବେ ବ୍ୟବହୃତ ଶବ୍ଦ ଏବଂ ବାକ୍ୟଗୁଡ଼ିକର ପର୍ଯ୍ୟାୟକ୍ରମେ ଭିଜୁଆଲ ଟ୍ୟୁଟୋରିଆଲ ରହିଛି, ଯାହାକି ଉପଭୋକ୍ତାମାନଙ୍କୁ ଭାରତୀୟ ସାଙ୍କେତିକ ଭାଷା(ଆଇଏସ୍‌ଏଲ୍)ରେ କିଭଳି ଯୋଗାଯୋଗ କରିହେବ ତାହା ଶିଖିବା ପାଇଁ ସୁଯୋଗ ଦେଉଛି। ଏହି ସାଇନ ଲାଙ୍ଗୁଏଜ ବକେଟ ଏବଂ ସ୍ୱିକ୍ ସାଇନ୍ ଅଭିଯାନ କେଏଫ୍‌ସି ଇଣ୍ଡିଆର କ୍ଷମତା ପ୍ରୋଗ୍ରାମର ଅଂଶ ବିଶେଷ ହୋଇଥିବାରୁ କ୍ଷମତା କାର୍ଯ୍ୟକ୍ରମ ମାଧ୍ୟମରେ କେଏଫ୍‌ସି ଇଣ୍ଡିଆ ତା'ର ସମସ୍ତ ରେଷ୍ଟୁରାଣ୍ଟରେ ମହିଳା ଏବଂ ବାକ୍ ଓ ଶ୍ରବଣ ବାଧିତମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛି। କେଏଫ୍‌ସି ଇଣ୍ଡିଆ ଏବଂ ପାର୍ଟନର କଣ୍ଟ୍ରିସର ସିଏମ୍‌ଓ ଅପର୍ଣ୍ଣା ଭୱାଲ କହିଛନ୍ତି, ଆମର ପ୍ରତିଷ୍ଠାତା କଲୋନେଲ ସାଣ୍ଡର ଦୃଢ଼ ଭାବେ ବିଶ୍ୱାସ କରନ୍ତି ଯେ ତାଙ୍କ ଟେବୁଲରେ ସଭିଙ୍କ ପାଇଁ ଏକ ସ୍ଥାନ ରହିଛି ଏବଂ ତାଙ୍କର ମୂଲ୍ୟବୋଧ ଓ ବିଶ୍ୱାସ ଆଜି ମଧ୍ୟ ଆମକୁ ଅନୁପ୍ରାଣିତ କରୁଛି।

# ଏଡୁନମ୍ ପକ୍ଷରୁ ପ୍ରି ଡିପାର୍ଚର ସେରେମନି

ଭୁବନେଶ୍ୱର,୩।୧୦




ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଡୁନାମ ପକ୍ଷରୁ ଏକ ପ୍ରି ଡିପାର୍ଚରେ ସେରେମନି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସମ୍ଭାବ୍ୟ ଡାକ୍ତରୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବିଦାୟ ସମ୍ବର୍ଦ୍ଧନା ଉତ୍ସବ'ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଏମ୍‌ସି କର୍ପୋରେଟର ମହାମାୟା ସ୍ୱାଇଁଙ୍କ ସମେତ ସୁଦୀପା ଦାସ,ଶାନ୍ତନୁ ପାଣି,କିଶୋର ଦ୍ୱିବେଦୀ, ପ୍ରୀତି ଦାଶ ଏବଂ ଲମ୍ବୋଦର ରାଉତ ପ୍ରମୁଖ ବକ୍ତାଭାବେ ଯୋଗଦେଇଥିଲେ। ଏଡୁନମ୍ ଛାତ୍ରମାନଙ୍କୁ ରୁଷିଆ, ବାଂଲାଦେଶ, ନେପାଳ, ପୋଲାଣ୍ଡ, ଜର୍ଜିଆ, ଉଜ୍‌ବେକିସ୍ତାନ, କାଜାଖସ୍ତାନ, କିର୍ଗିଜସ୍ତାନ, ମରିସସ୍ ଏବଂ ଜର୍ମାନୀ ଭଳି ଦେଶରେ ଏମ୍‌ବିବିଏସ୍ ମେଡିକାଲ ଶିକ୍ଷା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିଥାଏ। ଅଷ୍ଟ୍ରେଲିଆ ଭଳି ଦେଶରେ ଆଡମିଶନ ପାଇଁ ଭାରତୀୟ ଛାତ୍ରମାନଙ୍କୁ ଅଧ୍ୟୟନର ବିକଳ୍ପ ପ୍ରଦାନ କରିବା ସହିତ ସିଙ୍ଗାପୁର, ଜର୍ମାନୀ, ଦୁବାଇ, ମାଲେସିଆ, ଫ୍ରାନ୍ସ, ଆମେରିକା, ୟୁକେ ଓ କାନାଡା ଭଳି ଦେଶରେ ୨୦୦୦ରୁ ଅଧିକ ଛାତ୍ରୀଛାତ୍ରୀ ପୂର୍ବରୁ ଏଡୁନମ୍ ମାଧ୍ୟମରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଆଡମିଶନ ହୋଇସାରିଛନ୍ତି। ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀଠାରେ ଥିବାବେଳେ ଭୁବନେଶ୍ୱରଠାରେ ଶାଖା କାର୍ଯ୍ୟାଳୟ ରହିଛି। ଉଲ୍ଲେଖଯୋଗ୍ୟ, ଏଡୁନମ୍ ଗାଇଡିଂ କ୍ୟାରିୟର ଶ୍ରେଷ୍ଠ ଶିକ୍ଷାବିତ୍ ତଥା କ୍ୟାରିୟର ପରାମର୍ଶଦାତା ଲମ୍ବୋଦର ରାଉତଙ୍କ ଦ୍ୱାରା ୨୦୦୭ରେ ପ୍ରତିଷ୍ଠିତ ହୋଇଥିଲା। ଏହା ଏକ ପ୍ରାଥମିକ ଶିକ୍ଷା ପରାମର୍ଶଦାତା ସଂଗଠନ, ଯାହାକି ଛାତ୍ରୀଛାତ୍ରଙ୍କ ବଜେଟ ଏବଂ ଆଶା ଅନୁଯାୟୀ ବିଦେଶରେ ଡାକ୍ତରୀ ଅଧ୍ୟୟନ ତଥା ବିଦେଶରେ ଅଧ୍ୟୟନ କରିବାକୁ ସାହାଯ୍ୟ ଏବଂ ମାର୍ଗଦର୍ଶନ ଯୋଗାଇଥାଏ।

# ୨୦୨୩-୨୪ ରେ ଜିଡିପି ୬.୩%କୁ ବୃଦ୍ଧି ପାଇବ

## ୫.୯% ରହିପାରେ ମୁଦ୍ରାସ୍ଫୀତି ହାର

ଭୁବନେଶ୍ୱର,୩।୧୦




ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ହାର ୬.୩%କୁ ବୃଦ୍ଧି ପାଇବ ବୋଲି ମଙ୍ଗଳବାର ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ୨୦୨୩ ଅକ୍ଟୋବର ପାଇଁ ଏହାର 'ଇଣ୍ଡିଆ ଡେଭଲପମେଣ୍ଟ ଅପ୍‌ଡେଟ୍'ରେ ଏହି ଅନୁଷ୍ଠାନ ଦେଶ ପାଇଁ ଅଭିବୃଦ୍ଧି ପୂର୍ବାନୁମାନ ବଜାୟ ରଖିଛି, ଯାହା ପୂର୍ବରୁ ୨୦୨୩ ଏପ୍ରିଲରେ ଏହାକୁ ୬.୬%ରୁ ହ୍ରାସ କରିଥିଲା। ଅପରପକ୍ଷରେ ବିଶ୍ୱବ୍ୟାଙ୍କର କହିବା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ୬.୪% ଏବଂ ୨୦୨୫-୨୬ରେ ଦେଶର ଜିଡିପି ୬.୫%କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ତେବେ ଏହା ଭାରତର ମୁଦ୍ରାସ୍ଫୀତି ଆକଳନକୁ ଏପ୍ରିଲରେ ୫.୨ରୁ ୫.୯%କୁ ବୃଦ୍ଧି କରିଛି। ୨୦୨୪-୨୫ ବର୍ଷ ପାଇଁ ମୁଦ୍ରାସ୍ଫୀତି ୪.୭%କୁ ଧାର୍ଯ୍ୟ କରାଯାଇଥିବାବେଳେ ୨୦୨୫-୨୬ ରେ ଏହା ୪.୧% ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଦେଶରେ ବଢୁଥିବା ନିବେଶ ଯୋଗୁ ବିକାଶ ହାର ଏଭଳି ରହିପାରେ। କିନ୍ତୁ ବିଶ୍ୱବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଦର ବୃଦ୍ଧି ହାର ଆକଳନରେ ବୃଦ୍ଧି କରିଛନ୍ତି। ବିଶ୍ୱ ବ୍ୟାଙ୍କର କହିବା ଅନୁଯାୟୀ ୨୦୨୩-୨୪ରେ ମୁଦ୍ରାସ୍ଫୀତିର ଦରବୃଦ୍ଧି ୫.୯% ରହିପାରେ ବୋଲି ଆଶା କରାଯାଇଛି। ଯେତେବେଳେ କି ପୂର୍ବରୁ ବିଶ୍ୱ ବ୍ୟାଙ୍କ୍ ଚଳିତ ଆର୍ଥିକ ବର୍ଷ ପାଇଁ ଦରବୃଦ୍ଧି ହାର ୫.୨% ମଧ୍ୟରେ ରହିବା ନେଇ ଅନୁମାନ କରିଥିଲା, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଆକଳନ ୬% ନିକଟବର୍ତ୍ତୀ ବୋଲି କୁହାଯାଉଛି। ଅପରପକ୍ଷରେ ବିଶ୍ୱ ବ୍ୟାଙ୍କ୍ କହିଛି, ଚଳିତ ବର୍ଷ ମୌସୁମୀ (୨୦୨୩ ଜୁଲାଇ) ସମୟରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ବଢ଼ିଥିଲା। ଅବଶ୍ୟ ୨୦୨୩ ଅଗଷ୍ଟରେ ଖାଦ୍ୟଦ୍ରବ୍ୟର ମୂଲ୍ୟ କମିଥିଲା, କିନ୍ତୁ ଏହାର ପ୍ରଭାବ ଆର୍ଥିକ ବର୍ଷର ଅନ୍ୟ ସମୟରେ ମଧ୍ୟ ଦେଖିବାକୁ ମିଳିପାରେ ବୋଲି ଆଶଙ୍କା କରାଯାଉଛି।

ସେହିପରି ୨୦୨୩ ଅଗଷ୍ଟରେ ଖୁଚୁରା ଦରବୃଦ୍ଧି ୬.୮% ମଧ୍ୟରେ ରହିଛି, ଯାହା ୨୦୨୩ ଜୁଲାଇ ୭.୪%ରୁ କମ୍ ରହିଛି ଏବଂ ସେପ୍ଟେମ୍ବରରେ ଏହା ଆହୁରି କମ୍ ହେବା ସମ୍ଭାବନା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବେଆଇନ ଜମି କାରବାରରେ ଜ୍ୟୋତିରାଦିତ୍ୟ ସମ୍ପୃକ୍ତ: କଂଗ୍ରେସ

**ଭୋପାଳ,୩।୧୦**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଘୋଷଣା ପୂର୍ବରୁ ସେଠାରେ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତା ଡ. ଗୋବିନ୍ଦ ସିଂ ଭାରତୀୟ ଜନତା ପାର୍ଟି ନେତା ତଥା କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମ୍ପର୍କରେ ଏକ ବିବାଦୀୟ ବିବୃତ୍ତି ଦେଇଛନ୍ତି। ଏକ ସାଧାରଣ ସଭାରେ ସେ ସିନ୍ଧିଆଙ୍କୁ ଜଣେ ଜମି ମାଫିଆ ବୋଲି କହିଛନ୍ତି। ଅଶୋକନଗରରେ ଚାଲିଥିବା ଜନ ଆକ୍ରୋଶ ସମାବେଶରେ ଗୋବିନ୍ଦ ଜ୍ୟୋତିରାଦିତ୍ୟଙ୍କୁ ଜ୍ୟୋତି ପ୍ରସାଦ ବୋଲି ସମ୍ବୋଧିତ କରିଥିଲେ। ବେଆଇନ ଜମି କାରବାରରେ ସେ ଲିପ୍ତ ଅଛନ୍ତି। କୋର୍ଟରେ ଅନେକ ମାମଲା ତାଙ୍କ ବିରୋଧରେ ଚାଲିଛି। ଆଜି ନ ହେଲେ ଆସନ୍ତା କାଲି ଆମକୁ ନ୍ୟାୟ ମିଳିବ। ଏହି ଜ୍ୟୋତି ପ୍ରସାଦ ଭାଜପାର ଜମି ମାଫିଆ। ମୁଁ ଦୀର୍ଘ ଦିନ ହେଲା ଏହା କହି ଆସୁଛି। ୮-୧୦ ବର୍ଷ ପୂର୍ବେ ରାହୁଲ ଗାନ୍ଧୀଙ୍କୁ କହିଥିଲି ଭାଇ! ସ୍ୱାଧୀନତା ସମଗ୍ର ଦେଶରେ ଆସିଛି। ତେବେ ଗ୍ୱାଲିଅରରେ କଂଗ୍ରେସ କେବେ ସ୍ୱାଧୀନ ହେବ? ଆମକୁ ମଧ୍ୟ ସ୍ୱାଧୀନତା ଦିଅ। କିନ୍ତୁ, ଈଶ୍ୱର ଜ୍ୟୋତି ପ୍ରସାଦଙ୍କୁ ଏପରି ଜ୍ଞାନ ଦେଲେ ଯେ ସେ ରାହୁଲଙ୍କୁ ଛାଡି ଚାଲିଗଲେ। ଆଜି ରାଜ୍ୟରେ କଂଗ୍ରେସକର୍ମୀମାନେ ସ୍ୱାଧୀନଭାବେ ରାଜନୀତି କରୁଛନ୍ତି। ଜ୍ୟୋତି ମହାରାଜା ପ୍ରକୃତରେ ଜଣେ ଛୋଟକାଟର ଜମି ମାଫିଆ। ତାଙ୍କର ବିରୋଧ ସତ୍ତ୍ୱେ ଆମେ ଗ୍ୱାଲିଅର୍ ଏବଂ ମୋରେନାରେ ଜିତିଲୁ। ଆମର ସାହସୀ କଂଗ୍ରେସ ସହକର୍ମୀମାନେ ତାଙ୍କୁ ପରାସ୍ତ କରିଛନ୍ତି। ଆଗାମୀ ଦିନରେ ରାଜ୍ୟର ଜନତା ତାଙ୍କୁ ଉପଯୁକ୍ତ ଜବାବ ଦେବେ ବୋଲି ଗୋବିନ୍ଦ କହିଛନ୍ତି।



ପଶ୍ଚିମବଙ୍ଗକୁ ଏମ୍‌ଜିଏନ୍‌ଆର୍‌ଇଜିଏରେ କେନ୍ଦ୍ର ସରକାର ପାଣ୍ଠି ଯୋଗାଉ ନ ଥିବାରୁ ଏହାର ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ତୃଣମୂଳ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଓ ଦଳୀୟ ନେତାମାନେ ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)


CLASSIFIED DISPLAY

MORE SPACE ' SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


## ବିହାରରେ ମୁସଲମାନ ମୁଖ୍ୟମନ୍ତ୍ରୀ ଦାବି ତେଜିଲା

**ପାଟନା,୩।୧୦ :** ବିହାରରେ ଜାତିଗତ ଜନଗଣନା ରିପୋର୍ଟ ପ୍ରକାଶ ପାଇଛି। ଏନେଇ କେତେକ ନୀତୀଶ କୁମାରଙ୍କୁ ପ୍ରଶଂସା କରୁଛନ୍ତି। ଅପରପକ୍ଷେ ରାଜ୍ୟରେ ମୁସଲମାନ ମୁଖ୍ୟମନ୍ତ୍ରୀ ଦାବି ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଜନଗଣନା ପଛର କାରଣ ବର୍ଣ୍ଣନା କରିବାବେଳେ ବିହାର ସରକାର କହିଥିଲେ ଯେଉଁ ବର୍ଗଙ୍କ ସଂଖ୍ୟା ଅଧିକ, ତାଙ୍କୁ ଅଧିକ ଅଂଶ ଦିଆଯିବା ଆବଶ୍ୟକ। ଏହାକୁ ନେଇ ସୋସିଆଲ ମିଡିଆ ୟୁଜରମାନେ ଲେଖିଛନ୍ତି, ଏଠାରେ୧୭.୭୦ ପ୍ରତିଶତ ମୁସଲମାନ ଅଛନ୍ତି, ଯାହା ସମସ୍ତ ସମ୍ପ୍ରଦାୟ ମଧ୍ୟରେ ସର୍ବାଧିକ।


BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212 7656825011



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜନ୍ମଦିନ ଶୁଭେଚ୍ଛା




ଗୌରବ ନନ୍ଦନ ନାୟକ (ଗୁଡୁ)
ଜଗନ୍ନାଥମଠ ଲେନ୍, ଭୁବନେଶ୍ୱର- ୭୫୧୦୦୨
ଆଜି ତୋର ଏହି ଜନ୍ମଦିନର ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଶୁଭ ମନାସୀ, ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ତୋର ପିତା, ମାତା, ଓ ଆତ୍ମୀୟସ୍ୱଜନ।
ଧ-୧୪୬୫


## ୯ବର୍ଷରେ ମିଳିଛି ୧୮ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଅନୁଦାନ: ଅନୁରାଗ

**ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ଓଡ଼ିଶାକୁ ବେଶ୍ ଗୁରୁତ୍ୱ ଦେଇଛନ୍ତି। 'ସବ୍‌କା ସାଥ୍ ସବ୍‌କା ବିକାଶ' ହେଉଛି ମୋଦିଙ୍କ ମୂଳମନ୍ତ୍ର। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁ ସମସ୍ତ କ୍ଷେତ୍ରରେ ଭାରତ ଏବେ ଶୀର୍ଷକୁ ଛୁଇଁଛି। ଓଡ଼ିଶାକୁ ଉପା ସରକାର ଅପେକ୍ଷା ଏନ୍‌ଡିଏ ସରକାର ଅମଳରେ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିଛି। ମୋଦିଙ୍କ ୯ ବର୍ଷ ସରକାରରେ ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ କେନ୍ଦ୍ରୀୟ ଅନୁଦାନ ଆସିଛି। ଉପା ସରକାର ସମୟରେ ଓଡ଼ିଶାକୁ ମାତ୍ର ୨ ଲକ୍ଷ କୋଟି ୬୩ ହଜାର ୨୪୩ ଟଙ୍କା ମିଳିଥିଲା। ହେଲେ ଭାଜପା ସରକାର ବେଳେ ଏହା ୧୮ ଲକ୍ଷ ୮୩ ହଜାର ୬୫୪ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ମାତ୍ରାଧିକ ଆସୁଛି, କିନ୍ତୁ ରାଜ୍ୟ ସରକାର ଏହାର ଠିକ୍ ବିନିଯୋଗ କରୁନାହାନ୍ତି। ମୋଦି ସରକାରରେ ଅନେକ ଯୁଗାନ୍ତକାରୀ ନିଷ୍ପତ୍ତି ହେବା ସହ ମହିଳାଙ୍କ ସାମାଜିକ ସୁରକ୍ଷାରୁ ନେଇ ସଶକ୍ତୀକରଣ ପର୍ଯ୍ୟନ୍ତ ଅନେକ ଯୋଜନା ହାତକୁ ନିଆଯାଇଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସରକାର ଆଣିଥିବା 'ନାରୀ ଶକ୍ତି ବନ୍ଦନ' ଅଧିନିୟମ ଏକ ଯୁଗାନ୍ତକାରୀ ନିର୍ଣ୍ଣୟ। ସେହିପରି କେନ୍ଦ୍ର ସରକାର ଜଳ ଜୀବନ ମିଶନ ଲାଗୁ କରିଛନ୍ତି। ଓଡ଼ିଶା ସରକାର ଯଦି ଏହାକୁ ତୁରନ୍ତ ଲାଗୁ କରାନ୍ତେ ତେବେ ରାଜ୍ୟର ମହିଳାମାନଙ୍କ କଲ୍ୟାଣ ହୋଇପାରିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁରାଗ କହିଛନ୍ତି, ଜି-୨୦ ବିଶ୍ୱ ମଞ୍ଚରେ ବିଶ୍ୱନେତୃତ୍ୱଙ୍କୁ ମୋଦି ସ୍ୱାଗତ ବେଳେ ଓଡ଼ିଆ ସ୍ୱାଭିମାନର ପ୍ରତୀକ କୋଣାର୍କ ଚକ୍ରର ଭବ୍ୟ ଉପସ୍ଥିତିକୁ ବର୍ଣ୍ଣନା କରିଥିଲେ। ଓଡ଼ିଶାର ଐତିହ୍ୟ, ପରମ୍ପରା ସଂସ୍କୃତି, ଭାଷା, ସଙ୍ଗୀତ ଓ ନୃତ୍ୟ ଆଜି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏଭଳି ଐତିହାସିକ ମୁହୂର୍ତ୍ତରେ ଓଡ଼ିଶାର କଳାକୃତିକୁ ସ୍ଥାନଦେଇ ଓଡ଼ିଶାକୁ ବିଶ୍ୱ ଦରବାରରେ ସମ୍ମାନିତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତ ବିକାଶର ପରିକଳ୍ପନାରେ ଓଡ଼ିଶା ପ୍ରାଥମିକତାରେ ରହିଛି। କେନ୍ଦ୍ର ସରକାର ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ପିଏମ୍ ଆବାସରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ଜନଧନ, ମୁଦ୍ରା ଲୋନ୍, ଓଡ଼ିଶାରେ ଏସ୍‌ଏଚ୍‌ଜିଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କମ୍ ସୁଧରେ ଋଣ ଉପଲବ୍ଧ କରାଯିବାର ବ୍ୟବସ୍ଥା ମହିଳାଙ୍କ ସମ୍ମାନକୁ ବଢ଼ାଇଛି। ଓଡ଼ିଶାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଉଜ୍ଜ୍ୱଳା ପୁରୁଷଭାବେ ପରିଚିତ। ଭାଜପା ଓଡ଼ିଶାରେ ସବୁବେଳେ ଜନତାଙ୍କ ହିତରେ ରହିଛି। ଆଗାମୀ ଦିନରେ ଓଡ଼ିଶାରେ ଭାଜପାର ବିଜୟ ହେବ। ଏଠାରେ କେନ୍ଦ୍ରୀୟ ଯୋଜନାରେ ହୋଇଥିବା ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ, ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦ।

## କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଚାପପକାଇ ମନଗଢ଼ା ଅଭିଯୋଗ ଆଣୁଛି ଓଡ଼ିଶା ଭାଜପା: ବିଜେଡି

**ଭୁବନେଶ୍ୱର,୩।୧୦(ଅନିଲ ଦାସ)**

**ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ବିନା ପ୍ରମାଣରେ ଏଭଳି ମିଛ ଅଭିଯୋଗ ନ ଆଣନ୍ତୁ କେନ୍ଦ୍ରମନ୍ତ୍ରୀ**

ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଓଡ଼ିଶାରେ ଦୁର୍ନୀତି ହେଉଥିବା ନେଇ କେନ୍ଦ୍ର କ୍ରୀଡ଼ା, ଯୁବବ୍ୟାପାର ଏବଂ ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଅମୂଳକ ଏବଂ କପୋଳକଳ୍ପିତ ବୋଲି ବିଜେଡି ଅଭିଯୋଗ କରିଛି। ଏ ସମ୍ପର୍କରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ଓଡ଼ିଶା ସରକାରଙ୍କ ବିରୋଧରେ କହିବାକୁ ଭାଜପା ପାଖରେ କୌଣସି ପ୍ରସଙ୍ଗ ନାହିଁ। ଏକଥା କେନ୍ଦ୍ରମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି । କାରଣ ପୂର୍ବରୁ ସବୁ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ଭୂୟସୀ ପ୍ରଶଂସା କରି ପ୍ରମାଣପତ୍ର ଦେଇଛନ୍ତି । ଯେହେତୁ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଛନ୍ତି, ତାଙ୍କ ମୁହଁରେ ରାଜ୍ୟ ସରକାରଙ୍କ ବିରୋଧରେ କିଛି କୁହାଇବା ଲାଗି ଓଡ଼ିଶା ଭାଜପା ତାଙ୍କ ଉପରେ ଚାପ ପକାଇଛି । ଆଉ ସତ କ'ଣ ଜାଣିଥିଲେ ବି ଚାପରେ ପଡ଼ି ଠାକୁର ଏଭଳି ଅଭିଯୋଗ କରିଛନ୍ତି। କେବଳ ଅଭିଯୋଗ କରିଦେଲେ ହେବ ନାହିଁ, କେଉଁଠି ଦୁର୍ନୀତି ହେଉଛି କେନ୍ଦ୍ରମନ୍ତ୍ରୀ ତା'ର ପ୍ରମାଣ ଦିଅନ୍ତୁ । ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ଅଯଥାରେ ଆସି ଏଭଳି ମନଗଢ଼ା ଅଭିଯୋଗ କରନ୍ତୁ ନାହିଁ ବୋଲି ଦେବୀ କହିଛନ୍ତି।


# Classified Everyday 0674-2580101, 2549949


REAL ESTATE

**SALE**

**3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

Duplex sale at Bhubaneswar @ 57 lakhs only. Contact: 9777433701. D-75223

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar, NH16** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- **9658562429.** D-75224

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75045

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Newly open spa positively Health benefits with expert therapist. 9040286886. D-75152

Newly open Spa positively Health benefit with expert. Contact: 7749976301. D-1469

Full body Massage expert boy's Therapist home Service availble Ph- 8093303918. D-1442

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1438

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75046

AFFIDAVIT

By virtue of an affidavit sworn brfore the Notary Public, Sonepur, I Smt. Niharika Mahapatra, W/o. Pradip Kumar Mahapatra, R/o. Village- Sonepur, PO/PS/Dist.- Sonepur, Odisha declare that after marriage I have changed my name from Nihar Manjari Dash to Niharika Mahapatra. Henceforth, I shall be known as Niharika Mahapatra for all purposes. D-1472

I, Nemichand Jain Sovalchand Jain, R/o Plot No.6 Chintamaniswar, Fishery Lane, Budheswari, Laxmisagar, Bhubaneswar-751006, Dist.- Khordha have changed my name to Nemichand Jain father's name is Sovalchand Jain for all future purposes. D-1467

By virtue of an affidavit sworn before the Notary Public, Sambalpur, I, Samikshya Nayak, W/o. Dr. Rajiv Kumar Nanda, R/o- Bimal Hota Lane, PO. Budharaja, PS. Ainthapali, Dist.- Sambalpur declare that my actual name is Samikshya Nayak but in my Passport my name has been mentioned as Samikhya Nayak. That Samikshya Nayak and Samikhya Nayak are the names of same and single person. D-1471

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

IN THE COURT OF CIVIL JUDGE (SENIOR DIVISION) L.R & L.T. V, BARIPADA

C.S.NO. 614 OF 2019

Sri Dukhunath Das .... Plaintiff

Vrs

Smt. Saraswati Das & others .....Defendants

NOTICE U/O 5 RULE 20(1-A) C.P.C.

To

1. Smt. Minakhi Das, aged about 25 years, W/o Laxmidhar Das of Village-Krushnachandrapur, P.O./P.S.- Chodeibhole, Munsiffi-Karanjia, Dist.-Mayurbhanj ......Defendant No.6
2. Smt. Mina Das, aged about 23 years, W/o Bapi Das of Vill- Old Bus stand, Keonjhar, P.O./P.S./ Munsiffi/Dist.-Keonjhar both D/o Late Jharana Das, W/o Dillip Das ....Defendant No.7
3. Dipen @ Papun Das, aged 30 years, S/o Dillip Das of Vill- Berhampur, P.O-Karanjia, P.S./Munsi ffi-Karanjia, Dist.- Mayurbhanj ....Defendant No.8

You the above named defendants take notice that the plaintiff has preferred partition suit against you in C.S. No.614/2019. Though Notice sent to you in the above given address the same were returned back unserved. As the summon could not be served on you in ordinary way. You are therefore hereby directed through this general publication in person appear before the Court in person or through counsel on dt. 11th October 23 at 10.30 AM in order to show cause as to why the relief sought for in the case of the suit will not be granted.

Take further notice that in case of default the case will be heard and decided exparte accordingly.

Given under my hand and seal this the 11th day of Sept. 2023.

Schedule of the suit land

Land in Mouza- Dahigaon, P.S. Kuliana, P.S. No. 91, M.S. Khata No.15 recorded in the name of Gopinath Das, Dukhunath Das, S/o Fakir Charan Das bearing Plot No.245, Kissam-Pala-II, Area A0.70 decl.

D-1468

# ପାରୁଲ, ଅନୁଙ୍କୁ ସ୍ୱର୍ଣ୍ଣ

**ଏସିଆନ ଗେମ୍ସ**

ହାଙ୍ଗଝୋ, ୩।୧୦ (ପି.ଟି.)

ଏସିଆନ ଗେମ୍ସର ଆଥ୍‌ଲେଟିକ୍ସ ଇଭେଣ୍ଟରୁ ଭାରତୀୟ ପ୍ରତିଯୋଗୀମାନେ ମଙ୍ଗଳବାର ୨ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପାରୁଲ ଚୌଧାରୀ ୫୦୦୦ ମିଟର ରେସ୍ ଏବଂ ଅନୁ ରାଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହାକୁ ମିଶାଇ ଭାରତୀୟ ଆଥ୍‌ଲେଟମାନେ ଟ୍ରାକ୍ ଆଣ୍ଡ ଫିଲ୍ଡରୁ ଗୋଟିଏ ଦିନରେ ୬ ପଦକ ପାଇଛନ୍ତି। ୨୮ ବର୍ଷୀୟା ପାରୁଲ ରେସ୍‌ର ଶେଷ ଭାଗରେ ଜାପାନର ରିରିକା ହିରୋନିକାଙ୍କଠାରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ। ମାତ୍ର ଶେଷ ୪୦ ମିଟରରେ ସେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପାରୁଲ ୧୫:୧୪.୭୫ ସେକେଣ୍ଡ ସମୟ ନେଇଥିଲେ। ଚଳିତ ଏସିଆନ ଗେମ୍ସରେ ପାରୁଲଙ୍କ ଏହା ଦ୍ୱିତୀୟ ପଦକ। ପୂର୍ବରୁ ସେ ଗତ ସୋମବାର ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ରୌପ୍ୟ ପଦକ ଅର୍ଜନ କରିଥିଲେ। କାଜାଖସ୍ତାନର କାରୋଲିନ ଚେପ୍‌କୋଏଚ୍ କିପକିରୁଇ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟପକ୍ଷରେ ୩୧ ବର୍ଷୀୟା ଅନୁ ମହିଳା ଜାଭେଲିନ୍ ଥ୍ରୋରେ ସିଜନ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ହାସଲ କରିଛନ୍ତି। ନିଜର ଚତୁର୍ଥ ଉଦ୍ୟମରେ ସେ ୬୨.୯୨ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରିଥିଲେ। ଏହା ସ୍ୱର୍ଣ୍ଣ ପଦକ ହାସଲ ପାଇଁ ପର୍ଯ୍ୟାପ୍ତ ହୋଇ ଯାଇଥିଲା। ଶ୍ରୀଲଙ୍କାର ନଦିଶା ଦିହାନ ଓ ଚାଇନାର ହୁଇହୁଇ ଲ୍ୟୁ ଯଥାକ୍ରମେ ୬୧.୫୭ ଓ ୬୧.୨୯ ମିଟର ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ୮୦୦ ମିଟର ଓ ଟ୍ରିପଲ ଜମ୍ପରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ମହମ୍ମଦ ଅଫଜାଲ ପୁଲିକ୍କାଲାକାଥ ଓ ପ୍ରବୀନ ଚିଥାରାଭେଲ ଭାରତକୁ ଗର୍ବିତ କରିଥିବାବେଳେ ପୁରୁଷ ଡେକାଥଲନରେ ତେଜସ୍ୱିନୀ ଶଙ୍କର ରୌପ୍ୟ ଏବଂ ମହିଳା ୪୦୦ ମିଟର ହର୍ଡଲ୍ସରେ ବିଦ୍ୟା ରାମରାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**ମଙ୍ଗଳବାର ଭାରତର ପଦକ**

**ସ୍ୱର୍ଣ୍ଣ**
- ➩ପାରୁଲ ଚୌଧାରୀ: ୫୦୦୦ ମିଟର ଦୌଡ
- ➩ଅନୁ ରାଣୀ: ମହିଳା ଜାଭେଲିନ୍

**ରୌପ୍ୟ**
- ➩ତେଜସ୍ୱିନ ଶଙ୍କର: ପୁରୁଷ, ଡେକାଥ୍ଲନ୍
- ➩ମହମ୍ମଦ ଅଫଜଲ: ପୁରୁଷ ୮୦୦ ମି.

**ବ୍ରୋଞ୍ଜ**
- ➩ପ୍ରୀତି ପଓ୍ୱାର: ମହିଳା ବକ୍ସିଂ(୫୪ କିଗ୍ରା)
- ➩ପ୍ରବୀଣ ଚିତ୍ରଭେଲ: ପୁରୁଷ ଟ୍ରିପଲ ଜମ୍ପ
- ➩ବିଦ୍ୟା ରାମରାଜ: ମହିଳା ୪୦୦ ମିଟର ବାଧାଦୌଡ
- ➩ନରେନ୍ଦର: ପୁରୁଷ ବକ୍ସିଂ, +୯୨ କିଗ୍ରା
- ➩ଅର୍ଜୁନ୍ ସିଂ ଓ ସୁନୀଲ ସିଂ: କାନୋଇଂ ଡବଲ୍ସ ୧୦୦୦ ମିଟର।




ଏସିଆନ ଗେମ୍ସରେ ମଙ୍ଗଳବାର ଜାଭେଲିନ୍ ଥ୍ରୋ କରୁଛନ୍ତି ଭାରତର ଅନୁ ରାଣୀ।




ମହିଳା ୪୦୦ ମିଟର ବାଧାଦୌଡ ଅବସରରେ ବିଦ୍ୟା ରାମରାଜ।




ମହିଳା ୫୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟ ପରେ ଉଲ୍ଲସିତ ପାରୁଲ ଚୌଧାରୀ।

# କାନୋଇଂ, ଡେକାଥଲନରେ ଐତିହାସିକ ପଦକ

ହାଙ୍ଗଝୋ,୩।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ରେ ଭାରତ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଆଡକୁ ଅଗ୍ରସର ହେଉଛି। ୨୦୧୮ ସଂସ୍କରଣରେ ସର୍ବାଧିକ ୭୦ ପଦକ ହାସଲ କରିଥିବା ବେଳେ ଚଳିତ ବର୍ଷ ଅଦ୍ୟାବଧି ୬୯ ପଦକ ହାସଲ କରି ସାରିଛି ଦଳ। ମଙ୍ଗଳବାର କାନୋଇଂ ଓ କାୟାକିଂ ସହିତ ଡେକାଥଲନ ଇଭେଣ୍ଟରେ ଭାରତ ପଦକ ହାସଲ କରିଛି। କାନୋଇଂ ୧୦୦୦ ମିଟର ଡବଲ୍ସ ସ୍ପ୍ରିଣ୍ଟରେ ସୁନୀଲ ସିଂ ଓ ଅର୍ଜୁନ୍ ସିଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଭୟ ୩:୫୩.୩୨୯ ସେକେଣ୍ଡର ସମୟ ନେଇ ପଦକ ବିଜୟୀ ହୋଇଥିବା ବେଳେ କାନୋଇଂ ଇଭେଣ୍ଟରେ ଏହା ଭାରତର ଦ୍ୱିତୀୟ ପଦକ। ଶେଷ ଥର ପାଇଁ ୧୯୯୪ର ହିରୋସୀମା ସଂସ୍କରଣରେ ଭାରତ ଏହାର ପ୍ରଥମ ପଦକ ହାସଲ କରିଥିଲା। ସମାନ ଇଭେଣ୍ଟରୁ ସିଜି ସଦାନନ୍ଦନ ଓ ଜନି ରୋମେଲ ଏହି ପଦକ ହାସଲ କରିତିଲେ। ଭାରତୀୟ ହାଇଜମ୍ପର ତେଜସ୍ୱିନ ଶଙ୍କର ଏସିଆନ୍ ଗେମ୍ସରେ ପ୍ରଥମ ଥର ପାଇଁ ଡେକାଥଲନରେ ଭାଗ ନେଇ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ହାଇଜମ୍ପରେ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ବିଜେତା ତେଜସ୍ୱିନ୍ ମଙ୍ଗଳବାର ୭୬୬୬ ପଏଣ୍ଟ ସ୍କୋର ଜାତୀୟ ରେକର୍ଡ ଭାଙ୍ଗିବା ସହିତ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଅର୍ଜନ କରିଥିଲେ। ଡେକାଥଲନରେ ଏହା ଭାରତର ଦ୍ୱିତୀୟ ପଦକ। ଶେଷ ଥର ପାଇଁ ୧୯୭୪ ମସିହାରେ ବିଜୟ ସିଂ ଚୌହାନ ପ୍ରଥମ ତଥା ଏକମାତ୍ର ପଦକ ବିଜେତା ରହିଥିଲେ। ସେହିପରି ଭରତିନ୍ଦର ସିଂଙ୍କ ନାମରେ ରହିଥିବା ୭୬୫୮ ପଏଣ୍ଟର ଜାତୀୟ ରେକର୍ଡ ମଧ୍ୟ ସେ ଭାଙ୍ଗିଛନ୍ତି। ୧୫୦୦ ମିଟର ଦୌଡ ଇଭେଣ୍ଟରେ ସେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ପୁରୁଷ ୮୦୦ ମିଟର ଦୌଡ ଇଭେଣ୍ଟରେ ମହମ୍ମଦ ଅଫଜଲ ପୁଲିକ୍କାଲାକାଥ ମଧ୍ୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଅଫଜଲ ୧:୪୮.୪୩ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରେସ୍ ସମାପ୍ତ କରିଥିଲେ। ସେହିପରି ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରଭେଲ ୧୬.୬୮ ମିଟରର ଜମ୍ପ ସହିତ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ୪୦୦ ମିଟର ବାଧାଦୌଡରେ ପି.ଟି. ଉଷାଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇଥିବା ବିଦ୍ୟା ରାମରାଜ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଦ୍ୟା ୫୫.୬୮ ସେକେଣ୍ଡର ସମୟ ସହ ତୃତୀୟ ସ୍ଥାନରେ ରହିଥିଲେ।

## ପ୍ରୀତିଙ୍କୁ ବ୍ରୋଞ୍ଜ, ଲଭଲିନାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ମହିଳା ବକ୍ସର ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ମଙ୍ଗଳବାର ପ୍ରୀତି ପଓ୍ୱାର ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଲଭଲିନା ବୋର୍ଗୋହେନ୍ ଫାଇନାଲରେ ପ୍ରବେଶ କରିବା ସହିତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୪ କିଗ୍ରା ଓଜନ ବର୍ଗରେ ଚମତ୍କାର ପ୍ରଦର୍ଶନ ଜରିଆରେ ସେମି ଫାଇନାଲରେ ପ୍ରବେଶ କରିଥିବା ୧୯ ବର୍ଷିୟା ପ୍ରୀତି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ପରାଜିତ ହୋଇଛନ୍ତି। ଲାଇଟଓ୍ୱେଟ୍ ବିଶ୍ୱ ଚାମ୍ପିୟନ ଚାଇନାର ଚାଙ୍ଗ ୟୁଆନଙ୍କ ବିପକ୍ଷରେ ପ୍ରୀତି ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ପରାଜିତ ହୋଇଥିଲେ। ପ୍ରଥମ ୩ ମିନିଟ ପ୍ରୀତି ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୟୁଆନ୍ ନିଜ ଅଭିଜ୍ଞତାର ଫାଇଦା ଉଠାଇ ବିଜୟୀ ହୋଇଥିଲେ। ତେବେ ଟୋକିଓ ୨୦୨୦ ପଦକ ବିଜୟିନୀ ଲଭଲିନା ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ସ୍ୱର୍ଣ୍ଣ ଅଥବା ରୌପ୍ୟ ପଦକ ପାଇଁ ଲଭଲିନା ଲଢେଇ କରିବାକୁ ଥିବା ବେଳେ ସେ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ୍ ଚାମ୍ପିୟନଶିପ ରୌପ୍ୟ ପଦକ ବିଜୟିନୀ ଥାଇଲାଣ୍ଡର ବାଇସନ୍ ମାନିକନଙ୍କୁ ସେ ୫-୦ରେ ପରାସ୍ତ କରିଥିଲେ। ୯୨+ ଓଜନ ବର୍ଗରେ ବକ୍ସର ନରେନ୍ଦର ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଙ୍ଗଳବାର ସେମି ଫାଇନାଲରେ କାଜାଖସ୍ତାନର କାମସିବେକ୍ କୁଙ୍କାବାୟେଭଙ୍କ ନିକଟରୁ ୫-୦ରେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ସେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି।




ଡେକାଥଲନରେ ରୌପ୍ୟ ଜିତିବାପରେ ତେଜସ୍ୱିନ ଶଙ୍କରଙ୍କ ପ୍ରତିକ୍ରିୟା।

# ସ୍କ୍ୱାଶ୍‌ରୁ ୩ ପଦକ ପକ୍କା

ହାଙ୍ଗଝୋ,୩।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ରେ ଆହୁରି ୩ ପଦକ ପକ୍କା କରିଛନ୍ତି ଭାରତୀୟ ସ୍କ୍ୱାଶ୍ ଖେଳାଳି। ପୁରୁଷ ଟିମ୍ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ବ୍ୟକ୍ତିଗତ ରାଉଣ୍ଡରେ ସୌରଭ ଘୋଷାଲ, ଦୀପିକା ପଲିକଲ-ହରିନ୍ଦର ପାଲ ଓ ଅନହତ ସିଂ-ଅଭୟ ସିଂଙ୍କ ଯୋଡି ସେମିଫାଇନାଲରେ ପ୍ରବେଶ କରିବା ସହ ୩ ପଦକ ପକ୍କା କରିଛନ୍ତି।

**ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ବର୍ଗରେ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି ୩ ଜଣ ଭାରତୀୟ। ଏଚ୍. ଏସ୍. ପ୍ରଣୟ, ପି.ଭି. ସିନ୍ଧୁ ଓ କିଡାମ୍ବୀ ଶ୍ରୀକାନ୍ତ ମଙ୍ଗଳବାର ବିଜୟୀ ହେବା ସହିତ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ପାଇଛନ୍ତି। ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ପ୍ରଣୟ ମଙ୍ଗୋଲିଆର ବଟଡଭା ମୁଙ୍ଖବାଟଙ୍କୁ ୨୧-୯, ୨୧-୧୨ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଶ୍ରୀକାନ୍ତ ୨୧-୧୬ ଓ ୨୧-୧୧ସେଟ୍‌ରେ କୋରିଆର ଲି ୟୁନ୍ ଗ୍ୟୁଙ୍କୁ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଜାପାନର କୋଡାଇ ନାରୁକାଙ୍କୁ ଭେଟିବେ। ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ୨୧-୧୦, ୨୧-୧୫ ଚାଇନିଜ ତାଇପେର ଓ୍ୱେ ଚି ହୁଙ୍କୁ ପରାସ୍ତ କରିଥିଲେ। ତେବେ ଅନ୍ୟତମ ଭାରତୀୟ ଖେଳାଳି ଅସ୍ମିତା ଚଲିହା ଓ ମହିଳା ଡବଲ୍ସ ଯୋଡି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ପରାଜିତ ହୋଇଛନ୍ତି।

**କବାଡି:** ପୁରୁଷ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ବେଳେ ମହିଳା ଦ୍ୱିତୀୟ ମ୍ୟାଚ୍‌ରେ ହାସଲ କରିଛି ପ୍ରଥମ ବିଜୟ। ଭାରତୀୟ ପୁରୁଷ ଦଳ ୫୫-୧୮ରେ ବାଂଲାଦେଶକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ମହିଳା ଦଳ ୫୬-୨୩ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

**ଆର୍ଚ୍ଚେରୀ:** ଭାରତୀୟ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ବ୍ୟକ୍ତିଗତ ଇଭେଣ୍ଟରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପକ୍କା କରିଛନ୍ତି। ଓଜସ ଦେଓତାଲେ ଓ ଅଭିଜ୍ଞ ଅଭିଷେକ ବର୍ମା ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପକ୍କା ହୋଇଛି। ଅତନୁ ଦାସ ଓ ଧୀରଜ ବୋମ୍ମାଦେବରା ରିକର୍ଭ ଇଭେଣ୍ଟରୁ ବିଦାୟ ନେଇଥିବା ବେଳେ ଓଜସ ଦେଓତାଲେ, ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନମ ପଦକ ପକ୍କା କରିଛନ୍ତି। ଅଦିତି ସ୍ୱାମୀଙ୍କୁ ହରାଇ ଜ୍ୟୋତି ଫାଇନାଲରେ ପ୍ରବେଶ କରିଥିବା ବେଳେ ବିଶ୍ୱ ଚାମ୍ପିୟନ ଅଦିତି ବ୍ରୋଞ୍ଜ ପଦକ ମ୍ୟାଚ ଖେଳିବେ।

# ବନ୍ଦନା, ଦୀପ୍‌ଗ୍ରେସ୍, ଦୀପିକାଙ୍କ ହ୍ୟାଟ୍ରିକ୍

**ମହିଳା ହକି**

ହାଙ୍ଗଝୋ,୩।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ମହିଳା ହକି ଦଳ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ହଂକଂକୁ ୧୩-୦ରେ ପରାସ୍ତ କରିଛି। ଏହା ସହିତ ଗ୍ରୁପ୍ ଟପ୍ପର ଭାବରେ ଭାରତ ସେମିରେ ପ୍ରବେଶ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଦୀପଗ୍ରେସ୍ ଏକ୍କା(୧୧, ୩୪ ଓ ୪୨ ମିନିଟ), ବନ୍ଦନା କଟାରିୟା(୨,୧୬ ଓ ୪୮) ମିନିଟ ଓ ଦୀପିକା(୪, ୫୪ ଓ ୫୮) ମିନିଟରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଙ୍ଗୀତା କୁମାରୀ(୨୭ ଓ ୫୫) , ମୋନିକା(୭) ଓ ନବନୀତ କୌର(୫୮ ) ମିନିଟରେ ଗୋଲ ଦେଇଥିଲେ। ପୁଲ୍ ଏରେ ୪ ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରିଥିବା ଭାରତ ପ୍ରଥମ ସ୍ଥାନରେ ରହି ସେମିରେ ପ୍ରବେଶ କରିଛି। ଗୁରୁବାର ପୁଲ୍ ବିର ଦ୍ୱିତୀୟ ସ୍ଥାନରେ ଥିବା ଦଳ ବିପକ୍ଷରେ ଭାରତ ଏହାର ସେମି ଫାଇନାଲ ମ୍ୟାଚ୍ ଖେଳିବ।




ଭାରତ ଓ ହଂକଂ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୬୧ | ୯୦ | ୪୬ | ୨୯୭ |
| ଜାପାନ | ୩୩ | ୪୭ | ୫୦ | ୧୩୦ |
| ଦ.କୋରିଆ | ୩୨ | ୪୨ | ୬୫ | ୧୩୯ |
| **ଭାରତ** | **୧୫** | **୨୬** | **୨୮** | **୬୯** |
| ଉଜ୍‌ବେକିସ୍ତାନ | ୧୪ | ୧୫ | ୨୧ | ୫୦ |
| ଚାଇନିଜ ତାଇପେ | ୧୨ | ୧୦ | ୧୮ | ୪୦ |
| ଥାଇଲାଣ୍ଡ | ୧୦ | ୧୧ | ୧୯ | ୪୦ |
| ଉ.କୋରିଆ | ୭ | ୧୦ | ୬ | ୨୩ |
| ବାହାରିନ | ୭ | ୧ | ୪ | ୧୨ |
| ହଂକଂ | ୬ | ୧୫ | ୨୪ | ୪୫ |
| ଇରାନ | ୬ | ୧୪ | ୧୬ | ୩୬ |
| ଇଣ୍ଡୋନେସିଆ | ୬ | ୩ | ୧୩ | ୨୨ |
| କାଜାଖସ୍ତାନ | ୫ | ୧୦ | ୩୨ | ୪୭ |
| ସିଙ୍ଗାପୁର | ୩ | ୬ | ୪ | ୧୩ |
| ମାଲେସିଆ | ୩ | ୪ | ୧୬ | ୨୩ |
| କାତାର | ୩ | ୪ | ୨ | ୯ |
| କୁଏଟ୍ | ୨ | ୩ | ୧ | ୬ |
| ସାଉଦି ଆରବ | ୨ | ୨ | ୧ | ୫ |
| ତାଜିକିସ୍ତାନ | ୨ | ୧ | ୩ | ୬ |
| ଭିଏତନାମ | ୧ | ୩ | ୧୪ | ୧୮ |
| ଫିଲିପାଇନ୍ସ | ୧ | ୧ | ୯ | ୧୧ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |

## କିଟ୍ ପକ୍ଷରୁ ତାଜିନ୍ଦର, ତେଜସ୍ୱିନଙ୍କୁ ପୁରସ୍କାର

ଭୁବନେଶ୍ୱର, ୩।୧୦

ତପନ ସ୍ୱାଇଁ

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ର ଏପର୍ଯ୍ୟନ୍ତ ପଦକ ହାସଲ କରିଛନ୍ତି। ପୂର୍ବରୁ ତାଜିନ୍ଦର ପାଲ୍ ସିଂ ତୁର୍ ପୁରୁଷ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମଙ୍ଗଳବାର ଡେକାଥଲନରେ ତେଜସ୍ୱିନ ଶଙ୍କର ରୌପ୍ୟ ପଦକ ହାସଲ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଆଥ୍‌ଲେଟଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱର୍ଣ୍ଣ ବିଜେତା ତାଜିନ୍ଦରଙ୍କ ପାଇଁ ୫ ଲକ୍ଷ ଓ ରୌପ୍ୟ ବିଜୟୀ ତେଜସ୍ୱିନଙ୍କ ପାଇଁ ୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଚଳିତ ଏସିଆନ ଗେମ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ୧୪ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି।

# ଟକ୍କରଦେବ ଅଷ୍ଟ୍ରେଲିଆ

ଅଷ୍ଟ୍ରେଲିଆ ହେଉଛି ୫ଥର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ। ବର୍ତ୍ତମାନ ସ୍ଥିତିରେ ଭାରତ ଓ ଇଂଲଣ୍ଡ ଆଗରେ ଏହି ଦଳକୁ ଟାଇଟଲ ଦାବିଦାର ବୋଲି କେହି କହିବେ ନାହିଁ। କିନ୍ତୁ ଏହି ଦଳ ନିକଟରେ ଆଶ୍ଚର୍ଯ୍ୟଚକିତ କଲା ଭଳି ପ୍ରଦର୍ଶନ କରିବାର ସାମର୍ଥ୍ୟ ରହିଛି। ଅକ୍ଟୋବର ୮ରେ ଚେନ୍ନାଇଠାରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ଏହାର ଅଭିଯାନ ଆରମ୍ଭ କରିବ।

**ଶକ୍ତି ଓ ସାମର୍ଥ୍ୟ:** ବର୍ତ୍ତମାନର ଅଷ୍ଟ୍ରେଲିଆ ଦଳର ବଳ ହେଉଛି ଏହାର ବ୍ୟାଟିଂ ଲାଇନ୍ଅପ୍। ୯ ନମ୍ବର ସ୍ଥାନ ପର୍ଯ୍ୟନ୍ତ ଖେଳାଳିଙ୍କ ବ୍ୟାଟ୍ରୁ ରନ ଆସିପାରିବ। ଡେଭିଡ୍ ୱାର୍ନର ତାଙ୍କର ଶେଷ ଅନ୍ତର୍ଜାତୀୟ ଦିନିକିଆ ଟୁର୍ନାମେଣ୍ଟ ଖେଳିବେ। କ୍ୟାରିୟରର ଅନ୍ତିମ କ୍ଷଣକୁ ସ୍ମରଣୀୟ କରିବାକୁ ସେ ଚାହିଁବେ ନିଶ୍ଚୟ। ଟ୍ରାଭିସ ହେଡ୍ଙ୍କ ଇଞ୍ଜୁରୀ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ଦଳରେ ସୁଯୋଗ ମିଳିଛି। ଷ୍ଟିଭ୍ ସ୍ମିଥ, କାମେରନ ଗ୍ରୀନ୍, ଗ୍ଲେନ ମାକ୍ସୱେଲ୍ ଓ ମାର୍କସ ଷ୍ଟୋଇନିସ ଆଦି ସମସ୍ତେ ଜଣେ ଜଣେ ବଡ଼ ହିଟର ହୋଇଥିବା ବେଳେ ସ୍ପିନ ବୋଲିଂକୁ ଭଲରୂପେ ଖେଳିପାରିଥାନ୍ତି।

**ଦୁର୍ବଳତା:** ବର୍ତ୍ତମାନ ଅଷ୍ଟ୍ରେଲିଆର ସ୍ପିନ ବୋଲିଂ ବିଭାଗ ଦୁର୍ବଳ। ଦଳରେ ଏକମାତ୍ର ସ୍ପେସାଲିଷ୍ଟ ସ୍ପିନର ଆଡାମ ଜାମ୍ପା ରହିଛନ୍ତି। ଉପମହାଦେଶ କଣ୍ଡିଶନରେ ସ୍ପିନ ବୋଲିଂର ଗୁରୁତ୍ୱ ରହିଛି। ଦଳ ଆଷ୍ଟନ ଅଗରଙ୍କ ଅନୁପସ୍ଥିତି ଅନୁଭବ କରିବ। ମାକ୍ସୱେଲ ପାର୍ଟ ଟାଇମ୍ ଅଫ୍ ସ୍ପିନ ବୋଲିଂ କରିପାରନ୍ତି। ତାଙ୍କଠାରୁ କିଛି ଆଶା କରାଯାଏ। କରିପାରିବେ। ଦଳରେ ଅଭିଜ୍ଞ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହାଜ୍ଲେଉଡ୍ ଭଳି ଖେଳାଳି ରହିଛନ୍ତି। ବାମହାତୀ ଷ୍ଟାର୍କଙ୍କ ପ୍ରଦର୍ଶନରେ ସ୍ଥିରତା ରହି ନ ପାରେ କିନ୍ତୁ ସେ ଯେଉଁ ଦିନ ସେ ଲାଇନ୍ ଓ ଲେନ୍ଥ୍ ରଖି ବୋଲିଂ କରିବେ ସେଦିନ ଜଣେ ଦକ୍ଷ ବ୍ୟାଟର ପକ୍ଷେ ତାଙ୍କୁ ସାମ୍ନା କରିବା ସହଜ ହୋଇ ନ ଥାଏ।

**ବିପଦ:** ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନ୍ ଅପ୍ ବର୍ତ୍ତମାନ ମାନ୍ଦା ପଡ଼ିଯାଇଛି। ଅବଶ୍ୟ ଯେକୌଣସି ମୁହୂର୍ତ୍ତରେ ଅବଶ୍ୟ ଏହା ଜାଗ୍ରତ ହୋଇପାରେ। ଏହାର ଦୃଷ୍ଟାନ୍ତ ଅତୀତରେ ଦେଖିବାକୁ ମିଳିଛି। ଆଲେକ୍ସ କାରେ ଓ ଜୋସ ଇଙ୍ଗ୍ଲିଶ ଦଳର ଦୁଇ ଉଇକେଟକିପର ଆଡାମ ଗିଲ୍କ୍ରିଷ୍ଟଙ୍କ ଭଳି ବିସ୍ଫୋରକ ବ୍ୟାଟର ନୁହଁନ୍ତି। ଅଷ୍ଟ୍ରେଲିଆର ଯଦିଓ କ୍ୱାଲିଟି ପେସ୍ ବୋଲର ରହିଛନ୍ତି, ଫ୍ଲାଟ ଉଇକେଟରେ ପ୍ରଭାବହୀନ ହୋଇପାରନ୍ତି।

**ସୁଯୋଗ:** ଅଷ୍ଟ୍ରେଲିଆ ଦଳରେ ବହୁ ଅଲରାଉଣ୍ଡର ଅଛନ୍ତି, ଯେଉଁମାନେ କି ଖେଳର ଗତିପଥ ବଦଳାଇ ଦେବାର କ୍ଷମତା ରଖିଛନ୍ତି। ସେମାନେ ହେଲେ ଗ୍ରୀନ୍, ଷ୍ଟୋଇନିସ, ମାକ୍ସୱେଲ, ମାର୍ଶ। ଅନ୍ୟ କୌଣସି ଦଳରେ ହୁଏତ ଏତେ ଅଲରାଉଣ୍ଡର ନ ଥିବେ। ଟ୍ରାଭିସ ଯଦି ଆଗକୁ ଫିଟ୍ ହୋଇଯାଆନ୍ତି, ସେ ମଧ୍ୟ ପାର୍ଟଟାଇମ୍ ସ୍ପିନ୍ ବୋଲିଂ

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧ ଦିନ**



ଡେଭିଡ ୱାର୍ନର

# ଭାରତର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ମଧ୍ୟ ବାତିଲ

**ଥିରୁଭାନନ୍ତପୁରମ, ୩।୧୦(ପି.ଟି.)**

ନେଦରଲାଣ୍ଡ୍ସ ବିପକ୍ଷରେ ଏଠାରେ ମଙ୍ଗଳବାର ଖେଳାଯିବାକୁ ଥିବା ଭାରତର ଦ୍ୱିତୀୟ ଆଇସିସି ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ ବର୍ଷା ଯୋଗୁ ଆଦୌ ସମ୍ଭବ ହୋଇପାରି ନାହିଁ। ଗତ ସପ୍ତାହରେ ଗୁଆହାଟୀଠାରେ ସମାନ କାରଣ ଯୋଗୁ ଭାରତର ଇଂଲଣ୍ଡ ବିପକ୍ଷ ପ୍ରଥମ ୱାର୍ମଅପ୍ ମ୍ୟାଚ ବର୍ଷା ଯୋଗୁ ଖେଳାଯାଇ ପାରି ନ ଥିଲା। ଫଳତଃ ଭାରତ ଏକମାତ୍ର ଦେଶ ଭାବେ ୱାର୍ମଅପ୍ ମ୍ୟାଚରେ ବୋଲିଂ ଓ ବ୍ୟାଟିଂ ବିନା ବିଶ୍ୱକପ୍ ଖେଳିବାକୁ ଯିବ। ଭାରତ ବିଶ୍ୱକପ୍ରେ ଏହାର ଓପନିଂ ମ୍ୟାଚ ରବିବାର ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।






# ତେନ୍ଦୁଲକର ଗ୍ଲୋବାଲ ଆମ୍ବାସାଡର

**ନୂଆଦିଲ୍ଲୀ, ୩।୧୦ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ମଙ୍ଗଳବାର ଅହମଦାବାଦଠାରେ ଆରମ୍ଭ ହେବାକୁଥିବା ପୁରୁଷ କ୍ରିକେଟ ବିଶ୍ୱକପ୍ ପାଇଁ 'ଗ୍ଲୋବାଲ ଆମ୍ବାସାଡ଼ର' ଭାବେ ମନୋନୀତ କରିଛି। ତେନ୍ଦୁଲକର ତାଙ୍କ କ୍ୟାରିୟରରେ ୬ ଥର ୫୦ଓଭର ବିଶ୍ୱକପ୍ ଖେଳି ଏକ ରେକର୍ଡର ଅଧିକାରୀ ଅଛନ୍ତି। ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଓପନିଂ ମ୍ୟାଚ ପୂର୍ବରୁ ସେ ବିଶ୍ୱକପ୍ ସହ ଆସି ଟୁର୍ନାମେଣ୍ଟର ଆରମ୍ଭ ଘୋଷଣା କରିବେ। ୧୯୮୭ରେ ଜଣେ 'ବଲ୍ବୟ' ଥିବା ତେନ୍ଦୁଲକର ଦେଶ ତରଫରୁ ବିଶ୍ୱକପ୍ର ୬ଟି ସଂସ୍କରଣରେ ଭାଗ ନେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅବସରରେ ତେନ୍ଦୁଲକର ଏକ ପ୍ରେସ୍ ରିଲିଜ୍ରେ କହିଛନ୍ତି ଯେ, ବିଶ୍ୱକପ୍ ତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ୨୦୧୧ରେ ବିଶ୍ୱକପ୍ ବିଜୟ ତାଙ୍କ ପାଇଁ ଏକ ଗୌରବର ମୁହୂର୍ତ୍ତ ଥିଲା।

# ଉନ୍ନତି, ଆୟୁଷ ବିଜୟୀ

**ନୂଆଦିଲ୍ଲୀ, ୩।୧୦(ପି.ଟି.):** ଯୁକ୍ତରାଷ୍ଟ୍ର ଆମେରିକାର ସ୍ପୋକେନଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍ମିଣ୍ଟନ ଚାମ୍ପିୟନଶିପ୍ର ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ଉନ୍ନତି ହୁଡା ଓ ଆୟୁଷ ଶେଟ୍ଟି ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୨୦୨୨ ଓଡ଼ିଶା ଓପନ ଚାମ୍ପିୟନ ଉନ୍ନତି ବାଳିକା ସିଙ୍ଗଲ୍ସର ଏକ ଓପନିଂ ରାଉଣ୍ଡ ମ୍ୟାଚରେ ତାହିତିର ହିରାଉଟି କୁରେଟଙ୍କୁ ୨୧-୭, ୨୧-୧୧ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ବାଳକ ସିଙ୍ଗଲ୍ସରେ ଆୟୁଷ ଇଟାଲୀର ସିମୋନ୍ ପିସିନିନ୍ଙ୍କ ବିପକ୍ଷରେ ୨୧-୬, ୨୧-୧୩ରେ ବିଜୟ ଲାଭ କରିଛନ୍ତି। ତୁଷାର ସୁଭିର, ଦେବୀକା ସିହାଗ ଓ ଲୋକେଶ ଶେଟ୍ଟି କାଲାଗୋଟ୍ଲା ଆଦି ଅନ୍ୟ ୩ଜଣ ସିଙ୍ଗଲ୍ସ ରାଉଣ୍ଡ ଅଫ୍ ୬୪କୁ ଉନ୍ନୀତ ହୋଇଛନ୍ତି।

# ଅଷ୍ଟ୍ରେଲିଆନ ଓପନ ୧୫ ଦିନିଆ ବିଶିଷ୍ଟ ଇଭେଣ୍ଟ ହେବ

**ମେଲବୋର୍ନ, ୩।୧୦(ଏପି):** ଆସନ୍ତାବର୍ଷ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ପ୍ରଥମ ଥର ୧୫ ଦିନିଆ ବିଶିଷ୍ଟ ହେବ। ବିଳମ୍ବିତ ରାତି ମ୍ୟାଚ ଏଡାଇବା ପାଇଁ ଏହା କରାଯାଇଛି। ଟୁର୍ନାମେଣ୍ଟ ରବିବାର ଆରମ୍ଭ ହେବ। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ଉଭୟ ଆଥଲେଟ ଓ ଦର୍ଶକଙ୍କ ହିତ ଦୃଷ୍ଟିରୁ ଆୟୋଜକଏହି ନିଷ୍ପତ୍ତି ନେଇଛନ୍ତି। ଚଳିତବର୍ଷର ଅଷ୍ଟ୍ରେଲିଆନ ଓପନରେ ବିଳମ୍ବିତ ରାତିରେ ଶେଷ ହୋଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ ଆଣ୍ଡି ମୁରେ ଓ ଥାନ୍ସି କୋକିନାକିସଙ୍କ ମଧ୍ୟରେ ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ରାତି ୪ଟାରେ ଶେଷ ହୋଇଥିଲା। ୫ ସେଟ୍ ବିଶିଷ୍ଟ ଏହି ମ୍ୟାଚ ୫ ଘଣ୍ଟା ଓ ୪୫ ମିନିଟ ଧରି ଚାଲିଥିଲା। ୩ଥର ଗ୍ରାଣ୍ଡସ୍ଲାମ ବିଜେତା ମ୍ୟାଚ ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଳମ୍ବିତ ରାତି ମ୍ୟାଚ ଖେଳାଳିଙ୍କ ପାଇଁ ଭଲ ନୁହେଁ। ଦର୍ଶକମାନେ ମଧ୍ୟ ଏଥିରୁ ମଜା ନେଇପାରିବେ ନାହିଁ। ନୂଆ ନିଷ୍ପତ୍ତି ଦ୍ୱାରା ଅମ୍ପାୟର ଓ ଅଫିସିଆଲମାନେ ମଧ୍ୟ ଉପକୃତ ହେବେ।

# ସେମିଫାଇନାଲ୍ରେ ଭାରତ



ଶଟ୍ ଖେଳିବା ଅବସରରେ ଯଶସ୍ୱୀ ଜୟସ୍ୱାଲ।

## ଜୟସ୍ୱାଲଙ୍କ ଶତକ

**ହାଙ୍ଗଝୋ,୩।୧୦(ପି.ଟି.)**

ଯଶସ୍ୱୀ ଜୟସ୍ୱାଲଙ୍କ ବିସ୍ଫୋରକ ଶତକ ବଳରେ ଭାରତ ଏସିଆନ ଗେମ୍ସ ପୁରୁଷ କ୍ରିକେଟ ଇଭେଣ୍ଟରେ ୨୩ ରନରେ ନେପାଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୨୧ ବର୍ଷୀୟ ଜୟସ୍ୱାଲ ୪୯ ବଲ୍ରେ ୧୦୦ ରନ କରିଥିଲେ। ସେ ତାଙ୍କ ଶତକୀୟ ଇନିଂସରେ ୮ ଚୌକା ଓ ୭ ଛକା ଲଗାଇ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ଆମୋଦିତ କରିଥିଲେ। ଏଥିସହ ସେ ଅନ୍ତର୍ଜାତୀୟ ଟି୨୦ରେ ଦେଶର ସର୍ବକନିଷ୍ଠ ଶତକ ହାସଲକାରୀ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୨୦୨ ରନ କରିଥିଲା। ଅନ୍ୟତମ ସଫଳ ବ୍ୟାଟର ରିଙ୍କୁ ସିଂ ୧୫ ବଲ୍ରୁ ୩୭ ରନ କରି ଅପରାଜିତ ରହିବା ସହ ଫିନିଶର ଭୂମିକା ନେଇଥିଲେ। ଜବାବରେ ନେପାଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୭୯ ରନ କରିବାରେ ସମର୍ଥ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ: ୨୦ ଓଭରରେ ୨୦୨/୪ (ଯଶସ୍ୱୀ ଜୟସ୍ୱାଲ-୧୦୦, ରିଙ୍କୁ ସିଂ-୩୭*; ସନ୍ଦୀପ ଲାମିଚାନେ-୧/୨୮, ଡିଏସ୍ ଏରି-୧/୩୧)। ନେପାଳ ଇନିଂସ: ୨୦ ଓଭରରେ ୧୭୯/୯ (ଡିଏସ୍ ଏରି-୩୨; ରବି ବିଶ୍ଣୋଇ-୩/୨୪, ଆଭେସ ଖାଁ -୩/୩୨)।

# ବିଶ୍ୱକପ୍ ଅଭ୍ୟାସ ମ୍ୟାଚ୍: ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

**ହାଇଦ୍ରାବାଦ,୩।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ର ଅଭ୍ୟାସ ମ୍ୟାଚରେ ପାକିସ୍ତାନକୁ ୧୪ ରନ୍ରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟ ହରାଇ ୩୫୧ ରନ୍ ସ୍କୋର କରିଥିଲା ଜବାବରେ ପାକିସ୍ତାନ ୪୭.୪ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିବାରେ ସମର୍ଥ ହୋଇଥିଲା।

ଅଷ୍ଟ୍ରେଲିଆ ପକ୍ଷରୁ ଜଣେ ବି ଖେଳାଳି ଶତକ ହାସଲ କରି ନ ଥିବା ବେଳେ ଗ୍ଲେନ୍ ମ୍ୟାକ୍ସୱେଲ ଓ କାମେରନ୍ ଗ୍ରୀନ୍ ଅର୍ଦ୍ଧଶତକ ହାସଲ କରିଥିଲେ। ମ୍ୟାକ୍ସୱେଲ ସର୍ବାଧିକ ୭୭ ରନ୍ ସ୍କୋର କରିଥିବା ବେଳେ ଗ୍ରୀନ୍ ୫୦ ରନ୍ କରିଥିଲେ। ୭୧ ବଲ୍ ଖେଳିଥିବା ମ୍ୟାକ୍ସୱେଲ ୫ ଚୌକା ଓ ୬ଛକା ମାରିଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଡେଭିଡ୍ ୱାର୍ନର ୪୮, ମିଚେଲ୍ ମାର୍ଶ ୩୧, ମାର୍ନସ ଲାବୁଶେନ୍ ୪୦ ଓ ଜୋଶ ଇଙ୍ଗଲିସ ୪୮ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ଉସାମା ମୀର ଦୁଇ ଉଇକେଟ ନେଇଥିଲେ।

୩୫୨ ରନ୍ ଲକ୍ଷ୍ୟରେ ପାକିସ୍ତାନ ପକ୍ଷରୁ ଇଫତିଖାର ଅହମଦ ୮୩ ଓ ବାବର ଆଜମ ଦ୍ରୁତ ୯୦ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ମହମ୍ମଦ ନୱାଜ ଲଢୁଆ ୫୦ ରନ୍ କରିଥିଲେ ମଧ୍ୟ ଏହା ଯଥେଷ୍ଟ ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମାର୍ନସ ଲାବୁଶେନ୍ ସର୍ବାଧିକ ୩ ଉଇକେଟ ନେଇଥିଲେ। ପ୍ୟାଟ୍ କମିନ୍ସ ଓ ମିଚେଲ୍ ମାର୍ଶ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ